

ଟକ୍ସିକ୍‌ରେ କଳାକାରଙ୍କ ଷ୍ଟଣ୍ଟ୍ ସିନ୍


▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


◆VOLUME- 43 ◆ISSUE-41 ◆MONDAY ◆4 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୪୧ ◆ସୋମବାର ◆୪ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଅଗଷ୍ଟ ୧୫ରୁ ବାର୍ଷିକ ଫାସ୍‌ଟ୍ୟାଗ୍ ପାସ୍

■ **ନୂଆଦିଲ୍ଲୀ, ୩।୮ (ଏଜେନ୍ସି):** କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ନୂତନ ବାର୍ଷିକ ଫାସ୍‌ଟ୍ୟାଗ୍ ପାସ୍ ବ୍ୟବସ୍ଥା ଆରମ୍ଭ କରିଛି । ଅଗଷ୍ଟ ୧୫ରୁ ଏହା ସାରା ଦେଶରେ ଲାଗୁ ହେବ । ଏତାଛଡା ପୂର୍ବରୁ ଥିବା ଫାସ୍‌ଟ୍ୟାଗ୍ ବ୍ୟବସ୍ଥା ପୂର୍ବ ପରି ଜାରି ରହିବ । ଯେଉଁମାନେ ବାର୍ଷିକ ପାସ୍ ନେବାକୁ ଚାହୁଁନାହାନ୍ତି, ସେମାନେ ପୂର୍ବ ପରି ସେମାନଙ୍କର ଫାସ୍‌ଟ୍ୟାଗ୍ ସହିତ ସାଧାରଣ ଟୋଲ୍ ପେମେଣ୍ଟ ଜାରି ରଖିପାରିବେ । ଜଣେ ଏହି ପାସ୍ ପାଇଁ ନୂତନ ଆବେଦନ କରିପାରିବେ କିମ୍ବା ପୂର୍ବରୁ ଥିବା ଫାସ୍‌ଟ୍ୟାଗ୍ ବ୍ୟବହାର କରିପାରିବେ । ଏଥିପାଇଁ ଗାଡ଼ି ବାହାନ ଡାଟାବେସ୍‌ରେ ବୈଧ ଥିବା ଉଚିତ, ଗାଡ଼ିର ୱିଣ୍ଡସିଲ୍ଡରେ ଫାସ୍‌ଟ୍ୟାଗ୍ ଲାଗିବା ଜରୁରି । ଏହାବାଦ୍ ଗାଡ଼ିର ପଞ୍ଜୀକରଣ ନମ୍ବର କଳା ତାଲିକାଭୁକ୍ତ ହୋଇ ନ ଥିବା ଉଚିତ୍ ।




## କେନାଲକୁ ଖସିଲା ବୋଲେରୋ; ୧୧ ମୃତ



**ଗୋଟିଏ ପରିବାରର ୯ ମୃତ**

■ **ଗୋଣ୍ଡା, ୩।୮ (ଏଜେନ୍ସି):** ଉତ୍ତରପ୍ରଦେଶର ଗୋଣ୍ଡାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୧ ଜଣ ଲୋକ ପ୍ରାଣ ହରାଇଛନ୍ତି । ସେମାନଙ୍କ ମଧ୍ୟରୁ ଗୋଟିଏ ପରିବାରର ୯ ଜଣ ସଦସ୍ୟ ଅଛନ୍ତି । ଦ୍ରୁତଗତିରେ ଯାଉଥିବା ଏକ ବୋଲେରୋ ନିୟନ୍ତ୍ରଣ ହରାଇ କେନାଲକୁ ଖସି ପଡିବାରୁ ଏହି ଦୁର୍ଘଟଣା ଘଟିଛି । ତେବେ ଡ୍ରାଇଭରଙ୍କ ସମେତ ୪ ଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଜଣେ ୧୦ ବର୍ଷୀୟ ବାଳିକା ନିଖୋଜ ଅଛନ୍ତି । ରବିବାର ସକାଳ ୧୦ଟାରେ ଏହି ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ବେଳେ ଗାଡ଼ି ୬୦ କିମି ବେଗରେ ଚାଲୁଥିଲା ବୋଲି ପୁଲିସ କହିଛି । ମୃତକଙ୍କ ମଧ୍ୟରେ ୬ ମହିଳା ଓ ୩ ଜଣ ଛୋଟ ପିଲା ରହିଛନ୍ତି । ▶ପୃଷ୍ଠା-୭

**ଦାଦନ ନୀତି ତୁଳିରେ**

### ଆନ୍ଧ୍ରପ୍ରଦେଶ ପଥର ଖାଦାନରେ ବିସ୍ଫୋରଣ

## ୬ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

■ **ମୋହନା/ଦିଗପହଣ୍ଡି/ଧରାକୋଟ, ୩।୮ (ସମିସ):** ଆନ୍ଧ୍ରପ୍ରଦେଶର ବାଲିକୁରଭା ମଣ୍ଡଳ ମଲାୟାପୁଲମ ଗ୍ରାମସ୍ଥିତ ଏକ ଗ୍ରାନାଇଟ୍ ପଥର ଖଣିରେ ରବିବାର ସକାଳେ ବିସ୍ଫୋରଣ ଘଟି ୬ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ଗଜପତି ଜିଲ୍ଲା ମୋହନାର ୨ଜଣ ଥିବା ବେଳେ ଗଞ୍ଜାମ ଜିଲ୍ଲାର ୪ଜଣ ରହିଛନ୍ତି । ଏକ ବଡ଼ ପଥର ତଳେ ଚାପି ହୋଇ ଏମାନଙ୍କ ମୃତ୍ୟୁ ହୋଇଛି । ସେହିପରି ଏହି ଅଘଟଣରେ ଏକାଧିକ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ମୃତକମାନେ ହେଲେ, ଦିଗପହଣ୍ଡି ବ୍ଲକ୍ ଚଷାନିମଖଣ୍ଡି ଗ୍ରାମର ଦଣ୍ଡ ବାଡତ୍ୟା ଓରଫ ବୁଢ଼ା, ଫାଶୀଗୁଡ଼ା ପଞ୍ଚାୟତ ବାଙ୍ଗରଡ଼ା ଗ୍ରାମର ବନମାଳୀ ବେହେରା, ଧରାକୋଟ ବ୍ଲକ୍ ଡଉଗାଁ ପଞ୍ଚାୟତ ବାଇଡାଗୁଡ଼ାର ମୂଷା ଜେନା (୪୩), ଓଳମ୍ବା ପଞ୍ଚାୟତ କଷେଇ ଗ୍ରାମର ସନ୍ତୋଷ ଗୌଡ଼ (୩୬) ଏବଂ ମୋହନା ଥାନା ଢ଼େପାଗୁଡ଼ା ପଞ୍ଚାୟତ ଅଲରାଗାଁର ଭାସ୍କର ବିଷୋୟୀ (୪୦) ଓ ଟୁକୁନା ଦଳାଇ (୩୭) ।



**ମୃତକଙ୍କ ମଧ୍ୟରେ ମୋହନାର ୨ ଓ ଦିଗପହଣ୍ଡିର ୪ଜଣ**

**ପ୍ରତି ମୃତକଙ୍କ ପରିବାରକୁ ୪ ଲକ୍ଷ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ସୂଚନା ଅନୁଯାୟୀ, ପରିବାର ପୋଷଣ ନିମନ୍ତେ ଦିଗପହଣ୍ଡି ବ୍ଲକର ୯ ଜଣ ଓ ଗଜପତି ଜିଲ୍ଲା ମୋହନା ବ୍ଲକ ଢେପାଗୁଡ଼ା ପଞ୍ଚାୟତର ୨ ଜଣ ଓଡ଼ିଆ ଶ୍ରମିକ ଏହି ଗ୍ରାନାଇଟ କମ୍ପାନୀରେ ଶ୍ରମିକ ଭାବେ କାମ କରି ଆସୁଥିଲେ । ରବିବାର ସକାଳେ ଉକ୍ତ ପଥର ଖାଦାନରେ ଏକ ବିସ୍ଫୋରଣ ଘଟିଥିଲା । ଏହି ଭୟଙ୍କର ବିସ୍ଫୋରଣରେ ଏକ ବଡ଼ ପଥର ତଳେ ଚାପି ହୋଇ ଶ୍ରମିକମାନଙ୍କ ମୃତ୍ୟୁ ହୋଇଥିବା ଖବର ପ୍ରଚାର ହୋଇଥିଲା । ବିଳମ୍ବିତ ରାତି ସୁଦ୍ଧା ସେଠାକାର ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ପ୍ରତି ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଘୋଷଣା କରିଛନ୍ତି ।

### ଦୁଃଖ ପ୍ରକାଶ କଲେ ନବୀନ

■ **ଭୁବନେଶ୍ୱର, ୩।୮ (ସମିସ):** ଆନ୍ଧ୍ରପ୍ରଦେଶର ପଥର ଖଣିରେ ବିସ୍ଫୋରଣ ଘଟି ୬ଜଣ ଓଡ଼ିଆ ଶ୍ରମିକ ପ୍ରାଣ ହରାଇଥିବା ଘଟଣାରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି । ନବୀନ ଏକ୍ସ ଯୋଗେ ଦର୍ଶାଇଛନ୍ତି ଯେ ଏହି ଘଟଣା ବିଷୟରେ ଜାଣି ମୁଁ ଦୁଃଖିତ । ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି । ଏପରି ସମୟକୁ ସାମ୍ନା କରିବା ପାଇଁ ପରିବାରର ସଦସ୍ୟମାନଙ୍କୁ ମହାପ୍ରଭୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ । ଏଥିସହ ନବୀନ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

**୧୫ମାସରେ ୧୫୦ରୁ ଊର୍ଦ୍ଧ୍ୱ ପ୍ରବାସୀ ମୃତ**

## ଗୋଟିଏ ବୈଠକରେ ସୀମିତ ଟାସ୍କଫୋର୍ସ

■ **ଭୁବନେଶ୍ୱର, ୩।୮ (ସମିସ):** ଆନ୍ଧ୍ରପ୍ରଦେଶରେ ଏକ ଗ୍ରାନାଇଟ ପଥର ଖଣିରେ ବିସ୍ଫୋରଣରେ ୬ ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଏହି ୬ ଜଣ ଶ୍ରମିକ ପ୍ରାଣ ହରାଇଥିବା ପରେ ରାଜ୍ୟ ସରକାର ଦାଦନ ରୋକିବା ଦିଗରେ ଘୋଷଣାର ଆନ୍ତରିକତାକୁ ନେଇ ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଓଡ଼ିଶାରୁ କେହି ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବେ ନାହିଁ ବୋଲି ଗତ ନିର୍ବାଚନ ସମୟରେ ବିଜେପି ନେତାମାନେ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ବିଡ଼ମ୍ବନା ହେଉଛି ଯେ ଗତ ୧୫ ମାସ ମଧ୍ୟରେ ବିଭିନ୍ନ ରାଜ୍ୟକୁ ଦାଦନ ଖଟିବାକୁ ଯାଇ ୧୫୦ରୁ ଊର୍ଦ୍ଧ୍ୱ ଦାଦନ ପ୍ରାଣ ହରାଇଥିବେ ବେଳେ ଶହଶହ ବିକଳାଙ୍ଗ ହୋଇଫେରିଛନ୍ତି ।

ଦାଦନ ସମସ୍ୟାର ନିରାକରଣ ପାଇଁ ରାଜ୍ୟ ସରକାର ଟାସ୍କ ଫୋର୍ସ ଗଠନ କଲେ । ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏହି କମିଟିର ଅଧ୍ୟକ୍ଷ ରହିଥିଲେ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସଦସ୍ୟ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସହ ଅନ୍ୟ ବିଭାଗ ମନ୍ତ୍ରୀ, ମୁଖ୍ୟ ସଚିବ, ଉନ୍ନୟନ କମିଶନର, ବିଭାଗୀୟ ସଚିବ ପ୍ରମୁଖ ଟାସ୍କଫୋର୍ସ ସଦସ୍ୟ ରହିଥିଲେ । ଏହି ଟାସ୍କଫୋର୍ସ ଦାଦନ ସମସ୍ୟା ଦୂର କରିବାକୁ ବିଭିନ୍ନ କାର୍ଯପନ୍ଥା ସ୍ଥିର କରିବାର ଥିଲା । ପ୍ରତି ୬ ମାସରେ ଅନ୍ୟୂନ ଥରେ ଟାସ୍କ ଫୋର୍ସ ବୈଠକ କରି ଦାଦନ ଦୂରୀକରଣ ଦିଗରେ ହୋଇଥିବା ପ୍ରଗତି ଓ ଆନୁଷଙ୍ଗିକ ପ୍ରସଙ୍ଗ ଗୁଡ଼ିକର ସମୀକ୍ଷା କରିବ ବୋଲି ସରକାର କହିଥିଲେ । ମାତ୍ର ଏହି ଟାସ୍କଫୋର୍ସ ▶ପୃଷ୍ଠା-୭

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା**

## ବୋର୍ଡ ଉପସଭାପତି ଗିରଫ



**୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ଗଲେ**

**'ଏଫ୍‌ଟିପି' ବଦଳରେ ଉପସଭାପତିଙ୍କ ଲାପ୍‌ଟପ୍‌କୁ 'ଇ-ମେଲ୍'ରେ ଆସିଥିଲା ପ୍ରଶ୍ନ**

**ମୁଖ୍ୟ ଅଭିଯୁକ୍ତଙ୍କୁ ୨ ମାସରେ ୧୦୦ଥର କଲ୍ କରି ସନ୍ଦେହକୁ ଆସିଥିଲେ ନୀହାର**

■ **କଟକ, ୩।୮ (ସମିସ):** ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କ୍ରାଇମବ୍ରାଞ୍ଚ ଆଜି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରି କୋର୍ଟଚାଲାଣ କରିଛି । କୋର୍ଟ ତାଙ୍କର ଜାମିନ ନାମଞ୍ଜୁର କରିବା ସହ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି । ଏହି ଘଟଣାରେ ପୂର୍ବରୁ ୬ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଜି ନୀହାରଙ୍କୁ ମିଶାଇ ଗିରଫ ସଂଖ୍ୟା ୭କୁ ବୃଦ୍ଧି ପାଇଛି ।

ଅପରପକ୍ଷେ, ଓଟିଇଟି ପ୍ରଶ୍ନପତ୍ର ଲିକ୍ ପରେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପ୍ରଚଳିତ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ ଚାଲିଥିବା ନିୟମ ବହିର୍ଭୂତ କାର୍ଯ୍ୟ ସାମ୍ନାକୁ ଆସିଛି । ସବୁ ନିୟମକୁ ଉଲ୍ଲଙ୍ଘନ କରି ବୋର୍ଡ ଉପସଭାପତି କିଭଳି କାର୍ଯ୍ୟ କରୁଥିଲେ, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ବୋର୍ଡ ଉପସଭାପତିଙ୍କ ଲାପ୍‌ଟପ୍‌ରୁ ହିଁ ପ୍ରଶ୍ନପତ୍ର ଲିକ୍ ହୋଇଥିବା କ୍ରାଇମବ୍ରାଞ୍ଚ ସ୍ପଷ୍ଟ କରିଛି । ଗତ କିଛି ଦିନ ହେବ, ଉପସଭାପତି ନୀହାରଙ୍କ ଉପରେ କ୍ରାଇମବ୍ରାଞ୍ଚର ସନ୍ଦେହ ବଢ଼ିଥିଲା । ତାଙ୍କୁ ଗିରଫ ପାଇଁ ମଧ୍ୟ ଅନେକ ମହଲରେ ଦାବି ଉଠିଥିଲା । ଏହାକୁ ନେଇ କ୍ରାଇମବ୍ରାଞ୍ଚ ସ୍କାନରରେ ରହିଥିଲେ ନୀହାର । ଗତକାଲି କ୍ରାଇମବ୍ରାଞ୍ଚ ତାଙ୍କୁ ଡାକି ମାରାଥନ ଜେରା କରି ଅନେକ ବିଷୟରେ ପ୍ରଶ୍ନ କରିଥିଲା । ସେଥିରେ ସେ ସତ ଓଗାଳିଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି । ଆଜି ତାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି । ପଚରାଉଚରା ବେଳେ ନୀହାର କଥାକୁ ବୁଲାଇବାକୁ ଚେଷ୍ଟା କରୁଥିଲେ । ଫଳରେ, କ୍ରାଇମବ୍ରାଞ୍ଚର ସନ୍ଦେହ ଅଧିକ ଘନୀଭୂତ ହୋଇଥିଲା । ତେବେ ପ୍ରଶ୍ନପତ୍ର ଛପା ଏଜେନ୍ସି ସହ ତାଙ୍କର କି' ସମ୍ପର୍କ ରହିଛି, ତାହା ଆଗକୁ ଖୋଳତାଡ଼ କରାଯିବ । ସେହିଭଳି ଆର୍ଥିକ କାରବାର ଲିଙ୍କ୍‌ର ମଧ୍ୟ ଯାଞ୍ଚ ଚାଲିଛି । ଯେଉଁମାନେ ପ୍ରଶ୍ନପତ୍ର କିଣିଛନ୍ତି, ସେମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ । ▶ପୃଷ୍ଠା-୭



## କୋଟିପତି ଏମ୍‌ଭିଆଇଙ୍କ ୪୪ ପ୍ଲଟ୍, କେଜିଏ ସୁନା

■ **ବୌଦ୍ଧ/ବାରିପଦା/ଭୁବନେଶ୍ୱର, ୩।୮ (ସମିସ):** ଚାକିରି ଏମ୍‌ଭିଆଇ, ହେଲେ ନିଶା ପ୍ଲଟ୍ କିଣିବା । ଗୋଟିଏ କି ଦୁଇଟି ନୁହେଁ, ବାରିପଦା ଓ ଆଖପାଖ ଅଞ୍ଚଳରେ ନିଜ ଓ ସଂପର୍କୀୟ ନାମରେ କିଣିଛନ୍ତି ୪୩ ମୂଲ୍ୟବାନ ପ୍ଲଟ୍ । ସେହିପରି ବାଲେଶ୍ୱର ଶ୍ରୀବନ୍ତପୁରରେ ଗୋଟିଏ ପ୍ଲଟ୍ ରହିଛି । ସବୁ ପ୍ଲଟ୍ ମିଶିଲେ ପ୍ରାୟ ୧୦ ଏକରରୁ ଊର୍ଦ୍ଧ୍ୱ ହେବ । ଏହି ସବୁ ପ୍ଲଟ୍‌ର ମୂଲ୍ୟ ୧.୪୯ କୋଟି ଟଙ୍କା ହେବ । ଖାଲି ସେତିକି ନୁହେଁ, ଘରେ ରଖିଛନ୍ତି ୧ କେଜିର ସୁନା ବିସ୍କୁଟ । ପ୍ରତି ସୁନା ବିସ୍କୁଟର ଓଜନ ୫୦ ଗ୍ରାମ । ରୁପା ଅଳଙ୍କାର ବି କିଛି କମ୍ ନାହିଁ । ସବୁଆଡୁ ଦରାଣ୍ଡିଲା ପରେ ୨.୧୨୬ କେଜିର ରୁପା ଅଳଙ୍କାର ଠାବ ହୋଇଛି । ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଇନ୍ସୁରାନ୍ସରେ ୧କୋଟି ୩୪ ଲକ୍ଷ ୯ହଜାର ଟଙ୍କା ରହିଥିବା ବେଳେ ନଗଦ ୨ଲକ୍ଷ ୩୮ ହଜାର ଟଙ୍କା ଠାବ ହୋଇଛି । ଏସବୁ ବାଦ୍ ଝିଅର ମେଡିକାଲ ପାଠପଢ଼ା ବାବଦକୁ ୪୦ ଲକ୍ଷ ଖର୍ଚ୍ଚ କରିଛନ୍ତି । ଏପରି ଜଣେ କୋଟିପତି ବାବୁ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ସେ ହେଲେ, ବୌଦ୍ଧ



ଏମ୍‌ଭିଆଇ ଗୋଲାପ ଚନ୍ଦ୍ର ହାଁସଦା । ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କର ୬ଟି ଠିକଣାରେ ଚଢ଼ଉ କରି ବିପୁଳ ସମ୍ପତ୍ତି ଠାବ କରିଛି । ଶ୍ରୀ ହାଁସଦାଙ୍କର ବାରିପଦାସ୍ଥିତ ଘର ▶ପୃଷ୍ଠା-୭

### ନିର୍ମାଣାଧୀନ ପ୍ରକଳ୍ପ ଶେଷ ପୂର୍ବରୁ ଆଲୋଚନା ପାଇଁ ଛତିଶଗଡ଼ ଅରାଜି !

**'ମହା' ବିବାଦ**

## ଚାପରେ ମୋହନ-ବିଷ୍ଣୁ

■ **ଭୁବନେଶ୍ୱର, ୩।୮ (ସମିସ):** ୧୯୮୩ ମସିହାରୁ ଦୀର୍ଘ ୪୨ ବର୍ଷ ଧରି ମହାନଦୀକୁ ନେଇ ଲଢ଼େଇ କରୁଛି ଓଡ଼ିଶା । ପ୍ରଥମେ ମହାନଦୀକୁ ନେଇ ମଧ୍ୟପ୍ରଦେଶ ସହ ବିବାଦ ଚାଲିଥିଲା ଓ ମଧ୍ୟପ୍ରଦେଶ ବିଭାଜନ ପରେ ଏବେ ଲଢ଼େଇ ଛତିଶଗଡ଼ ସହ ଚାଲିଛି । ୮୬୧ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ମହାନଦୀର ୫୩% ଛତିଶଗଡ଼ରେ ରହିଥିବାବେଳେ ଓଡ଼ିଶାରେ ୪୭% ରହିଛି ।



ମାତ୍ର ବିଡ଼ମ୍ବନା ହେଉଛି ଯେ ଓଡ଼ିଶାକୁ ଅନ୍ଧାରରେ ରଖି ଛତିଶଗଡ଼ ମହାନଦୀ ଉପରମୁଣ୍ଡରେ ବ୍ୟାରେଜ ବାନ୍ଧି ଜଳ ପ୍ରବାହରେ ପ୍ରତିବନ୍ଧକ ଲଗାଇଛି । ଯାହାକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି ଓ ବିଜେପି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ବିରୋଧୀ ମହାନଦୀ ବିବାଦର ସମାଧାନ ପାଇଁ ସରକାରଙ୍କ ଉପରେ ଚାପ ପକାଉଛନ୍ତି । ମାତ୍ର କୌତୂହଳର କଥା ହେଉଛି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ 'ଆପୋସ' ସମାଧାନ ନିମନ୍ତେ ଲେଖିଥିବା ଚିଠିର ଉତ୍ତର ଛତିଶଗଡ଼ ▶ପୃଷ୍ଠା-୭

**ଗୁଣିଗାରେଡ଼ି ସନ୍ଦେହରୁ ହତ୍ୟା**

## ଗୁପ୍ତାଙ୍ଗ କାଟି ପଥର ଛେଚିଲେ

**୧୪ ଅଭିଯୁକ୍ତ ଗିରଫ**

■ **ମୋହନା, ୩।୮ (ସମିସ):** ଗୁଣିଗାରେଡ଼ି ସନ୍ଦେହ ଏବଂ ଗାଁ କୋଠ ଘରକୁ ତେନ୍ତୁଳି ଗଛ ନଦେବାକୁ କେନ୍ଦ୍ର କରି ମୋହନା ଥାନା ରାଚାଗୁଡ଼ା ଗ୍ରାମରେ ଶନିବାର ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି । ଗ୍ରାମବାସୀମାନେ ଜଣେ ଯୁବକଙ୍କ ଗୁପ୍ତାଙ୍ଗକୁ କାଟିବା ପରେ ପଥରରେ ଛେଚି ହତ୍ୟା କରିଛନ୍ତି । ପରେ ପ୍ରମାଣ ଲୁଚାଇବା ପାଇଁ ଶବକୁ ଡ୍ୟାମ୍‌କୁ ଫିଙ୍ଗି ଦେଇଛନ୍ତି । ମୃତକ ହେଲେ, ଗୋପାଳ ମଳିକ (୩୫) । ଏହି ଘଟଣାରେ ପୁଲିସ ୧୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

ସୂଚନା ଅନୁଯାୟୀ, ଗୋପାଳଙ୍କର ପ୍ରାୟ ୩୦ଟି ତେନ୍ତୁଳି ଗଛ ଥିଲା । ଗାଁ ଲୋକେ ସେହି ତେନ୍ତୁଳି ଗଛଗୁଡ଼ିକୁ ଗାଁ କୋଠଘରକୁ ଦେବା ପାଇଁ ଦାବି କରିଥିଲେ । କିନ୍ତୁ ଗୋପାଳ ▶ପୃଷ୍ଠା-୭

## ଶେଷଯାତ୍ରାରେ ବଳଙ୍ଗା ପୀଡ଼ିତା

### ଗାଁରେ ପହଞ୍ଚିଲା ମରଶରୀର; ଆଜି ଶେଷକୃତ୍ୟ

■ **ଭୁବନେଶ୍ୱର, ୩।୮ (ସମିସ):** ଦିଲ୍ଲୀ ଏମ୍‌ସରେ ଗତକାଲି ପ୍ରାଣ ହରାଇଥିବା ବଳଙ୍ଗା ନାବାଳିକାର ମୃତଦେହ ଆଜି (ରବିବାର) ମଧ୍ୟରାତ୍ରରେ ନିଜ ଗାଁ ନୂଆ ଗୋପାଳପୁରରେ ପହଞ୍ଚିଛି । ସୋମବାର ସକାଳେ ଧର୍ମୀୟ ରୀତିନୀତିରେ ମୃତାବକ ମରଶରୀରକୁ କବର ଦିଆଯିବ ବୋଲି ଜଣାପଡ଼ିଛି ।

ଆଜି ରାତି ପ୍ରାୟ ୧୧.୧୫ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା । ଭୁବନେଶ୍ୱର ବିମାନ ବନ୍ଦରରେ ମରଶରୀର ପହଞ୍ଚିବା ପରେ ବିଭିନ୍ନ ଦଳର ନେତୃବୃନ୍ଦ ତାଙ୍କୁ ଶେଷ ଦର୍ଶନ କରିଥିଲେ । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେହିପରି ବିଜେଡି ପକ୍ଷରୁ ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, ପ୍ରଦୀପ ମାଝୀ, ଉମାକାନ୍ତ ସାମନ୍ତରାୟ, ସୁଶାନ୍ତ ରାଉତ, ଡ. ଲେଖାଶ୍ରୀ ସାମନ୍ତସିଂହାର, ଇପ୍‌ସିତା ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ▶ପୃଷ୍ଠା-୭



## ସନ୍ଦେହ ବଢ଼ାଉଛି ପୁଲିସର ଭୂମିକା

▶▶ ପ୍ରଥମରୁ ତିନି ଦୁର୍ବୃତ୍ତ, ଶେଷରେ କାହାରି ସମ୍ପୃକ୍ତି ନାହିଁ

▶▶ ୩ ଦୁର୍ବୃତ୍ତ ନିଆଁ ଲଗାଇଥିବା ମା' ଅଭିଯୋଗ କରିଥିଲେ

▶▶ ଘଟଣାସ୍ଥଳରୁ ଜବତ ରୁପା ମୁଦି ଓ ଚୁଡ଼ି କାହାର ?



■ **ପୁରୀ, ୩।୮ (ସମିସ):** ଦୀର୍ଘ ୧୫ ଦିନର ଜୀବନ ମରଣ ସହ ଲଢ଼େଇ ଭିତରେ ହାରିଯାଇଛନ୍ତି ବଳଙ୍ଗା ପୀଡ଼ିତା । ସେ ସୁସ୍ଥ ହୋଇ ଘରକୁ ଫେରିବାର ବିଶ୍ୱାସକୁ ଭାଙ୍ଗି ତାଙ୍କ ଦେହାନ୍ତ ଅନେକ ଅସମାହିତ ପ୍ରଶ୍ନ ଛିଡ଼ା କରିଦେଇଛି । ପୀଡ଼ିତାଙ୍କ ମୃତ୍ୟୁଠାରୁ ପୁଲିସର ତଦନ୍ତ, ସବୁକୁ ନେଇ ରାଜ୍ୟବାସୀ ବି ଦ୍ୱନ୍ଦ୍ୱରେ । ଚିକିତ୍ସା ଠିକ୍ ଥିଲା, ତଦନ୍ତ ବି ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା । ହଠାତ୍ ଏମିତି କ'ଣ ହେଲା? ପୀଡ଼ିତାଙ୍କ ମୃତ୍ୟୁ ପରେ ସବୁକିଛି କାହିଁକି ସନ୍ଦେହ ଭିତରକୁ ଟାଣି ହୋଇଯାଇଛି । ଏହାର ଉତ୍ତରକୁ ଅପେକ୍ଷା କରିଥିବା ରାଜ୍ୟବାସୀଙ୍କୁ ସବୁଠୁ ଅଧିକ ଚକିତ କରିଛି ପୁଲିସର ସ୍ୱଷ୍ଟୋକ୍ତି । ପୀଡ଼ିତା ଦିଲ୍ଲୀ ଏମ୍ସରେ ଆଖି ବୁଜିବାର ମାତ୍ର କେଇ ମିନିଟ୍ ପରେ ଓଡ଼ିଶା ପୁଲିସ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଲ୍ଲେଖ କରିଥିଲା, 'ଏହି ଘଟଣାରେ ପୁଲିସ ପକ୍ଷରୁ ନିଷ୍ଠାର ସହ ତଦନ୍ତ କରାଯାଇଛି । ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି । ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଛି' । ଯଦି ପୀଡ଼ିତାଙ୍କ ଦେହରେ ନିଆଁ ଲଗାଇବାରେ କାହାର ସମ୍ପୃକ୍ତି ନାହିଁ, ତେବେ ପୀଡ଼ିତା କ'ଣ ନିଜେ କିରାସିନି ଢାଳି ନିଆଁ ଲଗାଇ ଦେଇଛନ୍ତି? କ'ଣ ଏମିତି ଘଟଣା ଘଟିଥିଲା ତାଙ୍କ ସହ, ଯେଉଁଥିପାଇଁ ନିଜ ଜୀବନ ନେବାକୁ ସେ ନିଷ୍ପତ୍ତି ନେଇଥିଲେ? ତଦନ୍ତରୁ ପୁଲିସ ଯଦି ଜାଣିଥିଲା ଏଥିରେ କାହାର ହାତ ନାହିଁ, ତେବେ ୧୫ ଦିନ ଧରି କାହିଁକି ଅପେକ୍ଷା କରିଥିଲା? ବିଭିନ୍ନ ସମୟରେ ପୁଲିସ ତଦନ୍ତରେ ▶ପୃଷ୍ଠା-୭

# ଗାଜାରେ ଇସ୍ରାଏଲ ସେନା ଗୁଳିରେ ୧୦ ମୃତ

ଗାଜା,୩।୮ (ଏଜେନ୍ସି): ଗାଜାରେ ଇସ୍ରାଏଲ ସେନା ଦୁଇଟି ସହାୟତା ବଣ୍ଟନ କେନ୍ଦ୍ର ନିକଟରେ ଗୁଳି ମାଡ଼ କରିଛି । ଏଥିରେ ଅତିକମ୍‌ରେ ୧୦ଜଣ ପ୍ରାଣ ହରାଇଛନ୍ତି । ଶନିବାର ଏହି ସହାୟତା କେନ୍ଦ୍ରରେ ଭୋକିଲା ପାଲେଷ୍ଟାଇନ୍ ନାଗରିକମାନେ ଖାଦ୍ୟ ଅନ୍ୱେଷଣରେ ଥିବା ବେଳେ ଏହି କାଣ୍ଡ ଘଟିଛି । ଆମେରିକାର ବରିଷ୍ଠ ଅଧିକାରୀମାନେ ଗାଜା ହ୍ୟୁମାନଟାରିଆନ ସେଣ୍ଟର (ଜିଏଚ୍‌ଏଫ୍) ପରିଦର୍ଶନ କରିବାର ଗୋଟିଏ ଦିନ ପରେ ଏହି ଗୁଳିକାଣ୍ଡ ଘଟିଛି । କେବଳ ସେତିକି ନୁହଁ ଜିକିମ୍ କ୍ରସିଂ ନିକଟରେ ସାହାଯ୍ୟ ପାଇବା ଆଶାରେ ଏକାଠି ହେଉଥିବାବେଳେ ଗୁଳିମାଡରେ ଆଉ ୧୯ ଜଣ ଲୋକ ପ୍ରାଣ ହରାଇଛନ୍ତି ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଆମ୍ବୁଲାନ୍ସ ଓ ଏମର୍ଜେନ୍ସି ସର୍ଭିସ ତରଫରୁ କୁହାଯାଇଛି ।

### ରୁଷିଆରେ ଆଉ ଏକ ଶକ୍ତିଶାଳୀ ଭୂକମ୍ପ


# ୬୦୦ ବର୍ଷ ପରେ ଆଗ୍ନେୟ ଉଦ୍‌ଗୀରଣ

ମସ୍କୋ,୩।୮ (ଏଜେନ୍ସି): ରୁଷିଆର କୁରିଲ ଦୀପପୁଞ୍ଜରେ ଆଉ ଏକ ଶକ୍ତିଶାଳୀ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି । ଏହାର ତୀବ୍ରତା ୭.୦ ଥିଲା । ଫଳରେ ରୁଷିଆର ସୁଦୂର ପୂର୍ବାଞ୍ଚଳରେ ଥିବା କାମଚାଟକା ଉପଦୀପର ୩ଟି ଉପକୂଳବର୍ତ୍ତୀ ଅଞ୍ଚଳରେ ସୁନାମୀ ସତର୍କକତା ଜାରି କରାଯାଇଛି । ପ୍ୟାସିଫିକ୍ ସୁନାମୀ ୱାର୍ଣ୍ଣିଂ ସିଷ୍ଟମ ଓ ୟୁଏସ୍ ଜିଓଲୋଜିକାଲ ସର୍ଭେ ଏହି ଭୂକମ୍ପର ଶକ୍ତି ଓ ଘନତାକୁ ନିଶ୍ଚିତ କରିଛି । ରୁଷିଆର ଅନ୍ୟ ଉପକୂଳବର୍ତ୍ତୀ ଅଞ୍ଚଳରେ ସୁନାମୀର ଆଶଙ୍କା ନାହିଁ ବୋଲି କୁହାଯାଇଛି । ଏହି ଭୂକମ୍ପ କାରଣରୁ ରୁଷିଆର କାମାଚଟକାରେ ଥିବା କ୍ରାସେନିନିକୋଭର ସୁପ୍ତ ଆଗ୍ନେୟଗିରି ଦୀର୍ଘ ୬୦୦ ବର୍ଷ ପରେ ଜୀବନ୍ତ ହୋଇଛି ଓ ଏଥିରୁ ଅଗ୍ନି ଉଦ୍‌ଗୀରଣ ହୋଇଛି ।

# ଚିଦମ୍ବରମ୍ ମିଥ୍ୟା ପ୍ରଚାର କରୁଛନ୍ତି: ଇସି

ଚେନ୍ନଇ, ୩।୮ (ଏଜେନ୍ସି): ନିର୍ବାଚନ କମିଶନ (ଇସି) ରବିବାର କଂଗ୍ରେସ ନେତା ପି ଚିଦମ୍ବରମଙ୍କୁ ଦୃଢ଼ ଜବାବ ଦେଇଛନ୍ତି । ବିହାରର ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) କୁ ତାମିଲନାଡୁ ସହ ଯୋଡ଼ିବା ବୃଥା ତଥା ଆଧାରହୀନ ବୋଲି କହିଛନ୍ତି । ଏହା ପୂର୍ବରୁ ଶନିବାର ଚିଦମ୍ବରମ ବିହାର ଏସ୍‌ଆଇଆରକୁ ସମାଲୋଚନା କରି ଭୋଟର ତାଲିକାରୁ ଲକ୍ଷ ଲକ୍ଷ ନାମକୁ ବାଦ୍ ଦିଆଯାଇଥିବା କହିଥିଲେ । ବିହାରରୁ ୬୫ ଲକ୍ଷ ଭୋଟର ସବୁଦିନ ପାଇଁ ଅନ୍ୟ ସ୍ଥାନକୁ ପଳାଇଛନ୍ତି ବୋଲି ଇସି କେମିତି ଜାଣିଲେ? କେଉଁ ଆଧାରରେ ଏହାକୁ ହଟାଇ ଦେଲେ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଶ୍ନ କରିଥିଲେ । ଏହା ପ୍ରବାସୀ ଶ୍ରମିକଙ୍କ ପାଇଁ ଅପମାନ ବୋଲି କହିଥିଲେ । ସେ ପୁଣି ତାମିଲନାଡୁରେ ୬.୫ ଲକ୍ଷ ଲୋକଙ୍କୁ ଭୋଟର ତାଲିକାରେ ସାମିଲ କରାଯାଇଥିବା ଦାବି କରିଥିଲେ । କିନ୍ତୁ ନିର୍ବାଚନ କମିଶନଙ୍କ ଚିଦମ୍ବରମଙ୍କ ଦାବିକୁ ଭ୍ରମାତ୍ମକ କହି ଖାରଜ କରିଦେଇଛନ୍ତି । ତାମିଲନାଡୁରେ ଏ ପର୍ଯ୍ୟନ୍ତ ଏସ୍‌ଆଇଆର ପ୍ରକ୍ରିୟା ଆରମ୍ଭ ହୋଇନାହିଁ । ୬.୫ ଲକ୍ଷ ଭୋଟରଙ୍କୁ ଯୋଡ଼ିବା ନେଇ ଚିଦମ୍ବରମ ମିଥ୍ୟା ତଥ୍ୟ ଦେଉଛନ୍ତି ବୋଲି କୁହାଯାଇଛି । ଏଭଳି ମିଥ୍ୟା ମନ୍ତବ୍ୟରୁ ବିରତ ରହିବାକୁ ଇସି ପରାମର୍ଶ ଦେଇଛନ୍ତି ।

# ଆମେରିକାରେ ନିଖୋଜ ୪ ଭାରତୀୟ କାର୍ ଦୁର୍ଘଟଣାରେ ମୃତ



ନୂଆଦିଲ୍ଲୀ,୩।୮ (ଏଜେନ୍ସି): ଆମେରିକାରେ ୫ ଦିନ ତଳେ ଏକ ଧାର୍ମିକ ଯାତ୍ରା ଅବସରରେ ନିଖୋଜ ଭାରତୀୟ ବଂଶୋଦ୍ଭବ ପରିବାରର ୪ ଜଣ ବରିଷ୍ଠ ସଦସ୍ୟ କାର୍ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଛନ୍ତି । ରବିବାର ଏମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମାର୍ଶାଲ କାଉଣ୍ଟି ଶେରିଫ୍ ଅଫିସ ତରଫରୁ ଏହି ସୂଚନା ଦିଆଯାଇଛି । ସମସ୍ତଙ୍କ ବୟସ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୋଲି କୁହାଯାଇଛି । ହାଲକା ସବୁଜ ରଙ୍ଗର ଟୋୟଟା କାମ୍ରି କାର ଅତ୍ୟନ୍ତ ଦୁର୍ଗମ ଅଞ୍ଚଳରେ ଏକ ବଡ଼ ହ୍ୱିଲିଂ କ୍ରିକ୍ ରୋଡ ନିକଟରେ କ୍ଷତିଗ୍ରସ୍ତ ଅବସ୍ଥାରେ ରହିଥିଲା । ଏପରିକି ସେଠାରେ ପହଞ୍ଚିବାକୁ ଉଦ୍ଧାରକାରୀ ଦଳକୁ ପାଖାପାଖି ୫ ଘଣ୍ଟା ସମୟ ଲାଗିଥିଲା । ଦୁର୍ଘଟଣାର କାରଣ ନେଇ ଯାଞ୍ଚ କରାଯିବ ବୋଲି କୁହାଯାଇଛି । ମୃତ୍ୟୁବରଣ କରିଥିବା ଏହି ୪ ବରିଷ୍ଠ ନାଗରିକମାନେ ହେଲେ କିଶୋର ଦିବାନ (୮୯), ଆଶା ଦିବାନ (୮୫), ଶୈଳେଶ ଦିବାନ (୮୬) ଓ ଗୀତା ଦିବାନ(୮୪) । ଏମାନଙ୍କୁ ଜୁଲାଇ ୨୯ ରେ ପେନସିଲଭାନିଆର ଏରିରେ ପିଚ୍ ଷ୍ଟ୍ରିଟ୍‌ସ୍ଥିତ ଏକ ବର୍ଗର କିଙ୍ଗ୍ ଆଉଟ୍‌ଲେଟ୍‌ରେ ଶେଷଥର ପାଇଁ ଦେଖିବାକୁ ମିଳିଥିଲା । ଏମାନେ ସମସ୍ତେ ମାର୍ଶାଲ କାଉଣ୍ଟିର ପ୍ୟାଲେସ ଅଫ୍ ଗୋଲ୍ଡକୁ ଯାତ୍ରା କରୁଥିବାବେଳେ ଏହି ଦୁର୍ଘଟଣା ହୋଇଥିଲା । ଇସ୍କନପ୍ରତଷ୍ଠାତା ସ୍ୱାମୀ ପ୍ରଭୁପାଦଙ୍କ ଶିଷ୍ୟମାନେ ଏହାକୁ ପ୍ରତିଷ୍ଠା କରିଥିଲେ ଓ ଏହା ଏକ ପ୍ରସିଦ୍ଧ ତୀର୍ଥସ୍ଥଳୀ ଭାବେ ଖ୍ୟାତି ହାସ କରିଛି ।

# ଅପ୍ରତ୍ୟାଶିତ ମୋଡ଼ ନେଲା ପିଓକେରେ ଆତଙ୍କୀର ଶବ ଶୋଭାଯାତ୍ରା

## ଆତଙ୍କବାଦୀଙ୍କୁ ପରିବାର ସଦସ୍ୟଙ୍କ ବିରୋଧ

ଶ୍ରୀନଗର,୩।୮ (ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲାରେ ପାକିସ୍ତାନର ମୁଖା ପୁଣି ଖୋଲିଛି । ଅପରେସନ ମହାଦେବରେ ଭାରତୀୟ ସେନା ଦ୍ୱାରା ଏନ୍‌କାଉଣ୍ଟର ମୃତ୍ୟୁବରଣ କରିଥିବା ତାହିର ହବିବ୍ ନାମକ ଆତଙ୍କବାଦୀର ଶବ ଶୋଭାଯାତ୍ରା ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଆୟୋଜନ କରାଯାଇଥିଲା । ଏହି ଶୋଭାଯାତ୍ରାରେ ଅଭାବନୀୟ ଘଟଣା ଘଟିଥିଲା । ତାହିରର ଜନାଜା-ଇ- ଗାଏବ ପିଓକେର କାଇ ଗଲ୍ଲା ଗାଁରେ ବାହର କରାଯାଇଥିଲା । ଯେତେବେଳେ ମୃତ ଦେହ ନ ଥାଏ ସେତେବେଳେ ଜନାଜା-ଇ- ଗାଏବ ବାହାର କରାଯାଇଥାଏ । ଏଥିରେ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ । କିନ୍ତୁ ଏହି ଶୋଭାଯାତ୍ରା ଅପ୍ରତ୍ୟାଶିତ ଭାବେ ଏକ ଭିନ୍ନ ମୋଡ ନେଇଥିଲା । ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ବୟସ୍କ ବ୍ୟକ୍ତି, ପୂର୍ବତନ ପାକ ସୈନିକ ଓ ଆତଙ୍କୀ ସଂଗଠନ ଲସ୍କର-ଇ- ତୋଏବା(ଏଲ୍‌ଇଟି)ର ସଦସ୍ୟ ଯୋଗ ଦେଇଥିଲେ । କିନ୍ତୁ ତାହିର ପରିବାର ଏମାନଙ୍କୁ ବିରୋଧ କରିଥିଲେ । ଯେତେବେଳେ ଏଲ୍‌ଇଟିର ସ୍ଥାନୀୟ କମାଣ୍ଡର ରିଜୱାନ ହନିଫ୍ କେତେ ଜଣ ସଶସ୍ତ୍ର ଆତଙ୍କୀଙ୍କ ସହ ସେଠାରେ ପହଞ୍ଚିଲା, ସେତେବେଳେ ତାହିର ପରିବାର ସଦସ୍ୟ ସେମାନଙ୍କୁ ଦୃଢ଼ ବିରୋଧ କରିଥିଲେ । ଏପରିକି ତାହିରର ଜଣେ ପୁତୁରା ବନ୍ଧୁକ ଧରି ସେମାନଙ୍କୁ ଚାଲିଯିବାକୁ ଧମକ ଦେଇଥିଲେ । ଶୋଭାଯାତ୍ରାରେ ଠେଲାପେଲା ହେବା ସହ ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିଲା । ଶେଷରେ ହନିଫ୍ ଓ ତା'ର ସହଯୋଗୀ ସେଠାରୁ ଚାଲିଯିବାକୁ ବାଧ ହୋଇଥିଲେ । ପୂର୍ବରୁ ମଧ ଅପରେସନ ସିନ୍ଦୂରରେ ମୃତାହତ ହୋଇଥିବା ଆତଙ୍କୀଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ପାକିସ୍ତାନ ସେନା ଅଧିକାରୀ ମାନେ ଯୋଗ ଦେଇଥିଲେ । ଏଥିସହ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନର ହାତ ଅଛି ବୋଲି ପୁଣି ପ୍ରମାଣିତ ହୋଇଛି ।

# ଟ୍ରମ୍ପଙ୍କ ପାଗଳାମି: ୬ ମାସରେ ବଦଳାଇଲେଣି ୩୪ ନିଷ୍ପତ୍ତି



ୱାଶିଂଟନ, ୩।୮ (ଏଜେନ୍ସି):

ଶପଥ ଗ୍ରହଣ ପରଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆତଙ୍କ ସୃଷ୍ଟି କରିଛନ୍ତି । କେବେ ପ୍ରବାସୀଙ୍କୁ ନିଶାଣ କରୁଛନ୍ତି ତ ଆଉ କେବେ ଶୁଳ୍କ ଲଗାଇ ବିଶ୍ୱ ଅର୍ଥନୀତିକୁ ଅସ୍ଥିର କରିବାକୁ ପ୍ରୟାସ କରିଛନ୍ତି । ସେ ୧୯୪ ଦିନ ହେଲା କ୍ଷମତାସୀନ ହେଲେଣି । କିନ୍ତୁ ତାଙ୍କର ଏହି କାର୍ଯ୍ୟକାଳ ଅଶାନ୍ତିପୂର୍ଣ୍ଣ ଏବଂ ୟୁ-ଟର୍ଣ୍ଣ ଭରା ରହିଛି । ଶୁଳ୍କ ନୀତିକୁ ନେଇ ସର୍ବାଧିକ ଅସ୍ଥିରତା ଦେଖା ଦେଇଛି । ଏ ପର୍ଯ୍ୟନ୍ତ ଟ୍ରମ୍ପ ଜବାବୀ ଶୁଳ୍କ ସମ୍ବନ୍ଧିତ ୨୮ ନିଷ୍ପତ୍ତିକୁ ବଦଳାଇ ଦେଇଛନ୍ତି । ତେଣୁ ଟ୍ରମ୍ପଙ୍କୁ ଏବେ ପଲ୍‌ଟୁରାମ କୁହାଗଲାଣି । ସେ ଶୁଳ୍କ ପାଇଁ ଯେତିକି ଚର୍ଚ୍ଚାରେ ଅଛନ୍ତି ତାଠୁ ଅଧିକ ଚର୍ଚ୍ଚା ନିଜ ନିଷ୍ପତ୍ତିକୁ ବଦଳାଇବାକୁ ନେଇ ହେଉଛି ।

ଏପର୍ଯ୍ୟନ୍ତ ରେକର୍ଡ ୧୭୮ଟି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ଟ୍ରମ୍ପ ସ୍ୱାକ୍ଷର କରିଛନ୍ତି । ଅର୍ଥାତ୍ ପ୍ରତିଦିନ ପ୍ରାୟ ଗୋଟିଏ ନୂଆ ନିର୍ଦ୍ଦେଶ ଜାରି କରିଛନ୍ତି । ତେବେ ଏଥିମଧ୍ୟରୁ ୩୪ଟି ନିଷ୍ପତ୍ତିକୁ ଟ୍ରମ୍ପ ପ୍ରତ୍ୟାହାର କରି ନେଇଛନ୍ତି । ଉଦାହରଣ ସ୍ୱରୂପ ଗବେଷଣା ପାଣ୍ଠି ବନ୍ଦ କରିବାର ନିର୍ଦ୍ଦେଶକୁ ଆମେରିକା ରାଷ୍ଟ୍ରପତି ମାତ୍ର ୩ ଦିନ ମଧ୍ୟରେ ପ୍ରତ୍ୟାହାର କରି ନେଇଥିଲେ । ଗ୍ୟାସ ଏବଂ ଶକ୍ତି କ୍ଷେତ୍ରରେ ଦିଆଯାଉଥିବା ରିହାତି ପ୍ରତ୍ୟାହାର କରିବାକୁ ମଧ ସେ ଘୋଷଣା କରିଥିଲେ । ତେବେ ଦୁଇ ସପ୍ତାହ ପରେ ଏଥିରୁ ଟ୍ରମ୍ପ ୟୁ-ଟର୍ଣ୍ଣ ନେଇଥିଲେ । ବେଆଇନ ପ୍ରବାସୀ, ଶୁଳ୍କ ଏବଂ ଏଲଜିବିଟିକ୍ୟୁ ଅଧିକାର ପର୍ଯ୍ୟନ୍ତ ଟ୍ରମ୍ପ ଅନେକ ଥର ନିଜ ନିର୍ଦ୍ଦେଶକୁ ପ୍ରତ୍ୟାହାର କରି ନେଇଛନ୍ତି । ଟ୍ରମ୍ପଙ୍କ ୟୁ-ଟର୍ଣ୍ଣର ଗୁରୁତର ପ୍ରଭାବ ଶିଳ୍ପ ଉପରେ ପଡିଛି । ଉଦ୍ୟୋଗ ଜଗତ ସବୁଠାରୁ ଅଧିକ ଦ୍ୱନ୍ଦ୍ୱରେ ରହିଛି ।

**ଶୁଳ୍କ ଘୋଷଣା କରି ୨୮ ଥର ଦେଲେଣି ପଛଘୁଞ୍ଚା**

**ନିଷ୍ପତ୍ତି ନିଅନ୍ତି; କିନ୍ତୁ ଅଟଳ ରୁହନ୍ତି ନାହିଁ**

ଆମେରିକା ରାଷ୍ଟ୍ରପତି ନିଜ ନିଷ୍ପତ୍ତିକୁ ନିଜେ ପ୍ରତ୍ୟାହାର କରିବା ପଛରେ ଆଇନଗତ ମାମଲା ରହିଛି । ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରି କୋର୍ଟରେ ମାମଲାର ବନ୍ୟା ଆସିଛି । ଆମେରିକାର ସଂଘୀୟ ଅଦାଲତ ଉପରେ ଅଚାନକ ନିଷ୍ପତ୍ତି ଏବଂ ଏହାକୁ ପଲଟାଇବା ଓ ଆଇନଗତ ବିରୋଧର ଚାପ ବଢ଼ିବାରେ ଲାଗିଛି । ବିଶେଷଜ୍ଞଙ୍କ ଅନୁଯାୟୀ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍' ନାମରେ ନେଇଥିବା ନିଷ୍ପତ୍ତି ଉପରେ ୟୁ-ଟର୍ଣ୍ଣ ନେଇ ଟ୍ରମ୍ପ ପ୍ରଶାସନ ଏବଂ ଜନସାଧାରଣଙ୍କୁ ଦ୍ୱନ୍ଦ୍ୱରେ ପକାଇଛନ୍ତି ।

ବିନା ଭାବିଚିନ୍ତି ଟ୍ରମ୍ପ ନେଇଥିବା ନିଷ୍ପତ୍ତି ଉପରେ କୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଏ ପର୍ଯ୍ୟନ୍ତ ଟ୍ରମ୍ପ ପ୍ରଶାସନର ନିର୍ଦ୍ଦେଶ ବିରୋଧରେ ଦାଏର ଆବେଦନଗୁଡିକରୁ ୨୦୦ରୁ ଅଧିକ ମାମଲାରେ କୋର୍ଟ ସ୍ଥଗିତାଦେଶ ଲଗାଇ ସାରିଲେଣି । ଏଗୁଡିକ ମଧ୍ୟରୁ ଅଧିକାଂଶ କ୍ଷେତ୍ରରେ ସଂଘୀୟ ଅଦାଲତ ତୁରନ୍ତ ହସ୍ତକ୍ଷେପ କରିଥିଲେ । ଅସାମ୍ବିଧାନିକ କିମ୍ବା ତରବରିଆ ଭାବେ ପ୍ରଶାସନ ଏହି ସବୁ ନିଷ୍ପତ୍ତି ନେଇଥିଲା ବୋଲି କହିଥିଲେ । ଉଦାହରଣ ସ୍ୱରୂପ ଜନ୍ମଗତ ନାଗରିକତା ଶେଷ କରିବା ନିଷ୍ପତ୍ତି ଉପରେ ଅନେକ କୋର୍ଟ ତୁରନ୍ତ ସ୍ଥଗିତାଦେଶ ଲଗାଇ ଥିଲେ । ଏହା ୧୪ତମ ସମ୍ବିଧାନ ସଂଶୋଧନର ବିରୋଧୀ ବୋଲି କହିଥିଲେ । ଜଣେ ବିଚାରପତି ସମାନତା-ସମ୍ବନ୍ଧୀୟ ଚୁକ୍ତିନାମା ବାତିଲକୁ ରୋକି ଦେଇଥିଲେ । ଆଉ ଜଣେ ବିଚାରପତି ଇକ୍ୱିଟି ସମ୍ବନ୍ଧିତ ଠିକା ରଦ୍ଦ ଉପରେ କଟକଣା ଲଗାଇ ଦେଇଥିଲେ । ଟ୍ରମ୍ପଙ୍କ ଦ୍ୱାରା ନିଯୁକ୍ତ ବିଚାରପତିମାନେ ମଧ ଅନେକ ମାମଲା ଉପରେ ରୋକ୍ ଲଗାଇଛନ୍ତି । ଏ ପର୍ଯ୍ୟନ୍ତ ଟ୍ରମ୍ପ ପ୍ରଶାସନ ବିରୋଧରେ ୩୨୯ ମାମଲା ରୁଜୁ ହେଲାଣି । ଏହି ଆବେଦନକାରୀଙ୍କ ମଧ୍ୟରେ ରାଜ୍ୟ ସରକାର, ବିଶ୍ୱବିଦ୍ୟାଳୟ ଏବଂ ସାଧାରଣ ନାଗରିକ ସାମିଲ ଅଛନ୍ତି ।

କାନାଡ଼ା ଏବଂ ଚୀନ୍ ଭଳି ବ୍ୟାବସାୟିକ ସହଯୋଗୀଙ୍କ ଉପରେ ଶୁଳ୍କ ଘୋଷଣା କରିବା ପରେ ବଜାରରେ ଅସ୍ଥିରତା ଏବଂ କୂଟନୈତିକ ଚାପ ଯୋଗୁଁ ଟ୍ରମ୍ପ ଅନେକ ଥର ପଛଘୁଞ୍ଚା ଦେଇଛନ୍ତି । ଶୁଳ୍କ କାର୍ଯ୍ୟକାରୀ କରିବାର କଣ୍ଟରୁ ଟ୍ରମ୍ପ ତିନି ଥର ଓହରି ଯାଇଛନ୍ତି । ଏହାକୁ ଲାଗୁ କରିବା ପାଇଁ ପ୍ରଥମେ ଜୁଲାଇ ୯, ପରେ ଅଗଷ୍ଟ ୧ ଏବଂ ଏବେ ଅଗଷ୍ଟ ୭ ତାରିଖ ଧାର୍ଯ୍ୟ କରିଛନ୍ତି । ଟ୍ରମ୍ପ ୨୪ ଘଣ୍ଟା ମଧ୍ୟରେ ଗାଜା ଯୁଦ୍ଧ ବନ୍ଦ କରିଦେବେ ବୋଲି କହିଥିଲେ । କିନ୍ତୁ ୬ ମାସ ବିତି ଯାଇଥିଲେ ବି ଏହାକୁ ରୋକି ପାରି ନାହାନ୍ତି । ସେ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରିଦେବେ ବୋଲି ମଧ ଦାବି କରିଥିଲେ । କିନ୍ତୁ ଏ ପର୍ଯ୍ୟନ୍ତ କରିପାରି ନାହାନ୍ତି । ଟ୍ରମ୍ପ ଜୁଲାଇ ୯ରେ ୟୁକ୍ରେନକୁ ସାମରିକ ସହାୟତା ରୋକି ଦେଇଥିଲେ, ମାତ୍ର ପରେ ୧୦ ପାଟ୍ରିୟଟ ମିସାଇଲ ଏବଂ ଅନ୍ୟ ସାମରିକ ସହାୟତା ପଠାଇବାକୁ କହିଥିଲେ । ସେ ଜାନୁଆରୀ ୨୨ରେ ବେଆଇନ ପ୍ରବାସୀଙ୍କୁ ପ୍ରତ୍ୟର୍ପଣ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ କୋର୍ଟଙ୍କ ଭୟରେ ନିର୍ଦ୍ଦେଶ ରଦ୍ଦ କରି ଦେଇଥିଲେ । ପରେ ନୂଆ ନିର୍ଦ୍ଦେଶ ଜାରି କରିଥିଲେ ।

# ସ୍ପାଇସ୍‌ଜେଟ୍ କର୍ମଚାରୀଙ୍କୁ ପିଟିଲେ ସେନା ଅଧିକାରୀ

ଶ୍ରୀନଗର,୩।୮ (ଏଜେନ୍ସି): ଜମ୍ମୁ- କଶ୍ମୀର ବିମାନବନ୍ଦରରେ ଅତିରିକ୍ତ ଲଗେଜକୁ ନେଇ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ସେନା ଅଧିକାରୀ ସ୍ପାଇସ୍‌ଜେଟ୍‌ର ୪ ଜଣ କର୍ମଚାରୀଙ୍କୁ ଗୋଡାଇ ଗୋଡାଇ ପିଟିଛନ୍ତି । ଜଣଙ୍କର ମେରୁଦଣ୍ଡ ହାଡ ଭାଙ୍ଗିଯାଇଥିବା ବେଳେ ଜଣଙ୍କର ମୁହଁରେ ମାଡ ହୋଇଛି । ଆଉଜଣଙ୍କର



ନାକରୁ ରକ୍ତ ବାହାରିଥିବା ବେଳେ ଆଉ ଜଣେ କର୍ମଚାରୀ ବେହୋସ ହୋଇଯାଇଥିଲେ । ଜୁଲାଇ ୨୬ରେ ଏହି ଘଟଣା ଘଟିଥିବା ବେଳେ ଏବେ ଏହା ସାମ୍ନାକୁ ଆସିଛି । ଅଭିଯୁକ୍ତ ସେନା ଅଧିକାରୀ ରିତେଶ କୁମାର ସିଂଙ୍କୁ ଏୟାରଲାଇନ୍ସ ନୋ ଫ୍ଲାଇଂ ଲିଷ୍ଟରେ ସାମିଲ କରିଛି । ଶ୍ରୀନଗରରୁ ଏସ୍‌ଜି-୩୮୬ ଦିଲ୍ଲୀ ଯିବା ବେଳେ ଏହି ଘଟଣା ଘଟିଥିଲା । ଅଧିକାରୀଜଣକ ଦୁଇଟି କ୍ୟାବିନ ବ୍ୟାଗେଜ ନେଇ ଯାଉଥିଲେ ଓ ଏହାର ଓଜନ ୧୬ କେଜି ଥିଲା । ଏହା ୭ କେଜି ସୀମାର ଦୁଇଗୁଣା ଥିଲା । ଅଧିକ ଓଜନ ହେଉଥିବାରୁ ଅଧିକ ପେମେଣ୍ଟ ଦେବାକୁ ହେବ ବୋଲି କର୍ମଚାରୀ କହିଥିଲେ । କିନ୍ତୁ ଅଧିକାରୀ ଅଧିକ ପଇସା ଦେବାକୁ ମନା କରିଦେଇଥିଲେ । ଏହାପରେ ସେ ଜବରଦସ୍ତି ଏୟାରବ୍ରିଜ୍‌କୁ ଯାଇଥିଲେ । ଏହା ନିୟମର ଉଲ୍ଲଂଘନ ଥିଲା । କର୍ମଚାରୀ ତାଙ୍କୁ ରୋକିବାକୁ ଚେଷ୍ଟା କରୁଥିବା ବେଳେ ଅଧିକାରୀଜଣକ ତାଙ୍କୁ ଲାଇନ୍‌ରେ ରଖାଯାଇଥିବା ଷ୍ଟାଣ୍ଡରେ ପିଟିବାକୁ ଆରମ୍ଭ କରିଥିଲେ । ସେ ଗୋଇଠା, ବିଧା ଚାପୁଡା ମାରିଚାଲିଥିଲେ ।

## ନିର୍ବାଚନ କମିସନଙ୍କୁ ନେଇ ସନ୍ଦେହରେ ଜନତା: ଗୋଗୋଇ

ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ଲୋକସଭା ଉପନେତା ତଥା କଂଗ୍ରେସ ସାଂସଦ ଗୌରବ ଗୋଗୋଇ ନିର୍ବାଚନ କମିଶନ (ଇସି)ଙ୍କ ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି ଯେ ସଂସଦରେ ଭୋଟର ତାଲିକା ସଂଶୋଧନକୁ ନେଇ ଚର୍ଚ୍ଚା ହେଉ ବୋଲି ବିରୋଧୀ ଚାହୁଁଛନ୍ତି । ମାତ୍ର ସରକାର ଏହାକୁ ଟାଳି ଚାଲିଛନ୍ତି । ଆଜି ଜନତାଙ୍କ ମନରେ ଇସିଙ୍କ ନିରପେକ୍ଷତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଏହା ଉପରେ ଚର୍ଚ୍ଚା କରିବାକୁ ସରକାର କାହିଁକି ଚାହୁଁ ନାହାନ୍ତି? ଗତ ବିଧାନସଭା ଏବଂ ଲୋକସଭା ନିର୍ବାଚନରେ କରାଯାଇଥିବା ଜାଲିଆତିକୁ ଲୁଚାଇବାକୁ ଉଦ୍ୟମ କରାଯାଉଛି କି ବୋଲି ଗୋଗୋଇ ପଚାରିଛନ୍ତି । ଏହାକୁ ନେଇ କୌଣସି ବିଭାଗ ଅଧିନରେ ଇସି ଆସୁନାହାନ୍ତି, ତେଣୁ ଚର୍ଚ୍ଚା ହେବ ନାହିଁ ବୋଲି ସରକାର କହୁଥିବା ଗଣମାଧ୍ୟମ ପ୍ରତିନିଧି ଉଲ୍ଲେଖ କରିଥିଲେ । ଏହାର ଜବାବରେ ଗୋଗୋଇ କହିଥିଲେ ଯେ ଏଭଳି ଟିପ୍ପଣୀ ଆଧାରହୀନ । ପ୍ରଧାନମନ୍ତ୍ରୀ ଏବଂ ସରକାର ମୁଖ୍ୟ ନିର୍ବାଚନ କମିଶନରଙ୍କୁ ନିଯୁକ୍ତି କରୁଛନ୍ତି । ଏଭଳି ସ୍ଥିତିରେ ସେ ଦାୟୀ ରହିବା ଉଚିତ ।

# ଦିଲ୍ଲୀ ରାଜନୀତି ସରଗରମ

ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ପୃଥକ ପୃଥକ ସାକ୍ଷାତ କରିବା ଘଟଣା ଦିଲ୍ଲୀ ରାଜନୀତିକୁ ସରଗରମ କରିଦେଇଛି । ସେମାନଙ୍କର ଅଚାନକ ଏଭଳି ସାକ୍ଷାତ ଘଟଣା

### ରାଷ୍ଟ୍ରପତିଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

### କିଛି ସମୟ ପରେ ସାକ୍ଷାତ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ



ସଂପର୍କରେ ସରକାରୀ ଭାବେ କିଛି କୁହାଯାଇ ନଥିଲେ ମଧ ରାଜନୈତିକ ମହଲରେ ଏହାର କାରଣକୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି ।

ପ୍ରଧାନମନ୍ତ୍ରୀ ମୋଦୀ ଆଜି ପ୍ରଥମେ ରାଷ୍ଟ୍ରପତିଭବନ ଯାଇ ଶ୍ରୀମତୀ ମୁର୍ମୁଙ୍କୁ ସାକ୍ଷାତ କରିଥିଲେ । ସେମାନଙ୍କ ମଧ୍ୟରେ ୪୦ ମିନିଟ ଧରି ଆଲୋଚନା ହୋଇଥିଲା । ଏହାର କିଛି ସମୟ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମଧ ରାଷ୍ଟ୍ରପତି ଭବନ ଯାଇ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ । ବିହାରରେ ନିର୍ବାଚନ କମିସନଙ୍କ ପକ୍ଷରୁ ଚାଲିଥିବା ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏବଂ ଏହାକୁ ନେଇ ସଂସଦ ଅଚଳ ରହିଛି । ପୁଣି ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଧାର୍ଯ୍ୟ କରିଛନ୍ତି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ । ଏହାକୁ ନେଇ ସେମାନଙ୍କ ମଧ୍ୟରେ ବିଚାର ଆଲୋଚନା ହୋଇଥିବାର କୁହାଯାଉଛି । ଦିଲ୍ଲୀ ରାଜନୈତିକ ମହଲରେ ଚାଲିଥିବା ଚର୍ଚ୍ଚା ଅନୁଯାୟୀ ଧନଖଡ଼ଙ୍କ ଇସ୍ତଫା ପରେ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ନିର୍ବାଚନ କମିସନ । ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥାଇପାରେ । ପୁଣି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସମ୍ଭାବ୍ୟ ଅଦଳବଦଳ ଚର୍ଚ୍ଚା ମଧ ଜୋର ଧରିଛି । ଏସଂପର୍କରେ ମଧ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥାଇପାରେ । ଆଗାମୀ କିଛି ଦିନ ମଧ୍ୟରେ କିଛି ଗୋଟିଏ ବଡ଼ ଧରଣର ରାଜନୈତିକ ପରିବର୍ତ୍ତନ ହୋଇପାରେ ବୋଲି କୁହାଯାଉଛି ।

# ତେଜସ୍ୱୀଙ୍କୁ ନିର୍ବାଚନ କମିସନଙ୍କ ନୋଟିସ

## ଭୋଟର ଆଇଡିର ୨ଟି ଏପିକ୍ ନମ୍ବର କେମିତି ପାଇଲେ ?

ପାଟନା, ୩।୮ (ଏଜେନ୍ସି):

ବିଧାନସଭା ନିର୍ବାଚନ ପୂର୍ବରୁ ବିହାର ରାଜନୀତି ସରଗରମ ହୋଇଉଠିଛି । ଭୋଟର ତାଲିକା ଯାଞ୍ଚ ତଥା ଏସଆଇଆର ପ୍ରକ୍ରିୟାକୁ ନେଇ ତୁମ୍ବିତୋଫାନ ଚାଲିଥିବାବେଳେ ନିର୍ବାଚନ କମିଶନ ନୂଆ ଚିଠା ତାଲିକା ଜାରି କରିଛନ୍ତି । ଏଥିରୁ ତ୍ରୁଟି ଖୋଜିବାକୁ ନେଇ ବିରୋଧୀ ଦଳଗୁଡିକ ଲାଇନ ଲଗାଇ ଥିବାବେଳେ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ସମସ୍ୟା ବଢ଼ିବାରେ ଲାଗିଛି । ସେ ନୂଆ ଭୋଟର ତାଲିକାରେ ନିଜ ଏବଂ ପତ୍ନୀଙ୍କ ନାମ ନ ଥିବା ଦାବି କରିଥିଲେ । ଏହାର ପ୍ରମାଣ ସ୍ୱରୂପ ମୋବାଇଲ ବି ଦେଖାଇ ଥିଲେ । ମାତ୍ର ପରେ ନିର୍ବାଚନ କମିଶନ ପ୍ରମାଣ ସହ ଏହି ଅଭିଯୋଗକୁ ଖଣ୍ଡନ କରିଦେଇଥିଲେ । ଏବେ ମିଥ୍ୟା ଅଭିଯୋଗକୁ ନେଇ ଇସି ତେଜସ୍ୱୀଙ୍କୁ ନୋଟିସ ପଠାଇଛନ୍ତି । ତାଙ୍କ ପାଖରେ ଥିବା ଭୋଟର ଆଇଡି କାର୍ଡର ଦୁଇଟି ଏପିକ ନମ୍ବର କେଉଁଠୁ ଆସିଲା ବୋଲି ପଚାରିଛନ୍ତି । ବିହାର ଦୀଘା ବିଧାନସଭା ନିର୍ବାଚନ ପରିଚାଳନା ଅଧିକାରୀ ପଠାଇ ଥିବା ଏହି ନୋଟିସରେ କୁହାଯାଇଛି ଯେ ତେଜସ୍ୱୀ ଆରଏବି୨୯୧୬୧୨୦ ନମ୍ବର ବିଶିଷ୍ଟ ଏପିକ ନମ୍ବର ଦେଖାଇ ଥିଲେ । କିନ୍ତୁ ଏଭଳି ନମ୍ବର କୌଣସି ଭୋଟର କାର୍ଡ ପାଇଁ ଜାରି ହୋଇନି । ଏହା କେଉଁଠୁ ପାଇଲେ । ଏହି ଏପିକ କାର୍ଡର ବିବରଣୀ ଏବଂ ନିଜ କାର୍ଡକୁ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିବା ପାଇଁ ତେଜସ୍ୱୀଙ୍କୁ କୁହାଯାଇଛି । ଏହି ମାମଲାର ଗହନ ଯାଞ୍ଚର ଆବଶ୍ୟକତା ରହିଥିବା ନୋଟିସରେ ଉଲ୍ଲେଖ କରାଯାଇଛି । ସେହିପରି ବୁଥ୍ ନମ୍ବର ୨୦୪ର ୪୧୬ ନମ୍ବର କ୍ରମାଙ୍କରେ ତେଜସ୍ୱୀଙ୍କ ଭୋଟର କାର୍ଡ ରହିଥିବା କୁହାଯାଇଛି ।

ଏହି ମାମଲାକୁ ନେଇ କ୍ଷମତାସୀନ ଏନ୍‌ଡିଏ ନେତାମାନେ ତେଜସ୍ୱୀଙ୍କୁ ସମାଲୋଚନା କରିଛନ୍ତି । ତାଙ୍କ ବିରୋଧରେ ଏତଲା ରୁଜୁ କରିବାକୁ ଦାବି କରିଛନ୍ତି । ତେଜସ୍ୱୀ ଶନିବାର ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ମୃତ୍ୟୁ ଏବଂ ଅନ୍ୟତ୍ର ପଳାଇ ଥିବା ଯୋଗୁଁ ୬୫ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇଥିବା ଇସି ସୂଚନା ଦେଇଛନ୍ତି । କିନ୍ତୁ ସେମାନଙ୍କ ତାଲିକା, ଠିକଣା, ବୁଥ୍ କିମ୍ବା ଏପିକ



ନମ୍ବର ଜାରି କରାଯାଇ ନାହିଁ । ଏଥିଯୋଗୁଁ କାହାକୁ ବାଦ୍ ଦିଆଯାଇଛି ତାହା ଜଣାପଡୁନାହିଁ । ତେଜସ୍ୱୀ କ୍ୟାମେରା ସାମ୍ନାରେ ନିଜ ଏପିକ ନମ୍ବର ଯାଞ୍ଚ କରିଥିଲେ । କିନ୍ତୁ କମିଶନଙ୍କ ଅନଲାଇନ ପୋର୍ଟାଲରେ ତାଙ୍କର କୌଣସି ତଥ୍ୟ ନ ଥିବା କହିଥିଲେ ।

### ଇରାନର ଦୁଇ ହଜାର ମୌଲବୀଙ୍କ ଦାବି

# ଟ୍ରମ୍ପଙ୍କୁ ହତ୍ୟା କରାଯାଉ

ତେହରାନ, ୩।୮ (ଏଜେନ୍ସି): ଇରାନର ଦୁଇ ହଜାରରୁ ଅଧିକ ମୌଲବୀଙ୍କ ଦାବିକୁ ନେଇ ବିବାଦ ସୃଷ୍ଟି ହୋଇଛି । ଏମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରାଯାଉ ବୋଲି କହିଛନ୍ତି । ଟ୍ରମ୍ପଙ୍କ ରକ୍ତ ହଲାଲ ହୋଇ ସାରିଛି । ଅର୍ଥାତ୍ ତାଙ୍କୁ ହତ୍ୟା କଲେ କୌଣସି ଦୋଷ ଲାଗିବ ନାହିଁ । ଜେନେରାଲ କାସିମ ସୁଲେମାନିଙ୍କ ହତ୍ୟାର ପ୍ରତିଶୋଧ ନେବା ପ୍ରତ୍ୟେକ ମୁସଲମାନଙ୍କ ଦାୟିତ୍ୱ । ଇରାନର ସବୁଠୁ ବଡ଼ ଧାର୍ମିକ ଶିକ୍ଷାକେନ୍ଦ୍ର କୁମ ସେମିନାର ପକ୍ଷରୁ ଗତ ଶୁକ୍ରବାର ଜାରି ବୟାନରେ ଏଭଳି ଟିପ୍ପଣୀ ଦିଆଯାଇଥିଲା । ଏଥିରେ କୁହାଯାଇଥିଲା ଯେ ଏବେ ଧୈର୍ଯ୍ୟ ଧରିବାର ସମୟ ଚାଲିଗଲାଣି । ଟ୍ରମ୍ପଙ୍କ ରକ୍ତ ଏବ ସମ୍ପତ୍ତି ହଲାଲ ହୋଇସାରିଛି । ସୁଲେମାନୀଙ୍କ ରକ୍ତରେ ରଙ୍ଗାୟିତ ଏହି ଅପରାଧୀ ଆଉ ବଞ୍ଚିବ ନାହିଁ । ବିଶ୍ୱ ଚୁପ୍ ହୋଇ ବସିଯିବ ନାହିଁ । ନିଶ୍ଚିତ ପ୍ରତିଶୋଧ ନିଆଯିବ । ସୂଚନାଯୋଗ୍ୟ ଯେ କାସିମ ସୁଲେମାନି ଇରାନର କ୍ଷମତାଶାଳୀ ସୈନ୍ୟ ଅଧିକାରୀ ଥିଲେ ।

## ବଳଙ୍ଗା ପୀଡ଼ିତା ମୃତ୍ୟୁ

# ଅଭିଯୁକ୍ତଙ୍କୁ ଖସାଇବା ପାଇଁ ପୁଲିସର ସୁଇସାଇଡ୍ ଥିଓରୀ: ବିଜେଡି

ଭୁବନେଶ୍ୱର,୩।୮ (ସମିସ): ରାଜ୍ୟ ସରକାର ଅପରାଧୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଯେଉଁଥିପାଇଁ ଓଡ଼ିଶା ଆଜି ଅପରାଧୀମାନଙ୍କ ଚରାଭୂଇଁ ପାଲଟିଛି। ରାଜ୍ୟରେ ଦୁଷ୍କର୍ମ, ଅସଦାଚରଣ, ହତ୍ୟା ନିତିଦିନିଆ ଘଟଣାରେ ପରିଣତ ହୋଇଥିବା ବେଳେ ଝିଅମାନଙ୍କୁ ଜାଳିଦେଇ ହତ୍ୟା କରିବା ଏକ ନୂଆ ଅପରାଧ ସୃଷ୍ଟି ହୋଇଛି ବୋଲି କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ଏପରିକି ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତଙ୍କୁ ଖସାଇ ଦେବା ପାଇଁ ପୁଲିସ ସୁଇସାଇଡ୍ ଥିଓରୀ ଆପଣାଇଛି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି।

ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ, ଟୁକୁନି ସାହୁ ଓ ଡ. ଲେଖାଶ୍ରୀ ସାମନ୍ତସିଂହାର ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ। ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ବଳଙ୍ଗା ଘଟଣାକୁ ଦୁଇ ସପ୍ତାହ ବିତିଯିବା ପରେ ମଧ୍ୟ ଏଥିରେ ସମ୍ପୃକ୍ତ ଅପରାଧୀମାନେ ଧରା ନ ପଡିବା ପୁଲିସ ପ୍ରଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ବାଚନମଣ୍ଡଳୀ ଅଧୀନରେ ବଳଙ୍ଗା ଆସୁଥିବାରୁ ଏହି ମାମଲାରେ ତାଙ୍କର କିଛି ଘନିଷ୍ଠ ସହଯୋଗୀ ତଥା ବିଜେପି କର୍ମୀଙ୍କ ସମ୍ପୃକ୍ତି ରହିଛି ବୋଲି ଜନସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ଅପରାଧୀମାନଙ୍କୁ ଘଣ୍ଟ ଘୋଡ଼ାଇବାକୁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଆଶ୍ଚର୍ଯ୍ୟଜନକ ଭାବେ ପୀଡ଼ିତାଙ୍କ ମୃତ୍ୟୁ ପରେ ପୁଲିସ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ନାହିଁ ବୋଲି ମନ୍ତବ୍ୟ ରଖିବା ଘଟଣାକୁ ଅଧିକ ସନ୍ଦେହ ଘେରକୁ ନେଇଛି। ଏହାଛଡା ପୂର୍ବରୁ ଘଟିଯାଇଥିବା ଏଫଏମ୍ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ଓ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀକୁ ଗଣଦୁଷ୍କର୍ମ ଘଟଣା ଓଡ଼ିଶା ପାଇଁ ଦେଶ ବିଦେଶରେ ଲଜ୍ୟା ଓ ନିନ୍ଦା ଆଣିଛି। ରାଜ୍ୟରେ, ଛାତ୍ରୀ, ନାରୀ ଅସୁରକ୍ଷିତ ହୋଇ ପଡିଛନ୍ତି, କିନ୍ତୁ ରାଜ୍ୟ ସରକାର ନିଦାବିଷ୍ଟୁ ସାଜି ବସି ରହିଛନ୍ତି।



■ ଘଟଣା ପରଠୁ ପୀଡ଼ିତାଙ୍କ ପରିବାରକୁ ଅଜ୍ଞାତବାସରେ ରଖିବା ରହସ୍ୟ କ'ଣ?
■ ଘଟଣାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଘନିଷ୍ଠ ସହଯୋଗୀଙ୍କ ହାତ ରହିଛି
■ ପୁଲିସ ତା'ର ରାଜନୈତିକ ଆକାମାନଙ୍କୁ ସୁରକ୍ଷା ଦେବା ପାଇଁ ନୂଆ ଥିଓରୀ ଆଣିଛି

ବରିଷ୍ଠ ନେତ୍ରୀ ଟୁକୁନି ସାହୁ କହିଥିଲେ ଯେ ନିକଟରେ ରାଜ୍ୟରେ ଦୁଇ ଦୁଇଟି ସମ୍ବେଦନଶୀଳ ଘଟଣା ଘଟିଗଲା। ସରକାର ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ତାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଦେଇ ତାଙ୍କ ଉପରେ ଚାପ ପକେଇ ପରିବାରର ମୁହଁ ବନ୍ଦ କରୁଛନ୍ତି ଓ ତାଙ୍କ ଠାରୁ ରାଜନୀତି କରା ନ ଯାଉ ବୋଲି ମନ୍ତବ୍ୟ ଦିଆଉଛନ୍ତି। ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ। ପୀଡ଼ିତାକୁ ନ୍ୟାୟ ଦେବା ପାଇଁ ଓ ରାଜ୍ୟର ନାରୀମାନଙ୍କୁ ସୁରକ୍ଷିତ ରଖିବା ପାଇଁ ବିଜୁ ଜନତା ଦଳ ଲଢେଇ ଜାରି ରଖିବ ବୋଲି ଶ୍ରୀମତୀ ସାହୁ କହିଥିଲେ। ଡ. ସାମନ୍ତସିଂହାର କହିଥିଲେ ଯେ ରାଜ୍ୟରେ ଗୋଟିଏ ମାସ ଭିତରେ ଘଟିଥିବା ଦୁଇ ଦୁଇଟି ଘଟଣାକୁ ଆତ୍ମହତ୍ୟା କୁହାଯାଉଥିଲେ ମଧ୍ୟ ବାସ୍ତବରେ ଏହା ହତ୍ୟା। ଯେଉଁଭଳି ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି, ସରକାରୀ ବ୍ୟବସ୍ଥା ଓ ପୁଲିସ ପ୍ରଶାସନର ଭୂମିକା ନିଶ୍ଚିତ ଭାବେ ସନ୍ଦେହ ଘେରରେ ରହିଛି। ରାଜ୍ୟ ବିଜେପି ସରକାର ଏକ ନାରୀହନ୍ତା ସରକାରରେ ପରିଣତ ହୋଇଛି। ଏଫଏମ କଲେଜ ଘଟଣାରେ ଯେଉଁ ପୁଲିସ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ, ସେମାନେ ଏବେବି ନିଜ ସ୍ଥାନରେ ସୁରକ୍ଷିତ ଅଛନ୍ତି। ସେହିପରି ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ଭୂମିକା ସନ୍ଦେହ ଘେରରେ ରହିଥିଲେ ମଧ୍ୟ ସେମାନଙ୍କୁ ତଦନ୍ତ ପରିସର ଭୁକ୍ତ କରାଗଲା ନାହିଁ। ବିଜେପି ନେତା ଓ କର୍ମୀମାନେ ସନ୍ଦିଗ୍ଧ ଅପରାଧୀ ଥିଲେ, ସେମାନଙ୍କୁ ସାତ ଖୁନ୍ ମାଫ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ। ରାଜ୍ୟ ବିଜେପି ସରକାର ଏହି ବାର୍ତ୍ତା ଦେଉଛି। ବଳଙ୍ଗା ଘଟଣାରେ, ପୀଡ଼ିତାଙ୍କ ମୃତ୍ୟୁ ପରେ ପୁଲିସ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ନାହିଁ ବୋଲି ଏକ ନୂଆ ଥିଓରୀ ଆଣିଛି। ପୁଲିସର ଏହି ନୂଆ ଥିଓରୀ ସାଧାରଣ ଲୋକଙ୍କ ପାଖରେ ଗ୍ରହଣୀୟ ହୋଇପାରୁ ନାହିଁ। ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ଓ ତାର ରାଜନୈତିକ ଆକାମାନଙ୍କୁ ସୁରକ୍ଷା ଦେବା ପାଇଁ ପୁଲିସ ଏଭଳି ଏକ ନୂଆ ଥିଓରୀ ଆଣିଥିବା ଜଳଜଳ ଦିଶୁଛି ବୋଲି ସେ ଅଭିଯୋଗ କରିଛନ୍ତି।

# ଅପରାଧୀଙ୍କୁ କ୍ଲିନ୍‌ଚିଟ୍ ଦେବା ବିଜେପି ସରକାରକୁ ମହଙ୍ଗା ପଡ଼ିବ: ଅଲକା

ଭୁବନେଶ୍ୱର,୩।୮ (ସମିସ): ପୁରୀ ଜିଲ୍ଲା ବଳଙ୍ଗାର ୧୫ ବର୍ଷୀୟା ନାବାଳିକା ପୋଡ଼ି ଘଟଣାରେ ଅସଲ ଅପରାଧୀଙ୍କୁ ଧରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା କହିଛନ୍ତି।



ରବିବାର ଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଅଲକା ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣାକୁ ନେଇ ଡବଲ ଇଂଜିନ ସରକାର ଉପରେ ବର୍ଷିବା ସହ କହିଛନ୍ତି ଯେ ତିନି ଜଣ ଦୁର୍ବୃତ୍ତ ନାବାଳିକାକୁ ଜିଅନ୍ତା ପୋଡ଼ିଦେଲେ। ପୁରୀରୁ ଭୁବନେଶ୍ୱର ଏମ୍ସ ଓ ପରେ ଦିଲ୍ଲୀ ଏମ୍ସରେ ତାଙ୍କର ଚିକିତ୍ସା ଚାଲିଥିଲା। କିନ୍ତୁ ଶନିବାର ରାତିରେ ଦିଲ୍ଲୀ ଏମ୍ସରେ ପୀଡ଼ତା ନାବାଳିକା ଶେଷ ନିଶ୍ୱାସ ତ୍ୟାଗ କରିଛି। ଜୁଲାଇ ୧୯ ତାରିଖ ଘଟଣା ଦିନରୁ ଆଜି ଯାଏ ଏହି ଘଟଣାରେ ଅଭିଯୁକ୍ତ ୩ ଜଣ କୁଆଡ଼େ ଗଲେ ବୋଲି କଂଗ୍ରେସ ଦଳ ପ୍ରଶ୍ନ କରି ଆସୁଥିଲେ ମଧ୍ୟ ବିଜେପି ସରକାର ଅପରାଧୀମାନଙ୍କୁ ଧରିବାରେ ବିଫଳ ହୋଇଥିବା ସେ କହିଛନ୍ତି।

■ ନ୍ୟାୟ ଦାବିରେ ବିଧାନସଭା ଆଗରେ ମହିଳା କଂଗ୍ରେସ କରିବ "ନ୍ୟାୟ ମାର୍ଚ୍ଚ'

ଅଲକା କହିଛନ୍ତି ଯେ ନାବାଳିକାକୁ ପୋଡ଼ିବାରେ କାହାର ହାତ ନାହିଁ, କେହି ଏଥିରେ ଅଭିଯୁକ୍ତ ନୁହନ୍ତି ବୋଲି ରାଜ୍ୟ ପୁଲିସ କହିବା ଆମ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଜେପି ସରକାର ଅପରାଧୀଙ୍କୁ ଧରିବାରେ ବିଫଳ ହୋଇଛି। ପରୋକ୍ଷରେ ଝିଅଟି ନିଜେ ନିଜକୁ ଜାଳିଦେଲା ବୋଲି କହୁଛନ୍ତି। ସେମିତି ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବି ସରକାରଙ୍କୁ ଗୁହାରି କରି, ନ୍ୟାୟ ମାଗି ମାଗି ଶେଷରେ ନିରାଶ ହେଇ ନିଜକୁ ନିଆଁ ଲଗାଇ ଜଳିଗଲା। ଆଉ ଆଜି ବଳଙ୍ଗା ପୀଡ଼ିତା ମଧ୍ୟ ହସ୍ପିଟାଲ ବେଡ୍‌ରେ ପଡ଼ି ନ୍ୟାୟ ମାଗି ମାଗି ମୃତ୍ୟୁବରଣ କଲା ବୋଲି ଶ୍ରୀମତୀ ଲାମ୍ବା କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ସେ ୨୩ ତାରିଖରେ ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କୁ ଭେଟିବାକୁ ଚାହିଁଥିଲେ। କିନ୍ତୁ ତାଙ୍କୁ ପୁଲିସ ଘରେ ଅଟକ ରଖିଲା। ସେ ଓ ତାଙ୍କ ସହଯୋଗୀମାନେ ସଂସଦ ଘେରଉ କରିବାରୁ ପୁଲିସ ସେମାନଙ୍କୁ ୮ ଘଣ୍ଟା ଅଟକ ରଖି ସ୍ୱର ଚାପିଦେବାକୁ ଉଦ୍ୟମ କଲା। ଅଲକା ଅଭିଯୋଗ କରିଛନ୍ତି ଯେ ବିଜେପି ଶାସିତ ରାଜ୍ୟରେ ଆଜି ସମସ୍ତେ ଅସୁରକ୍ଷିତ। ବିଜେପି ସରକାର ଦୋଷୀଙ୍କୁ ସୁରକ୍ଷା ଦେଉଛନ୍ତି। ତେଣୁ ମହିଳାମାନଙ୍କୁ ନ୍ୟାୟ ଦେବା ପାଇଁ ବିଧାନସଭା ଆଗରେ ମହିଳା କଂଗ୍ରେସ "ନ୍ୟାୟ ମାର୍ଚ୍ଚ' କରିବ ବୋଲି ସେ କହିଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ ଓ ଦୋଷୀଙ୍କୁ ଫାଶୀ ଦଣ୍ଡ ଦେବା ଯାଏଁ କଂଗ୍ରେସ ଲଢ଼େଇ କରିବ। ଓଡ଼ିଶାର ମୁଖ୍ୟମନ୍ତ୍ରୀ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ନାବାଳିକା ନିଜେ ନିଜକୁ ଜଳାଇ ଦେଲା ବୋଲି କହୁଛନ୍ତି। ମୁଖ୍ୟମନ୍ତ୍ରୀ ଏ କଥା କହି ତିନି ଅଭିଯୁକ୍ତଙ୍କୁ କ୍ଲିନ୍ ଚିଟ୍ ଦେଇ ଦେଲେ। ପୀଡ଼ିତା ପରିବାରଙ୍କୁ ସୁରକ୍ଷା ସହ ଉଚିତ୍ ସହାୟତା ପ୍ରଦାନ କରିବା ଉଚିତ। ବିଜେପି ସରକାର ଫାଷ୍ଟ ଟ୍ରାକ କୋର୍ଟ ବସାଇ ମାମଲାରେ ଦୋଷୀଙ୍କୁ ଯଥାଶୀଘ୍ର ଦଣ୍ଡ ଦିଅନ୍ତୁ ବୋଲି ଶ୍ରୀମତୀ ଲାମ୍ବା ଦାବି କରିଛନ୍ତି।

## ରାଜନୈତିକ ଚକ୍ରାନ୍ତରେ ବଳି ପଡ଼ିଲେ ବଳଙ୍ଗା ପୀଡ଼ିତା

# ନିରପେକ୍ଷ ତଦନ୍ତ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ



ଭୁବନେଶ୍ୱର,୩।୮ (ସମିସ): ଜୀବନ ମୃତ୍ୟୁ ସହ ୧୫ ଦିନ ଧରି ସଂଗ୍ରାମ କରି, ଶେଷରେ ଆଖି ବୁଜିଛନ୍ତି ବଳଙ୍ଗା ପୀଡ଼ିତା। ଏତେ ବଡ଼ ଘଟଣା ଘଟିଥିଲେ ବି ସରକାର, ପୁଲିସ ପ୍ରଶାସନ କେବଳ ଶୋକ ବାର୍ତ୍ତା ଦେଇ ନିଜର ଦାୟିତ୍ୱ ସାରିଦେଇଛି। ଚାରିଥର ବୟାନ ଦେଇଥିବା ପୀଡ଼ିତା ଜଣଙ୍କ ମାନସିକ ସ୍ତରରେ ସକ୍ଷମ ଥିଲେ। ଧୀରେ ଧୀରେ ସୁସ୍ଥ ହେଇ ଆସୁଥିବା ବେଳେ ହଠାତ୍ ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁକୁ ନେଇ କଂଗ୍ରେସ ଦଳ ଆଶଙ୍କା ପ୍ରକାଶ କରିଛି। ରବିବାର ଦଳର ମହିଳା ମୋର୍ଚ୍ଚା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ଏହା ସମ୍ପୂର୍ଣ୍ଣ ଭାବେ ସରକାରୀ ବ୍ୟବସ୍ଥାଗତ ହତ୍ୟା।

କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ ରାଜ୍ୟରେ ଗୋଟିଏ ପରେ ଗୋଟିଏ ସ୍ୱର୍ଶକାତର ଘଟଣା ଘଟି ଚାଲିଛି। ହେଲେ କିପରି ଏବଂ କାହିଁକି ଏହାକୁ ଚପାଇ ଦିଆଯାଉଛି ସେ ପ୍ରଶ୍ନ କରିଛନ୍ତି। ଏତେଥର ପୀଡ଼ିତାଙ୍କ ବୟାନ ରେକର୍ଡ ପରେ ମଧ୍ୟ ପୁଲିସ ଜଣେ ବି ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ନ ପାରିବା ଦୁର୍ଭାଗ୍ୟଜନକ ବୋଲି ସେ ମତପ୍ରକାଶ କରିଛନ୍ତି। ଘଟଣାର ସଠିକ୍ ତଦନ୍ତ ପାଇଁ ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାର ଆବଶ୍ୟକତା ରହିଛି ବୋଲି ସେ ଦାବି କରିଛନ୍ତି। ବାଲେଶ୍ୱରର ସୌମ୍ୟାଶ୍ରୀଙ୍କ ଘଟଣାରେ ଯାହା ଘଟିଥିଲା, ସେହି ସମାନ କଥା ବଳଙ୍ଗା ଘଟଣାରେ ଦେଖିବାକୁ ମିଳିବା ସଂଯୋଗ ନା ପ୍ରୟୋଗ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

ସେହିପରି ମୁଖପାତ୍ର ଡଃ ମନିଷା ଦାସ ପଟ୍ଟନାୟକ ପୁଲିସର ହଠାତ୍ ଏଭଳି ଟୁଇଟ କରିବା ଏବଂ ଆସ୍ତେ ଆସ୍ତେ ଭଲ ହୋଇ ଆସୁଥିବା ପୀଡ଼ିତାଙ୍କ ହଠାତ୍ ମୃତ୍ୟୁକୁ ନେଇ ସନ୍ଦେହଜନକ ବୋଲି କହିଛନ୍ତି। ପୁଲିସକୁ ଆୟୁଧ କରି ଯେଉଁ ରାଜନୈତିକ ନାଟକ ରଚୁଛନ୍ତି, ତାକୁ ଆମେ ନୀରବରେ ସହିଯିବୁ ନାହିଁ ବୋଲି ସେ କହିଛନ୍ତି। ଏହା ବ୍ୟତୀତ ଉପମୁଖ୍ୟମନ୍ତ୍ରୀ ଯିଏ କି ଜଣେ ମହିଳା ଏବଂ ପୀଡ଼ିତା ତାଙ୍କ ନିଜ ଅଞ୍ଚଳର ହୋଇଥିଲେ ମଧ୍ୟ ତାଙ୍କ ଭୂମିକା ଅନେକ ସନ୍ଦେହଜନକ ବୋଲି ଦଳର ଅନ୍ୟତମ ମୁଖପାତ୍ର ଜୟଶ୍ରୀ ପାତ୍ର ପ୍ରକାଶ କରିଛନ୍ତି।

ଅନୁରୂପ ଭାବେ ପୀଡ଼ିତାଙ୍କ ବାପା ପ୍ରଥମେ ଯେଉଁ ବୟାନ ଦେଇଥିଲେ ଆଉ ଏବେ ପୀଡ଼ିତାଙ୍କ ମୃତ୍ୟୁ ପରେ ଯେଉଁ ବୟାନ ଦେଇଛନ୍ତି ତା ମଧ୍ୟରେ ଅନେକ ଫରକ୍ ଦେଖାଯାଉଛି ବୋଲି ପିସିସି ଗଣମାଧ୍ୟମ ସଦସ୍ୟା ମଧୁସ୍ମିତା ଆଚାର୍ଯ୍ୟ ମତପ୍ରକାଶ କରିଥିଲେ। ପୀଡ଼ିତାଙ୍କ ବାପା ନିଜ ଝିଅର ମାନସିକ ଅବସ୍ଥା ଭଲ ନଥିବା କଥା କହିବା ଏବଂ ସରକାରଙ୍କ କାର୍ଯ୍ୟାନୁଷ୍ଠାନରେ ସନ୍ତୋଷ ପ୍ରକାଶ କରିବା ଅନେକ ସନ୍ଦେହ ସୃଷ୍ଟି କରୁଛି ବୋଲି ସେ କହିଥିଲେ। ସାତ ଦିନ ମଧ୍ୟରେ ଅଭିଯୁକ୍ତକୁ ଗିରଫ ନ କଲେ ଡିଜିପି ଅଫିସ ଘେରାଉ କରାଯିବ ବୋଲି ମହିଳା କଂଗ୍ରେସର ବରିଷ୍ଠ ସଦସ୍ୟା ପ୍ରଣତି ମିଶ୍ର କହିଥିଲେ।

# ବ୍ରେକ୍ ନେଇଛି ମୌସୁମୀ: କାଁ ଭାଁ ବର୍ଷା ସହ ବିଜୁଳି

ଭୁବନେଶ୍ୱର,୩।୮ (ସମିସ): ମୌସୁମୀ ବ୍ରେକ୍ ଯୋଗୁଁ ବର୍ତ୍ତମାନ ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନାହିଁ। ମୌସୁମୀ ଟ୍ରଫ୍ ହିମାଳୟ ପାଦଦେଶ ଆଡ଼କୁ ଗତି କରିବା ସହ ଧୀରେ ଧୀରେ ରାଜ୍ୟରେ ବର୍ଷାର ପ୍ରଭାବ କମିଯାଇଛି। ତେବେ ଦିନବେଳା ଗରମ ଗୁଳୁଗୁଳି ଓ ବଙ୍ଗୋପସାଗର ପଟୁ ଆସୁଥିବା ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହରେ କିଛି କିଛି ସ୍ଥାନରେ ବର୍ଷା ହେଉଛି। ଏଭଳି ସ୍ଥିତି ଆଗକୁ ମଧ୍ୟ ଜାରି ରହିବାର ସମ୍ଭାବନା ରହିଛି। ଏହି ସମୟରେ ବର୍ଷାର ପ୍ରଭାବ କମ୍ ରହିବା ସହ ବିଜୁଳି ଘଡ଼ଘଡ଼ିର ଆଶଙ୍କା ଅଧିକ ରହିବା ନେଇ ଆକଳନ କରାଯାଇଛି। ଏମିତି ସ୍ଥିତି ପ୍ରାୟ ଦୁଇ ସପ୍ତାହେ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଯେଉଁଦିନ ଯେତେ ଖରା ଓ ଗୁଳୁଗୁଳି ହେବ, ସେହିଦିନ ଅପରାହ୍ଣରେ ଅଧିକ ବିଜୁଳି ଘଡ଼ଘଡ଼ିର ଆଶଙ୍କା ସୃଷ୍ଟି ହେବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୩-୪ ଦିନ ପର୍ଯ୍ୟନ୍ତ ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲା ପାଇଁ ବିଜୁଳି ଘଡ଼ଘଡ଼ିଜନିତ ୟେଲୋ ଆଲର୍ଟ ଜାରି କରାଯାଇଛି।

# ଧାନ ରୋଇବା ବେଳେ ବଜ୍ରପାତ; ଜଣେ ମୃତ

ବୈଶିଙ୍ଗା,୩।୮ (ସମିସ): ଧାନ ରୋଉଥିବା ବେଳେ ବଜ୍ରପାତରେ ଚାଲିଗଲା ଜୀବନ। ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ତିଳପଦା ଗ୍ରାମରେ ଆଜି ଏଭଳି ଏକ ଅଘଟଣ ଘଟିଛି। ମୃତକ ହେଲେ, ଗ୍ରାମର ଯୁବଚାଷୀ ବାସୁଦେବ ସିଂ (୨୯)। ସୂଚନାନୁଯାୟୀ, ବାସୁଦେବ ବିଲରେ କାମ କରୁଥିବା ବେଳେ ଅପରାହ୍ଣ ପ୍ରାୟ ୨ଟାରେ ହଠାତ ବର୍ଷା ସହ ବଜ୍ରପାତ ହୋଇଥିଲା। ସେହି ସମୟରେ ବାସୁଦେବ ବଜ୍ରପାତର ଶିକାର ହୋଇ ବିଲରେ ଟଳିପଡ଼ିଥିଲେ। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ମେଗା ପାଇପ ପାନୀୟ ଜଳ ପ୍ରକଳ୍ପ ବିଳମ୍ବିତ

# ୨୦୨୪ରେ ସରିଥାନ୍ତା; ଏବେ ୨୦୨୮ ଲକ୍ଷ୍ୟ

ଭୁବନେଶ୍ୱର,୩।୮ (ସମିସ): ରାଜ୍ୟବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ଜଳ ଜୀବନ ମିଶନ ଅଧିନରେ ମେଗା ପାଇପ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ମାତ୍ର ରାଜ୍ୟର ବହୁ ଜିଲ୍ଲାରେ ପ୍ରଶାସନିକ ସ୍ଥାଣୁତା ତଥା ବିଭାଗୀୟସ୍ତରରେ ନୀତିଗତ ସ୍ତରରେ ନିଷ୍ପତ୍ତି ନେବାରେ ବିଳମ୍ବତା କାରଣରୁ ଅନେକ ପ୍ରକଳ୍ପ ଧାର୍ଯ୍ୟ ସମୟରେ ସମାପ୍ତ ହୋଇ ପାରୁନାହିଁ। ଫଳରେ ରାଜ୍ୟ ସରକାର ପ୍ରକଳ୍ପ କାର୍ଯ୍ୟନ୍ୱୟନ ନେଇ ବାରମ୍ବାର ତାରିଖ ପରେ ତାରିଖ ଘୁଞ୍ଚାଇ ଚାଲିଛନ୍ତି।

ଜଳ ଜୀବନ ମିଶନ ପାଇଁ କେନ୍ଦ୍ର ସରକାର ୨୦୨୧ରେ ୮୩୦ କୋଟି ଟଙ୍କା ଅନୁଦାନ ଦେଇଥିଲେ। ତତ୍କାଳୀନ ସମୟରେ ରାଜ୍ୟର ଗ୍ରାମାଞ୍ଚଳର ପ୍ରାୟ ୩୫% ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ଅବଶିଷ୍ଟ ଗ୍ରାମୀଣ ପରିବାରକୁ ପାଇପ୍ ପାଣି ଯୋଗାଇ ନିମନ୍ତେ ଏହି ଅର୍ଥରାଶି ଯଥେଷ୍ଟ ନ ଥିଲେ ହେଁ ତତ୍କାଳୀନ ରାଜ୍ୟ ସରକାର ନିଜସ୍ୱ ପାଣ୍ଠି ସହ ଓଡ଼ିଶାର ସମସ୍ତ ଗାଁକୁ ପାନୀୟ ଜଳ ଯୋଗାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୨୩ ଡ଼ିସେମ୍ବର ମାସବେଳକୁ ୮୮.୬୪ ଲକ୍ଷ ଗ୍ରାମୀଣ ପରିବାର ମଧ୍ୟରୁ ୬୦.୫୨ ଲକ୍ଷ ପରିବାରକୁ ଏହି ଯୋଜନାରେ ସାମିଲ କରାଯାଇଥିଲା । ୨୦୨୪ ଡ଼ିସେମ୍ବର ମାସ ସୁଦ୍ଧା ସବୁ ଗାଁକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବା ନିମନ୍ତେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସରକାର ପରିବର୍ତ୍ତନ ପରେ ଏହି କାର୍ଯ୍ୟକ୍ରମ ଅଧାରେ ଅଟକି ଯିବାପରି ମନେ ହୋଇଛି । ବର୍ଷକ ମଧ୍ୟରେ କେତେ ପରିବାରକୁ ପାଇପ ପାଣି ଯୋଗାଇ ଦିଆଯାଇଛି ସେ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କୌଣସି ତଥ୍ୟ ପ୍ରଦାନ କରିନାହିଁ। ମାତ୍ର ସୂଚନା ଅନୁସାରେ ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିବା ଅଧିକାଂଶ ପାଇପ୍ ପାଣି ପ୍ରକଳ୍ପ ଏବେ ବନ୍ଦ ପଡ଼ିଛି । କାମ କରୁଥିବା ଠିକାଦାରଙ୍କୁ ଅନୁଦାନ ପଇଠ କରିବାରେ ଟାଳଟୁଳ ନୀତି ଯୋଗୁଁ ଅଧିକାଂଶ କାମ ବନ୍ଦ ଓ ଯେଉଁ ପ୍ରକଳ୍ପଗୁଡ଼ିକର ଟେଣ୍ଡର ହୋଇଥିଲା, ତାହାକୁ କାର୍ଯ୍ୟକାରୀ କରିବା ଦିଗରେ ବିଭାଗ ଆଗ୍ରହ ପ୍ରକାଶ କରୁନାହିଁ। କିଛିମାସ ତଳେ ମୁଖ୍ୟ ସଚିବ ରାଜ୍ୟରେ ୧୮୬୭୭ ଗାଁକୁ ପାଇପ ଯୋଗେ ପାନୀୟ ଜଳ ପ୍ରକଳ୍ପ ମଞ୍ଜୁର ହୋଇଥିବା ଓ ଏହାମଧ୍ୟରୁ ୧୨୨୮୯ ଶେଷ ହେବା ପର୍ଯ୍ୟାୟରେ ପହଞ୍ଚିଥିବା କହିଥିଲେ। ପୂର୍ବ ସରକାର ସମୟରୁ ମଞ୍ଜୁର ହୋଇଥିବା ଏହି ପ୍ରକଳ୍ପର ସ୍ଥିତି ଏବେ କ'ଣ ତାହା ସ୍ପଷ୍ଟ ନୁହେଁ। ମାତ୍ର ଡ଼ିସେମ୍ବର ୨୦୨୫ ସୁଦ୍ଧା ରାଜ୍ୟ ସରକାର ୭୫୨ ଗାଁକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଲକ୍ଷ୍ୟ ରଖିଥିବା ସୂଚନା ମିଳିଛି ।

**୯ ଜିଲ୍ଲାର ସହସ୍ରାଧିକ ଗ୍ରାମରେ ପାଇପ ଯୋଗ ପାନୀୟ ଜଳ ଅପହଞ୍ଚ**

ଅନ୍ୟପକ୍ଷରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଆବଶ୍ୟକୀୟ କାଗଜପତ୍ର ଠିକଣା ସମୟର ପ୍ରଦାନ କରାଯାଉନଥିବାରୁ ପ୍ରକଳ୍ପ କାମ ବିଳମ୍ବ ହେଉଥିବା ଜଣାପଡ଼ିଛି। ଏନେଇ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଆରଡବ୍ଲୁଏସଏସର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି ଲେଖି ଉଦବେଗ ପ୍ରକାଶ କରିଛନ୍ତି। ଧାର୍ଯ୍ୟ ତାରିଖ ମଧ୍ୟରେ ଆବଶ୍ୟକୀୟ କାଗଜପତ୍ର ପ୍ରଦାନ କରିବାକୁ ଏଥିରେ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ଅନୁଯାୟୀ ଆରଡବ୍ଲୁଏସଏସ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଇଣ୍ଡେକ୍ସ ମ୍ୟାପ, ଜଳଉତ୍ସଗୁଡ଼ିକର ସ୍ଥିତି, ଜଳ ଯୋଗାଣ ନିର୍ଦ୍ଦେଶନାମା, ଜମି ସମ୍ପର୍କିତ କାଗଜପତ୍ର ପ୍ରଦାନ କରାଯାଉ ନାହିଁ। ଏପରିକି ବହୁ ସମୟରେ ପ୍ରଦାନ କରାଯାଉଥିବା ତଥ୍ୟ ଅସମ୍ପୂର୍ଣ୍ଣ ନଚେତ୍ ଅନ୍ୟାନ୍ୟ ତ୍ରୁଟି ରହୁଛି। ଫଳରେ ପ୍ରକଳ୍ପ କାମ ଆଗେଇ ପାରୁନାହିଁ। ତେଣୁ ବିଳମ୍ବତାକୁ ଏଡ଼ାଇବା ପାଇଁ ତୁରନ୍ତ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଦାଖଲ କରିବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ମିଳିଥିବା ତଥ୍ୟ ଅନୁଯାୟୀ ମୋଟ ୯ଟି ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ଏଥିରେ ସାମିଲ ରହିଛି। ଏହି ୯ ଜିଲ୍ଲା ମଧ୍ୟରେ ବାଲେଶ୍ୱର, କେନ୍ଦ୍ରାପଡା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ଖୋର୍ଦ୍ଧା, କନ୍ଧମାଳ, ନୟାଗଡ ଓ ବୌଦ୍ଧ ଆଦି ଜିଲ୍ଲା ସାମିଲ ରହିଛି।

# ନଦୀକୁ ଡେଇଁଥିବା ଯୁବତୀ ଉଦ୍ଧାର



ମାର୍ଶାଘାଇ,୩।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ତହସିଲ କଳପଡ଼ା ସେତୁ ଉପରୁ ଲୁଣାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ଯୁବତୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ମାର୍ଶାଘାଇ ବ୍ଲକ୍ ଆଖୁଆଦକ୍ଷିଣୀ ପଞ୍ଚାୟତ ବଉଳାଙ୍ଗ ଗ୍ରାମର ଯୁବତୀ କୌଣସି କାରଣରୁ ସଦର ଥାନା ଅନ୍ତର୍ଗତ କଳପଡ଼ା ସେତୁ ଉପରୁ ନଦୀକୁ ଡେଇଁ ପଡ଼ିଥିଲେ। ଏହା ଦେଖି ଜଣେ ଭିନ୍ନକ୍ଷମ (ହାଉଡ଼ା) ଯୁବକ ସେହି ବାଟ ଦେଇଯାଉଥିବା ଲୋକଙ୍କୁ ଡାକ ପକାଇବା ସହ ଯୁବତୀଙ୍କୁ ଉଦ୍ଧାର କରିବାକୁ ନଦୀକୁ ଡେଇଁଥିଲେ ମଧ୍ୟ ଉଦ୍ଧାର କରିପାରିନଥିଲେ। ପରେ ତିନିଜଣ ଯୁବକ ୪ କିଲୋମିଟର ପହଁରି ଯୁବତୀଙ୍କୁ ଉଦ୍ଧାର କରିଥିଲେ। ଯୁବତୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ସହିଦ ସପ୍ତାହର ଅନ୍ତିମ ଦିନରେ ମାଓ ହିଂସା

# ରେଳଧାରଣା ଉଡ଼ାଇଦେଲେ ମାଓବାଦୀ

### ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ରେଳ କର୍ମଚାରୀ ମୃତ, ଜଣେ ଆହତ

ରାଉରକେଲା, ୩।୮ (ସମିସ): ମାଓବାଦୀ ସଂଗଠନ ପକ୍ଷରୁ ଗତ ୨୮ ତାରିଖରୁ ଆରମ୍ଭ ହୋଇଥିବା ସହିଦ ସପ୍ତାହ ପାଳନର ରବିବାର ଅନ୍ତିମ ଦିବସ ଥିଲା। ଅନ୍ତିମ ଦିନରେ ଓଡିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓ ହିଂସା ଦେଖିବାକୁ ମିଳିଛି। ଓଡିଶା-ଝାଡ଼ଖଣ୍ଡ ସୀମାନ୍ତ କରମପଦା ନିକଟରେ ଶନିବାର ଓ ରବିବାର ଦୁଇଟି ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରି ମାଓବାଦୀମାନେ ରେଳଧାରଣା ଉଡ଼ାଇ ଦେଇଛନ୍ତି। ଏହି ଘଟଣାରେ ଜଣେ ରେଳ କର୍ମଚାରୀଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ, ଗ୍ୟାଙ୍ଗମ୍ୟାନ୍ ଏତୁଆ ଓରାମ। ଏହି ବିସ୍ଫୋରଣ ପରେ ବିମଳାଗଡ଼-କରମପଦା ମଧ୍ୟରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି।





ସୂଚନାନୁଯାୟୀ, ଗତ ୨୮ ତାରିଖରୁ ଛୋଟନାଗପୁର ଡିଭିଜନାଲ କମିଟିର ପୂର୍ବୀ ରିଜିଓନାଲ ବ୍ୟୁରୋ ମାଓ ସଂଗଠନ ପକ୍ଷରୁ ସହିଦ ସପ୍ତାହ ପାଳନ କରାଯାଉଥିଲା। ଏଥିପାଇଁ ମାଓ ସଂଗଠନ ପକ୍ଷରୁ ସରଣ୍ଡା ଜଙ୍ଗଲର ବିଭିନ୍ନ ସ୍ଥାନରେ ମାଓ ପୋଷ୍ଟର୍ ଲଗାଯାଇଥିଲା। ରବିବାର ସହିଦ ସପ୍ତାହ ପାଳନର ଅନ୍ତିମ ଦିବସରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ବିମଳାଗଡ଼ - କିରିବୁରୁ ସେକ୍ସନ୍‌ର ରାଞ୍ଜଡ଼ା ରେଳ ଷ୍ଟେସନରୁ ୩ କି.ମି ଦୂରରେ ରେଳଧାରଣା ଖୁଣ୍ଟ ନମ୍ବର ୪୭୧/୧ ନିକଟରେ ମାଓବାଦୀମାନେ ଲ୍ୟାଣ୍ଡମାଇନ୍ ଖଞ୍ଜିଥିଲେ। ଉକ୍ତ ଲ୍ୟାଣ୍ଡମାଇନ ଉପରେ ରେଲୱେ ମେଟ୍ ବୁଦ୍ଧୁରାମ ମୁଣ୍ଡାଙ୍କ ଗୋଡ଼ ପଡ଼ିଯାଇଥିଲା। ଶନିବାର ରାତି ପ୍ରାୟ ୧୧ ଟା ୩୩ ମିନିଟରେ ଏହି ଘଟଣା ଘଟିଥିଲା। ବିସ୍ଫୋରଣରେ ବୁଦ୍ଧୁରାମ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ପୁଣି ରବିବାର ସକାଳ ୯ ଟା ୧୧ ମିନିଟ୍‌ରେ ସେହି ଟ୍ରାକ୍‌ର ଖୁଣ୍ଟ ନମ୍ବର ୪୭୭/୩୪-୩୫ ନିକଟରେ ଆଉ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା। ଏଥିରେ ଜଣେ ଗ୍ୟାଙ୍ଗମ୍ୟାନ୍ ଏତୁଆ ଓରାମଙ୍କ ମୃତ୍ୟୁ ଘଟିଛି।

ଖବର ପାଇ ରାଉରକେଲା ରେଲୱେ ଏସ୍‌ପି, ସିଆର୍‌ପିଏଫ୍ ଯବାନ କେ. ବଲାଙ୍ଗ ପୁଲିସ ଓ ରେଳ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ଉପସ୍ଥିତ ରହିଛନ୍ତି। ଅପରପକ୍ଷେ ଗ୍ୟାଙ୍ଗମ୍ୟାନ୍ ଓ ଟ୍ରାକ୍ ମରାମତି କର୍ମଚାରୀ ସୁରକ୍ଷା ନେଇ କ୍ଲିନ୍‌ଚିଟ୍ ନପାଇବା ପର୍ଯ୍ୟନ୍ତ ଟ୍ରାକ୍‌କୁ ଯିବେ ନାହିଁ ବୋଲି କହିଥିବାରୁ କହିଥିବାରୁ ଉକ୍ତ ଲାଇନ୍‌ରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି।

# ଘର ପାଖରେ ଯୁବତୀଙ୍କୁ ତଣ୍ଟି ଚିପି ହତ୍ୟା

କୋଷାଗୁମୁଡ଼ା, ୩।୮ (ସମିସ): ଯୁବତୀଙ୍କୁ ତଣ୍ଟି ଚିପି ହତ୍ୟା। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ଅଞ୍ଚଳରେ ଏଭଳି ଏକ ସଂଗିନ୍ ଘଟଣା ଘଟିଛି। ଘଟଣାକୁ ଗୁରୁତ୍ୱର ସହ ନେଇ ପୁଲିସ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁସାରେ, ଶନିବାର ରାତି ପ୍ରାୟ ୭ଟାରେ ଯୁବତୀଜଣଙ୍କ ଶୌଚ ହେବା ପାଇଁ ବାହାରକୁ ଯାଇଥିଲେ। କିନ୍ତୁ ରାତି ୧୦ଟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ଖୋଜାଖୋଜି କରିବା ପରେ ଘରଠାରୁ ୩୦୦ ମିଟର ଦୂର ଏକ ଗଳିରେ ସେ ନିଶ୍ଚଳ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରିବାରଲୋକ ତାଙ୍କୁ ଏକ ବାଇକ୍‌ରେ କୋଷାଗୁମୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାରଲୋକଙ୍କ ଅଭିଯୋଗ, କେହି ଦୁର୍ବୃତ୍ତ ଝିଅର ତଣ୍ଟି ଚିପି ହତ୍ୟା କରିବା ପରେ ରାସ୍ତାରେ ଫିଙ୍ଗି ଦେଇଛି। ଏନେଇ କୋଷାଗୁମୁଡା ଥାନାରେ ପରିବାରଲୋକେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ସନ୍ଦେହରେ ଦୁଇ ଯୁବକଙ୍କୁ କୋଷାଗୁମୁଡ଼ା ପୁଲିସ ଥାନାକୁ ଆଣି ପଚରାଉଚରା କରୁଛି।

ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହ ଏସ୍‌ଡିପିଓ ସତ୍ୟଜିତ କେଣ୍ଡେଲ କେଲ, କୋଷାଗୁମୁଡ଼ା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ, କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବରଙ୍କ ସହ କୋଷାଗୁମୁଡା ଥାନା ଟିମ ରବିବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତ ଯୁବତୀଙ୍କ ବାପାଙ୍କ ଏତଲାକୁ ଭିତ୍ତି କରି କୋଷାଗୁମୁଡ଼ା ପୁଲିସ୍ ୧୫୪/୨୫ରେ ଏକ ମାମଲା ରୁଜୁ କରିଛନ୍ତି। ମୃତ ଯୁବତୀଙ୍କ ମରଶରୀରକୁ ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଶବ ବ୍ୟବଚ୍ଛେଦର ରିପୋର୍ଟ, ସାଇଣ୍ଟିଫିକ୍ ଟିମ୍, ଡଗ୍‌ସ୍କ୍ୱାର୍ଡର ରିପୋର୍ଟ ପରେ ଘଟଣାର ପ୍ରକୃତ କାରଣ ଲୋକଲୋଚନକୁ ଆସିବ ବୋଲି ପାପଡ଼ାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କେଣ୍ଡେଲ କେଲ ସୂଚନା ଦେଇଛନ୍ତି।

**୨ଯୁବକ ଅଟକ**

### ୧୫ ଦିନ ପରେ ବଳଙ୍ଗା ପୀଡ଼ିତା ଆଖି ବୁଜିଲେ; ତଦନ୍ତ ବାଟବଣା ହେବ କି !

# ବିଜେଡି ପକ୍ଷରୁ ରାସ୍ତାରୋକ, ଉପମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



ନିମାପଡ଼ା,୩।୮ (ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ବଳଙ୍ଗା ଥାନା ବାୟାବର ଗ୍ରାମର ନାବାଳିକା ଜଣକ ଗତ ୧୯ ତାରିଖରେ କିରାସିନିରେ ପୋଡ଼ିହୋଇ ଗୁରୁତର ଆହତ ହୋଇ ପ୍ରଥମେ ବଳଙ୍ଗା ପରେ ପିପିଲି ଓ ତା'ପରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିଲେ। ତାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ତା'ପରଦିନ ଏୟାରଲିଫ୍ଟ କରାଯାଇ ଦିଲ୍ଲୀ ଏମ୍ସରେ ଚିକିତ୍ସା କରାଯାଉଥିଲା। କିନ୍ତୁ ଗତ ଶନିବାର ତାଙ୍କର ମୃତ୍ୟୁ ଘଟିଥିବା ନେଇ ଚିକିତ୍ସା କରୁଥିବା ଡାକ୍ତରୀ ଟିମ୍ ସୂଚନା ଦେଇଥିଲେ। ଏହା ମଧ୍ୟରେ ୧୫ ଦିନ ଅତିକ୍ରମ କରିଯାଇଥିଲେ ସୁଦ୍ଧା ପୁଲିସ ଆସାମୀମାନଙ୍କୁ ଚିହ୍ନଟ କରିପାରି ନ ଥିଲା କି କାହାରିକୁ ଗିରଫ କରାଯାଇନାହିଁ। ତେବେ ତାଙ୍କ ଦେହରେ କିଭଳି ନିଆଁ ଲାଗିଲା କିମ୍ବା ତାଙ୍କ ଦେହରେ କିଏ ନିଆଁ ଲଗାଇଲା ତାହା ବର୍ତ୍ତମାନ ସନ୍ଦେହଘେରରେ ରହିଗଲା। ୧୫ଦିନ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଶନିବାର ଆଖି ବୁଜିଛନ୍ତି। ୧୫ ଦିନ ଭିତରେ କ୍ରାଇମ୍‌ବ୍ରାଞ୍ଚ୍ ବିଭାଗ ତଦନ୍ତ, ପୁଲିସ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ତଦନ୍ତ ସବୁ ଫସର ଫାଟିଯାଇଛି। ଏହାର ପ୍ରତିବାଦରେ ରବିବାର ନିମାପଡ଼ା ଦୋଳବେଦୀ ଛକ ନିକଟରେ ଦିଲ୍ଲୀପ ନାୟକଙ୍କ ଆହ୍ୱାନରେ ବିଜୁ ଜନତା ଦଳର ନଗର ସଭାପତି ଦିଲ୍ଲୀପ କୁମାର ପାତ୍ର, ଯୁବ ସଂଗଠକ ମାନସ କୁମାର ପ୍ରଧାନଙ୍କ ନେତୃତ୍ୱରେ ତପନ ପ୍ରଧାନ, ସୌମ୍ୟରଞ୍ଜନ ପରିଡ଼ା, ଗୁଡୁ ନାୟକ, ଟିଟନ ସାହୁ, ରଶ୍ମି ରଞ୍ଜନ ପଣ୍ଡା, ବଳରାମ ପଣ୍ଡା, ବିଶ୍ୱଜିତ୍ ବରାଳ, ପ୍ରକାଶ ତ୍ରିପାଠୀଙ୍କ ସମେତ ଶତାଧିକ କର୍ମୀ ପିପିଲି-କୋଣାର୍କ ମୁଖ୍ୟ ରାସ୍ତାର ନିମାପଡ଼ା ଦୋଳବେଦୀ ଛକ ନିକଟରେ ଟାୟାର ଜାଳି ମୃତକଙ୍କ ପରିବାରକୁ ସଠିକ୍ ନ୍ୟାୟ ଓ କ୍ଷତିପୂରଣ ପ୍ରଦାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତୁରନ୍ତ ଇସ୍ତଫା ଦିଅ ନାରାବାଜି କରିବା ସହ ତାଙ୍କର କୁଶପୁତ୍ତଳିକା ଦାହ କରିଥିଲେ। ପ୍ରାୟ ୧ ଘଣ୍ଟା ଧରି ରାସ୍ତାର ଉଭୟ ପାର୍ଶ୍ୱର୍ରେ ଶତାଧିକ ଯାନବାହନ ଅଟକି ରହିଥିଲା।

## ୨ କୋଟି ସରକାରୀ ସହାୟତା ପାଇଁ ବିଜେଡିର ଦାବି

ବଳଙ୍ଗା,୩।୮ (ସମିସ):

ବଳଙ୍ଗା ନାବାଳିକା ପୋଡ଼ି ହୋଇ ଦିଲ୍ଲୀ ଏମ୍ସରେ ପ୍ରାଣ ହରାଇବା ପରେ ମୁହଁ ଖୋଲିଲା ବିଜେଡି। ବିଜେଡି ଯୁବନେତା ସୁବ୍ରତ ଛାଟୋଇ ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ସରକାରୀ ଦଳ ଓ ଉପମୁଖ୍ୟମନ୍ତ୍ରୀଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି କି ଏ ସରକାର ଦୀର୍ଘ ଦୁଇ ସପ୍ତାହ ହୋଇଗଲା ଝିଅର ଚିକିତ୍ସା ଠିକ୍‌ରେ କରିପାରିଲେନି କି ଆସାମୀଙ୍କୁ ମଧ୍ୟ ଚିହ୍ନଟ କରିପାରିଲେନି। ତେଣୁ ସେ ଝିଅଟିର ମୃତ୍ୟୁ ପାଇଁ ସରକାର ହିଁ ଦାୟୀ। ତୁରନ୍ତ ତା'ର କ୍ଷତିପୂରଣ ପାଇଁ ସରକାର ତା'ର ପରିବାରକୁ ୨ କୋଟି ଟଙ୍କା ସହାୟତା ଘୋଷଣା କରିବା ପାଇଁ ଶ୍ରୀ ଛାଟୋଇ କହିଛନ୍ତି।

## ପୁରୀ ଜିଲ୍ଲା କଂଗ୍ରେସ ସଭାନେତ୍ରୀଙ୍କ ସରକାରଙ୍କୁ ୩ଟି ପ୍ରଶ୍ନ

ବଳଙ୍ଗା,୩।୮ (ସମିସ):

ବଳଙ୍ଗା ନାବାଳିକା ପୋଡ଼ି ହୋଇ ପ୍ରାଣ ହରାଇଥିବାବେଳେ ରାଜନୈତିକ ଦଳଗୁଡ଼ିକ ସିଧାସଳଖ ଟାର୍ଗେଟ୍ କରିଛନ୍ତି ସରକାର ଓ ଓଡ଼ିଶା ପୁଲିସକୁ। ରବିବାର ପୁରୀ ଜିଲ୍ଲା କଂଗ୍ରେସ ମହିଳା ସଭାନେତ୍ରୀ ନିରୁପମା ପାତ୍ର ସରକାରଙ୍କୁ ୩ଟି ପ୍ରଶ୍ନ ପଚାରିଛନ୍ତି। ପ୍ରଥମତଃ ପୀଡ଼ିତା ପ୍ରାଣ ହରାଇବା ପରେ ଓଡ଼ିଶା ପୁଲିସ ଟୁଇଟ୍ କରି ଜଣେଇଲା ଯେ ପୀଡ଼ିତା ନିଆଁ ଲଗାଇଇବା ଘଟଣାରେ କେହି ବି ସମ୍ପୃକ୍ତ ନାହାନ୍ତି। କିନ୍ତୁ ଆଗରୁ କାହିଁକି ପ୍ରେସ୍ ମିଟ୍ କରି ଜଣାଇଲା ନାହିଁ ଏବଂ ଓଡ଼ିଶା ପୁଲିସ ଜଣେ ବେତନଭୋଗୀ କର୍ମଚାରୀ। ତାଙ୍କୁ କିଏ ପାୱାର ଦେଲା ପୀଡ଼ିତାଙ୍କ ମୃତ୍ୟୁ ପରେ ଟିଉଟି କରି ଜଣାଇବାକୁ। ଦ୍ୱିତୀୟରେ ପୀଡ଼ିତାଙ୍କ ବାପା ସୋସିଆଲ ମିଡିଆରେ ସମସ୍ତଙ୍କୁ କହିଲେ ମୋ ଝିଅ ମାନସିକ ରୋଗି ଥିଲା। ସରକାର ଆମକୁ ବହୁତ ସାହାଯ୍ୟ କରିଛନ୍ତି। ମୋ ଝିଅ ମରିଗଲା। କେହି ଏ କଥାକୁ ନେଇ ରାଜନୀତି କରନ୍ତୁ ନାହିଁ। କିନ୍ତୁ ଆଜକୁ ଘଟଣା ଘଟିବାର ୧୪ ଦିନ ହେଲା ଝିଅ ବଞ୍ଚିଥିବାବେଳେ କ'ଣ ପାଇଁ ତାଙ୍କ ବାପା ଏକଥା କହିଲେ ନାହିଁ। ତୃତୀୟତଃ ଝିଅଟି ଦୁଇ ଦିନ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିବାବେଳେ କ'ଣ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜ ନିର୍ବାଚନମଣ୍ଡଳୀର ହୋଇଥିବାବେଳେ ଦେଖିବା ପାଇଁ ଯାଇନଥିଲେ। କିନ୍ତୁ ଦିଲ୍ଲୀ ଏମ୍ସକୁ ଦେଖାକରିବାକୁ ଗଲେ। ତେଣୁ ସରକାର ସମ୍ପୂର୍ଣ୍ଣ ଏଥିପାଇଁ ଦାୟୀ ବୋଲି ନେତ୍ରୀ ନିରୁପମା ପାତ୍ର ବଳଙ୍ଗାଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସରକାର ଓ ପୁଲିସ ଉପରେ ଦୋଷାରୋପ କରିଛନ୍ତି।

## ଓଷ୍ଟା ପକ୍ଷରୁ ବିଇଓ କାର୍ଯ୍ୟାଳୟ ଆଗରେ ଧାରଣା ଓ ପ୍ରତିବାଦ




ବ୍ରହ୍ମଗିରି,୩।୮ (ସମିସ): ସରକାରଙ୍କ ପକ୍ଷରୁ ଅନ୍‌ଲାଇନ୍‌ରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କ ଉପସ୍ଥାନ ନେବା ନିର୍ଦ୍ଦେଶକୁ ବ୍ରହ୍ମଗିରି ବ୍ଲକ୍ ମିଳିତ ଶିକ୍ଷକ ସଂଘ ପକ୍ଷରୁ ଜୋର୍‌ଦାର୍ ବିରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମ ବ୍ଲକ୍ ସଭାପତି ବିଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିବାଦ ସଭାରେ ଶିକ୍ଷକମାନେ ବିନା ଭିତ୍ତିଭୂମିରେ ରାଜ୍ୟ ସରକାରଙ୍କ ଅନ୍‌ଲାଇନ୍ ଉପସ୍ଥାନ ନିର୍ଦ୍ଦେଶକୁ ଜୋର୍‌ଦାର୍ ବିରୋଧ କରିଥିଲେ। ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର୍ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଥମେ ଏ ବାବଦରେ ଉପଯୁକ୍ତ ଭିତ୍ତିଭୂମିର ବିକାଶ କରି ଅନ୍‌ଲାଇନ୍ ଉପସ୍ଥାନ ପାଇଁ ଆବଶ୍ୟକ ଉପକରଣ, ୱାଇଫାଇ ସେବା, ଚାକିରି ବୟସ ୬୦ରୁ ୬୨କୁ ବୃଦ୍ଧି, ଡାଟା ଏଣ୍ଟ୍ରି ଅପରେଟର ବିଦ୍ୟାଳୟଗୁଡ଼ିକୁ ଯୋଗାଇ ନ ଦେଇ କେବଳ ଅନ୍‌ଲାଇନ୍ ଉପସ୍ଥାନ ପାଇଁ ଚିଠି କରିଥିବାରୁ ଏହାକୁ ବିରୋଧ କରିଛନ୍ତି। କୌଣସି ଶିକ୍ଷକ ବା ଶିକ୍ଷୟିତ୍ରୀ ଅନ୍‌ଲାଇନ୍ ଉପସ୍ଥାନ ଦେବାପାଇଁ ବିରୋଧ କରିଛନ୍ତି। ଉକ୍ତ ରାଲିରେ ଜିଲ୍ଲା ସଭାପତି (ଓଷ୍ଟା) ବିଜୟ କୁମାର ବରାଳ, ପ୍ରଧାନଶିକ୍ଷକ ନଟବର ମନ୍ତ୍ରୀ, କରୁଣାକର ସାହୁ, ଅର୍ଜୁନ ଦାଶ, ପ୍ରତାପ କୁମାର ନାଥ, ମନୋଜ କୁମାର ଦାଶ, ସୁଦର୍ଶନ ରାଉତରାୟ, ପ୍ରଫୁଲ୍ଲ କୁମାର ପଲାଇ ପ୍ରମୁଖ ଯୋଗଦେଇଥିଲେ। ଦାବିସମୂହକୁ ସମର୍ଥନ ଜଣାଇ ସର୍ବଶ୍ରୀ ଭିକାରୀ ଚରଣ ଜେନା, ଭୀମସେନ ସ୍ୱାଇଁ ଓ ଶରତଚନ୍ଦ୍ର ସେଠୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ସମ୍ପାଦକ ଜଗନ୍ନାଥ ବାରିକ, ଦିଲ୍ଲୀପ ବଳିୟାରସିଂହଙ୍କ ସମେତ ବ୍ଲକ୍‌ର ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସେଲ୍ଫ ଏମ୍‌ପାୱାରମେଣ୍ଟର ଚତୁର୍ଥ ବାର୍ଷିକ ସମାରୋହ

ନିମାପଡ଼ା,୩।୮ (ସମିସ):



ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଭିଲିଗ୍ରାମ ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ସିଦ୍ଧେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ନିମାପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେଲ୍ଫ ଏମ୍‌ପାୱାରମେଣ୍ଟ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଚତୁର୍ଥ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦୀପକ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଆଇନଜୀବୀ ସୁଧିର କୁମାର ମହାନ୍ତି, ଅନୁଷ୍ଠାନର ଉପଦେଷ୍ଟା ସୌଦାମିନୀ ଦାଶ, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ, ନିମାପଡ଼ା ପ୍ରେସ୍ କ୍ଲବ୍‌ର ସଭାପତି ଅକ୍ଷୟ କୁମାର ବେହେରା, ନିମାପଡ଼ା ହେଲ୍ପଲାଇନ୍‌ର ସଭାପତି ଅକ୍ଷୟ କୁମାର ସାହୁ, ସମ୍ପାଦକ ଜୟକୃଷ୍ଣ ପାତ୍ର, ଟ୍ୱିଟର୍ ଗ୍ରୁପ୍ ପୁରୀ ଜିଲ୍ଲା ମୁଖ୍ୟ ସଂଯୋଜକ ବିପିନ ବିହାରୀ ମହାନ୍ତି ପ୍ରମୁଖ ଯୋଗଦେଇ ଉକ୍ତ ଅନୁଷ୍ଠାନଟି ନିଃସ୍ୱାର୍ଥପର ଭାବେ ବିଭିନ୍ନ ଅଞ୍ଚଳର ଜନସାଧାରଣଙ୍କ ସେବାକରି ନିମାପଡ଼ା ତଥା ସାରା ଓଡ଼ିଶାରେ ବେଶ୍ ସୁନାମ ଅର୍ଜନ କରିଛି। ବିଶେଷକରି ପୁରୀ ରଥଯାତ୍ରାରେ ଭକ୍ତମାନଙ୍କୁ ଫଳ ବଣ୍ଟନ, ଗରିବ ଲୋକଙ୍କ ସେବା, ବୃକ୍ଷରୋପଣ, ଜଳସେବା, କୋଣାର୍କ, ଅସ୍ତରଙ୍ଗ, ପୁରୀ ବେଳାଭୂମି ସଫେଇ, ଗରିବ ପିଲାମାନଙ୍କ ପାଠପଢ଼ାରେ ସହାୟତା କରିବା ସହ ନଗଡ଼ାରେ ପହଞ୍ଚି ନିଃସ୍ୱାର୍ଥପର ସେବା ଯୋଗାଇ ଦେଇଛନ୍ତି। ଏହି ଅବସରରେ ଅନୁଷ୍ଠାନ ତରଫରୁ ନିମାପଡ଼ାର ବିଶିଷ୍ଟ ସମାଜସେବୀ ଦଣ୍ଡପାଣି ସାହୁ, କବୟିତ୍ରୀ ସୁଧାଂଶୁବାଳା ମିଶ୍ରଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ତଥା ନିମାପଡ଼ା ପ୍ରେସ୍ କ୍ଲବ୍, ଦୁର୍ନୀତି ନିବାରଣ ମଞ୍ଚର ସଦସ୍ୟ, ବରିଷ୍ଠ ନାଗରିକ, ସମାଜସେବୀ, ଶିକ୍ଷାବିତ୍, ଆଇନଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ନିରଞ୍ଜନ ପଲତା ପରିଚାଳନା କରିଥିବାବେଳେ ଗୋପୀନାଥ ପାତ୍ର, ସୁସ୍ମିତା ସାହୁଙ୍କ ସମେତ ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ପରିଶେଷରେ ନିରୁପମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା



ପିପିଲି,୩।୮ (ସମିସ): ପିପିଲି ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ପିପିଲି ଗୁଡ଼ିଆପୋଖରୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ଣ ୯ଟାରେ ଏହା ଉଦ୍‌ଘାଟନ ହୋଇଥିଲା। ବରୋଦା ବ୍ୟାଙ୍କ ଗୁଡ଼ିଆପୋଖରୀ ଶାଖାର ପରିଚାଳକ ଅନୁପମ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକା ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପିଲି ସଙ୍କୁଳର ପ୍ରମୁଖ ରବିନାରାୟଣ ଷଡ଼ଙ୍ଗୀ, ଗୁଡ଼ିଆପୋଖରୀ ଶିଶୁ ବିଦ୍ୟାମନ୍ଦିରର ସଭାପତି ରସାନନ୍ଦ ପ୍ରଧାନ, ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ବିଦ୍ୟୋତ ପରିଷଦର ସମ୍ପାଦକ ହେମନ୍ତ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଜ୍ଞାନବିଜ୍ଞାନ ମେଳାରେ ପିପିଲି ସଂକୁଳସ୍ତରର ୯ଟି ସ୍କୁଲର ୪୦୦ ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ। ପ୍ରାୟ ୯୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ମୋଟ୍ ୨୪ ଜଣ ବିଚାରପତି ଯୋଗଦେଇଥିଲେ। ଅପରାହ୍ଣରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସିନେ ତାରକା ବବି ମିଶ୍ର, ପରିଚାଳନା ନିର୍ଦ୍ଦେଶକ ସିଟ୍ ପ୍ରା. ଲିଃର ପଦୋଦକ ସାମଲ, ପିପିଲି ସଂକୁଳ ପ୍ରମୁଖ ରବି ନାରାୟଣ ଷଡ଼ଙ୍ଗୀ, ଶିଶୁ ମନ୍ଦିର ସଭାପତି ରସାନନ୍ଦ ପ୍ରଧାନ, ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ପ୍ରଧାନାଚାର୍ଯ୍ୟ କଳ୍ପନା ପାଇକରାୟ ଅତିଥିଭାବେ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିଥିଲେ। ହେମନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ସମାଜସେବୀ ଦୀନବନ୍ଧୁ ବେଉରିଆ ସ୍ୱାଗତ ଭାଷଣ ଦେଇଥିଲେ।

## ବର୍ଷା ପାଇଁ ସରପଞ୍ଚଙ୍କ ଇନ୍ଦ୍ର ପୂଜା

ଅସ୍ତରଙ୍ଗ,୩।୮ (ସମିସ): ମୌସୁମୀ ବର୍ଷା ଅଭାବରୁ ଅସ୍ତରଙ୍ଗ ଅଞ୍ଚଳରେ ଖରିଫ ଧାନଚାଷ ଉଜୁଡ଼ିବାକୁ ବସିଛି। କୌଣସି ଉପାୟ ନ ପାଇ ସରପଞ୍ଚ ବୃନ୍ଦାବନ ନାୟକ ଗ୍ରାମବାସୀଙ୍କ ସହାୟତାରେ ବର୍ଷା ପାଇଁ ଇନ୍ଦ୍ର ଦେବତାଙ୍କ ସନ୍ତୁଷ୍ଟ କରିବାକୁ ପୂଜା ଆରମ୍ଭ କରିଛନ୍ତି। ବର୍ତ୍ତମାନ ଖରିଫ ଋତୁ ଧାନଚାଷର ସମୟ। କିନ୍ତୁ ଚଳିତ ବର୍ଷ ଏହି ଋତୁରେ ଚାଷୀଙ୍କ ପାଇଁ ଦାଉ ସାଧୁଛି ବର୍ଷା। କଥାରେ ଅଛି ଶ୍ରାବଣ ମାସରେ ଅସରାଏ ବର୍ଷା ନ ହେଲେ ଚାଷୀଙ୍କର ଲକ୍ଷେ ଭରଣ ଧାନ ନଷ୍ଟ ହୁଏ। କିନ୍ତୁ ବାସ୍ତବରେ ଏବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳ ଚାଷୀଙ୍କ କ୍ଷେତ୍ରରେ ସଠିକ୍ ସମୟରେ ଚାଷ ପାଇଁ ବର୍ଷା ସାଜିଛି ବାଧକ। ଗତ ଲଘୁଚାପରେ ଉପର ମୁଣ୍ଡରେ ପର୍ଯ୍ୟାପ୍ତ ବର୍ଷା ହୋଇଛି। କିନ୍ତୁ ଉପକୂଳ ଜିଲ୍ଲାରେ ଚାଷ ବେଉଷଣ କଲା ଭଳି ବର୍ଷା ନାହିଁ। ଚାଷୀମାନେ ବର୍ଷାକୁ ଅପେକ୍ଷା କରିଥିବାବେଳେ ତଳି ବୁଢ଼ା ହେବାକୁ



ଲାଗିଲାଣି। ଯେଉଁମାନେ ସ୍ୱଳ୍ପ ବୃଷ୍ଟିରେ ତଳି ଉପାଡ଼ି ରୋଇଛନ୍ତି ବର୍ତ୍ତମାନ ବର୍ଷା ନ ଥିବାରୁ ଚାଷ କ୍ଷେତରେ ପାଣି ନ ଥିବାରୁ ଚାଷ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଛି। ଅନ୍ୟ ପଟେ ବର୍ଷା ଅଭାବରୁ ତଳି ଅନେକ ସ୍ଥାନରେ ଚାଷ ବେଉଷଣ ଠପ୍ ହୋଇ ରହିଛି। ଚାଷ ଜମି ସବୁ ଫାଟି ଆଁ କରିଛି। ଅସ୍ତରଙ୍ଗ ଅଞ୍ଚଳର କେତେକ ସ୍ଥାନରେ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ଥିଲେ ମଧ୍ୟ କେନାଲରେ ପାଣି ଆସିନି। ଏଭଳି ପରିସ୍ଥିତିରେ ଅସ୍ତରଙ୍ଗ ବ୍ଲକ୍ ଝାଡ଼ଲିଙ୍ଗ ପଞ୍ଚାୟତ ସରପଞ୍ଚ ବୃନ୍ଦାବନ ନାୟକଙ୍କ ନେତୃତ୍ୱରେ ନାନପୁର ଓ ଆଖପାଖ ଗ୍ରାମବାସୀ ଏକତ୍ରିତ ହୋଇ ରବିବାର ନାନପୁର ଆର୍ତ୍ତତ୍ରାଣ ଗାଦି ପୀଠରେ ଇନ୍ଦ୍ର ମହାଯଜ୍ଞ ଆରମ୍ଭ କରିଛନ୍ତି। ଅନେକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ପାଣି ତୋଳିବା ସହ ଯଜ୍ଞ ବେଦୀରେ ଘଟ ସ୍ଥାପନ କରିଛନ୍ତି। ଇନ୍ଦ୍ର ଦେବଙ୍କ ଘଟକୁ ଶୋଭାଯାତ୍ରାରେ ନେଇ ପଡ଼ିଆ ଚାଷ ବିଲରେ ଇନ୍ଦ୍ରଙ୍କୁ ପ୍ରାର୍ଥନା କରିଛନ୍ତି। ଗାଦି ଗୋସେଇଁଙ୍କ ପୀଠରେ ଅଭିଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ଘୃତାହୁତି କରାଯାଇ ପୂର୍ଣ୍ଣାହୁତି ଦିଆଯାଇଛି। ଗ୍ରାମବାସୀଙ୍କ ବିଶ୍ୱାସ ଯେ ଯେଉଁଠି ପ୍ରକୃତି ଆଜି ବର୍ଷା ଜଳ ଦେଉନି ସେଠି ଇନ୍ଦ୍ରଙ୍କ ଉଦ୍ଦେଶ୍ୟରେ ହେଉଥିବା ଯଜ୍ଞର ପ୍ରଭାବରେ ନିଶ୍ଚିତ ବର୍ଷା ହେବ। ଘଣ୍ଟା ଘଣ୍ଟ ଶଙ୍ଖ ଧ୍ୱନିରେ ଏହି ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

## ଅଧ୍ୟାପକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ଗୋପ,୩।୮ (ସମିସ): ଗୋପ କଲେଜ, ଗୋପରେ ଅର୍ଥଶାସ୍ତ୍ର ଅଧ୍ୟାପକ ଭାବରେ ଅରୁଣ ଚନ୍ଦ୍ର ମିଶ୍ର ନିଜର ଶନିବାର ଅଧ୍ୟାପନା ଦିବସର ଶେଷ ଦିବସ ପାଳନ କରିଛନ୍ତି। ଗୋପ କଲେଜରେ ୧୯୯୨ ମସିହାରେ ନିଜର ଅଧ୍ୟାପକ ଜୀବନ ଆରମ୍ଭ କରି, ଦୀର୍ଘ ୩୩ ବର୍ଷ ଧରି ଜଣେ ନିଷ୍ଠାବାନ ଅଧ୍ୟାପକ ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କଲେଜରେ ନିଜର ଅନନ୍ୟ ପଢ଼ାଇବା ଶୈଳୀକୁ ଛାତ୍ରଛାତ୍ରୀମାନେ ମଧ୍ୟ ବେଶ୍ ପସନ୍ଦ କରିଥା'ନ୍ତି। ଶନିବାର ଗୋପ କଲେଜ ତରଫରୁ କଲେଜର ଅଧ୍ୟକ୍ଷା ପ୍ରିୟମ୍ବଦା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶେଷ ଦିବସରେ ନିଜ ପ୍ରିୟ ସାର୍‌ଙ୍କୁ ଛାଡ଼ିବା ପାଇଁ ଗୋପ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣ ଶିକ୍ଷକ କର୍ମଚାରୀବୃନ୍ଦ ତାଙ୍କ ଘରକୁ ଆସିଥିଲେ ଓ ସେଠାରେ ମଧ୍ୟ ଶ୍ରୀ ମିଶ୍ରଙ୍କ ପରିବାର ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ବୈଠକ

ଚାରିଛକ,୩।୮ (ସମିସ): ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ସମ୍ମିଳନୀ କକ୍ଷରେ ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଶନିବାର ରୋଗୀ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସମ୍ମାନିତ ଅତିଥିଭାବେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଶତପଥି, ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ନିମାପଡ଼ା ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ପ୍ରମୁଖ ଯୋଗଦେଇଥିଲେ। ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପୁରୀ ଜିଲ୍ଲାର ବହୁ ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ର ଅଟେ। ଏଠାରେ ଥିବା ବିଭିନ୍ନ ସମସ୍ୟା ସବୁ ଖୁବ୍‌ଶୀଘ୍ର ପୂରଣ କରାଯିବା ସହିତ ଅଭାବଥିବା ଡାକ୍ତର ପଦ ଓ ଅନ୍ୟ କର୍ମଚାରୀ ପଦ ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପ୍ରତିଶ୍ରୁତି ଦେଇଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ପୁରୀ ଜିଲ୍ଲାରେ ଦୁଇ ଦୁଇ ଥର କାୟାକଳ୍ପ ଯୋଜନା ପୁରସ୍କୃତ ହୋଇ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏଠାରେ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀମାନଙ୍କ ସେବା ମନୋବୃତ୍ତି ଅତ୍ୟନ୍ତ ସୁନ୍ଦର ଥିବାରୁ ଏଠାକୁ ବିଭିନ୍ନ ଅଞ୍ଚଳରୁ ଦୈନନ୍ଦିନ ହଜାର ହଜାର ସଂଖ୍ୟାରେ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଏହି ଅବସରରେ ୬୦ଲକ୍ଷ ଟଙ୍କା ବ୍ୟୟରେ ବ୍ଲକ୍ ପବ୍ଲିକ୍ ହେଲ୍‌ଥ ୟୁନିଟ୍ ଗୃହ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୨ୟ ପର୍ଯ୍ୟାୟରେ ଆମ ହସ୍ପିଟାଲ ଯୋଜନାରେ ୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ମିଶନଶକ୍ତି କାଫେ, ଷ୍ଟାଫ୍ କ୍ୱାର୍ଟର୍ସ ମରାମତି, ନୂତନ ଷ୍ଟାଫ୍ କ୍ୱାର୍ଟର୍ସ, ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଓ ମରାମତି ଆଦି କରାଯିବାକୁ ସ୍ଥିର କରାଯାଇଛି। ଏହି ବୈଠକରେ ଡାକ୍ତର ଅଭିନନ୍ଦନ ମହାପାତ୍ର, ଡାକ୍ତର ମହେଶ ପ୍ରସାଦ ମହାପାତ୍ର, ରୋଗୀ କଲ୍ୟାଣ ସମିତିର ସଦସ୍ୟ ଦୁର୍ଯ୍ୟୋଧନ ମହାନ୍ତି, ଜ୍ୟୋତି ରଞ୍ଜନ ପାତ୍ର, କୃଷ୍ଣଚନ୍ଦ୍ର ସ୍ୱାଇଁ, ସୁମିତ୍ରା ସ୍ୱାଇଁ, ସରପଞ୍ଚ ଚାରୁଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ବୈଠକକୁ ବିପିଏମ୍ ଶିବ ନାରାୟଣ ନନ୍ଦ ପରିଚାଳନା କରିଥିବାବେଳେ ବିଏଏମ୍ ଆଶୁତୋଷ ମିଶ୍ର ସମସ୍ତ ଆୟବ୍ୟୟ ଖର୍ଚ୍ଚର ହିସାବ ପତ୍ରର ଉପସ୍ଥାପନା କରିଥିଲେ।

## କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ପ୍ରତିଷ୍ଠା ଦିବସ




କୋଣାର୍କ,୩।୮ (ସମିସ): ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ ଦ୍ୱାରା ପରିଚାଳିତ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ୩୬ତମ ପ୍ରତିଷ୍ଠା ଦିବସ ଶିକ୍ଷାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। 'ସର୍ବେ ଭବନ୍ତୁ ସୁଖିନୋ' ଧ୍ୱନି ମଧ୍ୟରେ ଆନ୍ଦୋଳନର ପ୍ରତିଷ୍ଠାତା ପୂଜ୍ୟ କୁମାର ଭାଇଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନପୂର୍ବକ କାର୍ଯ୍ୟକ୍ରମର ଉଦ୍‌ଘାଟନ ହୋଇଥିଲା। ଅତିଥି ଭାବେ ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, ଅର୍କଶ୍ରୀର ସମ୍ପାଦକ ଉମେଶ ସ୍ୱାଇଁ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କୋଣାର୍କ ସେବାକେନ୍ଦ୍ର ପରିଚାଳିକା ବ୍ରହ୍ମାକୁମାରୀ ଦମୟନ୍ତୀ, ସାମ୍ବାଦିକ ମାନସ ରଞ୍ଜନ ପାତ୍ର ଓ କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ପ୍ରମୁଖ ଯୋଗଦେଇ ଶୋଭନୀୟ ଆନ୍ଦୋଳନର ସାଧିକା ତଥା କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ପ୍ରାକ୍ତନ ଅଧ୍ୟକ୍ଷା ଦିବଂଗତ ମା' ରୁକ୍ମିଣୀ ଦେବୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଶିକ୍ଷାଶ୍ରମ ପରିସରରେ ଛାତ୍ରଛାତ୍ରୀମାନେ ନିଜ ମାଆଙ୍କ ନାମରେ ଗୋଟିଏ ଲେଖାଏଁ ବୃକ୍ଷଚାରା ରୋପଣ କରିଥିଲେ। ଶୋଭନୀୟ ଶିକ୍ଷାଶ୍ରମ ଅଧ୍ୟକ୍ଷା ବିଦୁଲତା ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଆଶ୍ରମର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚେତନାଧର୍ମୀ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। ଶେଷରେ ସହଶିକ୍ଷୟିତ୍ରୀ ମନୋରମା ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଗୁରୁମା' ଗୀତାଞ୍ଜଳି ସାହୁ, ପ୍ରଭାତୀ ନାୟକ, ଅନୀତା ଗୁରୁମା', ପବିତ୍ର ମୋହନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କ ସେବାନିବୃତ୍ତ ସମ୍ବର୍ଦ୍ଧନା ଉତ୍ସବ

ଗମ୍ଭାରୀପଦା,୩।୮ (ସମିସ): ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ଶିକ୍ଷା ବିଭାଗ ଅଧୀନସ୍ଥ ଗମ୍ଭାରୀପଦା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ଶତପଥିଙ୍କୁ ଶନିବାର ବିଦ୍ୟାଳୟ ପରିସରରେ ସେବାନିବୃତ୍ତ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାକଟପୁର ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ, ମୁଖ୍ୟବକ୍ତା ବ୍ଲକ୍ ଶିକ୍ଷାଧିକାରୀ ରବି ନାରାୟଣ ନନ୍ଦ, ସମ୍ମାନିତ ଅତିଥିଠ ଶିକ୍ଷାବିତ୍ ବେଣୁଧର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାଳକୃଷ୍ଣ ମିଶ୍ର, କଣ୍ଟାପଡ଼ା ସରପଞ୍ଚ ରୀନା ନାୟକ, ସହ ଶିକ୍ଷାଧିକାରୀ ବଂଶୀଧର ମଲ୍ଲିକ, ଭାରପ୍ରାପ୍ତ ସହ ଶିକ୍ଷାଧିକାରୀ ମଲ୍ଲିକ ଜାକିର ହୋସେନ, ସାଧନ କେନ୍ଦ୍ର ସଂଯୋଜକ ଦେବାଶିଷ ଶିବ ନାରାୟଣ ପଣ୍ଡା, ପ୍ରାଥମିକ ଶିକ୍ଷକ ସଙ୍ଘର ଉପସଭାପତି ଦୀପ୍ତି କୁମାରୀ ମହାନ୍ତି, ସମ୍ପାଦକ ମୁନିର ଅହମ୍ମଦ ଖାଁ, ମିଳିତ ଶିକ୍ଷକ ସଂଘର ସଭାପତି ଅକ୍ଷୟ କୁମାର ଖୁଣ୍ଟିଆ, କଣ୍ଟାପଡ଼ା ହାଇସ୍କୁଲର ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ଦାଶ, ଏକ୍ସ କ୍ୟାଡର୍ ଶିକ୍ଷକ ସଂଘର ସଭାପତି ତ୍ରିଲୋଚନ ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମାକାନ୍ତ ନାୟକ ପ୍ରମୁଖ ଯୋଗଦେଇ ପ୍ରବୀଣା ଶିକ୍ଷୟିତ୍ରୀ ଶ୍ରୀମତୀ ଶତପଥିଙ୍କ କାର୍ଯ୍ୟକାଳ ମଧ୍ୟରେ ଶିକ୍ଷକତା ମାଧ୍ୟମରେ ବହୁ ଛାତ୍ରଛାତ୍ରୀଙ୍କୁ ଶିକ୍ଷିତ କରାଇବାରେ ପ୍ରମୁଖ ଯୋଗଦେଇଥିବା, ତାଙ୍କର ସମୟାନୁବର୍ତ୍ତିତା, ଶିକ୍ଷାଦାନ ପଦ୍ଧତି ଓ ଉତ୍ତମ ସହକର୍ମୀ ସ୍ୱଭାବ ସବୁଦିନ ପାଇଁ ମନେ ରହିବ ବୋଲି ବକ୍ତାମାନେ ବକ୍ତବ୍ୟରେ ଆଲୋକପାତ କରିଥିଲେ। ଶେଷରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଉପହାର ଓ ଉପଢ଼ୌକନ ସହ ତାଙ୍କର ପତିସାହିସ୍ଥିତ ବାସଭବନରେ ସସମ୍ମାନେ ଛାଡ଼ିଆସିଥିଲେ।


# ଶିକ୍ଷକଶିକ୍ଷୟିତ୍ରୀଙ୍କ ମାସିକ ବୈଠକ ଓ ଆଲୋଚନାଚକ୍ର



ଡେଲାଙ୍ଗ,୩।୮ (ସମିସ): ରାଜ୍ୟ ଗଣଶିକ୍ଷା ବିଭାଗ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଡେଲାଙ୍ଗ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରେ ମାସିକ ଶୈକ୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ରେଞ୍ଚ ବେଲେଶ୍ୱର ପାଟଣା ପ୍ରାଥମିକ ବିଦ୍ୟାଳୟରେ ମଣ୍ଡଳ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା, ଜିଲ୍ଲା ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟର ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରକଳ୍ପ ସଂଯୋଜକ ବରଦା ପ୍ରସନ୍ନ ରାଉତ, ଏବିଇଓ ସଞ୍ଜୁକ୍ତା ମିଶ୍ର ପ୍ରମୁଖ ଯୋଗଦେଇ ଆସ ବିଦ୍ୟାଳୟ ଯିବା କାର୍ଯ୍ୟକ୍ରମ, ପିଲାମାନେ ନିର୍ଦ୍ଧାରିତ ଓଜନର ବହି ବସ୍ତାନୀ ସହ ବିଦ୍ୟାଳୟକୁ ଆସିବା, ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା, ବିଦ୍ୟାଳୟସ୍ତରରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ, ଏଫ୍‌ଏଲ୍‌ଏନ୍ ଶ୍ରେଣୀରେ ଶିକ୍ଷାଦାନ କୌଶଳ, ପ୍ରଗତିପତ୍ର ଆଦି ସମ୍ପର୍କରେ ବିଶଦ୍ ସୂଚନା ଦେଇ ଏ ସମ୍ବନ୍ଧରେ ସମସ୍ତେ ପ୍ରସ୍ତୁତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସିଆର୍‌ସିସି ଦୁର୍ଯ୍ୟୋଧନ ପ୍ରଧାନ, ଶିକ୍ଷୟିତ୍ରୀ ସଂଘମିତ୍ରା ସେଠୀ, ମମତା ପ୍ରଧାନ, ଦ୍ରୌପଦୀ ସ୍ୱାଇଁ, ଗୋପକୃଷ୍ଣ ତ୍ରିପାଠୀ ଓ ଅନ୍ୟମାନେ ସହଯୋଗ କରିଥିଲେ। ସେହିପରି ଗୁଆଳିପଡ଼ା ସେବାଶ୍ରମ ବିଦ୍ୟାଳୟରେ ଏବିଇଓ ଲକ୍ଷ୍ମଣ ପ୍ରଧାନ, ସିଆର୍‌ସିସି ସୁଦିପ୍ତ ପରିଡ଼ା ଯୋଗଦେଇ ୧୮ ବର୍ଷ ଭିତରେ ସମସ୍ତଙ୍କୁ ବିଦ୍ୟାଳୟ ଆଣିବାକୁ କମିଟି ଗଠନ, ଶୈକ୍ଷିକ ସଭା ଓ ପଦଯାତ୍ରା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ବଙ୍କିଲ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ବୈଠକରେ ବିଇଓ ଶ୍ରୀ ବେହେରା, ସିଆର୍‌ସିସି ଲୋକନାଥ ପ୍ରଧାନ, ଶିକ୍ଷକ ସୂର୍ଯ୍ୟକାନ୍ତ ନାୟକ ଅଗଷ୍ଟ ମାସରେ ଏଫ୍‌ଏଲ୍‌ଏନ୍ ଶ୍ରେଣୀ ପାଇଁ ନିର୍ଦ୍ଧାରିତ ଶୈକ୍ଷିକ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ଦିଗ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ଦିଲ୍ଲୀପ ପ୍ରଧାନ, ନିରୋଦ ନରେନ୍ଦ୍ର, ପ୍ରଦୀପ ସେଠୀ, ଅଭୟ ଚରଣ ସାହୁ, ପ୍ରହ୍ଲାଦ ପ୍ରଧାନ, ଭଗବାନ ନାୟକ, ତ୍ରିନାଥ ସେନାପତି, ଦୀପ୍ତିମୟୀ ବେହେରା ଓ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ହାଡ଼ିରାମ ସିଂ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଚାଇଁପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆର୍‌ସିସି ସୋମନାଥ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଛି। ସେହିପରି ଡେଲାଙ୍ଗ ବ୍ଲକ୍‌ର ବିଭିନ୍ନ ଆଞ୍ଚଳିକ ସାଧନ କେନ୍ଦ୍ରରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି।

୩/୮/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୩୪,୨୧୧/- ସୁନା: ୦୧.୪୭୦ ଗ୍ରାମ୍ ରୁପା: ୯୨.୨୦୦ ଗ୍ରାମ୍





# ଆକ୍ରମଣ ଅଭିଯୋଗରେ ୫ ଗିରଫ

ପୁରୀ,୩।୮ (ସମିସ): ବ୍ୟକ୍ତିଙ୍କୁ ମରାଣାନ୍ତକ ଆକ୍ରମଣ ଘଟଣାରେ ବଳିଆପଣ୍ଡା ଥାନା ପକ୍ଷରୁ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଫୁଜ୍ ଘାମାରୀ (୩୨), ଆୟନ୍ ନସ୍କର (୨୫), ରାୟହାନ୍ ମଣ୍ଡଳ (୨୦), ବାବୁସୋନା ଦାସ (୨୬) ଏବଂ ବାପୁନ ଦାସ (୩୦)। ସମସ୍ତ ୫ ଅଭିଯୁକ୍ତ ପଶ୍ଚିମବଙ୍ଗ ରାଜ୍ୟର ସାଉଥ୍ ୨୪ ପାଗଣାର ବାସିନ୍ଦା ଅଟନ୍ତି। ତେବେ ଅଭିଯୁକ୍ତମାନଙ୍କୁ ସାମୁଖା ହୋଟେଲ, ବାଲିଆପଣ୍ଡାଠାରୁ ଗିରଫ କରାଯାଇଛି।

ପୁଲିସର ସୂଚନା ଅନୁଯାୟୀ, ଅଭିଯୋଗକାରୀ ପବିତ୍ର ମହାରଣା ଗତ ୨ ତାରଖରେ ଥାନାରେ ଅଭିଯୋଗ କରିଥିଲେ କି ହୋଟେଲ୍ ଗୋଲ୍‌ଡେନ୍ ୱେଭ୍ ନିକଟରେ ଥିବା ନୂତନ କୋଠାକୁ କାମ କରିବା ପାଇଁ ଯାଇଥିବା ସମୟରେ ସେ ଦେଖିଲେ ଯେ ତାଙ୍କର ବିଦ୍ୟୁତ୍ ତାର ସେଠାରେ ନାହିଁ। ସେ ବିଦ୍ୟୁତ୍ ତାର ଖୋଜି ଦେଖିଲେ ଯେ ପଶ୍ଚିମବଙ୍ଗର ମଫୁଜ ଘାମାରୀ, ଆୟନ୍ ନସ୍କର, ରାୟହାନ ମଣ୍ଡଳ, ବାପୁନ୍ ଦାସ, ବାବୁସୋନା ଦାସ ତାଙ୍କ ବିଦ୍ୟୁତ୍ ତାରରେ କାମ କରୁଛନ୍ତି। ଅଭିଯୋଗକାରୀ ତାଙ୍କୁ ଏ ସମ୍ପର୍କରେ ପଚାରିବା ପରେ, ଉକ୍ତ ବ୍ୟକ୍ତିମାନେ ତାଙ୍କୁ ଚିତ୍କାର କରିଥିଲେ। ପାଟି ଶୁଣି ଅଭିଯୋଗକାରୀଙ୍କ ବାପା ରବିନ୍ଦ୍ର ପରିଡ଼ା (କୋଠା ସୁପରଭାଇଜର), ଅଶୋକ ଶର୍ମା (କାଚ ରାଜମିସ୍ତ୍ରି) ଏବଂ ଅନ୍ୟ ବ୍ୟକ୍ତିମାନେ ସେଠାକୁ ଯାଇ ଆପୋସ ସମାଧାନ କରିଥିଲେ। ଏହାପରେ ପୁନର୍ବାର ଉକ୍ତ ବ୍ୟକ୍ତିମାନେ ଉତ୍ତେଜିତ ହୋଇ ଷ୍ଟିଲ୍ ପାଇପ୍, କାଠ ପଟା ଏବଂ ଷ୍ଟିଲ୍ ଚ୍ୟାନେଲ୍ ଧରି ତଳ ମହଲାକୁ ଯାଇ ଆକ୍ରମଣ କରିଥିଲେ। ପବିତ୍ର ମହାରଣାଙ୍କ ମୁଣ୍ଡକୁ ଆକ୍ରମଣ କରି ଜୀବନରେ ମାରିଦେବା ପାଇଁ ଚେଷ୍ଟା କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏନେଇ ଶ୍ରୀ ମହାରଣାଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଶିଳ୍ପ ଚନ୍ଦ୍ରିକା, ଚକଡ଼ା ପୋଥି ଲୋକାର୍ପିତ

ପୁରୀ,୩।୮ (ସମିସ): ଓଡ଼ିଶାର ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଅନୁଷ୍ଠାନ ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ସ୍ୱତନ୍ତ୍ର ଆଲୋଚନାଚକ୍ର ଅବସରରେ ବରିଷ୍ଠ ଗବେଷକ ଡ. ଭାସ୍କର ମିଶ୍ରଙ୍କ ଦ୍ୱାରା ସଂକଳିତ ତଥା ସମ୍ପାଦିତ 'ଶିଳ୍ପ ଚନ୍ଦ୍ରିକା, ଚକଡ଼ା ପୋଥି, ଚକଡ଼ା ବସାଣ ଓ ରଥ ଚକଡ଼ା' ଗ୍ରନ୍ଥ ଗୁରୁବାର ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଲୋକାର୍ପିତ ହୋଇଯାଇଛି। ଅତିଥି ଭାବେ ବିଶିଷ୍ଟ ବିଦ୍ୱାନ, ଜଗନ୍ନାଥ ସଂସ୍କୃତିବିତ୍ ପ୍ରାଧ୍ୟାପକ ଡ. ଶ୍ରୀନିବାସ ଆଚାର୍ଯ୍ୟ, ପ୍ରାବନ୍ଧିକ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାସ, ଡ. ଉମେଶ ଚନ୍ଦ୍ର ଚିହ୍ନରା, ଅଧ୍ୟାପିକା ବାସନ୍ତୀ ଦେବୀ, ବରିଷ୍ଠ ଜ୍ୟୋତିର୍ବିଦ୍ ଅନାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରନ୍ଥ ପ୍ରଣେତା ଡ. ମିଶ୍ରଙ୍କର ଏହା ହେଉଛି ୯୦ତମ ପୁସ୍ତକ। ଗ୍ରନ୍ଥଟିରେ ଦୁଷ୍ପ୍ରାପ୍ୟ ତଥା ଅନାଲୋଚିତ ହୋଇ ରହିଥିବା ୪ଟି ଗ୍ରନ୍ଥକୁ ଶୁଦ୍ଧ ସଂସ୍କରଣ ପୂର୍ବକ ପ୍ରକାଶ କରାଯାଇଛି। ଶିଳ୍ପ ଚନ୍ଦ୍ରିକା ଗ୍ରନ୍ଥରେ ଶ୍ରୀମନ୍ଦିର ନିର୍ମାଣ ସମ୍ବନ୍ଧୀୟ ସୂଚନା ମିଳୁଛି। ଲେଖକଙ୍କର ଏହି ସାଧୁ ଉଦ୍ୟମକୁ ଉପସ୍ଥିତ ବିଦ୍ୱାନମଣ୍ଡଳୀ ସାଧୁବାଦ ଜଣାଇଥିଲେ।

## ଆଖି ବୁଜିଦେଲେ ବଲଙ୍ଗା ନାବାଳିକା

# ଶେଷକୃତ୍ୟ ସମ୍ପନ୍ନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ

ପୁରୀ/ବଲଙ୍ଗା,୩।୮ (ସମିସ)



୧୪ ଦିନ ଡାକ୍ତରଖାନାରେ ମୃତ୍ୟୁ ଶହ ସଂଗ୍ରାମ କରିବା ପରେ ଶନିବାର ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି ବଲଙ୍ଗାର ନାବାଳିକା ପୀଡ଼ିତା। ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆଦିଲ୍ଲୀର ଏମ୍ସ ଡାକ୍ତରଖାନାରୁ ପୀଡ଼ିତାଙ୍କ ମରଶରୀର ରାତି ୧୧ଟା ୩୦ରେ ଭୁବନେଶ୍ୱର ବିମାନବନ୍ଦରରେ ଆସି ପହଞ୍ଚିବା ପରେ ସେଠାରୁ ପୁରୀ ଜିଲ୍ଲା ବଲଙ୍ଗା ଥାନା ଅନ୍ତର୍ଗତ ନୂଆ ଗୋପାଳପୁର ଗ୍ରାମକୁ ନିଆଯାଇଛି। ଶେଷକୃତ୍ୟ ପାଇଁ ଶୋକାକୂଳ ପରିବେଶରେ ଗାଁରେ ପ୍ରସ୍ତୁତି କରାଯାଉଛି। ନାବାଳିକା ଜଣକ ମୁସଲ୍‌ମାନ ସମ୍ପ୍ରଦାୟର ହୋଇଥିବାରୁ ତାଙ୍କ ମରଶରୀରକୁ କବରଦିଆଯିବ। ମରଶରୀରକୁ ଯେଉଁଠି କବର ଦିଆଯିବ ସେଠାରେ ଗର୍ତ୍ତ ଖୋଳାଯାଉଛି। ମୃତଦେହ ରାତିରେ ପହଞ୍ଚୁଥିବାରୁ ତାଙ୍କ ସମ୍ପ୍ରଦାୟରେ ରାତିରେ ମୃତଦେହଟିକୁ କବର ଦିଆଯାଏ ନାହିଁ। ସେଥିପାଇଁ ସୋମବାର ସକାଳୁ ମୃତଦେହକୁ କବର ଦିଆଯିବ ବୋଲି ଜଣାପଡ଼ିଛି। ଗ୍ରାମ ପରିବେଶ ଶୂନ୍‌ଶାନ୍ ଥିବାବେଳେ ପୀଡ଼ିତାଙ୍କ ଦୁଆରେ ପୁଲିସ ତରଫରୁ ଏକ ତମ୍ବୁ ଘର କରାଯାଇ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖାଯାଇଛି।

ଗତ ଜୁଲାଇ ୧୯ ତାରିଖରେ ନାବାଳିକାଙ୍କୁ କିଛି ଦୁର୍ବୃତ୍ତ ଉଠାଇ ନେଇଥିଲେ। ଘରଠାରୁ କିଛି ଦୂରରେ ନଦୀ ବନ୍ଧରେ ତାଙ୍କ ଶରୀରରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ସେ ନିଆଁ ଲାଗି ଦୌଡୁଥିବା ସମୟରେ ଦୁଃଖିଶ୍ୟାମ ସେନାପତି ନାମକ ଜଣେ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି ନିଆଁ ଲିଭାଇ ପୁଲିସକୁ ଫୋନ୍ କରିଥିଲେ। ବଲଙ୍ଗା ପୁଲିସ ସେଠାରେ ପହଞ୍ଚି ଆମ୍ବୁଲାନ୍ସ ଡକାଇ ପ୍ରଥମେ ପିପିଲି ଡାକ୍ତରଖାନା ଓ ସେଠାରେ ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଙ୍କଟାପନ୍ନ ରହିବାରୁ ୨୦ ତାରିଖ ଦିନ ତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିଲା। ଶରୀରର ୭୦ ପ୍ରତିଶତ ପୋଡ଼ିଯାଇଥିବାରୁ ତାଙ୍କ ଅବସ୍ଥା ଗୁରୁତର ରହିଥିଲା। ଚିକିତ୍ସା ଜାରି ରହିବା ସହିତ ତାଙ୍କ ଶରୀରରେ ସ୍କିନ୍ ଗ୍ରାଫ୍ଟିଙ୍ଗ୍ କରାଯାଇଥିଲା। ୩ ଥର ଅପରେସନ କରାଯାଇ ସ୍କିନ୍ ଗ୍ରାଫ୍ଟିଙ୍ଗ୍ କରାଯାଇଥିଲା। ଡାକ୍ତରଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ ଡାକ୍ତରମାନେ ତାଙ୍କୁ ବଞ୍ଚାଇପାରି ନ ଥିଲେ। ଗତ ଶନିବାର ସନ୍ଧ୍ୟା ୬ଟା ୨୨ ମିନିଟ୍‌ରେ ପୀଡ଼ିତା ଆଖି ବୁଜିଥିଲେ। ପୁଲିସ ଓ କ୍ରାଇମ୍‌ବ୍ରାଞ୍ଚ ଟିମ୍ ତରଫରୁ ଚାରି ଚାରି ଥର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବୟାନ ରେକର୍ଡ ହୋଇଥିଲେ ମଧ୍ୟ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରି ନ ଥିଲା। ଏହି ଖବର ମିଳିବା ପରେ ସାରା ରାଜ୍ୟରେ ଶୋକର ଛାୟା ଖେଳିଯାଇଛି। ପୀଡ଼ିତାଙ୍କ ଗାଁ ନୂଆ ଗୋପାଳପୁରରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ବଲଙ୍ଗା ପୀଡ଼ିତାଙ୍କ ସହିତ ଏଭଳି ବର୍ବରତା ନାରୀ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଘଟଣାର ୧୫ ଦିନ ବିତିଯାଇଥିଲେ ବି ପୁଲିସ କିମ୍ବା କ୍ରାଇମ୍‌ବ୍ରାଞ୍ଚ ଘଟଣାର କୌଣସି ଅଭିଯୁକ୍ତଙ୍କୁ ଧରିପାରି ନାହାନ୍ତି। ବରଂ ଏହି ଘଟଣାରେ କାହାରି ସମ୍ପୃକ୍ତି ନାହିଁ ବୋଲି ଓଡ଼ିଶା ପୁଲିସ ପକ୍ଷରୁ ଶନିବାର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି କୁହାଯାଇଥିଲା। ଏପଟେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ବଲଙ୍ଗା ଥାନାରେ ମଧ୍ୟ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଯାହାଫଳରେ ଘଟଣାର ତଦନ୍ତକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବଲଙ୍ଗା ଅଞ୍ଚଳ ଶୋକାକୂଳ ଓ ସ୍ତବ୍ଧ

### ଭଲ ପିଲା ଥିଲା, ଫେରିବ ବୋଲି ଆଶା ରଖିଥିଲୁ

ଆଖି ବୁଜିଦେଇଛି ବଲଙ୍ଗା ନାବାଳିକା ପୀଡ଼ିତା। ୧୫ ବର୍ଷୀୟା ନାବାଳିକା ୧୫ ଦିନ ଜୀବନ ମରଣ ସହ ଲଢ଼େଇ କରି ଶେଷରେ ହାରିଯାଇଛି। ଏହି ଘଟଣା ସମଗ୍ର ବଲଙ୍ଗା ଅଞ୍ଚଳକୁ ସ୍ତବ୍ଧ କରି ଦେଇଥିବାବେଳେ ଗାଁ ଲୋକେ ଓ ସମ୍ପର୍କୀୟ ଝିଅକୁ ଝୁରି ହେଉଛନ୍ତି। ପଡ଼ୋଶୀଙ୍କ ମୁହଁରେ ଗୋଟିଏ କଥା ଝିଅଟି ଭଲ ପିଲା ଥିଲା। ସମସ୍ତଙ୍କ ସହିତ ହସଖୁସିରେ କଥା ହେଉଥିଲା। ହେଲେ କ'ଣ ପାଇଁ ଏମିତି ଘଟିଲା ତାହା ତ ଆମେ ଜାଣିନାହୁଁ। କିନ୍ତୁ ସୁସ୍ଥ ହୋଇ ଘରକୁ ଫେରିବ ବୋଲି ଆମେ ଆଶା ରଖିଥିଲୁ। ଭୁବନେଶ୍ୱରରୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର ପରେ ତା'ର ସୁସ୍ଥତା ନେଇ ଆମେ ଏକପ୍ରକାର ନିଶ୍ଚିତ ଥିଲୁ। ଗଣମାଧ୍ୟମରେ ମଧ୍ୟ ଚିକିତ୍ସାରେ ଉନ୍ନତି ଘଟୁଥିବା ଏବଂ ସେ କଥା ହେଉଥିବା ଖବର ଦେଖିଥିଲୁ। ଯାହା ବି ହେଉ ଗାଁ ଝିଅଟା, ସୁସ୍ଥ ହୋଇ ଫେରିଆସୁ ବୋଲି ସମସ୍ତେ ଚାହୁଁଥିଲୁ। ହେଲେ ହଠାତ୍ କ'ଣ ଏମିତି ହେଲା ଆମେ ବୁଝିପାରୁ ନାହୁଁ। ଏତେ କମ୍ ବୟସରେ ଝିଅଟିର ଦେହାନ୍ତ ହେବା ନିଶ୍ଚିତ ଦୁଃଖଦାୟକ ବୋଲି ପୀଡ଼ିତାଙ୍କ ପଡ଼ୋଶୀ କହିଛନ୍ତି।

### ● ବଲଙ୍ଗା ଥାନାରେ ସୁରକ୍ଷା କଡ଼ାକଡ଼ି

ବଲଙ୍ଗା ପୀଡ଼ିତା ଏକ ବିବାଦୀୟ ଘଟଣାରେ ଆଖି ବୁଜିଛନ୍ତି। ତାଙ୍କ ମୃତ୍ୟୁ ଅନେକ ରହସ୍ୟ ଛାଡ଼ିଯାଇଛି। ପୁଲିସ ତଦନ୍ତରୁ କୌଣସି ପ୍ରକାର ନିଷ୍କର୍ଷ ସର୍ବସାଧାରଣରେ ସ୍ପଷ୍ଟ ହୋଇ ନ ଥିବାବେଳେ ତାଙ୍କର ଦେହାନ୍ତକୁ ନେଇ ସବୁଆଡ଼େ ଚର୍ଚ୍ଚା। ରାଜ୍ୟ ସରକାରଙ୍କୁ ନିଶାନା କରିଛନ୍ତି ବିରୋଧୀ। ପୀଡ଼ିତାଙ୍କ ମୃତ୍ୟୁ ପାଇଁ ମଧ୍ୟ ସରକାରଙ୍କୁ ଦାୟୀ କରୁଛନ୍ତି। ଅନ୍ୟପକ୍ଷରେ ପୀଡ଼ିତା ମଧ୍ୟ ଏକ ସଂଖ୍ୟାଲଘୁ ସମ୍ପ୍ରଦାୟର। ତେଣୁ ତାଙ୍କ ମରଶରୀର ଗାଁରେ ପହଞ୍ଚିଲେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଉପୁଜିପାରେ। ଏଭଳି ଆଶଙ୍କା କରି ବଲଙ୍ଗା ଥାନରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ୨ ପ୍ଲାଟୁନ୍ ଫୋର୍ସ ଥାନାକୁ ଜଗିଥିବାବେଳେ ପୀଡ଼ିତାଙ୍କ ଗାଁରେ ମଧ୍ୟ ପୁଲିସ ପଇଁତରା ମାରୁଛି।



### ମିଛ କହିଥିଲେ କି ଦୁଃଖିଶ୍ୟାମ?

ନିଆଁ ଲାଗିଯିବା ପରେ ପ୍ରଥମ ବ୍ୟକ୍ତି ଭାବେ ପୀଡ଼ିତାଙ୍କୁ ଦେଖିଥିବା ବ୍ୟକ୍ତି ହେଉଛନ୍ତି ଦୁଃଖିଶ୍ୟାମ ସେନାପତି। ପୁଲିସ ଏବଂ ଗଣମାଧ୍ୟମକୁ ଦୁଃଖିଶ୍ୟାମ ଦେଇଥିବା ପ୍ରତିକ୍ରିୟା ଅନୁଯାୟୀ, ପୀଡ଼ିତାଙ୍କ ଦେହରେ ନିଆଁ ଲାଗିଥିବା ଅବସ୍ଥାରେ ସେ ଆସି ତାଙ୍କ ଘର ପାଖରେ ପହଞ୍ଚିଥିଲେ। ପାଣି ମାଗିଥିଲେ। ଦୁଃଖିଶ୍ୟାମ ଓ ତାଙ୍କ ପତ୍ନୀ ପୀଡ଼ିତାଙ୍କୁ ପାଣି ଏବଂ ପିନ୍ଧିବାକୁ ପୋଷାକ ଦେଇଥିଲେ। ୩ ଜଣ ଦୁର୍ବୃତ୍ତ ତାଙ୍କ ଉପରେ କିରାସିନି ଢାଳି ନିଆଁ ଲଗାଇଦେଇଥିବା ପୀଡ଼ିତା ତାଙ୍କୁ କହିଥିବା ସୂଚନା ଦେଇଥିଲେ ଦୁଃଖିଶ୍ୟାମ। ଏପରିକି ଗୋଟିଏ ରାତିରେ ୩ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ଘର ପାଖରେ ଗାଳିମନ୍ଦ କରି ଯାଇଥିବା ଦୁଃଖିଶ୍ୟାମ ପୁଲିସକୁ ଜଣାଇବା ସହ ତାଙ୍କ ପତ୍ନୀ ସେମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି ବୋଲି କହିଥିଲେ। କିନ୍ତୁ ପୀଡ଼ିତାଙ୍କ ବୟାନ ଆଧାରରେ ପୁଲିସ ଦେଇଥିବା ସୂଚନା ଏବେ ଦୁଃଖିଶ୍ୟାମ ଉପରକୁ ଅଙ୍ଗୁଳି ଉଠାଇଛି। ମିଛ କହିଥିଲେ କି ଦୁଃଖିଶ୍ୟାମ ଏହି ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ସୃଷ୍ଟି ହୋଇଛି। ଯଦି ଦୁଃଖିଶ୍ୟାମ ମିଛ କହିଥା'ନ୍ତି ତେବେ ତାଙ୍କର କ'ଣ ସ୍ୱାର୍ଥ ରହିଥିଲା?

### ପୀଡ଼ିତାଙ୍କୁ ଦିଆଯିବ କବର

ବଲଙ୍ଗା ପୀଡ଼ିତାଙ୍କ ତାଙ୍କ ଧର୍ମ ଅନୁସାରେ କବର ଦିଆଯିବ। ଏଥିପାଇଁ ତାଙ୍କ ବାଡ଼ିପଟେ ଗାତ ଖୋଳାଯାଇଛି। କବର ଦେବାର ସ୍ୱତନ୍ତ୍ର ବିଧି ରହିଛି। ମରଶରୀର ପହଞ୍ଚିବା ପରେ ତାକୁ କୋଶଲ (ଟେବୁଲ ଆକୃତିର) ଉପରେ ରଖାଯାଇଥାଏ। ଏହାପରେ ମହିଳାମାନେ ମୃତଦେହକୁ ଭଲ କରି ଗାଧୋଇ ଦେଇଥା'ନ୍ତି। ପରେ ତାଙ୍କୁ ତାବୁଜ ମଧ୍ୟରେ ଶୁଆଇ ଦିଆଯାଇ ଏକ ଧଳା କଫନ ପିନ୍ଧାଇ ଦିଆଯାଇଥାଏ। ସେହି ତାବୁଜକୁ ନେଇ ପୂର୍ବରୁ ଖୋଳାଯାଇଥିବା ଗାତ ଭିତରେ ରଖାଯାଏ। ତା' ଉପରେ ବାଉଁଶ ଓ ଏକ ଖଜୁରି ପଟି ରଖି ଦିଆଯାଏ। ସମସ୍ତ ବନ୍ଧୁବାନ୍ଧବ ନମାଜପାଠ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ପରେ ଶେଷରେ ମାଟି ପୋତାଯାଇ କବର ଦିଆଯାଇଥାଏ।

# 'ସଂସ୍କୃତ ଭାଷା ସମାଜକୁ ସଂସ୍କୃତି ସମ୍ପନ୍ନ କରାଏ'




ପୁରୀ,୩।୮ (ସମିସ): ଦେବ ଭାଷା ସଂସ୍କୃତ ମାନବ ସମାଜକୁ ସଂସ୍କୃତି ସମ୍ପନ୍ନ କରାଇବା ସହିତ ଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ମାର୍ଜିତ କରାଏ ବୋଲି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ରବିବାର ସଂସ୍କୃତ ସପ୍ତାହ ମହୋତ୍ସବରେ ଯୋଗଦେଇଥିବା ଅତିଥି ଗୁରୁତ୍ୱାରୋପ କରିଥିଲେ। ଜୟଦେବ ସଭାଗାରଠାରେ ଛାତ୍ର ସୌମ୍ୟରଞ୍ଜନ ମହାପାତ୍ରଙ୍କ ଦ୍ୱାରା ବୈଦିକ ମଙ୍ଗଳାଚରଣ ଏବଂ ବିଶ୍ୱବିଦ୍ୟାଳୟର କୂଳଗୀତ ଗାନ ପୂର୍ବକ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହା ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପୁରୀର ଉପଜିଲ୍ଲାପାଳ ରାଜକିଶୋର ଜେନା ଯୋଗଦେଇଥିବାବେଳେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ବେଦାନ୍ତ ବିଭାଗର ପ୍ରାକ୍ତନ ପ୍ରଫେସର ଡ. ପ୍ରଭାତ ରଞ୍ଜନ ମହାପାତ୍ର ମୁଖ୍ୟବକ୍ତା ଓ ସାରସ୍ୱତ ଅତିଥି ଭାବେ ଶ୍ରୀସଦାଶିବ ପରିସରର ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗ ମୁଖ୍ୟ ପ୍ରଫେସର ସୂର୍ଯ୍ୟମଣି ରଥ ଯୋଗଦେଇଥିଲେ। ଏଥିରେ ସ୍ୱାଗତ ଭାଷଣ ଦେଇଥିଲେ ଛାତ୍ରୀ ଶୁଭଶ୍ରୀ ସ୍ୱାଇଁ। ଡ. ସୁଶାନ୍ତ କୁମାର ରାୟ ପ୍ରସ୍ତାବନା ଅଭିଭାଷଣ ଦେଇଥିବାବେଳେ ଅଧ୍ୟାପକ ଡ. ବିଶ୍ୱନାଥ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଛାତ୍ର ବ୍ରଜକିଶୋର ଆଚାର୍ଯ୍ୟ ଏବଂ ଧନ୍ୟବାଦ ଦେଇଥିଲେ ସମ୍ରାଟ୍ ଘୋଷ। ସୂଚନାଯୋଗ୍ୟ ଯେ, ସଂସ୍କୃତ ସପ୍ତାହ ଉପଲକ୍ଷେ ପରିସରର ଅଧ୍ୟାୟୀମାନଙ୍କୁ ନେଇ ସଂସ୍କୃତଭିତ୍ତିକ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ପରିସରର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ରାଷ୍ଟ୍ରଗାନ କରାଯାଇ କାର୍ଯ୍ୟକ୍ରମର ପରିସମାପ୍ତି ହୋଇଥିଲା।

# ସାମ୍ବାଦିକ ବିକ୍ରମଙ୍କ ସ୍ମୃତିରେ ବନ୍ଧୁତା ଦିବସ ପାଳିତ




ପୁରୀ,୩।୮ (ସମିସ): ସ୍ଥାନୀୟ କୁଳମଣି ଭବନଠାରେ ରବିବାର 'ଦି ମୋମେଣ୍ଟ' ଅନୁଷ୍ଠାନ ପକ୍ଷରୁ ବନ୍ଧୁତା ଦିବସ ପାଳିତ ହୋଇଯାଇଛି। ଦକ୍ଷ, ନିର୍ଭିକ ଯୁବ ସାମ୍ବାଦିକ ସ୍ୱର୍ଗତ ବିକ୍ରମ କେଶରୀ ଆଚାର୍ଯ୍ୟଙ୍କ ସ୍ମୃତିରେ ବନ୍ଧୁତା ଦିବସ ପାଳନ କରାଯାଇଥିଲା। ସ୍ୱର୍ଗତ ଆଚାର୍ଯ୍ୟଙ୍କ ବନ୍ଧୁବତ୍ସଳ ସ୍ୱଭାବ, ନିର୍ଭୀକ ସମ୍ବାଦିକତା ଓ ପରୋପକାର ପ୍ରତି ଏକାଗ୍ରତା ନେଇ ଅତିଥିଗଣ ନିଜସ୍ୱ ଅଭିଜ୍ଞତା ବଖାଣିଥିଲେ। ତାଙ୍କ ସ୍ମୃତିରକ୍ଷା ତଥା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜଣେ ଯୁବ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରିବାକୁ ଏହି ସଭାରେ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଚକ୍ରଧର ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ କୈଳାସ ସାହୁ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ କାର୍ତ୍ତିକ ଦାସ, ଡ. ଦିଲ୍ଲୀପ ସେନାପତି, ଶିକ୍ଷାବିତ୍ କାଶୀନାଥ ଖୁଣ୍ଟିଆ ଯୋଗଦେଇଥିଲେ। ମଞ୍ଚ ସଞ୍ଚାଳନ କରିଥିଲେ ଶିକ୍ଷାବିତ୍ କବି ଶିବସୁନ୍ଦର ମିଶ୍ର। ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବନ୍ଧୁତା ଉପରେ ଉଦାହରଣ ସହ ସାରଗର୍ଭକ ବକ୍ତବ୍ୟ ରଖିଥିଲେ ଶିକ୍ଷାବିତ୍ ପ୍ରଦୀପ୍ତ ରାୟ, ସର୍ବାଣୀ ଦାସ, ସୁରେଶ ପଟ୍ଟନାୟକ, ଯୋଗେନ୍ଦ୍ର ନାଥ ସାହୁ, ହରେକୃଷ୍ଣ ସାହୁ, ସାମ୍ବାଦିକ ଜିତେନ୍ଦ୍ର ନାରାୟଣ ମିଶ୍ର, ସତ୍ୟନାରାୟଣ ରାଉତରାୟ, କଳ୍ପତରୁ ମିଶ୍ର, ସୁରେଶ ସାହୁ, ଶୁଭେନ୍ଦୁ ଦାସ, ଚନ୍ଦ୍ରଶେଖର ମହାପାତ୍ର, ମିନତୀ ମିଶ୍ର, ଚିନ୍ମୟୀ ଗଜେନ୍ଦ୍ର, ପର୍ଶୁରାମ ପାତ୍ର, ଯୋଗେଶ୍ୱର ପ୍ରହରାଜ, ଚନ୍ଦ୍ରଶେଖର ମହାରଣା, ଅଧିବକ୍ତା ବିଶ୍ୱବନ୍ଧୁ ଦାଶ। ଏହି ଅବସରରେ କମଳିନୀ ପାଣିଗ୍ରାହୀ, ରୋଜାଲିନ୍ ପଣ୍ଡା ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସମ୍ପାଦକ ପ୍ରଦୀପ ନାୟକ। ପରିଚାଳନାରେ ସହଯୋଗ କରିଥିଲେ ସହସମ୍ପାଦକ ପ୍ରସାଦ ସିଂହ, ଜଗନ୍ନାଥ ରାଓ, ଧିରେନ କୁମାର ପାଢ଼ୀ ପ୍ରମୁଖ।

## ଚାରି ଆଶ୍ରମ ବିଜେକଲେ ବାଡ଼ିନୃସିଂହ



ପୁରୀ,୩।୮ (ସମିସ): ରବିବାର ବାଡ଼ିନୃସିଂହ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ବିଜେ କରିଛନ୍ତି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ବାଡ଼ିନୃସିଂହ ଦକ୍ଷିଣୀ ଘରୁ ପଟୁଆରରେ ବିମାନକୁ ବିଜେ କରିଥିଲେ। ଶ୍ରୀକ୍ଷେତ୍ରର ମହର୍ଷି ମାର୍କଣ୍ଡେୟ, ମହର୍ଷି କଣ୍ଡୁ, ମହର୍ଷି ଭୃଗୁ ଓ ମହର୍ଷି ଅଙ୍ଗିରାଙ୍କ ଆଶ୍ରମ ପରିକ୍ରମା କରି ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। କଥିତ ଅଛି, ପୁରୀ ସହରରେ ପୂର୍ବେ ହଇଜା ଲାଗିଥିଲା। ଯେତେ ଯାହା କଲେ ବି କମି ନ ଥିଲା। ବରଂ ବ୍ୟାପକ ମାତ୍ରାରେ ମାଡ଼ି ଚାଲିଥିଲା। ଶେଷରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ବାଡ଼ିନୃସିଂହ ଶ୍ରୀକ୍ଷେତ୍ର ପରିକ୍ରମା କରିବା ପରେ ହଇଜା କମିଥିଲା। ସେହି ପରମ୍ପରା ଆଜି ବି ଉଜ୍ଜୀବିତ ରହିଛି। ସୂଚନାଥାଉ କି, ପୂର୍ବରୁ ରଥଯାତ୍ରା ପରେ ପରେ ପୁରୀ ସହରରେ ଝାଡ଼ାବାନ୍ତି ବ୍ୟାପୁଥିଲା। ଏହାକୁ କେହି କେହି ବାଡ଼ି ରୋଗ ବୋଲି କହିଥା'ନ୍ତି। ଏହି ରୋଗ ବ୍ୟାପୁଥିବାରୁ ନୃସିଂହ ଠାକୁର ପୁରୀ ସହର ପରିକ୍ରମା କରିଥିଲେ। ସେବେଠାରୁ ଏହି ପରମ୍ପରା ରହିଆସିଛି।

# ଗଛ ପୋତି ବନ୍ଧୁତା ଦିବସ ପାଳିଲା ସାହିଭାଇ

ପୁରୀ,୩।୮ (ସମିସ): ଗଛ ଲଗାଇ ନିଆରା ଢଙ୍ଗରେ ବନ୍ଧୁତା ଦବସ ପାଳନ କରିଛି ସାହିଭାଇ ଅନୁଷ୍ଠାନ। ରବିବାର ଅନୁଷ୍ଠାନ ପକ୍ଷରୁ ବେଲଦଳ ଗ୍ରାମ ନିକଟସ୍ଥ ନୂଆନଈ ନଦୀବନ୍ଧରେ ୬ଫୁଟିଆ ୫୦ଟି ଗଛ ପୋତାଯାଇଛି। ସମ୍ପାଦକ ଚନ୍ଦ୍ରଶେଖର ମିଶ୍ରଙ୍କ କହିବା ଅନୁସାରେ, ବୃକ୍ଷ ଆମର ଶ୍ରେଷ୍ଠ ବନ୍ଧୁ। ତେଣୁ ଆମେ ଆଜିର ଦିନରେ ବୃକ୍ଷରୋପଣ କରିଛୁ। ଏହି କାର୍ଯ୍ୟକ୍ରମ ସଭାପତି ବ୍ରଜବନ୍ଧୁ ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଦୀପକ, ଦୁଷ୍ମନ୍ତ, ବିଶ୍ୱଜିତ, ଚିଣ୍ଟୁ, ଦୁର୍ଗା, ଅଜୟ, ହିତେଶ, ସୂର୍ଯ୍ୟ, ନିକିଙ୍କ ସହ ବେଲଦଳ ଗ୍ରାମବାସୀ ଉପସ୍ଥିତ ରହି ସମ୍ପାଦନ କରିଥିଲେ।

# ଐତିହ୍ୟ ପଦଯାତ୍ରାର ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା

ପୁରୀ,୩।୮ (ସମିସ): ପୁରୀ ଐତିହ୍ୟ ପଦଯାତ୍ରା ତା'ର ବାର୍ଷିକ ଉତ୍ସବ ପାଳନ ଉପଲକ୍ଷେ ରବିବାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଐତିହ୍ୟ ପ୍ରତି ଆଗ୍ରହ ବଢ଼ାଇବା ଉଦ୍ଦେଶ୍ୟରେ ପିଏମ୍‌ଶ୍ରୀ ବିଶ୍ୱମ୍ଭର ବିଦ୍ୟାପୀଠରେ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଆୟୋଜନ କରିଥିଲା। ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ ଓ ସାଧାରଣଜ୍ଞାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଐତିହ୍ୟ ଉପରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ପୁରୀର ବିଭିନ୍ନ ସ୍କୁଲରୁ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଆବାହକ ଡ. କୁମାର ଅରୋଜ୍ୟୋତି ପରିଚାଳନା କରିଥିବାବେଳେ ଅଶୋକା ନାୟକ, ଦେବାଶିଷ ମିଶ୍ର, ଜ୍ୟୋତ୍ସ୍ନା ମହାପାତ୍ର, ତନ୍ମୟ ଚାଟାର୍ଜୀ, ସିଦ୍ଧାର୍ଥ ଆଚାର୍ଯ୍ୟ, ପ୍ରିୟଙ୍କା ମହାରଣା, ଦୁର୍ଗାମାଧବ ମହାନ୍ତି, ସତ୍ୟପ୍ରକାଶ ନାୟକ, ଆଶୁତୋଷ ମହାସୁଆର, ବିଶ୍ୱଶାନ୍ତି ତ୍ରିପାଠୀ, ଅଭିପ୍ସା ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଆସନ୍ତା ୧୦ ତାରିଖରେ ସଂସ୍କୃତି ଭବନଠାରେ ଅନୁଷ୍ଠାନର ପ୍ରଥମ ବାର୍ଷିକ ଉତ୍ସବରେ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।

# ଆଜିଠୁ ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା

ପୁରୀ,୩।୮ (ସମିସ)

ଶ୍ରାବଣ ଶୁକ୍ଳ ଦଶମୀ ଅର୍ଥାତ୍ ସୋମବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ଝୁଲଣ ଯାତ୍ରା। ସାତଦିନ ବ୍ୟାପୀ ଏହି ଯାତ୍ରା ଚାଲିବ। ଏଥିସହ ଶ୍ରୀକ୍ଷେତ୍ରର ଅନ୍ୟାନ୍ୟ ମଠ, ମନ୍ଦିରରେ ମଧ୍ୟ ଝୁଲଣ ଯାତ୍ରା ଅନୁଷ୍ଠିତ ହେବ। କେତେକ ମଠରେ ଏହା ପାଞ୍ଚଦିନ ଧରି ଚାଲିବ ହେବ ବୋଲି ଜଣାପଡ଼ିଛି। ଶରତ ରାସର ପୂର୍ବାଭାବ ଏହି ଝୁଲଣ ଯାତ୍ରା ହେଉଛି ଗୋପୀମାନଙ୍କ ଗହଣରେ ରାଧାକୃଷ୍ଣଙ୍କ ବିଳାସମୟ ଦୋଳିଖେଳ। ଭଜନ କୀର୍ତ୍ତନରେ ଗୁଞ୍ଜରିତ ହେବ ମଠ, ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ହୋଇଛି। ତେବେ ମଠ, ମନ୍ଦିର ସଂସ୍କୃତିକୁ ନେଇ ସମୃଦ୍ଧ ଶ୍ରୀକ୍ଷେତ୍ର ଝୁଲଣ ଯାତ୍ରା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି। ବିଭିନ୍ନ ଦେବାଳୟରେ ପ୍ରସ୍ତୁତ ହୋଇଯାଇଛି ଝୁଲଣ କୁଞ୍ଜ। କୁଞ୍ଜ ପରିସରକୁ ଜରି ଜମ୍ବୁରାରେ ଆକର୍ଷଣୀୟ ଭାବେ ସଜେଇ ଦିଆଯାଇଛି। ଏଥିସହ ରଙ୍ଗୀନ ଆଲୋକମାଳାରେ ଝଲସି ଉଠୁଛି କୁଞ୍ଜ ପରିସର। ଏହି ସୁସଜ୍ଜିତ କୁଞ୍ଜରେ ଗୋପୀମାନଙ୍କ ଗହଣରେ ରାଧାକୃଷ୍ଣ ଦୋଳିରେ ଝୁଲିବେ।

ଶ୍ରୀକ୍ଷେତ୍ରରେ ରହିଛି ଅନେକ ପୁରାତନ ମଠ। ପ୍ରାୟ ଅଧିକାଂଶ ମଠରେ ପୂଜା ପାଉଛନ୍ତି ରାଧାକୃଷ୍ଣ। ସଙ୍ଗୀତ, ବାଦ୍ୟ ଓ ନୃତ୍ୟ ମୁଖର ଝୁଲଣ ଯାତ୍ରାରେ ସୁସଜ୍ଜିତ ରାଧା ଦାମୋଦରଙ୍କୁ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ପୁରୀ ଆସିଥା'ନ୍ତି। ବିଶେଷକରି ଶ୍ରୀକ୍ଷେତ୍ରରେ ଜଗନ୍ନାଥ ବଲ୍ଲଭ ମଠ, ନେବଳ ଦାସ ମଠ, ବଡ଼ଓଡ଼ିଆ ମଠ, ରାଧାବଲ୍ଲଭ ମଠ, ଜିୟର ସ୍ୱାମୀ, ଗୌର ବିହାର (ମାତାମଠ) ପ୍ରଭୃତି ମଠରେ ଅନୁଷ୍ଠିତ ହେବ ଝୁଲଣ ଯାତ୍ରା। ଏହି ଉପଲକ୍ଷେ ବିଭିନ୍ନ ମଠରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି। ନେବଳ ଦାସ ମଠରେ ପାଞ୍ଚଦିନ ଧରି ଝୁଲଣ ଅନୁଷ୍ଠିତ ହେବ। ବିଭିନ୍ନ ଦିବସରେ ରାଧାକୃଷ୍ଣ, ଲକ୍ଷ୍ମୀ-ନାରାୟଣ, ଲକ୍ଷ୍ମୀ-ନୃସିଂହ ଏବଂ ରାମ, ଲକ୍ଷ୍ମଣ ଓ ସୀତା କୁଞ୍ଜରେ ଦୋଳି ଖେଳିବେ।

ପ୍ରତ୍ୟହ ନିତ୍ୟ ଆଳତି ପରେ ପ୍ରଭୁଙ୍କ ପାଇଁ ଝୁଲଣ ଆଳତି ଏବଂ ସ୍ୱତନ୍ତ୍ର ଭୋଗ ଲାଗି କରାଯିବ। ପ୍ରତ୍ୟହ ସନ୍ଧ୍ୟାରେ ପାରମ୍ପରିକ ଭଜନ, ସଙ୍ଗୀତ ପରିବେଷଣ କରାଯିବ ବୋଲି ମଠ ମହନ୍ତ ଡ. ରାମଚରଣ ଦାସ ମହାରାଜ କହିଛନ୍ତି। ସେହିପରି ମରିଚୀକୋଟ ଛକ ନିକଟସ୍ଥ ଶ୍ରୀମଣିରାମ ମଠରେ ୭ ଦିନ ଧରି ଝୁଲଣ ଅନୁଷ୍ଠିତ ହେବ। ଏଥିପାଇଁ କୁଞ୍ଜକୁ ବେଶ୍ ଆକର୍ଷଣୀୟ ଭାବେ ସଜାଯାଇଛି। ପ୍ରତ୍ୟହ ସନ୍ଧ୍ୟା ୭ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ପାଲା ଓ ପାରମ୍ପରିକ ସଙ୍ଗୀତ ପରିବେଷଣ କରାଯିବ। ବହୁ ସଂଖ୍ୟାରେ ଦର୍ଶନାର୍ଥୀ ଝୁଲଣ ଯାତ୍ରା ଦେଖିବା ଲାଗି ସନ୍ଥ ଅଭିରାମ ଦାସ ମହାରାଜ ଜଣାଇଛନ୍ତି। ଏତଦ୍‌ବ୍ୟତୀତ ଗୌର ବିହାର ଆଶ୍ରମ (ମାତା ମଠ) ସମେତ ଅନ୍ୟାନ୍ୟ ମଠ ଏବଂ ମନ୍ଦିରରେ ଝୁଲଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେବ।

### ଚଳଚଞ୍ଚଳ ଶ୍ରୀକ୍ଷେତ୍ରର ମଠ, ମନ୍ଦିର

## ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମାସିକ ଆଲୋଚନା

# 'ଭଗବାନ କେବଳ ଭକ୍ତିରେ ସନ୍ତୁଷ୍ଟ ହୁଅନ୍ତି'

ପୁରୀ,୩।୮ (ସମିସ): ଶ୍ରୀନୀଳାଚକ ତତ୍ତ୍ୱ ସନ୍ଧାନ ପରିଷଦର ଅଗଷ୍ଟ ମାସର ଆଲୋଚନାଚକ୍ର ରବିବାର ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡ. ଉମେଶ ଚନ୍ଦ୍ର ଚିହ୍ନରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରକୁ ସଞ୍ଚାଳନ କରିଥିଲେ ଡ. ଶ୍ରୀନିବାସ ଆଚାର୍ଯ୍ୟ। ଆଲୋଚ୍ୟ ବିଷୟ 'ଶ୍ରୀକୃଷ୍ଣ ଓ ଭକ୍ତିରସ' ଉପରେ ପ୍ରବନ୍ଧପାଠ କରିଥିଲେ ଲକ୍ଷ୍ମୀପ୍ରିୟା ମହାନ୍ତି।

ଶ୍ରୀମଦ୍ ଭାଗବତ ଅନୁସାରେ ଅନ୍ୟ ଅବତାରଗୁଡ଼ିକ ଅଂଶାବତାର ଓ କଳାବତାର ହେଲାବେଳେ ଶ୍ରୀକୃଷ୍ଣ ସ୍ୱୟଂ ସାକ୍ଷାତ୍ ଭଗବାନ ଅଟନ୍ତି। ସେ ଆଧ୍ୟାତ୍ମିକତାରେ ପୂର୍ଣ୍ଣ ଥିବାରୁ ଅର୍ଜୁନ, ଉଦ୍ଧବ ଆଦିଙ୍କୁ ଅମୂଲ୍ୟ ଉପଦେଶ ଦେଇଛନ୍ତି। ଶ୍ରୀକୃଷ୍ଣଙ୍କ ଶରୀରରେ ପୂର୍ଣ୍ଣତା ହେତୁ ତାଙ୍କୁ ଲୋକେ ବିଭିନ୍ନ ରୂପରେ ଦେଖୁଥିଲେ। ଶ୍ରୀକୃଷ୍ଣାବତାର ସମୟରେ ଯୁଗ ଯୁଗର ଭକ୍ତମାନେ ନିଜ ନିଜର ଅଭିଳାଷା ପୂରଣ କରିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ମୁଖନିସୃତ ଗୀତାରେ କେବଳ ଭକ୍ତିର ହିଁ ନିରୂପଣ ହୋଇଛି। କର୍ମ ଓ ଜ୍ଞାନ ଏହି ଭକ୍ତିର ସହାୟକ ମାତ୍ର। ପରିଶେଷରେ ଭଗବାନ କହିଛନ୍ତି, 'ତୁମେ କେବଳ ମୋର ଶରଣାଗତ ହୁଅ। ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି, ତୁମେ ଚିନ୍ତା କରନାହିଁ।' ପ୍ରକୃତ ଭକ୍ତିରେ ଭଗବାନ ସୁଲଭ ହୋଇଯାଆନ୍ତି। ଭଗବାନଙ୍କ ପୂଜନରେ ମନ୍ତ୍ର ବିଧିବିଧାନ ଓ ସାମଗ୍ରୀର ବିଶେଷ ଆବଶ୍ୟକତା ନ ଥାଏ। ଏଥିରେ କେବଳ ଭାବ ହିଁ ମୁଖ୍ୟ। ଭକ୍ତ ପ୍ରେମପୂର୍ବକ ପତ୍ର ପୁଷ୍ପ, ଫଳ, ଜଳ ଯାହା ଦିଏ ତାହାକୁ ସେ ଆନନ୍ଦରେ ଗ୍ରହଣ କରନ୍ତି। ଭକ୍ତ ତାଙ୍କୁ ଯେଉଁ ରୂପରେ ଦର୍ଶନ କରିବାକୁ ଇଚ୍ଛା କରେ, ଭଗବାନ ସେହି ରୂପରେ ଦର୍ଶନ ଦିଅନ୍ତି। ଶ୍ରୀମଦ୍ ଭାଗବତ ଉପସଂହାରରେ କୀର୍ତ୍ତନ ବା ନାମ ସଂକୀର୍ତ୍ତନକୁ ଭକ୍ତିର ପ୍ରମୁଖ ମାର୍ଗ ରୂପେ ସ୍ଥିର କରାଯାଇଛି। ଭଗବାନ କେବଳ ଭକ୍ତିରେ ସନ୍ତୁଷ୍ଟ ହୁଅନ୍ତି। ସେ ଅନ୍ତର୍ଯ୍ୟାମୀ, ଭାବଗ୍ରାହୀ। ତାଙ୍କ ପାଖରେ ପାଣ୍ଡିତ୍ୟ କିଛି କାମ ଦେଖାଏ ନାହିଁ। ଭକ୍ତିର ଆଶ୍ରୟରେ ସାମାନ୍ୟ ଜୀବ ପରମପଦ ପ୍ରାପ୍ତ ହୁଅନ୍ତି ବୋଲି ଆଲୋଚନା କରାଯାଇଥିଲା। ଏହି ଆଲୋଚନାଚକ୍ରରେ ଡ. ଭାସ୍କର ମିଶ୍ର, ଅଧ୍ୟାପିକା ବାସନ୍ତୀ ଦେବୀ, ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ଦାସ, ଡ. ଦେବରାଜ ପ୍ରଧାନ, ଅନାମ ଚନ୍ଦ୍ର ସାହୁ, ସୁନୀଲ ମିଶ୍ର, ଅଶୋକ କୁମାର ଆଢ୍ୟ, ଏମ୍. କୋଟେଶ ଚନ୍ଦ୍ର ପାତ୍ର, ନକୁଳ ଚରଣ ସ୍ୱାଇଁ, ସନ୍ଧ୍ୟାରାଣୀ ଚିହ୍ନରା, ବେଦମତୀ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ମଣିଷକୁ ଆକ୍ରାନ୍ତ କରୁଥିବା ରୋଗ ଭିତରୁ ଉଦାସୀନତା ସବୁଠାରୁ ଭୟଙ୍କର।
-ବି ଆର ଆମ୍ବେଦକର

## ଦକ୍ଷିଣ-ଏସିଆରେ କମ୍ପନ

ପାକିସ୍ତାନର ତୈଳ ଖଣିଗୁଡ଼ିକର ବିକାଶ ପାଇଁ ଆମେରିକା ସହାୟତା କରିବ ଏବଂ ଏ ସମ୍ପର୍କରେ ଖୁବ୍‌ଶୀଘ୍ର ପାକିସ୍ତାନ ସହିତ ରାଜିନାମା ସ୍ୱାକ୍ଷର ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିବା ପରେ ଦକ୍ଷିଣ-ଏସିଆ ଭୂରାଜନୀତିରେ ନୂଆ ସମୀକରଣର ଆଭାସ ମିଳୁଛି। ବିଶେଷକରି ଟ୍ରମ୍ପଙ୍କ ଉପରୋକ୍ତ ଘୋଷଣା ପରେ ଚୀନ୍ ଅତିମାତ୍ରାରେ ପ୍ରତିକ୍ରିୟାଶୀଳ ହୋଇପଡ଼ିଛି। ଯଦି ଏ ସମ୍ପର୍କିତ ଚୁକ୍ତି ସ୍ୱାକ୍ଷରିତ ହୁଏ ତେବେ ସ୍ୱାଭାବିକ ଭାବେ ଭାରତ-ପାକିସ୍ତାନ-ଚୀନ-ବାଂଲାଦେଶ-ଆଫ୍‌ଗାନିସ୍ତାନର ଭୂରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଘଟିବ ଏବଂ ଅନେକ ଆକଳନକୁ ଓଲଟପାଲଟ କରିଦେବ।

ବିଶେଷଜ୍ଞଙ୍କ ମତାନୁଯାୟୀ ତୈଳ ଖଣିର ବିକାଶ ଏକ ସ୍ୱଳ୍ପମିଆଦୀ କାର୍ଯ୍ୟକ୍ରମ ନୁହେଁ। ଏଥିପାଇଁ ବିପୁଳ ପାଣ୍ଠି ବିନିଯୋଗ ସହିତ ଦୀର୍ଘମିଆଦୀ ଯୋଜନା ଆବଶ୍ୟକ, ଯାହା ଟ୍ରମ୍ପଙ୍କ କାର୍ଯ୍ୟକାଳ ମଧ୍ୟରେ ଆଦୌ ସମ୍ଭବ ନୁହେଁ। ଟ୍ରମ୍ପ ଯେ ଏକଥା ଜାଣି ନଥିବେ ତା' ମଧ୍ୟ ନୁହେଁ। ତେଣୁ କୂଟନୀତିଜ୍ଞଙ୍କ ମତରେ ଟ୍ରମ୍ପଙ୍କ ପାକିସ୍ତାନର ତୈଳ କୂପ ବିକାଶ ଘୋଷଣା କେବଳ ଭାରତକୁ ଛିଗୁଲାଇବା ପାଇଁ ଉଦ୍ଦିଷ୍ଟ ଏବଂ ରୁଷ୍ ସହିତ ବାଣିଜ୍ୟ ସମ୍ପର୍କ ଛିନ୍ନ କରିବାକୁ ଏକ ଚେତାବନୀ। ବାଚାଳାମି ପାଇଁ ଚର୍ଚ୍ଚିତ ଟ୍ରମ୍ପ ହୁଏତ ଆଗାମୀ ଦିନରେ ଏଥିରୁ ଓହରି ଆସିବା ମଧ୍ୟ ବିଚିତ୍ର ନୁହେଁ। ତଥାପି ଚୀନ୍ ଏଥିରେ ଏତେ ପ୍ରତିକ୍ରିୟାଶୀଳ ହେବା ପଛରେ ଅନେକ କାରଣ ରହିଛି।

ସମ୍ପ୍ରତି ବିଶ୍ୱ କୂଟନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ପରିବର୍ତ୍ତିତ ସମୟ ଓ ଆବଶ୍ୟକତା ଅନୁଯାୟୀ ଦ୍ୱିପାକ୍ଷିକ ସମ୍ପର୍କର ପରିଭାଷା ଓ ସ୍ୱଭାବ ବଦଳିବାରେ ଲାଗିଛି। ପୁରୁଣା ମେଣ୍ଟ ଦୁର୍ବଳ ହେଉଛି ଏବଂ ନୂଆ ନୂଆ ମେଣ୍ଟ ଜନ୍ମ ନେଉଛି। ଏପରିକି ସ୍ୱାର୍ଥ ଓ ଆବଶ୍ୟକତା ଆଧାରରେ ମେଣ୍ଟ ଭିତରେ ମଧ୍ୟ ଆଉ ଏକ ଉପମେଣ୍ଟ ଜନ୍ମ ନେଉଛି। ଏହି ପୃଷ୍ଠଭୂମିରେ ସବୁଠାରୁ ସ୍ୱାର୍ଥପର ରାଷ୍ଟ୍ର ଆମେରିକା ଏବେ ଦକ୍ଷିଣ ଏସିଆରେ ନିଜର ପାଦ ଅଧିକ ଦୃଢ଼ କରିବା ଉଦ୍ୟମ ଆରମ୍ଭ କରିସାରିଥିବାରୁ ତୈଳ କୂପ ବିକାଶ ଆଳରେ ପାକିସ୍ତାନକୁ ଦକ୍ଷିଣ ଏସିଆର ପ୍ରବେଶ ଦ୍ୱାର କରିବାରେ କିଛି ଅସ୍ୱାଭାବିକତା ନାହିଁ। ପାକିସ୍ତାନରେ ଆମେରିକା ଆଣବିକ ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବା କିଛିଦିନ ତଳେ ଚୀନ୍‌ର ଏକ ଉପଗ୍ରହ ଚିତ୍ରକୁ ଆଧାର କରି ଦାବି କରାଯାଇଥିଲା। ତେଣୁ ସେଠାରେ ତୈଳ କୂପ ବିକାଶ ଆମେରିକା ପାଇଁ ଏକ ଅଲୋଡ଼ା ନିବେଶ କିମ୍ବା ପ୍ରକଳ୍ପ ହେବ ନାହିଁ।

ଗତବର୍ଷକ ଭିତରେ ଦକ୍ଷିଣ ଏସିଆରେ ଆମେରିକାର ଗତିବିଧି ଚଳଚଞ୍ଚଳ ହୋଇଛି। ବାଂଲାଦେଶର ଭାରତ ସପକ୍ଷବାଦୀ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ଗାଦିଚ୍ୟୁତ କରିବାରେ ଆମେରିକାର ପରୋକ୍ଷ ଓ ପ୍ରଚ୍ଛନ୍ନ ଭୂମିକା ନେଇ ସେତେବେଳେ ଚର୍ଚ୍ଚା ଜୋର ଧରିଥିଲା। ପରବର୍ତ୍ତୀ ସମୟରେ ଏହି ଅଭିଯୋଗ କେତେକାଂଶରେ ପ୍ରମାଣିତ ମଧ୍ୟ ହୋଇଥିଲା। ହସିନାଙ୍କୁ ଗାଦିଚ୍ୟୁତ କରି ବାଂଲାଦେଶରେ ଅରାଜକତା ଓ ରାଜନୈତିକ ଅସ୍ଥିରତା ଦ୍ୱାରା ଶାନ୍ତି ବ୍ୟାହତ କରି ଆମେରିକା ପାକିସ୍ତାନକୁ ବନ୍ଧୁତା ଓ ସହଯୋଗର ପରୋକ୍ଷ ବାର୍ତ୍ତା ଦେଇଥିଲା। ବାଂଲାଦେଶ ଅଶାନ୍ତ ହେଲେ ତା'ର ସୁଯୋଗ ନେଇ ଆମେରିକା ସେଠାରେ ସାମରିକ ଘାଟି ପ୍ରତିଷ୍ଠା କରି ଭବିଷ୍ୟତରେ ଚୀନ୍ ବିରୋଧରେ ବ୍ୟବହାର କରିପାରିବ। ଏହାବଦଳରେ ବାଂଲାଦେଶକୁ ଶୁଳ୍କ ରିହାତି, ଆର୍ଥିକ ସହାୟତା ଆଦି ଜରିଆରେ ବଶମ୍ବଦ କରି ରଖିବ ବୋଲି ଆମେରିକା ଯେଉଁ ଯୋଜନା କରିଥିଲା ତାହାକୁ ଚୀନ୍ ଭଣ୍ଡୁର କରିଦେଲା। ବାଂଲାଦେଶର କାମଚଳା ଶାସନ ମୁଖ୍ୟ ମହମ୍ମଦ ୟୁନୁସ୍ ଆମେରିକା ବଦଳରେ ଚୀନ୍ ଆଡ଼କୁ ଅଧିକ ଢଳିବା ପରେ ଏବେ ଆମେରିକା ପାକିସ୍ତାନ ମୁହାଁ ହୋଇଛି।

ଏହାଛଡ଼ା ପାକିସ୍ତାନରେ ତୈଳ କୂପ ବିକାଶ ଯୋଜନା ପଛରେ ଆମେରିକାର ଆଉ ଏକ ଲକ୍ଷ୍ୟ ଅଛି। ପାକିସ୍ତାନର ସବୁଠାରୁ ଅଧିକ ତୈଳ ଓ ଧାତବ ଖଣିଜ ସମ୍ପଦ ରହିଛି ବେଲୁଚିସ୍ତାନରେ। ଏହି ଅଞ୍ଚଳ ପାକିସ୍ତାନ-ଆଫ୍‌ଗାନିସ୍ତାନ-ଇରାନ୍ ସୀମା ନିର୍ଦ୍ଧାରଣ କରୁଛି। ତେଣୁ ଖଣିଜ ସମୃଦ୍ଧ ଅଥଚ ଶିଳ୍ପ ଶୂନ୍ୟ ବାଲୋଚିସ୍ତାନରେ ଆମେରିକା ତୈଳ ପ୍ରକଳ୍ପ ପ୍ରତିଷ୍ଠା କରି ତା'ର ସୁରକ୍ଷା ଆଳରେ ସୈନ୍ୟବାହିନୀ ମୁତୟନ ଏବଂ ପରବର୍ତ୍ତୀ ସମୟରେ ଘାଟି ପ୍ରତିଷ୍ଠା କରିବ, ଯାହାଦ୍ୱାରା ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ଏବଂ ଆଫ୍‌ଗାନିସ୍ତାନର ତାଲିବାନୀ କାର୍ଯ୍ୟକଳାପ ଉପରେ ସତର୍କ ଦୃଷ୍ଟି ରଖିପାରିବ। ସର୍ବୋପରି ଆମେରିକାର ଦକ୍ଷିଣ ଏସିଆ ଆଗ୍ରହ ପଛରେ ମୁଖ୍ୟ ରହିଛି ଚୀନ୍‌ର ଆଧିପତ୍ୟକୁ ପ୍ରତିହତ କରିବା। ଏହି ଲକ୍ଷ୍ୟ ହାସଲରେ ଆମେରିକା ପାଇଁ ଭାରତ ତୁଳନାରେ ପାକିସ୍ତାନ ଅଧିକ ସହାୟକ ହେବ। ଏଥିପାଇଁ ସୁଯୋଗ ଖୋଜୁଥିବା ଆମେରିକାକୁ 'ଅପରେସନ୍ ସିନ୍ଦୂର' ଅଧିକାଂଶରେ ଅନୁକୂଳ ହୋଇଛି, ଯାହାର ଭରପୂର ଫାଇଦା ଉଠାଇବାରେ ଟ୍ରମ୍ପ କୌଣସି ଅବହେଳା କରିନାହାନ୍ତି।

ଅପରପକ୍ଷରେ ପାକିସ୍ତାନରେ ଚୀନ୍ ପାକିସ୍ତାନ ଇକନୋମିକ୍ କରିଡର(ସିପିଇସି) ପ୍ରକଳ୍ପରେ ଚୀନ୍ ବିପୁଳ ପାଣ୍ଠି ବିନିଯୋଗ କରିସାରିଛି। ଚୀନ୍‌ର ବହୁ ଆକାଂକ୍ଷିତ ବେଲ୍ଟ ଆଣ୍ଡ ରୋଡ୍(ବିଆରଆଇ) ପ୍ରକଳ୍ପରେ ପାକିସ୍ତାନ ମୁଖ୍ୟ ଆଧାର। ଯଦି ସେଠାରେ ଆମେରିକା କମ୍ପାନୀ ନିୟୋଜିତ ହୁଅନ୍ତି ତେବେ ଚୀନ୍‌ର ଖଣିଜ ଉତ୍ତୋଳନ କାର୍ଯ୍ୟ ବାଧାପ୍ରାପ୍ତ ହେବ। ଏହାଛଡ଼ା ବିରୋଧୀ ଓ ଆତଙ୍କୀ ଗୋଷ୍ଠୀ ସୃଷ୍ଟି କରିବାରେ ଆମେରିକା ଅଭ୍ୟସ୍ତ ଥିବାରୁ ଚୀନ୍ ପ୍ରକଳ୍ପକୁ ବିରୋଧ କରୁଥିବା ବାଲୋଚିସ୍ତାନ ସଶସ୍ତ୍ର ବିଦ୍ରୋହୀଙ୍କୁ ଆମେରିକା ଉସୁକାଇ ସିପିଇସି ଓ ବିଆରଆଇକୁ ଭଣ୍ଡୁର କରିବା ଅସମ୍ଭବ ନୁହେଁ। 'ଅପରେସନ୍ ସିନ୍ଦୂର'ରେ ଭାରତର ମୁକାବିଲା ପାଇଁ ଚୀନ୍‌ଠାରୁ ସାମରିକ ସହାୟତା ପାଇଥିବା ପାକିସ୍ତାନ ଚୀନ୍ ପ୍ରତି ବଶମ୍ବଦ ହେବା ବଦଳରେ ଏବେ ଆମେରିକା ମୁହାଁ ହୋଇଥିବାରୁ ସେହି ଇସ୍‌ଲାମ୍ ରାଷ୍ଟ୍ରର ଭୂମିକାକୁ ନେଇ ମଧ୍ୟ କମ୍ୟୁନିଷ୍ଟ ଚୀନ୍ ଏବେ ସନ୍ଦେହରେ ରହିଛି। ତେଣୁ ଟ୍ରମ୍ପଙ୍କ 'ପାକିସ୍ତାନ ତୈଳ କୂପ ବିକାଶ କୂଟନୀତି' ଭାରତ ତୁଳନାରେ ଚୀନ୍ ପାଇଁ ଅଧିକ ଅଡୁଆ ସୃଷ୍ଟି କରିଛି।

ଏହି ପୃଷ୍ଠଭୂମିରେ ଚୀନ୍‌ର ମତିଗତି ଏ ପର୍ଯ୍ୟନ୍ତ ସଷ୍ଟ ହୋଇନଥିଲେ ମଧ୍ୟ ଦକ୍ଷିଣ ଚୀନ୍ ସାଗରରେ ଅଧିକ ଉଗ୍ର ହୋଇପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଆମେରିକା-ଚୀନ୍‌ର ଅହଂ ଯୁଦ୍ଧରେ ଆଗକୁ ହୁଏତ ପାକିସ୍ତାନ ସମେତ ତାଇୱାନ୍, ବାଂଲାଦେଶ, ଭିଏତ୍‌ନାମ, ମାଲଦ୍ୱୀପ ପରି ରାଷ୍ଟ୍ର ମୋହରା ହୋଇପାରନ୍ତି। ତେଣୁ ଖୁବ୍‌ଶୀଘ୍ର ଦକ୍ଷିଣ-ଏସିଆର ଭୂରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ।

## ବାଲୁକା ସମ୍ବଳ: ଆଶା ଓ ନିରାଶା

ସନ୍ତୋଷ କୁମାର ଶତପଥୀ



ଜୀବନ ଜିଇଁବାର ଉପାୟ ଖୋଜୁ ଖୋଜୁ ମନୁଷ୍ୟ ଆଜି ଅନେକ ଉପାଦାନକୁ ବ୍ୟବହାର କରିବାର ଜ୍ଞାନ ଶିଖି ଆସିଛି। ଅପରପକ୍ଷେ ଏମିତି ଅନେକ ଉପାଦାନ ରହିଛି, ଯାହାର ବ୍ୟବହାରିକ ଜ୍ଞାନ ଆଜି ପର୍ଯ୍ୟନ୍ତ ମନୁଷ୍ୟ ପାଖରେ ନାହିଁ। ଯେଉଁ ସମ୍ବଳର ବ୍ୟବହାରିକ ଜ୍ଞାନ ମନୁଷ୍ୟ ପାଇଛି, ସେଗୁଡ଼ିକର ବହୁଳ ଓ ବହୁବିଧ ବ୍ୟବହାର କରିବାରେ ସେ ପଛଘୁଞ୍ଚା ଦେଇନାହିଁ। ଯ'ଦ୍ୱାରା ଦିନେ ପ୍ରାଚୁର୍ଯ୍ୟ ରହିଥିବା ସମ୍ବଳ ଆଜି ହ୍ରାସ ହୋଇ ସଙ୍କଟର ଦ୍ୱାରଦେଶରେ ପହଞ୍ଚିଛି। ସୁତରାଂ ସମ୍ବଳ ପାଇବା ପାଇଁ ବର୍ତ୍ତମାନ ମନୁଷ୍ୟ ବା ଦେଶ, 'କର ବା ମର' ପଦ୍ଧତି ଆପଣେଇଛନ୍ତି।

ଆମକୁ ଏହା ଜାଣି ଆଶ୍ଚର୍ଯ୍ୟ ଲାଗିପାରେ ଯେ, ଜଳ ପରେ ବାଲି ହେଉଛି ମନୁଷ୍ୟର ଦ୍ୱିତୀୟ ସର୍ବବୃହତ ବ୍ୟବହାର୍ଯ୍ୟ ସମ୍ବଳ ତଥା ବିଶ୍ୱର ସବୁଠାରୁ ଅଧିକ ଉତ୍ତୋଳନ ହୋଇଥିବା କଠିନ ପଦାର୍ଥ। ବିଶେଷଜ୍ଞଙ୍କ ମତରେ, ବିଶ୍ୱର ସମଗ୍ର ବାଲୁକା ସମ୍ପଦକୁ ଯଦି ଏକାଠି କରାଯାଏ, ତା'ହେଲେ ଆମ ପୃଥିବୀ ଚାରିପଟେ ୮୮ ଫୁଟ ଉଚ୍ଚତା ଏବଂ ଓସାର ବିଶିଷ୍ଟ ଏକ ପ୍ରାଚୀର ନିର୍ମାଣ କରାଯାଇ ପାରିବ। ତଥାପି ଆଜି ଚାହିଦାଠାରୁ ଏହାର ଯୋଗାଣ ପରିମାଣ ଯଥେଷ୍ଟ ପଛରେ। ଚାହିଦା ମେଣ୍ଟାଇବା ପାଇଁ ଯେଉଁ ପରିମାଣରେ ବାଲିଖନନ ଓ ଉତ୍ତୋଳନ ହେଉଛି ପ୍ରାକୃତିକ ଭାବରେ ସେଇ ପରିମାଣରେ ଏହା ତିଆରି ହେବା କଷ୍ଟକର। ଅନେକ ସର୍ବେକ୍ଷଣରେ ଏହା ସ୍ପଷ୍ଟ କରାଯାଇଛି ଯେ ଅଧିକ ବାଲି ପାଇବା ପାଇଁ ଅନେକ ପରିସ୍ଥିତିରେ ହଜାର ହଜାର ହେକ୍ଟର ଚାଷ ଜମି ଓ ଜଙ୍ଗଲକୁ ସଫା କରିଦିଆଯାଇଛି। ବାଲିର ବର୍ଦ୍ଧିତ ଚାହିଦା କେତେକ ନଦୀଶଯ୍ୟାକୁ ଅନୁର୍ବର କରିଦେଇଛି। ଏପରିକି ବାଲିର ଦ୍ରୁତ ଓ ଅତ୍ୟଧିକ ଉତ୍ତୋଳନ ନଦୀର ପରିଚାଳନା ବ୍ୟବସ୍ଥାକୁ ବିପଦ ଆଡ଼କୁ ଠେଲି ଦେଇଥିବା ଚିତ୍ର ସାମ୍ନାକୁ ଆସୁଛି। ଏତଦବ୍ୟତୀତ ଏହାଦ୍ୱାରା ଜଳ ପ୍ରଦୂଷଣ, ଜଳ ସ୍ତର ହ୍ରାସ, ମରୁଡ଼ି ଏବଂ ସଙ୍କୁଚିତ ଜଳଭଣ୍ଡାର, ଦୂଷିତ ବାୟୁମଣ୍ଡଳ, ଅସନ୍ତୁଳିତ ଜୈବ ବିବିଧତା ଇତ୍ୟାଦି ପରିବେଶଜନିତ ସମସ୍ୟା ସୃଷ୍ଟି ହୋଇଥାଏ।

ବାଲୁକା ସମ୍ପଦର ଅପରିହାର୍ଯ୍ୟ ଆବଶ୍ୟକତା ଅନ୍ତର୍ଜାତୀୟ କ୍ଷେତ୍ରରେ ଏବଂ ଅନ୍ତର୍ଦେଶୀୟ ଦ୍ୱନ୍ଦ୍ୱର ଏକ କାରଣ ବୋଲି ଜାଣି ଆଶ୍ଚର୍ଯ୍ୟ ଲାଗେ। କେତେକ ତଥ୍ୟରୁ ଆକଳନ କରାଯାଇଅଛି ଯେ କେବଳ ଚୀନ ଏକାକୀ ବିଶ୍ୱର ପ୍ରାଯ ଅଧା ବାଲି ବ୍ୟବହାର କରେ। ଏହି କାରଣରୁ ଏହା ଦକ୍ଷିଣ ପୂର୍ବଏସିଆର ଅନେକ ଛୋଟ ଛୋଟ ଦ୍ୱୀପ ଖନନ କରିଚାଲିଥିବାର କେତେକ ପ୍ରମାଣ ମିଳିଛି। ଏହାର ବିସ୍ତାରବାଦୀ ନୀତି ମଧ୍ୟରେ ବାଲୁକା ଭଳି ପ୍ରାକୃତିକ ସମ୍ପଦର ଲୋଭ ବି ରହିଥିବାର ଜଣାଯାଏ। ଦେଶ ପ୍ରଭାବଶାଳୀ ହେଉ ଅବା ନ ହେଉ, ସାଗର ଓ ମହାସାଗର ଭିତରେ ରହିଥିବା ଛୋଟ ଛୋଟ ଦ୍ୱୀପ ବା ଭୂମିରୂପର ସମ୍ପୂର୍ଣ୍ଣ ଖନନ ଅନ୍ତର୍ଜାତୀୟ ସୀମା ପରିବର୍ତ୍ତନ ଏବଂ କିଛି ଭୂରୂପର ନିଶ୍ଚିହ୍ନ ଭଳି ଗୁରୁତର କାରଣ ହେଇପାରେ ବୋଲି କିଛି ବିଶେଷଜ୍ଞ ଆଶଙ୍କା କରୁଛନ୍ତି। ପରିବେଶବିତମାନେ ସମୟର ବହୁ ଆଗରୁ ସତର୍କଘଣ୍ଟି ଦେଇସାରିଲେଣି ଯେ, ଆଜି ବିଶ୍ୱ 'ବାଲିସଙ୍କଟ' ଆଡ଼କୁ ଗତି କରୁଛି। ଏହା ସ୍ପଷ୍ଟ ଯେ, ପ୍ରକୃତିର ଏକ ମାଗଣା ଉପହାର ଭାବେ ସମ୍ବଳ ପ୍ରତି ଆମର ପାରମ୍ପରିକ ଆଭିମୁଖ୍ୟ ଆମକୁ ଆଉ ସାହାଯ୍ୟ କରିବ ନାହିଁ। ତେଣୁ ଉତ୍ତୋଳନ, ଉପଭୋଗ ଓ ସଂରକ୍ଷଣ ପାଇଁ ଏହାର ପରିଚାଳନା ନିତାନ୍ତ ଜରୁରୀ। ବିଶ୍ୱର ଅଧିକାଂଶ ଦେଶରେ ଏକ ସୁଦୃଢ଼ ବାଲି ପରିଚାଳନା ନୀତି ପାଇବା କଷ୍ଟକର।

ବିଳମ୍ବରେ ହେଲେ ମଧ୍ୟ ୨୦୧୬ ମସିହାରେ ଭାରତ ଏହାର 'ସ୍ଥାୟୀ ବାଲି ଖନନ ପରିଚାଳନା ନିର୍ଦ୍ଦେଶାବଳୀ' ଜାରି କରିଥିଲା, ଯେଉଁଥିରେ ବାଲି ସଙ୍କଟର ମୁକାବିଲା ପାଇଁ ଏକ ଅନ୍ତର୍ବିଭାଗୀୟ ତଥା ସମନ୍ୱିତ ବିଭାଗୀୟ ପରିଚାଳନା କମିଟିର ସୁପାରିସ ରହିଛି। ଏହି ଯୋଜନାର ଲକ୍ଷ୍ୟ ଯେ, ଭାରତର ପ୍ରତ୍ୟେକ ଜିଲ୍ଲାକୁ ଏକ ୟୁନିଟ୍ ଭାବରେ ବିବେଚନା କରାଯାଇ ସଠିକ ଓ ବୈଜ୍ଞାନିକ ପଦ୍ଧତିରେ ତଥା ନଦୀପଠାର ଯତ୍ନ ନେଇ ବାଲି ଉତ୍ତୋଳନ କରିବାକୁ ଗୁରୁତ୍ୱ ଦିଆଯିବ। ରିମୋଟ୍ ସେନ୍ସିଂ ଖଣି, ପୂର୍ତ୍ତ, ଭୂତତ୍ତ୍ୱ, ଜଙ୍ଗଲ, ଜଳସେଚନ ବିଭାଗ ଏବଂ ଭୂତଳ ଜଳ ବୋର୍ଡ ସମେତ ଆନୁସଙ୍ଗିକ ବିଭାଗ/ଅନୁଷ୍ଠାନ/ସଂସ୍ଥାଗୁଡ଼ିକର ସହଯୋଗରେ ଗଠିତ କମିଟି ଏହି ଯୋଜନାରେ ପରିକଳ୍ପିତ ଉତ୍ତୋଳନ ସ୍ଥଳଗୁଡ଼ିକୁ ଜିଲ୍ଲା ପରିବେଶ ପ୍ରଭାବ ଆକଳନ ପ୍ରାଧିକରଣ (ଡିଇଆଇଏଏ) କୁ ଚିହ୍ନାଇବା, ମାନଚିତ୍ର ପ୍ରସ୍ତୁତ କରିବା, ସୁରକ୍ଷା ଦେବା ଏବଂ ଏହାର ସ୍ଥିରତା ସୁନିଶ୍ଚିତ କରିବା ଲାଗି ସମ୍ପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି। ତଦନୁଯାୟୀ ଆମ ରାଜ୍ୟରେ ବି ଏକ ନୂଆ ଏସଓପି ପ୍ରକାଶ ପାଇଥିବା ସ୍ୱାଗତଯୋଗ୍ୟ। ଇସ୍ପାତ ଓ ଖଣି ବିଭାଗର ଲଘୁ ଖଣିଜ ନିର୍ଦ୍ଦେଶାଳୟ ବାଲି ଖନନ କାର୍ଯ୍ୟକଳାପ ଉପରେ ଦୃଷ୍ଟି ରଖିବା ପାଇଁ ଜିଲ୍ଲାପାଳଙ୍କ ନେତୃତ୍ୱରେ ଜିଲ୍ଲାସ୍ତରୀୟ କମିଟି ଏବଂ ସରପଞ୍ଚଙ୍କ ନେତୃତ୍ୱରେ ପଞ୍ଚାୟତସ୍ତରୀୟ କମିଟିଗୁଡ଼ିକୁ ନିର୍ଦ୍ଦେଶ ଦେଇଥିବା ଏକ ସୁଚିନ୍ତନ ଓ ବିକେନ୍ଦ୍ରୀକରଣ ପଦକ୍ଷେପ। ଏହି କମିଟିଗୁଡ଼ିକ ସ୍ୱଚ୍ଛତା ଏବଂ ସୁରକ୍ଷା ବୃଦ୍ଧି ପାଇଁ ସିସିଟିଭି ନିରୀକ୍ଷଣ ଭଳି ଉନ୍ନତ ପ୍ରଯୁକ୍ତିର ଉପଯୋଗ କରିବା, ୨୦୧୬ ଓଏମଏମସି ନିୟମାନୁଯାୟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ) ଏବଂ ଅନ୍ୟ ଅଧିକାରୀଙ୍କ ସହଯୋଗରେ ପାଞ୍ଚ ବର୍ଷ ପାଇଁ ଖଣିଜ କାର୍ଯ୍ୟକଳାପର ତଦାରଖ କରିବା, ଅନ୍-ସାଇଟ୍ ଗାର୍ଡ ଏବଂ ରେକର୍ଡ ରଖିବା ଭଳି ସୁରକ୍ଷା ବ୍ୟବସ୍ଥା ଆଶାନୁରୂପ ଫଳପ୍ରଦ ହୋଇପାରେ ବୋଲି ବିଶ୍ୱାସ କରାଯାଇପାରେ। କିନ୍ତୁ ପ୍ରଶ୍ନ ଉଠେ, ସରକାରଙ୍କ ବ୍ୟବସ୍ଥିତ ନିୟମାବଳୀ ସତ୍ତ୍ୱେ କାହିଁକି ଖବରକାଗଜର ଅପରାଧ ପୃଷ୍ଠାରେ ଦୈନିକ ବାଲୁକା ସମ୍ପଦକୁ ନେଇ ରକ୍ତପାତ, ସଂଘର୍ଷ, ମୃତାହତ ଇତ୍ୟାଦିର ଖବର ପ୍ରାୟତଃ ପ୍ରକାଶ ପାଉଛି?


ଜୀବିକାର ଦ୍ୱାହି ଦେଇ ବାଲି-ସମ୍ବଳ ଅନେକ ବ୍ୟବସାୟୀଙ୍କ ଜୀବନର ମାନ ଉନ୍ନତି କରିଥାଏ ସତ; କିନ୍ତୁ କେତେକ କ୍ଷେତ୍ରରେ ଏହା ବହୁ ଜୀବନକୁ ନଷ୍ଟ ବି କରି ଦେଇଥାଏ। ବାଲି ବ୍ୟବସାୟୀଙ୍କ ଅନ୍ତର୍ଦ୍ୱନ୍ଦ୍ୱ ସାମୟିକ ଭାବେ ହିଂସାତ୍ମକ ରୂପ ନେଇଥାଏ, ଯଦ୍ୱାରା କିଛି ପରିବାର କ୍ଷତିଗ୍ରସ୍ତ ହୋଇଥା'ନ୍ତି। ବାଲି ମାଫିଆଙ୍କ ଆକ୍ରୋଶର ଶିକାରରୁ ଅନେକ ସରକାରୀ କର୍ମଚାରୀ, ସାଧୁବ୍ୟକ୍ତି ଓ ସାମ୍ବାଦିକ ବି ବର୍ତ୍ତିନାହାନ୍ତି। କିଛି ସ୍ଥଳେ ସଚ୍ଚୋଟ ଓ ନିଷ୍ଠାପର କାର୍ଯ୍ୟ ପାଇଁ ଏବଂ ମାଫିଆଙ୍କ କଳାକାରନାମାକୁ ଲୋକଲୋଚନକୁ ଆଣିବା ପ୍ରୟାସ ପାଇଁ ସେମାନଙ୍କ ଜୀବନକୁ ବାଜି ଲଗେଇବାକୁ ପଡ଼ିଥାଏ। ଯଦି ଏପରି ହିଂସାତ୍ମକ ଉପାୟ ଅବଲମ୍ବନକୁ ନ ରୋକାଯାଏ, ତା' ହେଲେ ଆଇନ ଓ ନିୟମ ଉପରେ ଜନମାନସଙ୍କ ଆସ୍ଥା ତୁଟିଯିବ। କିଛି ଦୃଷ୍ଟାନ୍ତମୂଳକ ଘଟଣା ଏମିତି ବି ରହିଛି ଯେ ଆମ ରାଜ୍ୟର ଏହି ସମ୍ପଦକୁ ଆମ ରାଜ୍ୟବାସୀ ପାଇବାରୁ ବଞ୍ଚିତ। ଯେହେତୁ ରାଜ୍ୟଦ୍ରୋହୀ ଅସାଧୁ ଓ ଅହିତ ବ୍ୟବସାୟୀଙ୍କ ସମ୍ପୃକ୍ତି ଏହାକୁ ପଡ଼ୋଶୀ ରାଜ୍ୟମାନଙ୍କୁ ଚୋରାଚାଲାଣ କରି ଆମରାଜ୍ୟର ପ୍ରଭୂତ ରାଜସ୍ୱ ହାନି କରି ନିର୍ଭୟରେ ବିଚରଣ କରିବାରେ ସଫଳ ହେଉଛନ୍ତି।

ଏପରି ଅନୈତିକ ଓ ବେପରୁଆଙ୍କୁ ଠିକଣା ବାଟକୁ ଅଣାଯିବା କଷ୍ଟକର ହୋଇଥିଲେ ବି କଠୋର କାର୍ଯ୍ୟପନ୍ଥା ଜରିଆରେ ନିୟନ୍ତ୍ରଣାଧୀନ କରିବା ଅସମ୍ଭବ ନୁହେଁ। ଏହା ସମସ୍ତେ ଜାଣନ୍ତି ଯେ ଜୀବନ ପାଇଁ ଜୀବିକା ରହିଥାଏ, ଜୀବିକା ପାଇଁ ଜୀବନ ନୁହେଁ। ସମ୍ବଳର ମୂଲ୍ୟ ଯେତେ ଅଧିକ ହେଉ ପଛେ ମାନବ ସମ୍ବଳଠାରୁ ଅଧିକ ନୁହେଁ। ତେଣୁ ନ୍ୟାୟିକ, ପ୍ରଶାସନିକ ଓ ବ୍ୟବସ୍ଥାଭିତ୍ତିକ ପଦକ୍ଷେପମାନ ଗ୍ରହଣ କରି; ଏକ ସୁପରିଚାଳନା ଏବଂ ଆଦର୍ଶଗତନୀତି ଆପଣେଇ ପରିବେଶ ସନ୍ତୁଳନ ପାଇଁ ବାଲୁକା ସମ୍ବଳର ଉଚିତ ବ୍ୟବହାର ଏବଂ ଏହାର ଦୁରୁପଯୋଗ ରୋକିବା ପାଇଁ ଏକ ସଚେତନାତ୍ମକ ଆନ୍ଦୋଳନ ଆବଶ୍ୟକ।

ପାରଳାଖେମୁଣ୍ଡି, ମୋ: ୯୦୯୦୭୭୯୭୮୯

## ପ୍ରତିଯୋଗିତାମୂଳକ ପରୀକ୍ଷାରେ ତ୍ରୁଟି ଓ ଏହାର ପ୍ରଭାବ

ଶୁଭ୍ରଜିତ୍ ସାହୁ



ଓଡ଼ିଶାରେ ଯୁବବର୍ଗ ବ୍ୟାପକ ରୂପେ ସରକାରୀ ପରୀକ୍ଷା ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଓଡ଼ିଶାର ବେଶି ଭାଗ ଲୋକ ନିମ୍ନ-ମଧ୍ୟବିତ୍ତ ଓ ଗ୍ରାମୀଣ ପରିବାରରୁ ଆସିଛନ୍ତି। ସମସ୍ତେ ନିଜ ଜୀବନର ସୁରକ୍ଷା ଓ ସ୍ଥିରତା ଏବଂ ଆର୍ଥିକ ସଙ୍କଟକୁ ଦୃଷ୍ଟିରେ ରଖି ସରକାରୀ ଚାକିରିକୁ ସର୍ବୋତ୍ତମ ବିକଳ୍ପ ଭାବେ ଗ୍ରହଣ କରି ନେଉଛନ୍ତି। ସରକାରୀ ଚାକିରିରେ ନିୟମିତ ବେତନ, ପେନସନ, ମହଙ୍ଗା ଭତ୍ତା ଓ ଅନେକ ସୁବିଧା ମିଳେ, ଯାହା ପରିବାର ପାଇଁ ସୁଖ ଓ ଶାନ୍ତି ଜୀବନର କାରକ ହୋଇଯାଏ। ଅନ୍ୟପକ୍ଷରେ କିଛି ଦେଶପ୍ରେମୀ ଓ ସମାଜପ୍ରେମୀ ଯୁବକଯୁବତୀ ସମାଜ ଓ ଦେଶ ସେବା ପାଇଁ ସରକାରୀ ଚାକିରିକୁ ଚୟନ କରନ୍ତି। ମାତ୍ର ଦୁର୍ନୀତି କହିଲେ ସରକାରୀ ଚାକିରିର ଅନ୍ୟନାମ ବୋଲି ଅପବାଦ ଆସେ। ପ୍ରତିଦିନ ଖବରକାଗଜରେ ଦୁର୍ନୀତି ସମ୍ପର୍କିତ ଖବର ସହିତ ସରକାରୀ ଚାକିରିଆଙ୍କ ସମ୍ପର୍କ ଦେଖିବାକୁ ମିଳୁଥିବାରୁ ଏଭଳି ଅପବାଦ ଆସିବା ସ୍ୱାଭାବିକ।

ଶହ ଶହ ଯୁବବର୍ଗ ଆଖିରେ ଆଖିଏ ସ୍ୱପ୍ନ ଏବଂ ଆଶା ନେଇ ଦିନ ଦିନ ମାସ ମାସ ପରିଶ୍ରମ କରି ଚଳନ୍ତି ଏହି ଆଶା ରଖି କି ସଂଶୋଧିତ ହୋଇଯିବ ସରକାରୀ ବ୍ୟବସ୍ଥା, ସରକାରୀ ତ୍ରୁଟି। ମାତ୍ର ସରକାରଙ୍କ ପଦକ୍ଷେପ କେତେଦୂର କାର୍ଯ୍ୟ କରୁଛି ତାହା ପ୍ରଶ୍ନବାଚୀ। ନିଜ ପ୍ରାପ୍ୟ ପାଇବାକୁ ଖରାବର୍ଷାରେ ରାଜଧାନୀରେ ଯୁବ ସମାଜ କେତେ ବା ବିରୋଧ କରିବେ? ଏହି ଦୁର୍ନୀତି କେବଳ ଯୁବ ସମାଜର ସ୍ୱପ୍ନ ଭାଙ୍ଗୁଛି ତାହା ନୁହେଁ; ସମାଜ ଓ ଦେଶ ବିକାଶ ପାଇଁ ବଡ଼ ବାଧା ସୃଷ୍ଟି କରୁଛି।

ସରକାରୀ ଚାକିରି ଚୟନ ପ୍ରକ୍ରିୟା ମେରିଟ୍ ଉପରେ ଆଧାରିତ ହେବା ଦରକାର। ତଥାପି ବର୍ତ୍ତମାନ ସମୟରେ ଅଫଲାଇନ୍ ତଥାକଥିତ ଲିଖିତ ଅବା କାଗଜ କଲମ ବ୍ୟବହୃତ ପରୀକ୍ଷା ଆଉ ସୁରକ୍ଷିତ ନାହିଁ। ଅଫଲାଇନ୍ ପରୀକ୍ଷାରେ ଦୁର୍ନୀତିର ଅନେକ ରୂପ ରହିଛି। ଯେପରି, ଅନେକ ପରୀକ୍ଷାର ପ୍ରଶ୍ନପତ୍ର ପୂର୍ବରୁ ଚୋରି ହୋଇ ସାମାଜିକ ଗଣମାଧ୍ୟମମାନଙ୍କରେ ପ୍ରଘଟ ହୋଇଯାଏ। ପରୀକ୍ଷାରେ ଅସଲ ପରୀକ୍ଷାର୍ଥୀ ନ ଯାଇ ତାଙ୍କ ସ୍ଥାନରେ ଅନ୍ୟମାନେ ପରୀକ୍ଷା ଦେଉଥିବା ଦୃଷ୍ଟିକୁ ଆସେ। କେତେକ କେନ୍ଦ୍ରରେ ଅଧିକାରୀ ଓ ଶିକ୍ଷକମାନେ ନିଜେ ନକଲକୁ ସହଯୋଗ କରୁଥିବାର ଅଭିଯୋଗ ମଧ୍ୟ ଆସେ। ଏହି ବ୍ୟବସ୍ଥାରେ ବଳି ପଡ଼ୁଛନ୍ତି କିଛି ପରିଶ୍ରମୀ ଓ ଯୋଗ୍ୟ ଯୁବବର୍ଗ।

ସରକାର ଏବେ ପରୀକ୍ଷାକୁ ଦୁର୍ନୀତିମୁକ୍ତ କରିବାକୁ କମ୍ପ୍ୟୁଟରୀକରଣ ବା ଅନ୍‌ଲାଇନ୍‌ର ବିକଳ୍ପ ବାଛିଛନ୍ତି। ଅନେକ ସୁବିଧା ଓ ସରଳ ମଧ୍ୟ ହେଲା ଏ ଧରଣର ପରୀକ୍ଷା। ଘରେ ବସି ମୋବାଇଲ୍, କମ୍ପ୍ୟୁଟର କିମ୍ବା ଲାପଟପ୍ ଦ୍ୱାରା ସୁବିଧାରେ ପରୀକ୍ଷା ଦେଇହେଉଛି। ସମୟ ଓ ଖର୍ଚ୍ଚ ବଞ୍ଚି ପାରୁଛି। ପରୀକ୍ଷା ଓ ଫଳ ପ୍ରକାଶନ ପ୍ରକ୍ରିୟା ଦ୍ରୁତ ଓ ସଠିକ୍ ହେଉଛି। ଏପରିକି ଅନଲାଇନ୍ ପ୍ଲାଟଫର୍ମ ଦ୍ୱାରା ଏକାଧିକ ପରୀକ୍ଷା ଏକ ସମୟରେ କରାଯାଇପାରିଥାଏ, ଯାହା ମାନବ ସଂସାଧନ ଓ ସମୟ ବଞ୍ଚାଏ। ଅନଲାଇନ୍ ପରୀକ୍ଷା ହେଉଛି ଏକ ଆଧୁନିକ ଓ ଗତିଶୀଳ ବ୍ୟବସ୍ଥା, ଯାହା ଯୁବମାନଙ୍କୁ ସହଜରେ ଏବଂ ଅନ୍ୟ ସହିତ ପ୍ରତିଯୋଗିତା କରିବାରେ ସକ୍ଷମ କରେ।

ମାତ୍ର ଏବେ ଅନଲାଇନ୍ ପରୀକ୍ଷାରେ ସାଇବର ଅପରାଧର ଆଶଙ୍କା ବଢ଼ିବାରେ ଲାଗିଛି। ହ୍ୟାକିଂ ଓ ଚିଟିଂ ସଫ୍ଟୱେୟାର ପାଇଁ କେତେକ ଅନଲାଇନ୍ ପ୍ଲାଟଫର୍ମ ସୁରକ୍ଷିତ ନ ଥିବା ଫଳରେ ହ୍ୟାକିଂ ଦ୍ୱାରା ପ୍ରଶ୍ନ ଓ ଉତ୍ତର ପରୀକ୍ଷା ପୂର୍ବରୁ ପ୍ରଘଟ ହୋଇଯାଉଛି। ଅନ୍ୟ ବ୍ୟକ୍ତି ଏକ ଅଭ୍ୟାର୍ଥୀଙ୍କଠାରୁ ଲଗ୍ ଇନ୍ ହୋଇ ପରୀକ୍ଷା ଦେଇପାରୁଛନ୍ତି।

ଏହି ସମସ୍ୟାର ନିରାକରଣ ପାଇଁ ଅଫଲାଇନ୍ ମୋଡ୍, କିମ୍ବା ସିସିଟିଭି କିମ୍ବା ବାୟୋମେଟ୍ରିକ୍ ପ୍ରମାଣନ ବାଧ୍ୟତାମୂଳକ ହେବା ଦରକାର। ପ୍ରଶ୍ନପତ୍ର ସ୍ୱଚ୍ଛ ବଣ୍ଟନ, ଗୁପ୍ତ ଭଣ୍ଡାରଣ ଓ ନିୟମିତ ଯାଞ୍ଚ ମଧ୍ୟ ଆବଶ୍ୟକ। ଦୁର୍ନୀତିଖୋରଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ସରକାରୀ ପୋର୍ଟାଲ୍‌ଗୁଡ଼ିକ ଆଧୁନିକରୁ ଆଧୁନିକ ସୁରକ୍ଷା ବଳୟରେ ରହିବା ଦରକାର।

ଦୁର୍ନୀତି ଏବେ ଏକ ଗଭୀର ସମସ୍ୟା ହୋଇ ଦେଖାଦେଇଛି। ଯୁବମାନଙ୍କର ସ୍ୱପ୍ନ ଓ ଦେଶର ଭବିଷ୍ୟତକୁ ନେଇ ଖେଳ ହେଉଛି। ଏହି ସମସ୍ୟାର ସଠିକ୍ ସମାଧାନ ପାଇଁ ସରକାର, ପରୀକ୍ଷା ପରିଷଦ ଓ ସାଧାରଣ ଲୋକଙ୍କ ସଚେତନତା ଜରିଆରେ ଅନୁଶାସନ ଓ କଠୋର ନୀତି ନିର୍ଦ୍ଧାରଣ ଅତ୍ୟାବଶ୍ୟକ। ତେବେ ଅନଲାଇନ ପରୀକ୍ଷଣ ତଥା କମ୍ପ୍ୟୁଟର ଦ୍ୱାରା ପରୀକ୍ଷା ପାଇଁ ଆମ ସରକାର କେତେଦୂର ଦାୟିତ୍ୱବାନ ହେବେ କିମ୍ବା ତାହା ଆଉ ଏକ ପ୍ରଶ୍ନ।

ମୋ: ୯୩୪୮୦୮୪୮୯୮

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ବାସଙ୍ଗ

ସୌଭାଗ୍ୟସୁନ୍ଦର

ବାସଙ୍ଗ ହେଉଛି ଭାରତରେ ଏକ ସାଧାରଣ ଔଷଧୀୟ ଉଦ୍ଭିଦ। ଏହାର ମୂଳ ପରିସର ଭାରତ, ବାଂଲାଦେଶ, ପାକିସ୍ତାନ, ନେପାଳ ଏବଂ ଶ୍ରୀଲଙ୍କା, ଲାଓସ, ମିଆଁମାର, ଭିଏତନାମ, ଇଣ୍ଡୋନେସିଆ, ମାଲେସିଆ, ଚୀନ ଏବଂ ଆଫଗାନିସ୍ତାନ ପର୍ଯ୍ୟନ୍ତ ବିସ୍ତାରିତ। ସଂସ୍କୃତରେ ଏହାକୁ ଭାସକ କୁହାଯାଏ। ଏହି ଛୋଟ ଚିରହରିତ ବୁଦା ବା ଗୁଳ୍ମଟିର ପତ୍ର ଲେନ୍ସ ଭଳି ବା ଅଣ୍ଡାକୃତି, ୧୦ ରୁ ୧୬ ସେଣ୍ଟିମିଟର ଲମ୍ବ ଏବଂ ୫ ସେଣ୍ଟିମିଟର ଚଉଡ଼ା। ଶୁଖିଗଲେ ପତ୍ରଟି ଏକ ମଳିନ ବାଦାମୀ-ସବୁଜ ରଙ୍ଗର ହୋଇଯାଏ। କାଣ୍ଡର କାଠ ନରମ ଏବଂ ବାରୁଦ ପାଇଁ ଅଙ୍ଗାରର ଏକ ଉତ୍ସ ତିଆରି କରେ। ଫୁଲର ପାଖୁଡ଼ାଗୁଡ଼ିକ ଧଳା ଓ ତଳପାଖ ବାଇଗଣୀ। ଫଳଟି ଚାରୋଟି ବୀଜ ସହିତ ଏକ ଛୋଟ କ୍ଲବ୍ ଆକାରର କ୍ୟାପସୁଲ୍।

ଆୟୁର୍ବେଦରେ ବାସଙ୍ଗ ଅନେକ ରୋଗ ପାଇଁ ବ୍ୟବହୃତ ହୁଏ। ଯଥା; କୁଷ୍ଠ, ରକ୍ତ ବିଭ୍ରାଟ ରୋଗ, ହୃଦରୋଗ, ଜ୍ୱର, କାଶ, ଥଣ୍ଡା, ବାନ୍ତି, ଗଳାଯନ୍ତ୍ରଣା, ସ୍ମୃତି ହ୍ରାସ, ଲ୍ୟୁକୋଡର୍ମା ବା ଧବଳ ଚର୍ମ, ବାତ, କାମଳ, ଟ୍ୟୁମର, ପତଳା ଝାଡ଼ା, ମ୍ୟାଲେରିଆ, ହଇଜା, ପେଟ ଘା', ହେମୋରୋଏଡ୍ସ ମାଢ଼ିରୁ ରକ୍ତସ୍ରାବ, ମୁଖସମସ୍ୟା, ପିତ୍ତ ଓ କଫ ଦୋଷ, ଆଖି ଯନ୍ତ୍ରଣା, ଗନୋରିଆ। ଆଣ୍ଟିସ୍ପାସ୍ମୋଡିକ୍, କଫ ଏବଂ ରକ୍ତ-ଶୁଦ୍ଧକାରୀ ଗୁଣ ପାଇଁ ଏହା ବେଶ୍ ଜଣାଶୁଣା। ହଜାର ହଜାର ବର୍ଷ ଧରି ପାରମ୍ପରିକ ଭାରତୀୟ ଚିକିତ୍ସାଶାସ୍ତ୍ରରେ ବ୍ରୋଙ୍କାଇଟିଜ୍ ଆଜ୍‌ମା, ଯକ୍ଷ୍ମା, ସାଇନୋସାଇଟିସ୍, ଅବସାଦ, ଫୁସ୍‌ଫୁସ୍ ଜନିତ ଶ୍ୱାସକ୍ରିୟା ସମ୍ବନ୍ଧିତ ରୋଗର ଉପଶମ ପାଇଁ ସମଗ୍ର ଉଦ୍ଭିଦର ବ୍ୟାପକ ଓ ଫଳପ୍ରଦ ଔଷଧୀୟ ପ୍ରୟୋଗ ରହିଛି। ପତ୍ରରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ଓ ଆଣ୍ଟି-ଇନ୍‌ଫ୍ଲାମାଟ୍ରିକ୍ ଗୁଣ ପାଇଁ କ୍ଷତ ଉପଶମ ଏବଂ ଆଭ୍ୟନ୍ତରୀଣ ଓ ବାହ୍ୟ ରକ୍ତସ୍ରାବ ନିୟନ୍ତ୍ରଣ, ରକ୍ତଶୋଧକ ଓ ହୃତପିଣ୍ଡ ଟନିକ ପାଇଁ ବ୍ୟବହାର କରାଯାଇଛି। ୟୁନାନୀ ଓ ହୋମିଓପାଥିକ ଔଷଧ ପ୍ରଣାଳୀରେ ମଧ୍ୟ ବାସଙ୍ଗର ଉପଯୋଗ କରାଯାଏ। କିନ୍ତୁ ଗର୍ଭାବସ୍ଥାରେ ଏହାର ସେବନ ନିଷେଧ ଅଟେ। ତେଣୁ ଏହାକୁ କେବଳ ଡାକ୍ତରୀ ତଦାରଖରେ ବ୍ୟବହାର କରାଯିବା ଉଚିତ।

ବାସଙ୍ଗର ବିଭିନ୍ନ ଅଂଶରେ ଭାସିସିନ ପରି କ୍ୱିନାଜୋଲିନ୍ ଆଲକାଲଏଡ୍, ଆଣ୍ଟି-ମାଇକ୍ରୋବାଏଲ୍, ଆଣ୍ଟି-ଅଲସର, ହେପାଟୋପ୍ରୋଟେକ୍ଟିଭ୍, ଆଣ୍ଟି-ଅକ୍ସିଡାଣ୍ଟ, ଲୁଟେଓଲିନ୍, ଟ୍ରିଟ୍ରିଆକୋଣ୍ଟେନ, କ୍ୟାରୋଟିନ୍, ଭାସାକିନ୍, ଭାସିସିନୋନ୍, ଭାସିକୋଲୋନ୍, ଭାସିକୋଲିନୋନ୍, ଆଲକାଲଏଡ୍, ଟାନିନ୍, ସାପୋନିନ୍, ଫେନୋଲିକ୍ସ, ଫ୍ଲାଭୋନଏଡ୍ ଭଳି ଫାଇଟୋକେମିକାଲ୍ସ ପରି ଅନେକ ଗୁରୁତ୍ୱପୂର୍ଣ୍ଣ ଜୈବିକ ସକ୍ରିୟ ଯୌଗିକ ଉପାଦାନ ରହିଛି।

ଭାରତର ଅଧିକାଂଶ ସ୍ଥାନରେ ବାସଙ୍ଗ ଚାଷ କରିବା ସହଜ। ଏଥିପାଇଁ ସର୍ବନିମ୍ନ ଯତ୍ନ ଆବଶ୍ୟକ। ଏହା ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ, ମଧ୍ୟମ ପାଣି ଏବଂ ଭଲ ଜଳ ନିଷ୍କାସନକାରୀ ମାଟି ଆବଶ୍ୟକ କରେ। ଏହାକୁ ପ୍ରାରମ୍ଭିକ ୩-୪ ବର୍ଷ ମଧ୍ୟରେ ଏକ ଶୁଦ୍ଧ ଫସଲ ଭାବରେ କିମ୍ବା ନଡ଼ିଆ ଓ ରବର ବଗିଚାରେ ଏକ ଅନ୍ତଃଫସଲ ଭାବରେ ଚାଷ କରାଯାଇପାରିବ। କୋମଳ କାଣ୍ଡ କଟା ଦ୍ୱାରା ମଧ୍ୟ ବାସଙ୍ଗ ବଂଶ ବିସ୍ତାର କରାଯାଏ। ୧୫-୨୦ ସେମି ଲମ୍ବା ଏବଂ ୩-୪ ଗଣ୍ଠିର କାଣ୍ଡ କଟା ଲଗାଇବା ପାଇଁ ଉପଯୁକ୍ତ। ସବୁଜ ପତ୍ର ହପର, ସବୁଜ ଶିଙ୍ଗଯୁକ୍ତ ପୋକ, ବାଦାମୀ ପତ୍ର ଦାଗ ଓବ୍ଲାଷ୍ଟ ଭଳି ରୋଗ ସାଧାରଣତଃ ଆକ୍ରମଣ କରନ୍ତି। ପ୍ରଥମ ଲକ୍ଷଣ ଦେଖାଯିବା ପରେ ସାତ ଦିନ ବ୍ୟବଧାନରେ ଦୁଇ ଡୋଜ୍ ୧୦% ଗୋମୂତ୍ର ସାର ସିଞ୍ଚନ କରି ଏହି ଆକ୍ରମଣକୁ ପ୍ରତିରୋଧ କରାଯାଇପାରିବ। ଏହାପରେ ତୁରନ୍ତ କୀଟ ପରିଚାଳନା କୌଶଳ ବ୍ୟବହାର କରାଯିବା ଉଚିତ। ଗଛଗୁଡ଼ିକ ଭଲ ଭାବରେ ପ୍ରତିଷ୍ଠା ହେବା ପରେ ୬-୮ ମାସ ପରେ ପତ୍ର ଅମଳ ଆରମ୍ଭ କରାଯାଇପାରିବ। ସର୍ବୋତ୍ତମ ସମୟ ହେଉଛି ଫୁଲ ଫୁଟିବା ପୂର୍ବରୁ, ଶୀତ ଏବଂ ବସନ୍ତ ଋତୁରେ। ପତ୍ରଗୁଡ଼ିକ ସମ୍ପୂର୍ଣ୍ଣ ବାୟୁରେ ଶୁଖିବାକୁ ୫-୭ ଦିନ ସମୟ ଲାଗେ। ଶୁଖିଲା ପତ୍ରଗୁଡ଼ିକୁ ବାୟୁରୋଧୀ ପାତ୍ରରେ ଏକ ଥଣ୍ଡା ଅନ୍ଧାର ସ୍ଥାନରେ ରଖନ୍ତୁ। ପତ୍ରଗୁଡ଼ିକୁ ତାଜା ବ୍ୟବହାର କରାଯାଇପାରିବ। କିନ୍ତୁ ଶୁଖିଲା ପତ୍ରଗୁଡ଼ିକ ଔଷଧୀୟ ଯୌଗିକଗୁଡ଼ିକୁ ଭଲ ଭାବରେ ଧରି ରଖେ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସମୁଦ୍ରକୁ ମାଛ ମାରିବାକୁ ଯାଇ ମତ୍ସ୍ୟଜୀବୀ ନିଖୋଜ ଘଟଣା

# ଦୀଘାରୁ ଜଣେ ଉଦ୍ଧାର, ୩ ଜଣଙ୍କ ପତ୍ତା ମିଳିନି

ଚନ୍ଦନେଶ୍ୱର, ୩।୮(ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଚୌମୁଖ ପଞ୍ଚାୟତ ଅଧୀନ କଙ୍କଡ଼ାପାଳ ଗ୍ରାମର ୪ଜଣ ମତ୍ସଜୀବୀ ଗତକାଲି ସମୁଦ୍ରକୁ ମାଛ



ଧରିବାକୁ ଯାଇ ନିଖୋଜ ଥିଲେ। ସେମାନଙ୍କୁ ଖୋଜା ଚାଲିଥିଲା। ବହୁ ଖୋଜାଖୋଜି ପରେ ଆଜି ଦୀଘା ସମୁଦ୍ର କୂଳଠାରୁ ଅନତିଦୂରରେ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ତିନିଜଣ ଏବେ ବି ନିଖୋଜ ଥିବା ଜଣାପଡ଼ିଛି। ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀଙ୍କୁ ଦୀଘା ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ବାଲିଆପାଳ ବ୍ଲକ୍ କଙ୍କଡ଼ାପାଳ ଗ୍ରାମର ଚାରିଜଣ ମତ୍ସ୍ୟଜୀବୀ ଏକ ଯନ୍ତ୍ରଚାଳିତ ଡ଼ଙ୍ଗାରେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ବେଳେ ଜୁଆର ମାଡ଼ରେ ଡ଼ଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଥିବା ଚାରିଜଣ ମତ୍ସ୍ୟଜୀବୀ ମଧୁସୂଦନ ଗିରି(୩୫), ତାଙ୍କ ବାପା ଗୋପାଳ ଗିରି (୬୦), ବଡ଼ଭାଇ ରବୀନ୍ଦ୍ର ଗିରି (୩୮) ଓ ତାଙ୍କ ଶାଳକ ଚୌମୁଖ ଗ୍ରାମର ଜଗନ୍ନାଥ ପାଳ(୩୨) ନିଖୋଜ ହୋଇଯାଇଥିଲେ। ପରିବାରଲୋକ କୌଣସି ଦୁର୍ଘଟଣାର ଆଶଙ୍କା କରି ବାଲିଆପାଳ ଅଗ୍ନିଶମ ବିଭାଗ ଓ ବାଲିଆପାଳ ଥାନାରେ ଅଭିଯୋଗ କରିଥିଲେ। ପରେ ଭୋଗରାଇର ତାଳସାରୀ ମେରାଇନ ପୁଲିସ ଓ ବାଲିଆପାଳ ପୁଲିସ ଡ୍ରୋନ୍ କ୍ୟାମେରା ସାହାଯ୍ୟରେ ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କର ପତ୍ତା ମିଳିନଥିଲା। ତେବେ ଆଜି ଚୌମୁଖ ଗ୍ରାମର ଜଗନ୍ନାଥ ପାଳ (୩୨)ଙ୍କୁ ପଶ୍ଚିମବଙ୍ଗର ଦୀଘା ନିକଟସ୍ଥ ମୋହନା ମୁହାଣରୁ ଜୀବନ୍ତ ଅବସ୍ଥାରେ ପୁଲିସ ଉଦ୍ଧାର କରି ଦୀଘା ଷ୍ଟେଟ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଅନ୍ୟ ୩ଜଣ ନିଖୋଜ ମତ୍ସଜୀବୀଙ୍କୁ ଉଦ୍ଧାର କରିବା ପାଇଁ ପୁଲିସ ତରଫରୁ ଉଦ୍ୟମ ଜାରି ରହିଥିବା ତାଳସାରୀ ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ପ୍ରକାଶ କରିଛନ୍ତି।

## ନାବାଳିକା ଛାତ୍ରୀଙ୍କୁ ଯୌନ ନିର୍ଯାତନା

# ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ଗିରଫ ଦାବିରେ ଥାନା ଘେରିଲା କଂଗ୍ରେସ

ଜଗତସିଂହପୁର/ରଘୁନାଥପୁର, ୩।୮ (ସମିସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ଥାନା ଅଧୀନସ୍ଥ ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟର ଜଣେ ନାବାଳିକା ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଧ୍ୟାପକ ଓ ଅଧ୍ୟକ୍ଷଙ୍କ ଗିରଫ ଦାବିରେ ତିର୍ତ୍ତୋଲ କଂଗ୍ରେସ ପକ୍ଷରୁ ଆଜି ଥାନା ଘେରାଉ କରାଯାଇଥିଲା। ପିସିସି ସଭ୍ୟ ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ ମଦନମୋହନ ମଠ ନିକଟରୁ ଶହ ଶହ କଂଗ୍ରେସ ନେତା ଓ କର୍ମୀ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ପରେ ରଘୁନାଥପୁର ଥାନା ନିକଟରେ ପହଞ୍ଚିଥିଲେ। ସେଠାରେ ପୁଲିସ ପ୍ରଶାସନର ନିଷ୍କ୍ରିୟତା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

କଂଗ୍ରେସର ଅଭିଯୋଗ ଅନୁଯାୟୀ, ଗତ ଜୁଲାଇ ୨୧ ତାରିଖରେ ଅଭିଯୁକ୍ତ ଅଧ୍ୟାପକଙ୍କ ବିରୁଦ୍ଧରେ କଲେଜ ପରିଚାଳନା କମିଟି ସଭାପତି ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଜଗତସିଂହପୁର ଥାନାରେ ଏତଲା ଦେବା ପରେ ଏହାକୁ ରଘୁନାଥପୁର ଥାନାକୁ ପ୍ରେରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ପକ୍‌ସୋ ଧାରା ଅନୁସାରେ ମାମଲା ରୁଜୁ ହୋଇଥିଲା। ମାମଲା ରୁଜୁ ହେବାର ୧୨ଦିନ ବିତିଯାଇଥିବା ବେଳେ ଏପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ଗିରଫ କରାଯାଇନାହିଁ।




ରଘୁନାଥପୁର ପୁଲିସର ଅପାରଗତା ଦର୍ଶାଇ ଥାନା ସମ୍ମୁଖରେ କଂଗ୍ରେସ ନେତା ଓ କର୍ମୀ ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରାରମ୍ଭରେ ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ବଲଙ୍ଗା ପୀଡ଼ିତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ମହିଳା କଂଗ୍ରେସର କର୍ମକର୍ତ୍ତା ରଘୁପତି ରାଘବ ରାଜା ରାମ ସଙ୍ଗୀତ ଗାନ କରି ଅହିଂସାତ୍ମକ ଉପାୟରେ ଧାରଣ ଆରମ୍ଭ କରିଥିଲେ। ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାସ, ଏସ୍‌ଡିପିଓ ଚିନ୍ମୟ ରାଉତ ଓ ରଘୁନାଥପୁର ଥାନା ଅଧିକାରୀ ସୁଶାନ୍ତ ସେଠୀ ଧାରଣରତ କଂଗ୍ରେସ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ତିନିଦିନ ମଧ୍ୟରେ ଯିଏ ବି ଅଭିଯୁକ୍ତ ଅଛନ୍ତି, ସେମାନଙ୍କୁ ଗିରଫ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସାମୟିକ ଭାବେ ପାଇଁ ସ୍ଥଗିତ ରଖାଗଲା ବୋଲି କହିଛନ୍ତି କଂଗ୍ରେସ ଜିଲ୍ଲା ସଭାପତି ନଟବର ବାରିକ। ତେବେ ପୀଡିତାଙ୍କୁ ନ୍ୟାୟ ନ ମିଳିବା ଯାଏଁ ଲଢ଼େଇ ଜାରି ରହିବ ବୋଲି ପିସିସି ସଭ୍ୟ ଦେବପ୍ରସାଦ ନାୟକ ସୂଚନା ଦେଇଛନ୍ତି।

ସେହିପରି ପୂର୍ବତନ ବିଧାୟକ ଡ. ଲଲାଟେନ୍ଦୁ ମହାପାତ୍ର ଏଥିରେ ଯୋଗଦେଇ କହିଛନ୍ତି, ଅରୂପାନନ୍ଦ ମହାବିଦ୍ୟାଳୟରେ ଯେଉଁ ନାବାଳିକା ପ୍ରତି ଅସଦାଚରଣ ହୋଇଛି ଏହା ଦୀର୍ଘ ଦିନର ଘଟଣା। କଲେଜ ଆଇସିସି କମିଟି ଏହି ଘଟଣାର ସଠିକ୍ ଭାବେ ତଦନ୍ତ କରି ନଥିଲେ। ପରେ ଯେବେ ଏହି ଘଟଣା ଲୋକଲୋଚନକୁ ଆସିଲା, ସେତେବେଳେ ଉପଜିଲ୍ଲାପାଳ ନିଜ ପକ୍ଷରୁ ଏକ ଏତଲା ଦେଇଥିଲେ। ଏତଲା ଦେବାର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ରଘୁନାଥପୁର ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହେବା ଦୁର୍ଭାଗ୍ୟର ବିଷୟ।

ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଅଭିଜିତ ସାହୁ, ନାରୀନେତ୍ରୀ ପ୍ରତୀମା ମଲ୍ଲିକ, ଦୀପ୍ତିରାଣୀ ପ୍ରଧାନ, ଅନସୂୟା ପ୍ରଧାନ, ପ୍ରିୟବ୍ରତ ମିଶ୍ର, ଆତ୍ରର୍ତ୍ତାଣ ପଣ୍ଡା , ମାନସ ରଥ, ଅଭୟ ମହାନ୍ତି, ପ୍ରଶାନ୍ତ ଦାସ, ସର୍ବେଶ୍ୱର ପଣ୍ଡା, ଜିତେନ୍ଦ୍ର ମହାନ୍ତି, ଅଶ୍ୱିନୀ ସ୍ୱାଇଁ, ଧନଞ୍ଜୟ ସୂତାର, ସୃଜନିକା ରାଉତ, ବସନ୍ତ ନାୟକ, ହେମଲତା ସେଠୀ, ପୁଷ୍ପାଞ୍ଜଳି ଦାସ, ପୁଷ୍ପାଞ୍ଜଳି ମହାପାତ୍ର, ସରପଞ୍ଚ କାଳନ୍ଦୀ ମହାନ୍ତି, ସଫି ଆଜମ, ପ୍ରଦ୍ୟୁମ୍ନ ଚଇନି, ସମିତିସଭ୍ୟ ଜିତେନ୍ଦ୍ର ମଲ୍ଲିକ, ପ୍ରତାପ ସ୍ୱାଇଁ, ଦେବୀପ୍ରସାଦ ପାଳ ପ୍ରମୁଖଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ଅବଶିଷ୍ଟାଂଶ

### କେନାଲକୁ ଖସିଲା...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଓ ଆହତଙ୍କୁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ରାଶି ଦେବାକୁ ସେ ଘୋଷଣା କରିଛନ୍ତି।

ବୋଲେରୋରେ ୧୬ ଜଣ ଲୋକ ପୃଥ୍ୱୀନାଥ ମନ୍ଦିରକୁ ଜଳାଭିଷେକ କରିବାକୁ ଯାତ୍ରା କରୁଥିଲେ। କେନାଲକୁ ଗାଡି ଖସିବା ପରେ କୌଣସି ଲୋକ ବାହାରକୁ ବାହାରି ପାରି ନଥିଲେ। ପ୍ରବଳ ବର୍ଷା କାରଣରୁ କେନାଲ ବହୁ ପରିମାଣରେ ପାଣିଥିଲା। କେନାଲ ପଡିବା ପରେ ହିଁ ଗାଡି ସମ୍ପୂର୍ଣ୍ଣ ଭାବେ ବୁଡି ଯାଇଥିଲା। ଗାଡିର ଗେଟ୍ ଲକ୍ ହୋଇଯାଇଥିଲା। ଭିତରେ ଥିବା ଯାତ୍ରୀ ଛଟପଟ ହୋଇଥିଲେ ଓ ବାହାରକୁ ନ ବାହରିପାରି ମୃତ୍ୟୁବରଣ କରିଥିଲେ। ଗାଡି କେନାଲରେ ପଡିବା ପରେ ଡ୍ରାଇଭର ଡୋର ଖୋଲି ପାଣିକୁ ଡେଇଁ ପଡିଥିଲେ। ସେ ଗାଡି ଡୋର ଖୋଲିବାକୁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଆଗ ସିଟ୍‌ରେ ବସିଥିବା ଦୁଇଜଣ ମଧ୍ୟ ବାହରକୁ ଆସିଥିଲେ। ମଝିରେ ଠିଆ ହୋଇଥିବା ବାଳିକା ପିଙ୍କି ମଧ୍ୟ ଅଚାନକ ବାହାରକୁ ଚାଲିଯାଇଥିଲେ। ସ୍ଥାନୀୟ ଲୋକ ବଲେରୋ ଗେଟ୍ ଖେଲିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନଥିଲେ। ଦଉଡିରେ ବାନ୍ଧ ଗାଡିକୁ ଟାଣି କୂଳକୁ ଆଣାଯାଇଥିଲା। ଗାଡିର କିଛି ଅଂଶ ପାଣି ଉପରକୁ ଆସିଥିଲା। ଖାଚ ଭାଙ୍ଗି ଜଣକ ପରେ ଜଣକୁ ବାହରକୁ ଆଣାଯାଇଥିଲା। କିନ୍ତୁ ସେତେବେଳକୁ ସମସ୍ତ ଜୀବନ ଯାଇସାରିଥିଲା।

### ଗୋଟିଏ ବୈଠକରେ...

ଗଠନ ହେବାକୁ ପାଖାପାଖି ଗୋଟିଏ ବର୍ଷ ହେବାକୁ ବସିଥିବା ବେଳେ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନେଇଥିବା ଦେଖିବାକୁ ମିଳିନାହିଁ। ଟାସ୍କଫୋର୍ସ ଗଠନର ଗୋଟିଏ ସପ୍ତାହ ମଧ୍ୟରେ ଥରେ ବୈଠକ ବସିଥିଲା, ଏହାପରେ ଆଉ ବୈଠକ ବସିନାହିଁ। ବିଧାନସଭାରେ ଶ୍ରମ ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁସାରେ ଗତ ୨ ବର୍ଷ ମଧ୍ୟରେ ରାଜ୍ୟ ଏବଂ ଦେଶ ବାହାରକୁ କାମ କରିବାକୁ ଯାଇ ୨୦୭ ଓଡ଼ିଆ ଶ୍ରମିକ ପ୍ରାଣ ହରାଇଛନ୍ତି। ଏଥିରେ ଗଞ୍ଜାମ ଓ ବଲାଙ୍ଗିର ଜିଲ୍ଲାରୁ ମୃତ ଦାଦନଙ୍କ ସଂଖ୍ୟା ସର୍ବାଧିକ। ଦାଦନ ଖଟିବାକୁ ଯାଇ ଗଞ୍ଜାମ ଜିଲ୍ଲାରୁ ୪୯ ଜଣ ପ୍ରାଣ ହରାଇଥିବା ବେଳେ ବଲାଙ୍ଗିରରୁ ୨୩ ଜଣ ଶ୍ରମିକଙ୍କ ପ୍ରାଣ ହରାଇଛନ୍ତି। ସେହିପରି କଳାହାଣ୍ଡି ଓ କନ୍ଧମାଳରେ ୧୬ ଜଣ ଲେଖାଏଁ ଶ୍ରମିକଙ୍କ ଜୀବନ ଯାଇଛି। ନବରଙ୍ଗପୁର ଓ ରାୟଗଡାରେ ୧୩ ଲେଖାଏଁ ଶ୍ରମିକ ଶବ ହୋଇ ରାଜ୍ୟକୁ ଫେରିଛନ୍ତି।

### ବୋର୍ଡ ଉପସଭାପତି...

ଏଥିସହ ୬୦ ଦିନ ମଧ୍ୟରେ ଚାର୍ଜସିଟ ଦାଖଲ କରାଯିବ। ତେବେ ଆଗକୁ ନୀହାରଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଆଇଜି ବି.ଗଙ୍ଗାଧର ସୂଚନା ଦେଇଛନ୍ତି।

କ୍ରାଇମବ୍ରାଞ୍ଚ ଡିଜିଙ୍କ ସୂଚନା ଅନୁଯାୟୀ, ପ୍ରଶ୍ନପତ୍ର ଲିକ୍ ପ୍ରକ୍ରିୟା ପରୀକ୍ଷା ବୋର୍ଡ ସହ କାର୍ଯ୍ୟ କରୁଥିବା ଡାଟା ଏଣ୍ଟ୍ରି ଅପରେଟରଙ୍କ ମାଧ୍ୟମରେ ପୂର୍ବରୁ ଗିରଫ ହୋଇଥିବର ଅଭିଯୁକ୍ତ ଜିତନ୍ ମହାରଣାଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ, ଡାଟାଏଣ୍ଟ୍ରି ଅପରେଟର ଜିତନ୍ ମହାରଣା ଲିକ୍ ଘଟଣାରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିଥିବା କହିଛନ୍ତି କ୍ରାଇମ୍‌ବ୍ରାଞ୍ଚ ଡିଜି। ମୁଖ୍ୟ ଅଭିଯୁକ୍ତ ଜିତନଙ୍କ ସହ ବୋର୍ଡ ଉପସଭାପତିଙ୍କ ଘନିଷ୍ଠ ସମ୍ପର୍କ ରହିଥିଲା। ପ୍ରାୟ ୨ ମାସ ଭିତରେ ଉଭୟେ ୧୦୦ ଥର ଫୋନ୍‌ରେ କଥା ହୋଇଛନ୍ତି। ହେଲେ ପରୀକ୍ଷା ପରିଚାଳନାରେ ଜିତନଙ୍କର କୌଣସି ଭୂମିକା ନ ଥିଲା। ଏହା ସତ୍ତ୍ୱେ ପରୀକ୍ଷା ପରିଚାଳନାରେ ସମ୍ପୃକ୍ତ ନ ଥିବା ବ୍ୟକ୍ତିଙ୍କ ସହ ଏତେଥର ଉପସଭାପତି କଥା କାହିଁକି ହୋଇଥିଲେ, ତାହା ସନ୍ଦେହ ସୃଷ୍ଟି କରିଥିଲା। ଜିତନଙ୍କ ଭୂମିକା ସନ୍ଦେହଜନକ ଥିଲା ଉପସଭାପତି ସ୍ୱୀକାର କରିଛନ୍ତି। ନୀହାରଙ୍କ ପାଖରେ ଓଟିଏଟି ପ୍ରଶ୍ନପତ୍ର ସମ୍ପର୍କିତ ପାସ୍‌ୱାର୍ଡ ରହିଥିଲା। ପାସୱାର୍ଡ ବ୍ୟବହାର କରି ବୋର୍ଡ ଉପସଭାପତି ଡିଲିଟ୍ କରିବା କଥା, ହେଲେ ସେ ସେପରି କରିନଥିଲେ। ଏଥିସହ ଉପସଭାପତି ଜିତନ ମହାରଣାଙ୍କୁ ଲାପଟପ୍ ବ୍ୟବହାର ପାଇଁ ଅନୁମତି ଦେଇଥିଲେ। ଏତଦ୍ ବ୍ୟତୀତ ମହାରଣାଙ୍କ ଆକାଉଣ୍ଟକୁ ୨.୪ ଲକ୍ଷ ଟଙ୍କା ଟ୍ରାନ୍ସଫର କରାଯାଇଥିଲା, ଯାହା ବେଆଇନ କାର୍ଯ୍ୟକଳାପ ସହିତ ଏକ ସ୍ପଷ୍ଟ ଆର୍ଥିକ ଲିଙ୍କ ସ୍ଥାପନ କରିଥିଲା। ତେବେ ଘଟଣାର ତଦନ୍ତ ଚାଲିଛି। ଅନେକ ଲୋକଙ୍କର ସମ୍ପୃକ୍ତି କୁ ମଧ୍ୟ ଅନୁମାନ କରାଯାଉଛି। ସେହିଭଳି ଅର୍ଥନୈତିକ କାରବାରର ଯାଞ୍ଚ କରାଯାଉଛି ବୋଲି କ୍ରାଇମ୍ ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପ୍ରଥମତଃ ବୋର୍ଡ ଉପସଭାପତିଙ୍କ ଲାପ୍‌ଟପ୍‌କୁ ପ୍ରଶ୍ନପତ୍ର ଆସିବା କଥା ନୁହେଁ। କିନ୍ତୁ ମୁଦ୍ରଣ ସଂସ୍ଥାରୁ ବୋର୍ଡର ଉପସଭାପତି ନୀହାର ମହାନ୍ତିଙ୍କ ଲାପ୍‌ଟପ୍‌କୁ ଏଫ୍‌ଟିପି (ଫାଇଲ୍ ଟ୍ରାନ୍ସଫର୍ ପ୍ରୋଟକଲ୍) ମାଧ୍ୟମ ବଦଳରେ ଇ-ମେଲ୍‌ରେ ପ୍ରଶ୍ନପତ୍ର ଆସିଥିଲା। ଏଭଳି ସାଂଘାତିକ କାର୍ଯ୍ୟ କ୍ରାଇମ୍‌ବ୍ରାଞ୍ଚ ତଦନ୍ତରୁ ସାମ୍ନାକୁ ଆସିଛି। କିନ୍ତୁ ବୋର୍ଡରେ ବହୁଦିନରୁ ଚାଲି ଆସିଥିବା ଏଭଳି ଅନିୟମିତତାକୁ ଉଚ୍ଚ କର୍ତ୍ତୃପକ୍ଷ ଚୁପଚାପ୍ ସହିବା ଘଟଣା ଏବେ ଆଲୋଚନାର ପ୍ରସଙ୍ଗ ହୋଇଛି। ବୋର୍ଡର ରେଗୁଲେସନ୍ ଚାପ୍ଟର-୧୧ ଉପଧାରା-୧୫ ଅନୁସାରେ ପ୍ରଶ୍ନପତ୍ର ପ୍ରସ୍ତୁତି, ଗୋପନୀୟ ମୁଦ୍ରଣ ଓ ପ୍ରଶ୍ନ ବିତରଣ ବୋର୍ଡ ସଂପାଦକଙ୍କ ଦାୟିତ୍ୱ। କିନ୍ତୁ ଉପସଭାପତି ନୀହାର କିପରି ପ୍ରଶ୍ନପତ୍ର ପ୍ରସ୍ତୁତିରେ ସଂପୃକ୍ତ ହେଲେ ଓ ତାଙ୍କ ବ୍ୟକ୍ତିଗତ ଲାପ୍‌ଟପ୍‌କୁ ପ୍ରଶ୍ନର ସଫ୍ଟ କପି କାହିଁକି ଆସିଲା, ତାହାକୁ ନେଇ ପ୍ରଶ୍ନ ଉଠୁଛି।

### କୋଟିପତି ଏମ୍‌ଭିଆଇଙ୍କ...

ସମେତ ବୌଦ୍ଧରେ ଥିବା ତାଙ୍କ ଭଡ଼ାଘର, ବୌଦ୍ଧ ଆରଟିଓ ଅଫିସ୍‌ରେ ଥିବା ତାଙ୍କ ଚାମ୍ବର, ମୟୂରଭଞ୍ଜର ଖୁଣ୍ଟା ଥାନା ଅନ୍ତର୍ଗତ ଗୁଡ଼ିଡ଼ିହା ସ୍ଥିତ ତାଙ୍କ ପୈତୃକ ଘର, ଭୁବନେଶ୍ୱରର ପାଣ୍ଡରା ସ୍ଥିତ ତାଙ୍କ ଝିଅଙ୍କ ଭଡ଼ା ଘର ଓ ବାରିପଦାସ୍ଥିତ ତାଙ୍କର ଜଣେ ଘନିଷ୍ଠ ସହଯୋଗୀଙ୍କ ଘରେ ଏହି ଚଢଉ କରାଯାଇଥିଲା। ଚଢ଼ଉରେ ୪ଜଣ ଡିଏସ୍‌ପି, ୭ଜଣ ଇନ୍ସପେକ୍ଟର୍ ଓ ଅନ୍ୟ ସହଯୋଗୀ କର୍ମଚାରୀ ସାମିଲ ହୋଇଥିଲେ। ଚଢ଼ଉ ସମୟରେ ତାଙ୍କ ଘରୁ ଭିଜିଲାନ୍ସ ବିପୁଳ ପରିମାଣର ସଂପତ୍ତି ଠାବ କରିଛି।

ମୟୂରଭଞ୍ଜ ପ୍ରଫୁଲ୍ଲନଗରରେ ଗୋଟିଏ ଦୁଇ ତାଲା କୋଠା ଥିବା ବେଳେ ତାଙ୍କ ନାମରେ ଥିବା ୪୪ଟି ପ୍ଲଟ୍ ଠାବ କରାଯାଇଛି। ସେଥିମଧ୍ୟରୁ ୪୩ଟି ପ୍ଲଟ୍ ବାରିପଦା ଟାଉନରେ ଥିବା ବେଳେ ଗୋଟିଏ ବାଲେଶ୍ୱର ଟାଉନ୍‌ରେ ରହିଛି। ଏହି ସବୁ ପ୍ଲଟ୍‌ର ସଠିକ୍ ମୂଲ୍ୟ ଭିଜିଲାନ୍ସ ଟେକ୍ନିକାଲ ଟିମ୍ କରୁଛନ୍ତି। ଘରୁ ମିଳିଥିବା ଗୋଟିଏ ଡାଏରୀରେ ଏକାଧିକ ବେନାମିକାରବାର ଉଲ୍ଲେଖ ରହିଛି। ସେହିପରି ଗୋଟିଏ ୪ ଚକିଆ ଏବଂ ୩ଟି ଦୁଇ ଚକିଆ ଠାବ ହୋଇଥିବା ବେଳେ ୧୬.୦୬ଲକ୍ଷର ଘରର ଆସବାବପତ୍ର ରହିଛି।

୧୯୬୬ରେ ଜନ୍ମିତ ଗୋଲାପ ଚନ୍ଦ୍ର ହାଁସଦା ୧୯୯୧ ମସିହା ଏପ୍ରିଲ ୧୮ ତାରିଖରେ ଜଣେ ଆଇପିଓ ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ସେ ସମ୍ବଲପୁର ଓ ଦେବଗଡ଼ ଡିଆଇସିରେ କାର୍ଯ୍ୟ କରିଥିଲେ। ୨୦୦୩ରେ ସେ କନିଷ୍ଠ ଏମ୍‌ଭିଆଇ ଭାବେ ପଦୋନ୍ନତି ପାଇଥିଲେ ଓ ସୁନ୍ଦରଗଡ଼ର ତାପରିଆ ଚେକ୍ ଗେଟ୍ ଓ ସମ୍ବଲପୁରର ଲକ୍ଷ୍ମୀଡୁଙ୍ଗୁରି ଚେକ୍ ଗେଟ୍ କାର୍ଯ୍ୟ କରିଥିଲେ। ପରେ ମୟୂରଭଞ୍ଜ ଓ ବରଗଡ଼ ଆରଟିଓ ଅଫିସରେ ସେ କିଛି ବର୍ଷ କାର୍ଯ୍ୟ କରିଥିଲେ। ୨୦୨୦ରେ ତାଙ୍କୁ ଏମ୍‌ଭିଆଇ ଭାବେ ପଦୋନ୍ନତି ଦିଆଯାଇ ବୌଦ୍ଧ ଆରଟିଓରେ ଅବସ୍ଥାପିତ କରାଯାଇଥିଲା। ସେବଠାରୁ ସେ ସେଠାରେ ଅଛନ୍ତି। ସେ ବର୍ତ୍ତମାନ ମାସିକ ୧.୦୮ ଲକ୍ଷ ଟଙ୍କା ଦରମା ପାଉଛନ୍ତି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ କିଛି ଦିନ ତଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡାଙ୍କର ୯ଟି ପ୍ଲଟ୍ ଠାବ କରାଯାଇଥିବା ବେଳେ ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କର ୧୩ଟି ପ୍ଲଟ୍ ଠାବ କରାଯାଇଥିଲା। ସେହିପରି ପ୍ରାୟ ୧୦ଦିନ ତଳେ ଭିଜିଲାନ୍ସ ଜାଲରେ ପଡ଼ିଥିବା କେନ୍ଦୁଝର ଜିଲ୍ଲା କେନ୍ଦୁପତ୍ର ଡିଭିଜନର ଡିଏଫଓ ନିତ୍ୟାନନ୍ଦ ନାୟକଙ୍କର ୧୨୩ଟି ପ୍ଲଟ୍ ଠାବ କରାଯାଇଥିଲା।

### ଚାପରେ ମୋହନ-ବିଷ୍ଣୁ...

ସରକାର ଦେଇ ନାହାନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାରଙ୍କ ପ୍ରସ୍ତାବ ଉପରେ ବିଚାରାଲୋଚନା ଚାଲିଥିବା ମନ୍ତବ୍ୟ ଦେଇ କଥାକୁ ଅଧାରେ ରୋକି ଦେଇଛନ୍ତି। ମାତ୍ର କେଉଁସ୍ତରରେ ଛତିଶଗଡ଼ ସରକାର କାହାସହ ବିଚାରାଲୋଚନା କରୁଛନ୍ତି ତାହା ଏବେ ବି ଅସ୍ପଷ୍ଟ। ଓଡ଼ିଶାରେ ମହାନଦୀ ବିବାଦ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯେପରି ବିରୋଧୀଙ୍କ ଚାପରେ ଅଛନ୍ତି, ଅନୁରୂପ ଭାବରେ ବିଷ୍ଣୁଦେବ ସାଏ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ନିଜ ରାଜ୍ୟରେ ଚାପଗ୍ରସ୍ତ। ବିରୋଧୀଦଳଗୁଡ଼ିକ ବିଷ୍ଣୁଦେବଙ୍କ ପଦକ୍ଷେପ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ଓ ସାମାନ୍ୟ ତ୍ରୁଟିବିଚ୍ୟୁତି ତାଙ୍କ ସରକାର ପାଇଁ ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା କରି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରକ୍ଷଣାତ୍ମକ ମନୋଭାବ ପୋଷଣ କରୁଥିବା ରାଜନୈତିକ ପର୍ଯ୍ୟବେକ୍ଷକମାନେ ମନେ କରୁଛନ୍ତି।

ଛତିଶଗଡ ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ତଥ୍ୟ ଅନୁସାରେ ପୂର୍ବ ପ୍ରକଳ୍ପଗୁଡ଼ିକୁ ବାଦ ଦେଇ ଏବେ ବି ମହାନଦୀରେ ୬ ଟି ଉଦ୍ୟୋଗିକ ବ୍ୟାରେଜ ନିର୍ମାଣାଧୀନ ରହିଛି। ସମୌଦା, ଶିବନାରାୟଣ, ବସନ୍ତପୁର, ମିରୌନୀ, ସାରାଡିହି ଓ କଲମା ବ୍ୟାରେଜଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଶିଳ୍ପ ସହ ଜଡ଼ିତ ଥିବାରୁ ଏହି ପ୍ରକଳ୍ପଗୁଡ଼ିକୁ ବନ୍ଦ କରିବା ଛତିଶଗଡ଼ ସରକାରଙ୍କ ପାଇଁ ଆଦୌ ସମ୍ଭବ ନୁହେଁ । ଅନ୍ୟପକ୍ଷରେ ପ୍ରତିବର୍ଷ ମହାଦୀରେ ଜଳପ୍ରବାହ କମି ଚାଲିଥିବାବେଳେ ୨୦୧୫-୧୬ରୁ ଏହା ଭୟଙ୍କର ରୂପ ଧାରଣ କରିଛି। ୨୦୦୧-୦୨ ମସିହା ରୁ ୨୦୦୫-୦୬ ପର୍ଯ୍ୟନ୍ତ ବାର୍ଷିକ ହାରାହାରି ୬୧୬୦.୮୦ ନିୟୁତ ଘନମିଟର ଜଳ ଓଡ଼ିଶାକୁ ପ୍ରବେଶ କରୁଥିଲା। ମାତ୍ର ୨୦୦୬-୦୭ ରୁ ୨୦୧୦-୧୧ ମଧ୍ୟରେ ବାର୍ଷିକ ଜଳ ପ୍ରବାହ ପାଖାପାଖି ୩୦% ହ୍ରାସ ପାଇଥିଲା। ମାତ୍ର ୨୦୧୬ରୁ ୨୦୨୫ ମଧ୍ୟରେ ଏହା ଆହୁରି ଭୟଙ୍କର ରୂପ ଧାରଣ କରିଛି । ଅଣ ମୌସୁମୀ ସମୟରେ ମହାନଦୀ ଏକ ମୃତ ନଦୀରେ ପରିଣତ ହୋଇଛି । ପୂର୍ବରୁ ତତ୍‌କାଳୀନ ବିଜେଡି ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଏହି ପ୍ରସଙ୍ଗରେ ବାରମ୍ବାର ଆପତ୍ତି ଉଠାଇଥିଲେ ମଧ୍ୟ ଏହାର ସମାଧାନ ହୋଇ ପାରିଲା ନାହିଁ। କେନ୍ଦ୍ରୀୟ ଜଳ ଆୟୋଗ ଏହି ପ୍ରସଙ୍ଗରେ ନିରବ ରହିଲେ। ପରିଣତିସ୍ୱରୂପ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ବିବାଦ ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ ହେଲା। ମାତ୍ର ଟ୍ରିବ୍ୟୁନାଲ ମଧ୍ୟ ଏହାର ସମାଧାନ ପାଇଁ ବିଶେଷ ଗୁରୁତ୍ୱ ଦେଇ ନାହିଁ । ମାତ୍ର ୨୦୨୪ରେ କେନ୍ଦ୍ର ସହ ଛତିଶଗଡ଼ ଓ ଓଡ଼ିଶାରେ ବିଜେପି ସରକାର ଗଠନ ପରେ ଏହି ବିବାଦର ସମାଧାନ ହେବ ବୋଲି ଆଶା କରାଯାଉଥିଲେ ହେଁ ତାହା ସମ୍ଭବ ହୋଇ ନାହିଁ। ଗତ ୧୪ ମାସ ମଧ୍ୟରେ ମହାନଦୀ ବିବାଦର ସମାଧାନ ହେବ ବୋଲି ରାଜ୍ୟ ସରକାର କହୁଛନ୍ତି, ଛତିଶଗଡ଼ ସରକାର ସହଯୋଗ କରିବ ବୋଲି ଆଶ୍ୱାସନା ଦେଉଛି । ମାତ୍ର କୌଣସି ସୁଫଳ ମିଳିନାହିଁ। ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ଛତିଶଗଡ଼ କୌଣସି ଆଲୋଚନା କରିବାକୁ ବାସ୍ତବିକ ପ୍ରସ୍ତୁତ ନୁହେଁ । ବର୍ତ୍ତମାନ ଆଲୋଚନା କରାଗଲେ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକୁ ହୁଏତ ବନ୍ଦ କରିବାକୁ ପଡ଼ିପାରେ ଓ ପ୍ରକଳ୍ପ ବନ୍ଦ ହେଲେ ରାଜ୍ୟରେ ଶିଳ୍ପାୟନ ବାଧାପ୍ରାପ୍ତ ହୋଇପାରେ, ଏହି ଆଶଙ୍କାରେ ଛତିଶଗଡ଼ ସରକାର ସମୟ ଗଡ଼ାଇ ଚାଲିଛନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି । ମହାନଦୀ ପ୍ରସଙ୍ଗରେ ଓଡ଼ିଶା ସରକାର ରାଜ୍ୟବାସୀଙ୍କ ଚାପରେ ଚାପଗ୍ରସ୍ତ ହୋଇଥିବାପରି ଛତିଶଗଡ଼ ସରକାର ଶିଳ୍ପପତିଙ୍କ ଚାପରେ ଚାପଗ୍ରସ୍ତ ଥିବା କୁହାଯାଉଛି ।

### ସନ୍ଦେହ ବଢ଼ାଉଛି...

ଯେଉଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା କହୁଥିଲା, ସେ ତଥ୍ୟ କ'ଣ ଥିଲା। ପୀଡ଼ିତାଙ୍କ ମାଆ ଥାନାରେ ୩ ଜଣ ଦୁର୍ବୃତ୍ତ ତାଙ୍କ ଝିଅକୁ ଟେକିଦେଇ କିରାସିନି ଢାଳି ନିଆଁ ଲଗାଇଥିବା କେଉଁ ଆଧାରରେ ଅଭିଯୋଗ କରିଥିଲେ। ଏ ସବୁକୁ ଦେଖିଲେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ମତ ବଦଳିଗଲା କେମିତି? ବାସ୍ତବରେ ତଦନ୍ତର କଥା ପଦାକୁ ଆସିଛି ନା ତଦନ୍ତର ମୋଡ଼ ବଦଳାଇ ଦିଆଯାଇଛି?

ଜୁଲାଇ ୧୯ ତାରିଖରେ ବଲଙ୍ଗା ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ସକାଳ ପ୍ରାୟ ୮ଟା। ବଲଙ୍ଗା ଥାନା ବାୟାବର ନୂଆ ଗୋପାଳପୁରର ନାବାଳିକା ସମ୍ପର୍କୀୟଙ୍କ ଘରକୁ ବହି ଦେବାକୁ ଯାଉଥିଲେ। ବଲଙ୍ଗା-ହରିପୁର କେନାଲ ବନ୍ଧ ରାସ୍ତାରେ ନାବାଳିକା ଏକୁଟିଆ ଯାଉଥିବାବେଳେ ୩ ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ବାଇକ୍‌ରେ ପହଞ୍ଚିଥିଲେ। ରାସ୍ତାରୁ ତାଙ୍କୁ ଜବରଦସ୍ତ ଟେକି ନେଇ ତେରହଳ ନିକଟସ୍ଥ ଭାର୍ଗବୀ ନଦୀ ବନ୍ଧ ତଳକୁ ନେଇଥିଲେ। ତାଙ୍କ ଦେହରେ ନିଆଁ ଲଗାଇ ପୋଡ଼ି ମାରିଦେବାକୁ ଉଦ୍ୟମ କରିଥିଲେ। ହେଲେ ନାବାଳିକା ଜଣକ ଗୁରୁତର ଅବସ୍ଥାରେ ତେରହଳ ଗାଁ ମୁଣ୍ଡରେ ଥିବା ଦୁଃଖିଶ୍ୟାମ ସେନାପତିଙ୍କ ଘର ପାଖରେ ପହଞ୍ଚି ଆକୁଳ ବିକଳ ହୋଇ ମତେ ରକ୍ଷା କର ବୋଲି ଚିତ୍କାର କରିଥିଲେ। ଦୁଃଖିଶ୍ୟାମ ନାବାଳିକା ଦେହରେ ନିଆଁ ଲାଗିଥିବା ଦେଖି ତତ୍‌କ୍ଷଣାତ୍ ତାଙ୍କୁ ସହଯୋଗ କରିଥିଲେ। ୩ ଜଣ ଦୁର୍ବୃତ୍ତ ଏପରି କରିଥିବା ନାବଳିକା ତାଙ୍କୁ କହିଥିବା ଦୁଃଖିଶ୍ୟାମ ମଧ୍ୟ ଗଣମାଧ୍ୟମ, ପୁଲିସ ଆଗରେ କହିଥିଲେ। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ଦୁଇଟି ବୋତଲରେ ଥିବା କିରାସିନି, ଦିଆସିଲି, ଚପଲ, ଚୁଡ଼ି, ରୁପା ମୁଦି, ଅଧାପୋଡ଼ା ଡ୍ରେସ ଆଦି ଜବତ କରିଥିଲା।

ପରବର୍ତ୍ତୀ ସମୟରେ ଜବତ ରୁପା ମୁଦିକୁ ନେଇ ଉଠିଥିଲା ପ୍ରଶ୍ନ। ପୀଡ଼ିତାଙ୍କ ପରିବାର ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଜବତ ରୁପା ମୁଦି ତାଙ୍କ ଝିଅର ନୁହେଁ। ତେଣୁ ସେ ମୁଦି ସେଠାକୁ ନେଇଥିଲା କିଏ? ଖୋଳତାଡ଼ ପରେ ପୁଲିସ ବଲଙ୍ଗାର ଏକ ଗହଣା ଦୋକାନକୁ ଯାଇ ଯାଞ୍ଚ କରିଥିଲା। ସେହି ମୁଦି ଅଢ଼େଇ ମାସ ପୂର୍ବରୁ ପୀଡ଼ିତାଙ୍କର ଜଣେ ସାଙ୍ଗ କିଣି ନେଇଥିବା ସମ୍ପୃକ୍ତ ଗହଣା ଦୋକାନ ମାଲିକ କହିଥିଲେ। ପୁଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ମଧ୍ୟ ତଦନ୍ତରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିଲା। ନିଜେ ଡିଜି ଘଟଣାସ୍ଥଳ ପରିଦର୍ଶନ ପରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ଆମେ କିଛି ତଥ୍ୟ ପାଇଛୁ ବୋଲି କହିଥିଲେ। ସମସ୍ତଙ୍କ ଭରସା ଥିଲା ନିଶ୍ଚିତ ପୁଲିସ ଘଟଣା ଉପରୁ ପରଦା ହଟାଇବ। ହେଲେ ପୀଡ଼ିତାଙ୍କ ଦେହାନ୍ତ ପରେ ପୂର୍ବର ମତ ଏବଂ ତଦନ୍ତର ଦିଗ କିପରି ବଦଳିଗଲା ବୋଲି ସମସ୍ତଙ୍କ ମନରେ ଉଠିଛି ପ୍ରଶ୍ନ।

ପୀଡ଼ିତାଙ୍କ ବାପା ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି କହିଛନ୍ତି, 'ମୋ ପାଖରେ ଝିଅ ନାହିଁ। ତା' ମୃତ୍ୟୁକୁ ନେଇ ରାଜନୀତି ନ କରନ୍ତୁ। ମୋ ଝିଅ ପାଇଁ ସରକାର ଯାହା କରିବା କଥା କରିଛନ୍ତି। ଏହା ସ।।ତ୍ତ୍ୱେ ଝିଅ ବଞ୍ଚିଲା ନାହିଁ। ଏହାକୁ ନେଇ କେହି ରାଜନୀତି ନ କରନ୍ତୁ। ମୋ ଝିଅର ଆତ୍ମା କେମିତି ଶାନ୍ତି ପାଇବ ସେ ନେଇ ପ୍ରାର୍ଥନା କରନ୍ତୁ'। ଅନ୍ୟପକ୍ଷରେ ପୁଲିସ ବି ଏଥିରେ କାହାରି ସମ୍ପୃକ୍ତି ନାହିଁ ବୋଲି କହିଛି। ଏବେ ପ୍ରଶ୍ନଉଠୁଛି ହଠାତ୍ କାହିଁକି ପରିବାର ଏବଂ ପୁଲିସର ସ୍ୱର ବଦଳିଗଲା। କାହା ଚାପରେ ସେମାନେ ଏଭଳି ମତ ମନ୍ତବ୍ୟ ଦେଉନାହାନ୍ତି ତ? ଯଦି କାହାର ହାତ ନାହିଁ ତା' ହେଲେ ନାବାଳିକାଙ୍କ କିଏ ଜିଅନ୍ତା ପୋଡ଼ି ମାରିଦେବାକୁ କରିଥିଲା ଉଦ୍ୟମ। ସେ ନିଜେ ନା କେହି ନିକଟ ସମ୍ପର୍କୀୟ ରଚିଥିଲେ ଷଡ଼ଯନ୍ତ୍ର?

ଯଦି ନାବାଳିକା ନିଜେ ଏପରି କାଣ୍ଡ ଭିଆଇଲେ ତେବେ କେଉଁ ପରିସ୍ଥିତି ତାଙ୍କୁ ଏପରି କରିବାକୁ ବାଧ୍ୟ କଲା? ପୁଲିସ ଏ ଦିଗରେ ତଦନ୍ତ କରିଛି ତ? ପାରିପାର୍ଶ୍ୱିକ ସ୍ଥିତି ଦେଖିଲେ ଘଟଣାସ୍ଥଳରୁ ଜବତ ସାମଗ୍ରୀ ନାବାଳିକା ନିଜେ ସାଥିରେ ନେଇ ଯାଇଥିବା ସନ୍ଦେହ ସୃଷ୍ଟି ହେଉଛି। ଜବତ ରୁପା ମୁଦି ତାଙ୍କର ନୁହେଁ ବୋଲି ପରିବାର ପକ୍ଷରୁ ସ୍ପଷ୍ଟ କରାଯିବା ଘଟଣାକୁ ଆହୁରି ରହସ୍ୟମୟ କରିଛି। ଅନ୍ୟ ଏକ ଦିଗକୁ ଦେଖିଲେ ଯଦି କେହି ନିକଟ ସମ୍ପର୍କୀୟ ଏପରି କରିଥା'ନ୍ତି, ତେବେ କାହିଁକି? ଏହା ପଛର ଉଦ୍ଦେଶ୍ୟ କ'ଣ? ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ପ୍ରଥମେ ଠାବ କରିଥିବା ବ୍ୟକ୍ତି ଦୁଃଖିଶ୍ୟାମ କ'ଣ ମିଛ କହିଥିଲେ? ଯଦି ସେ ମିଛ କହିଛନ୍ତି, ତେବେ ସେଥିରେ ତାଙ୍କର ସ୍ୱାର୍ଥ କ'ଣ ଥିଲା? ସବୁଠୁ ବଡ଼ କଥା ହେଉଛି, ପୀଡ଼ିତାଙ୍କ ମୃତ୍ୟୁର ଦିନକ ପୂର୍ବରୁ ତାଙ୍କ ଘରେ ତାଲା ଝୁଲୁଥିଲା। ରବିବାର ଅପରାହ୍ଣ ପର୍ଯ୍ୟନ୍ତ ସେମାନେ କେଉଁଠି ଥିଲେ, ତାହାର ସଠିକ୍ ସୂଚନା କାହା ପାଖରେ ନ ଥିଲା। ସେମାନଙ୍କୁ କେହି ଅନ୍ୟତ୍ର ନେଇ ରଖି ନ ଥିଲେ ତ? ଏମିତି ଅନେକ ପ୍ରଶ୍ନ ଏବେ ରହସ୍ୟ ଘେରରେ ରହିଯାଇଛି।

### ଗୁପ୍ତାଙ୍ଗ କାଟି...

ଦାବି କରିଥିଲେ। କିନ୍ତୁ ଗୋପାଳ ମନା କରିବାରୁ ଗାଁ ଲୋକଙ୍କ ସହ ତାଙ୍କର ଶତ୍ରୁତା ବଢ଼ିଥିଲା। ଅପରପକ୍ଷେ, ୧୫ଦିନ ତଳେ ରାଚାଗୁଡ଼ା ଗ୍ରାମର ସୁବାସ ମଳିକଙ୍କ ସ୍ତ୍ରୀ ଝୁନୁ ମଳିକଙ୍କ କୌଣସି କାରଣରୁ ମୃତ୍ୟୁ ଘଟିଥିଲା। ଗୋପାଳ ଗୁଣି କରି ଝୁନୁକୁ ମାରିଦେଇଥିବା ଗ୍ରାମବାସୀ ସନ୍ଦେହ କରୁଥିଲେ। ପରେ ଗୋପାଳକୁ ଜୀବନରେ ମାରିଦେବାକୁ ଯୋଜନା କରିଥିଲେ। ଏହା ଜାଣିପାରି ଗୋପାଳ ଭୟରେ ଗାଁ ଛାଡ଼ି ଶଶୁର ଘର ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଥାନା ଅନ୍ତର୍ଗତ ଗଣ୍ଡିଗାଁରେ ରହୁଥିଲେ। ହେଲେ ଗୋପାଳ ନିଜ ଗାଁରେ ଥିବା ଗୋରୁ, ଗାଈ, ଛେଳି ନେଇ ଶଶୁର ଘରକୁ ଫେରୁଥିବା ବେଳେ ଖବର ପାଇ ଗୁଞ୍ଜିମା ଓ ରାଚାଗୁଡ଼ାର ପ୍ରାୟ ୧୪ ଜଣ ବ୍ୟକ୍ତି ୩ଟି ଅଟୋ ଯୋଗେ ଯାଇ ଗଞ୍ଜାମ ଜିଲ୍ଲା ବଡଗଡ଼ ଥାନା ଅନ୍ତର୍ଗତ ବୁର୍ଦା ଗାଁ ନିକଟରେ ତାଙ୍କୁ ଅଟକାଇ ପୁଣି ରଚାଗୁଡ଼ା ଗାଁକୁ ଆଣିଥିଲେ। ଗାଁରେ ବୈଠକ କରିବା ପରେ ଅଡ଼ବା ଥାନା ଅନ୍ତର୍ଗତ ହରଭଙ୍ଗୀ ଡ୍ୟାମ୍ ନିକଟକୁ ନେଇ ଯାଇଥିଲେ। ସେଠାରେ ଗୋପାଳଙ୍କ ହାତଗୋଡ଼ ବାନ୍ଧି ଗୁପ୍ତାଙ୍ଗକୁ ଏକ ଧାରୁଆ ଛୁରା ସାହାଯ୍ୟରେ କାଟିବା ସହିତ ତଣ୍ଟିକୁ ଚାଦରରେ ଭିଡ଼ି ହତ୍ୟା କରିଥିଲେ। ପରେ ତାଙ୍କ ଶବକୁ ଡ୍ୟାମ୍‌ରେ ଫିଙ୍ଗି ଦେଇଥିଲେ।

ଖବର ପାଇ ମୋହନା ଓ ଅଡ଼ବା ପୁଲିସ ଅଭିଯୁକ୍ତଙ୍କୁ ରାତିସାରା ଗୋଡ଼ାଇ ଗୋଡ଼ାଇ ଧରିଥିଲା। ୩ଟି ଅଟୋରେ ସମସ୍ତେ କର୍ଚବାଡ଼ି ପଞ୍ଚାୟତ ଶୁଖିଲା ଆମ୍ବ ଛକ ଦେଇ କୌଣସି ଏକ ଅଜ୍ଞାତ ସ୍ଥାନକୁ ଯାଉଥିବା ବେଳେ ପୁଲିସ୍ ଖବର ପାଇ ପିଛା କରିଥିଲା। ଚନ୍ଦ୍ରଗିରି ନିକଟରେ ପୁଲିସ ସମସ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲା। ଥାନାରେ ଗୋପାଳଙ୍କ ଭାଉଜ ସୀତା ମଳିକ ଲିଖିତ ଅଭିଯୋଗ କରିଛନ୍ତି। ଆଜି ସକାଳୁ ମୋହନା ଓ ଅଡ଼ବା ପୁଲିସ ଏବଂ ଅଗ୍ନିଶମ ବାହିନୀଙ୍କ ସହାୟତାରେ ପୁଲିସ ଡ୍ୟାମ ଭିତରୁ ଗୋପାଳଙ୍କ ଶବ ଉଦ୍ଧାର କରିଥିଲା। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଥିବା ବେଳେ ଘଟଣାର ଆଉ କେଉଁମାନେ ସଂପୃକ୍ତ ଅଛନ୍ତି, ସେମାନଙ୍କୁ ଅତିଶୀଘ୍ର ଧରାଯିବ ବୋଲି ରା.ଉଦୟଗିରି ଏସଡ଼ିପିଓ ସୁରେଶ କୁମାର ତ୍ରିପାଠୀ କହିଛନ୍ତି। ଗିରଫ ଅଭିଯୁକ୍ତ ହେଲେ, ସୁବାସ ମଲ୍ଲିକ, ଅଜୟ ମଲ୍ଲିକ, ସୀମାଞ୍ଚଳ ମଲ୍ଲିକ, କୁମାର ମଲ୍ଲିକ, ଗୌରା ମଲ୍ଲିକ, ପ୍ରଫୁଲ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ଶିବାନନ୍ଦ ମଲ୍ଲିକ, ଘାସିରାମ ମଲ୍ଲିକ, ସୁଦୟ ମଲ୍ଲିକ, ଶିବ ମଲ୍ଲିକ, ରମାକାନ୍ତ ମଲ୍ଲିକ, ମାରା ମଲ୍ଲିକ ଓ ଚନ୍ଦ୍ର ମଲ୍ଲିକ। ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ଓ ଅଡ଼ବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡାଙ୍କ ରାତିସାରା ଅକ୍ଲାନ୍ତ ପରିଶ୍ରମ ଫଳରେ ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଛନ୍ତି।

### ଜଙ୍ଗଲରେ ବ୍ୟବସାୟୀଙ୍କ...

ଖୋଜାଖୋଜି ଜାରି ରଖିଥିଲେ। ରବିବାର ସକାଳେ ଗୋଦରିବିଲି ଗ୍ରାମ କାଜୁ ଜଙ୍ଗଲରେ ତାଙ୍କ ମୃତଦେହ ସହ ବାଇକ୍ ଓ ଚପଲ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ପରିବାରଲୋକେ ଘଟଣାସ୍ଥଳରେ ପହଞ୍ଚି ରଞ୍ଜନ ମୃତଦେହ ଚିହ୍ନଟ କରିଥିଲେ। ରଞ୍ଜନଙ୍କୁ ହତ୍ୟା କରାଯାଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ତୁମୁସିଙ୍ଗା ଥାନା ଅଧିକାରିଣୀ, ପଣ୍ଡୁଆ ଫାଣ୍ଡି ଅଧିକାରୀ ଓ ଢେଙ୍କାନାଳ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଏସଡିପିଓ କହିଛନ୍ତି।

### ଶେଷଯାତ୍ରାରେ...

କଂଗ୍ରେସ ପକ୍ଷରୁ ପ୍ରସାଦ ହରିଚନ୍ଦନ, ରଜନୀ ମହାନ୍ତି ମରଶରୀରକୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହାପରେ କଡ଼ା ସୁରକ୍ଷା ମଧ୍ୟରେ ତାଙ୍କ ମରଶରୀର ଜନ୍ମସ୍ଥାନ ଅଭିମୁଖେ ବାହାରି ଥିଲା।ଏପଟେ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଯାଇ ବିମାନ ବନ୍ଦରରେ ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ୧୨ ଜଣ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ। ଆଇନଶୃଙ୍ଖଳା ପାଇଁ ଅତିରିକ୍ତ ଡିସିପି, ଜୋନ ଏସିପି, ବିଭିନ୍ନ ଥାନାର ଅଧିକାରୀ ଏବଂ ବରିଷ୍ଠ ପୋଲିସ ଅଧିକାରୀ ନିୟୋଜିତ ହୋଇଥିଲେ। ନିଜେ ଭୁବନେଶ୍ୱର ଡିସିପି ଜଗମୋହନ ମିନା ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଥିଲେ। ସ୍ୱତନ୍ତ୍ର କାର୍‌କେଡ୍ ଓ ବ୍ୟାପକ ପୁଲିସ ବ୍ୟବସ୍ଥାରେ ମୃତଦେହ କମିସନରେଟ ପୁଲିସ ସୀମା ପର୍ଯ୍ୟନ୍ତ ଯାଇଥିଲା। କମିସନରେଟ ପୁଲିସର ସୀମା ଶେଷ ହେଲା ପରେ ଉତ୍ତରାଛକ ଠାରୁ ପୁରୀ ପୁଲିସ ନିଜସ୍ୱ ସୁରକ୍ଷା ବ୍ୟବସ୍ଥାରେ ମୃତଦେହ ନେଇଥିଲା।


**AFFIDAVIT**

I Pankajini Mahananda, W/o- Tapeswar Mahananda, D/o- Sahani Chand, resident of At- Bhadrapali, Po- Pithinda, Ps- Rengali, Dist- Jharsuguda, declare by this affidavit No. 27, Dated. 15-05-2025, before Notary Public, Jharsuguda that I have changed my name from Kanti Chand to Panjakini Mahananda. Now onwards I shall be known as **Pankajini Mahananda** for all future purposes.

**Notice**
(above 18 years of age)

By virtue of an affidavit sworn before Executive Magistrate, Kaptipada, Udala , dated 31-07-2025 I, CHINMAYEE JENA ( new name), Address at-Raidandia P.O.-Udala, Dist-Mayurbhanj, Odisha (Complete Odisha address) declare that I have changed my name from CHINMAYEE MUKHI (old name) to CHINMAYEE JENA (new name) Henceforth, I shall be known as **CHINMAYEE JENA** (new name) for all purposes.

**AFFIDAVIT**

By virtue of an affidavit No. 7379, Dated 31.07.2025, before the Notary Public, Jeypore, Dist- Koraput, I, Subhrata Pattnayak declare that my actual name is Subhrata Pattnayak as per my C.H.S.E certificate, but my name is reflected as Subhadra Patnayak on my Aadhaar Card No. 3828 9918 9730. Hence, the Aadhaar card be corrected as **Subhrata Pattnayak.**

**Sd/- Deponent**

**AFFIDAVIT**

By virtue of an affidavit No.2885, Dtd.30.07.2025 sworn before the Executive Magistrate, Bhogarai I, Suniti Maity, W/o. Jitendra Nath Maity, At. Haripur, Po. Deulahat, Ps. Bhogarai, Dist. Balasore, Pin- 756036, Odisha renounce, relinquish and abandon the use of my daughter former name Prajnaya Pujita Maity (old name) instead of Pragya Pujita Maity (New name). Henceforth, she will be known as **Pragya Pujita Maity** for all purposes.

**AFFIDAVIT**

By virtue of an affidavit No.2878, Dtd.30.07.2025 sworn before the Executive Magistrate, Bhogarai I, Suryakanta Patra, S/o. Ananta Kumar Patra , At. Haripur , Po. Deulahat, Ps. Bhogarai, Dist. Balasore, Pin- 756036, Odisha declare that unfortunately my son name spelling as Manaj Kumar Patra instead of correct spelling Manoj Kumar Patra in his Adhar card no. 596195410470 . Henceforth, he will be known as **Manoj Kumar Patra** for all purposes.

**AFFIDAVIT**

Smt. Liril Maharana, W/O- Biranchi Kumar Maharana, Permanent residence of Village - Amalapada, Phulbani. Po- Phulbani, Ps-Phulbani Town, Dist-Kandhamal, Pin-762001, do hereby solemnly affirm & state that my actual name is Liril Maharana which are reflected in the birth certificate & other documents like Residence Certificate etc.But in my Aadhar Card no-3010 7988 3889 & Bank Pass Book my name has been wrongly mentioned as Lila Maharana instead of Liril Maharana. I declare by this affidavit that Liril Maharana & Lila Maharana is one & same person i.e. myself.

## ନୟାଗଡ଼ରେ ମେଡିକାଲ କଲେଜ ନିର୍ମାଣ

# ଦାବି ଜୋର୍‌ଦାର୍ କରିବାକୁ କମିଟି ଗଠନ

ନୟାଗଡ଼, ୩।୮ (ସମିସ)

ନୟାଗଡ଼ରେ ମେଡିକାଲ କଲେଜ ନିର୍ମାଣ ଦାବି ନେଇ ଜୋର ଧରିଲା ଆଲୋଚନା। ସରକାର ପ୍ରତି ଜିଲ୍ଲାରେ ମେଡିକାଲ ନିର୍ମାଣ କରାଯିବାକୁ ଘୋଷଣା କରିଥିଲେ। ନୟାଗଡ଼ରେ କେବେ ମେଡିକାଲ କଲେଜ ନିର୍ମାଣ ପାଇଁ ଅନୁମୋଦନ ପ୍ରଦାନ କରିବେ ବୋଲି ଆଜି ନୀଳମାଧବ

- କେବେ ଘୋଷଣା କରିବେ ସରକାର
- ଗାଁ ଗାଁରେ ଉଠିବ ସ୍ୱର, ସଚେତନତା ପାଇଁ ଉଦ୍ୟମ



କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ପ୍ରଶ୍ନ ଉଠିଛି। ଜୟ ନୟାଗଡ଼ ଫାଉଣ୍ଡେସନ୍ ଆନୁକୂଲ୍ୟରେ ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଏନେଇ ମତ ପ୍ରକାଶ ପାଇଛି। ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ହୋଇଥିବା ଆଲୋଚନାରେ ଫାଉଣ୍ଡେସନ୍ ପ୍ରତିଷ୍ଠାତା ଶେଖ୍ ଅବ୍ଦୁଲ୍ ଆହାଦ୍, କଂଗ୍ରେସ ନେତା ମନୋଜ ସାହୁ, ଯୁବନେତା ସନ୍ତୋଷ ପ୍ରଧାନ, ବସନ୍ତ ପଟ୍ଟନାୟକ, ସିଭିଲ ସୋସାଇଟ ପକ୍ଷରୁ ଗୋଦାବରିଶ ସାହୁ, ଭଗବତୀ ପଟ୍ଟନାୟକ, ଶ୍ରୀକାନ୍ତ ଖଟେଇ, ସମାଜସେବୀ ପ୍ରମୋଦ ପଟ୍ଟନାୟକ, ପ୍ରଭାସିନୀ ନନ୍ଦ, ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ର, ସାମ୍ବାଦିକ ରାମକୃଷ୍ଣ ରଥ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ମେଡିକାଲ କଲେଜ ଦାବିକୁ ଜୋରଦାର କରିବା ପାଇଁ ସ୍ୱରକୁ ଜୋର କରିବାକୁ ହେବ। ଏଥିପାଇଁ ବିଭିନ୍ନ ବର୍ଗର ଲୋକଙ୍କୁ ଯୋଡ଼ିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମତ ପ୍ରକାଶ ପାଇଛି। ଗାଁ ଗାଁରେ କିଭଳି ସ୍ୱର ଉଠିବ, ସେ ନେଇ ସଚେତନତାକୁ ଜୋର ଦେବାକୁ ମତ ପ୍ରକାଶ ପାଇଛି। ନୟାଗଡ଼ ଜିଲ୍ଲାର ୪ଟି ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ୮ଟି ବ୍ଲକରୁ ସଂଗଠନ, ସାମ୍ବାଦିକ, ଆଇନଜୀବୀ ଓ ବରିଷ୍ଠ ନାଗରିକଙ୍କ ସମେତ ବିଭିନ୍ନ ସଂଗଠନକୁ ସାମିଲ କରିବାକୁ ପ୍ରସ୍ତାବ ମିଳିଛି। ଏଥିପାଇଁ ଆଜି ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। କମିଟିରେ ସନ୍ତୋଷ ପ୍ରଧାନ, ମନୋଜ କୁମାର ସାହୁ, ଶ୍ରୀକାନ୍ତ ଖଟେଇ, ପ୍ରମୋଦ ପଟ୍ଟନାୟକ, ବୈଦ୍ୟଭୂଷଣ ମହାପାତ୍ର, ରାମକୃଷ୍ଣ ରଥ, ଗୌରୀ ଶଙ୍କର ଦାସ, ଲୋକନାଥ ମିଶ୍ର ପ୍ରମୁଖ ରହିଛନ୍ତି। କମିଟି ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନ କରିବ। ଜୟ ନୟାଗଡ଼ ଫାଉଣ୍ଡେସନ୍ ତରଫରୁ ଚାଲିଥିବା ଦସ୍ତଖତ ଅଭିଯାନକୁ ତ୍ୱରାନ୍ୱିତ କରି ଏକ ଲକ୍ଷ ଦସ୍ତଖତ ସଂଗ୍ରହ କରାଯିବ। ଏହା ସହିତ ସୋସିଆଲ ମିଡିଆରେ ଦାବିକୁ ଉପସ୍ଥାପନ କରାଯିବାକୁ ସ୍ଥିର କରାଯାଇଛି। ତା ପରେ ବି ସରକାର ଏଥିପ୍ରତି ଦୃଷ୍ଟି ନଦେଲେ ଜିଲ୍ଲା ଓ ରାଜ୍ୟ ସ୍ତରରେ ଜୋରଦାର ଆନ୍ଦୋଳନ କରିବାକୁ ମତ ପ୍ରକାଶ ପାଇଛି। ନୟାଗଡ଼ ଜିଲ୍ଲା ବହୁ ଅବହେଳିତ ଅବସ୍ଥାରେ ରହିଥିବା ବେଳେ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଜିଲ୍ଲାବାସୀ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ବୌଦ୍ଧ, କନ୍ଧମାଳ, କଟକ ଜିଲ୍ଲାର କିଛି ଅଧିବାସୀ ମଧ୍ୟ ନିର୍ଭର କରୁଛନ୍ତି। ଜିଲ୍ଲାର ୮ଟି ବ୍ଲକ ଚିକିତ୍ସା ସୁବିଧା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭରଶୀଳ। ଏହାକୁ ଦୃଷ୍ଟିରେ ରଖି ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ନିର୍ମାଣକୁ ଗୁରୁତ୍ୱ ଦେବାକୁ ସରକାରଙ୍କୁ ବାଧ ହେବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ମତ ପ୍ରକାଶ ପାଇଛି। ଆଜି ଏହି କାର୍ଯ୍ୟକ୍ରମରେ ସଂଗଠନ ସଂଯୋଜକ ଶ୍ରୀତମ କୁମାର ପ୍ରଧାନ, ଅମ୍ଲାନ ଅଂଶୁମାନ ସାହୁ, ଛାତ୍ର କଂଗ୍ରେସ ସଭାପତି ଶିବ ରଞ୍ଜନ ସାହୁ, ଜୀବନ ଜ୍ୟୋତିପ୍ରକାଶ ରାଉତ, ସୋସିଆଲ ମିଡ଼ିଆ ସଂଯୋଜକ ଅରବିନ୍ଦ ପାଢ଼ୀ, ଦିବ୍ୟରଞ୍ଜନ ସାହୁ, ଶାଶ୍ୱତ ରଞ୍ଜନ ପ୍ରଧାନ, ଅନୁରାଗ ସ୍ୱାଇଁ, ରାକେଶ ସିଠ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଡ. ଅରୁଣଙ୍କ ଜନସମ୍ପର୍କ ଚା'

# ପିଇଲେ, ପିଆଇଲେ...

ନୟାଗଡ଼, ୩।୮ (ସମିସ): ନୟାଗଡ଼ରେ ଆଜି ରୋଚକ ଘଟଣା ଦେଖିବାକୁ ମିଳିଛି। ଚା' ଖଟିକୁ ସଦାସର୍ବଦା ବିରୋଧ କରୁଥିବା ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଆଜି ନୟାଗଡ଼ ସହରର ବିଭିନ୍ନ ସ୍ଥାନ ବୁଲିବା ସହ ଏକ ଚା' ଖଟିରେ ପହଞ୍ଚିଥିଲେ। ସେଠାରେ ନିଜେ ଚା' ପ୍ରସ୍ତୁତ କରିଥିଲେ। ଚା' ଦୋକାନରେ କ୍ଷୀର, ଚିନି, ଚା'ପତି, ଅଦା, ଗୋଲମରିଚ, ଗୁଜୁରାତି ପକାଇ ଫୁଟାଇଥିଲେ। ନୟାଗଡ଼ ସହର ରାମ ସାହୁ ଗଳି ପାଖ ଦୋକାନରେ ଜମିଥିଲା ଆସର। ଏହି ଆସରରେ ନୟାଗଡ଼ ସହର ପ୍ରମୁଖ ବ୍ୟକ୍ତି, ରାଜନୈତିକ ବ୍ୟକ୍ତି ବିଶେଷ, ସାମ୍ବାଦିକ, ଠିକାଦାରଙ୍କ ଗହଳି ଦେଖାଯାଇଥିଲା।



ସେଠାରେ ଚା' ପ୍ରସ୍ତୁତ ପରେ ବିଧାୟକ ନିଜେ ପିଇବା ସହ ଅନ୍ୟମାନଙ୍କୁ ପିଆଇଥିଲେ। ଜନସମ୍ପର୍କ ଉଦ୍ଦେଶ୍ୟରେ ବିଧାୟକ ଏଭଳି କରିଥିବା ଆଲୋଚନା ହେଉଛି। ଅନ୍ୟପକ୍ଷେ, ରୋଟାରୀ କ୍ଲବରେ ଦୁଇ ଦିନ ପୂର୍ବରୁ ଅନୁଷ୍ଠିତ ଅଧିଷ୍ଠାନ ଉତ୍ସବରେ ଚା'କୁ ନେଇ ବିଧାୟକ ବକ୍ତବ୍ୟ ଶୁଣିଥିବା ବ୍ୟକ୍ତିଙ୍କୁ ଏହି ଚା' ଖଟି ଆଶ୍ଚର୍ଯ୍ୟ କରିଥିଲା। ରୋଟାରୀ କ୍ଲବରେ ବିଧାୟକ ନୟାଗଡ଼ ଚା' ଖଟିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲା। ନୟାଗଡ଼ ସହରରେ ୬୪ଟି ଚା' ଦୋକାନ ରହିଥିବା ବିଧାୟକ ଏକ ଅନୁସନ୍ଧାନରୁ ଜାଣିବାକୁ ପାଇଥିବା ସେ ଦିନ କହିଥିଲେ। ଚା' ଖଟିରେ ଶୁଡୁକା ମାରି ସମୟ ବର୍ବାଦ କରୁଥିବା ବ୍ୟକ୍ତି ସମାଜ ପାଇଁ କ୍ଷତିକାରକ ବୋଲି ମନ୍ତବ୍ୟ ଦେଇଥିଲେ। ଆଜି ଘଟଣା ପରେ ବିଧାୟକଙ୍କ ବକ୍ତବ୍ୟ ଓ ଚା' ଆସରକୁ ନେଇ ଭିନ୍ନ ଚର୍ଚ୍ଚା ହେଉଛି। ବିଗତ ନିର୍ବାଚନରେ ଡ. ଅରୁଣ ପ୍ରତି ଗାଁକୁ ଯାଇ ଲୋକଙ୍କୁ ଭେଟିବା ଦ୍ୱାରା ରାଜନୈତିକ ବିପର୍ଯ୍ୟୟରୁ ନିଜ ଆସନକୁ ସୁରକ୍ଷିତ ରଖିଥିଲେ। ନିର୍ବାଚନ ପରେ ବିଧାୟକ ଆଗାମୀ ଦିନରେ ପ୍ରତି ଲୋକଙ୍କୁ ଭେଟିବେ ବୋଲି କହିଥିଲେ। ଯାହା ଆଜିର ଚା' ଆସରରୁ ଅନୁମାନ କରାଯାଉଛି।

## ଅସୁସ୍ଥ ସାମ୍ବାଦିକଙ୍କୁ ଭେଟିଲା ଭାପୁର ସଂଘ

ଭାପୁର, ୩।୮ (ସମିସ): ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ଜଣେ ସଂଗ୍ରାମୀ ସଭ୍ୟ ତଥା ବରିଷ୍ଠ ସାମ୍ବାଦିକ ବୋଲଗଡ଼ ବ୍ଲକ ଫିରିଫିରା ଗ୍ରାମର ସାମ୍ବାଦିକ ଗଙ୍ଗାଧର ଦାଶ ଘର ବାରିପଟେ ଥିବା ପ୍ରାଚୀର ଉପରୁ ଖସି ତିନି ଦିନ ହେଲା ଗୋଡ଼ ଭାଙ୍ଗି ଘରେ ପଡ଼ି ରହିଛନ୍ତି। ଗୋଡରେ ପ୍ଲାଷ୍ଟର ହେବା ପରେ ତିନିମାସ ଘରେ ଏପରି ବିଶ୍ରାମ ନେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଏପରି ଖବର ଶୁଣି ଭାପୁର ପେସାଦାର ସାମ୍ବାଦିକ ସଂଘର ସଭାପତି ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ, ପ୍ରଭାତ କୁମାର ବରାଡ ଓ ଅନ୍ୟମାନେ ତାଙ୍କ ବାସଭବନରେ ପହଞ୍ଚି ସମବେଦନା ଜଣାଇବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

## ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା

ଭାପୁର, ୩।୮ (ସମିସ): ଭାପୁର ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଲକ୍ଷ୍ମୀଧର ସାମନ୍ତରାୟ ଓ ସମ୍ପାଦକ ପ୍ରଭାକର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଯୁଗଳ କିଶୋର ସାହୁ ଯୋଗଦେଇଥିଲେ। ଭୁବନେଶ୍ୱରର ୟୁରୋଲୋଜି ସୁପର ସ୍ପେଶାଲିଷ୍ଟ ଆଦିତ୍ୟ ପ୍ରସାଦ ପାଢ଼ୀ ଯୋଗ ଦେଇ ଉପସ୍ଥିତ ବରିଷ୍ଠ ନାଗରିକଙ୍କୁ ପରିସ୍ରା ଜନିତ ଉପୁଜୁଥିବା ସମସ୍ୟା ଓ ଏହାର ନିରାକରଣ ବତାଇଥିଲେ। ମୁଖ୍ୟ ଅତିଥି ଯୁଗଳ କିଶୋର ସାହୁ କହିଥିଲେ ଚିନ୍ତାଶୂନ୍ୟ ରହିବା ସହ ଜୀବନଶୈଳୀରେ ପରିବର୍ତ୍ତନ କରିପାରିଲେ ବାର୍ଦ୍ଧକ୍ୟରେ କମ ରୋଗ ଦେଖାଦେବ। ସମ୍ମାନିତ ଅତିଥି ଭାବେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କଳାପଥର ଶାଖା ସଞ୍ଚାଳିକା ଭଉଣୀ ଯାଜ୍ଞସେନୀ ଯୋଗଦେଇ ଈଶ୍ୱରୀୟ ଭାବନରେ ତଲ୍ଲିନ ହେବାକୁ ପରାମର୍ଶ ଦେଇଥିଲେ। ଏହାପରେ ସମସ୍ତେ ମିଳିତ ହୋଇ ସଂଘ କାର୍ଯ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ।



## ବ୍ୟାଙ୍କ ଋଣ ଖିଲାପ ଅଭିଯୋଗରେ ଘର ନିଲାମ ଘଟଣା

# ଗୃହ କର୍ତ୍ତାଙ୍କ ଆମରଣ ଅନଶନ ଦ୍ୱିତୀୟ ଦିନରେ

ଓଡ଼ଗାଁ, ୩।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ନିତ୍ୟାନନ୍ଦ ସାହିର ପ୍ରଫୁଲ୍ଲ କୁମାର ସ୍ୱାଇଁ ଋଣ ଖିଲାପ କରିବା ଅଭିଯୋଗରେ ତାଙ୍କ ଘରକୁ ବ୍ୟାଙ୍କ ନିଲାମ କରିବା ପ୍ରତିବାଦରେ ଗୃହ କର୍ତ୍ତାଙ୍କ ଆମରଣ ଅନଶନ ଦ୍ୱିତୀୟ ଦିନରେ ଜାରି ରହିଛି। ଶନିବାର ରାତିରେ ଓଡ଼ଗାଁ ଆଦର୍ଶ ଥାନା ଆଇଆଇସି ଅଭୟ ବେହେରାଙ୍କ ତତ୍ତ୍ୱାବଧାନରେ ତାଙ୍କର ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ୧୧୨ ମାଧ୍ୟମରେ ତାଙ୍କର ଡାକ୍ତରୀ ପରୀକ୍ଷା କରାଇଥିଲେ। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଓଡ଼ଗାଁ ଶାଖାରୁ ପ୍ରଫୁଲ୍ଲ ସ୍ୱାଇଁ ବ୍ୟାଙ୍କ ସହିତ ହୋଇଥିବା ଆଲୋଚନା ଅନୁଯାୟୀ ୪ ଲକ୍ଷ ଟଙ୍କାର ବ୍ୟାଙ୍କ ବଣ୍ଡ ସହିତ ଘରକୁ ବନ୍ଧକ ରଖି ୫ ଲକ୍ଷ ଟଙ୍କା ଋଣ ଉଠାଣ କରିଥିଲେ। ତେବେ ପ୍ରଫୁଲ୍ଲ ଋଣ ବାବଦକୁ ପ୍ରାୟ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିବା ବେଳେ ଋଣ ପଇଠରେ ବିଳମ୍ବ ଦର୍ଶାଇ ପ୍ରଫୁଲ୍ଲଙ୍କ ଅଗୋଚରରେ ବ୍ୟାଙ୍କ ୪ ଲକ୍ଷ୍ୟର ବଣ୍ଡକୁ ଋଣ ଖାତାରେ ଜମା କରିଥିଲେ। ଏନେଇ ବ୍ୟାଙ୍କ ଏବଂ ପ୍ରଫୁଲ୍ଲଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ପ୍ରଫୁଲ୍ଲ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସୁଫଳ ପାଇନାହାନ୍ତି। ଏଭଳି ସ୍ଥିତିରେ ଋଣ ବାବଦକୁ ମୂଳ ଟଙ୍କା ପରିମାଣ ଜମା ହୋଇଥିଲେ ମଧ୍ୟ ସୁଧ ଟଙ୍କାଙ୍କୁ ବିଚାର କରି ବ୍ୟାଙ୍କ ତାଙ୍କ ଘର ନିଲାମ କରିବାକୁ ସେ ବିରୋଧ କରି ଆଜକୁ ଦ୍ୱିତୀୟ ଦିନରେ ଖରା ବର୍ଷାରେ ଆମରଣ ଅନଶନରେ ବସିଥିବା ଦେଖାଯାଇଛି।



# ଉତ୍କଳ ସାହିତ୍ୟ ସମାଜ ନୟାଗଡ଼ ଶାଖା ବାର୍ଷିକ ଉତ୍ସବ

ନୟାଗଡ଼, ୩।୮ (ସମିସ): ଉତ୍କଳ ସାହିତ୍ୟ ସମାଜ ନୟାଗଡ଼ ଶାଖାର ସପ୍ତମ ବାର୍ଷିକ ଉତ୍ସବ ଆଜି ସ୍ଥାନୀୟ ଭାରତ ବିକାଶ ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଗାଳ୍ପିକ ହାଡିବନ୍ଧୁ ମହାକୁଡ ମୁଖ୍ୟଅତିଥି ଭାବେ, ସମ୍ମାନିତ ଅତିଥି ଭାବେ କବି ଅଶୋକ କୁମାର ମଲ୍ଲ ଓ ଅଧ୍ୟାପିକା ଡ. ରଶ୍ମି କର ଯୋଗ ଦେଇଥିଲେ। ଅତିଥିମାନେ ଓଡ଼ିଆ ସାହିତ୍ୟର ଉନ୍ମେଷ, ପ୍ରଚାର ଓ ପ୍ରସାର ସମ୍ବନ୍ଧରେ ଆଲୋଚନା କରି କହିଥିଲେ ଯେ ବର୍ତ୍ତମାନ ସମୟରେ ସାର୍ବଜନୀନ ସାହିତ୍ୟ ଆବଶ୍ୟକତା ରହିଛି, ମାତ୍ର ଚର୍ଚ୍ଚିତ ସାହିତ୍ୟ ଆବଶ୍ୟକତା ନାହିଁ। ଏହି ଅବସରରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା। ବ୍ୟଙ୍ଗକବି ରବିନ୍ଦ୍ର ନାଥ ମହାପାତ୍ର ଓ କବୀ କ୍ଷଣପ୍ରଭା କର ସଂଯୋଜନା କରିଥିଲେ। ବରିଷ୍ଠ ଶିଶୁ ସାହିତ୍ୟିକା ବସିରନ୍ ବିବି ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ନୟାଗଡ଼ ଶାଖାର ଆବାହକ ଡ. ନିର୍ମଳ ଚନ୍ଦ୍ର ଶୂରଦେଓ ଏହି କାର୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ସୁରେଶ କୁମାର ସେଠୀ, ବିଷ୍ଣୁ ପ୍ରସାଦ ମିଶ୍ର, ଡ଼. ରଶ୍ମି କର, ପ୍ରିୟମ୍ବଦା ଦାଶଙ୍କ ସମେତ ଆଠ ଜଣଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରଥମେ କବି ଅନିତା କର ଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ। ଶେଷରେ ସଂଯୋଜକ ରବୀନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




## ୪୨ ବର୍ଷର ମହାବିଦ୍ୟାଳୟ

# ବିଜ୍ଞାନ ବିଭାଗ ଖୋଲିବ କେବେ



ଗଣିଆ, ୩।୮ (ସମିସ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକରେ ଉଚ୍ଚଶିକ୍ଷା ନିମନ୍ତେ ୧୯୮୩ ମସିହାରେ ରଘୁନାଥଜୀଉ ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା। ଧୀରେ ଧୀରେ ଏଠାରେ ଯୁକ୍ତ ତିନି ଡିଗ୍ରୀ ମହାବିଦ୍ୟାଳୟ ମଧ୍ୟ ଖୋଲାଗଲା। ସରକାରଙ୍କର ନୂତନ ଶିକ୍ଷା ନୀତି ଅନୁସାରେ ଯୁକ୍ତ ଦୁଇ ମହାବିଦ୍ୟାଳୟ ଏବେ ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମିତ ହୋଇଛି। ସବୁଠାରୁ ଦୁଃଖ ଏବଂ ପରିତାପର ବିଷୟ ଗଣିଆରେ ଉକ୍ତ ମହାବିଦ୍ୟାଳୟ ୪୨ ବର୍ଷର ହୋଇଥିଲେ ମଧ୍ୟ ଏଠାରେ ଆଜି ପର୍ଯ୍ୟନ୍ତ ବିଜ୍ଞାନ ବିଭାଗ ଖୋଲିପାରିଲା ନାହିଁ। ଫଳରେ ଗଣିଆରେ ବିଜ୍ଞାନ ପଢ଼ିବାକୁ ଚାହୁଁଥିବା ଛାତ୍ର ଛାତ୍ରୀ ଅଧିକ ଖର୍ଚ୍ଚାନ୍ତ ହୋଇ ଅନ୍ୟତ୍ର ଶିକ୍ଷାଲାଭ କରୁଛନ୍ତି। ଗରୀବ ଶ୍ରେଣୀର କୃତି ଛାତ୍ରଛାତ୍ରୀ ଅର୍ଥ ଅଭାବରୁ ବିଜ୍ଞାନ ବିଭାଗରେ ନାମ ନଲେଖାଇ କଳା ବିଭାଗରେ ନାମ ଲେଖାଇବାକୁ ବାଧ୍ୟ ହେଉଛନ୍ତି। ଏଥିପାଇଁ ରାଜନେତାଙ୍କଠାରୁ ଆରମ୍ଭ କରି ଶିକ୍ଷାବିତ, ବୁଦ୍ଧିଜୀବୀ ବିଶେଷକରି କଲେଜ କର୍ତ୍ତୃପକ୍ଷଙ୍କ ଆନ୍ତରିକତାର ଅଭାବ ହିଁ ଦାୟୀ ବୋଲି ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ମହାବିଦ୍ୟାଳୟ ନାମରେ ମଞ୍ଜୁର ହେଉଥିବା ବିଭିନ୍ନ କାର୍ଯ୍ୟାଦେଶରେ ଠିକାଦାର ଭାବେ କାର୍ଯ୍ୟକରି ବେଶ୍ ଦି ପଇସା ରୋଜଗାର କରିବାକୁ ସମସ୍ତେ ଆଗଭର ହେଉଥିବା ବେଳେ ବିଜ୍ଞାନ ବିଭାଗ ଖୋଲିବାକୁ ପ୍ରଚେଷ୍ଟା ନକରିବାର କାରଣ କ'ଣ ହୋଇପାରେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ବାହାସ୍ଫୋଟ ମାରି କୁମ୍ଭୀର କାନ୍ଦଣା କାନ୍ଦୁଥିବା ବ୍ୟକ୍ତି ମାନଙ୍କର ସଂଖ୍ୟା ଏଠାରେ ଅଧିକ କିନ୍ତୁ ଅଞ୍ଚଳର ଛାତ୍ର ଛାତ୍ରୀ ମାନଙ୍କର ଶିକ୍ଷାର ବିକାଶ କିଭଳି ହେବ ସେଥିପାଇଁ ତତ୍ପରତା ପ୍ରକାଶ ପାଉନାହିଁ। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଆଗାମୀ ଦିନରେ ଗଣିଆରେ ବିଜ୍ଞାନ ବିଭାଗ ଖୋଲିବାକୁ ଛାତ୍ର ଛାତ୍ରୀ ମାନେ ସ୍ୱତଃ ପ୍ରବୃତ୍ତ ଭାବେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଆଜିଠାରୁ ଝୁଲଣଯାତ୍ରା

# ସଜେଇ ହୋଇଛି ରାସବିହାରୀ ମନ୍ଦିର

ଭାପୁର, ୩।୮ (ସମିସ): ସୋମବାରଠାରୁ ଝୁଲଣଯାତ୍ରା ଆରମ୍ଭ ହେବ। ଏଥିପାଇଁ ଭାପୁର ବ୍ଲକର ପଦ୍ମାବତୀ ଗ୍ରାମ ରାସବିହାରୀ ମନ୍ଦିର ସଜେଇ ହୋଇଛି। ଏଠାରେ ଏହି ଯାତ୍ରା ରାକ୍ଷୀ ପୂର୍ଣ୍ଣିମାରେ ସମାପ୍ତ ହେବ। ଭାରତୀୟ ସଂସ୍କୃତିରେ ରାଧାକୃଷ୍ଣଙ୍କ ଶାଶ୍ୱତ ପ୍ରେମ କାହାଣୀର ଜ୍ୱଳନ୍ତ ନମୁନା ହେଲା ଝୁଲଣ ଯାତ୍ରା। ପଦ୍ମାବତୀ ଗ୍ରାମର ସ୍ୱର୍ଗତ ପଦ୍ମନାଭ ସାମନ୍ତରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଆରାଧ୍ୟ ଦେବତା ରାସବିହାରୀ ଦେବଙ୍କ ମନ୍ଦିର ପ୍ରତିଷ୍ଠା ପରଠାରୁ ତିନି ପିଢି ହେଲା ଏହି ମନ୍ଦିରରେ ପ୍ରତିବର୍ଷ ଧୂମଧାମରେ ଝୁଲଣଯାତ୍ରା ଆୟୋଜନ କରି ଆସୁଛନ୍ତି। ଗ୍ରାମର ଶତାଧିକ ମହିଳା ଓ ବାଳିକା ଏକ ସପ୍ତାହ ଧରି ପ୍ରତି ସନ୍ଧ୍ୟାରେ ରାଧାକୃଷ୍ଣଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଝୁଲଣ ସଙ୍ଗୀତ ଗାନ କରି ସମସ୍ତଙ୍କୁ ଆମୋଦିତ କରିଥାନ୍ତି। ଏ ଉପଲକ୍ଷେ ମନ୍ଦିର ଆଲୋକ ମାଳାରେ ସଜ୍ଜିତ ହୋଇଛି। ସେହିପରି ଗ୍ରାମର ଗୋପୀନାଥ ମନ୍ଦିର ଓ କଇଁଫୁଲିଆ ରାଧାକୃଷ୍ଣ ମନ୍ଦିରରେ ମଧ୍ୟ ଧୂମଧାମରେ ଝୁଲଣଯାତ୍ରା ଅନୁଷ୍ଠିତ ହୋଇଥାଏ।



## ବିଶ୍ୱ କଲ୍ୟାଣରେ ବିଶ୍ୱଶାନ୍ତି ମହାଯଜ୍ଞ


ଓଡ଼ଗାଁ, ୩।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କୁରାଳ ଗ୍ରାମରେ ରବିବାର ନୟାଗଡ଼ ଓ ଗଞ୍ଜାମ ଜିଲ୍ଲାର ବୈଦିକ ବ୍ରାହ୍ମଣମାନଙ୍କୁ ନେଇ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ନୀଳକଣ୍ଠ ମିଶ୍ର ଓ ପଣ୍ଡିତାଚାର୍ଯ୍ୟ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସମ୍ପାଦନ କରାଯାଇଥିଲା। ୨୦୮ ବ୍ରାହ୍ମଣଙ୍କ ଦ୍ୱାରା ବିଶ୍ୱର କଲ୍ୟାଣ ଉଦ୍ଦେଶ୍ୟରେ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ବିଜନକୁମାର ପାଇକରାୟ, ସାମ୍ବାଦିକ ଗଣେଶ୍ୱର ସାହୁ, ଜଗନ୍ନାଥ ମନ୍ଦିର ଟ୍ରଷ୍ଟି ସୁରେଶ ଚନ୍ଦ୍ର ପ୍ରଧାନ, ନବୀନ ସାହୁଙ୍କ ସହିତ ଓ ଯୁବଗୋଷ୍ଠୀ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିଥିଲେ। କୁରାଳ ବୈଦିକ ବ୍ରାହ୍ମଣ ସମାଜର ସଭାପତି ସୁଶାନ୍ତ କୁମାର ମିଶ୍ର, ସମ୍ପାଦକ ଜଗନ୍ନାଥ ମିଶ୍ର, କୋଷାଧ୍ୟକ୍ଷ ତପନ କୁମାର ତ୍ରିପାଠୀ, ମହାଜନ ଜଗମୋହନ ମିଶ୍ର, ପ୍ରଦୀପ୍ତ ଶତପଥୀ, ବିଷ୍ଣୁପ୍ରସାଦ ତ୍ରିପାଠୀ, ପବିତ୍ର ମୋହନ ମିଶ୍ର, ଲିଙ୍ଗରାଜ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିବା ବେଳେ ବ୍ରାହ୍ମଣ ମହାଜନ ଏବଂ ଗ୍ରାମବାସୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।



# ଶ୍ରାବଣରେ ନିଅଣ୍ଟିଆ ବର୍ଷା; ଚାଷୀ ହତାଶ


ରଣପୁର, ୩।୮ (ସମିସ)

ଜଳ ବହୁଳେ ସୃଷ୍ଟି ନାଶ ଜଳ ବିହୁନେ ସୃଷ୍ଟି ନାଶ। କେଉଁଆଡ଼େ ବନ୍ୟା ତ କୁଆଡ଼େ ବିନ୍ଦୁ ଶୂନ୍ୟ। ଆଷାଢ଼ ସରି ଶ୍ରାବଣ ମାସ ସରିବାକୁ ଆସିଲାଣି। ହେଲେ ରଣପୁର ଅଞ୍ଚଳରେ ନିଅଣ୍ଟିଆ ବର୍ଷା ପାଇଁ ଚାଷ କାର୍ଯ୍ୟ ଘୋର୍ ବାଧାପ୍ରାପ୍ତ ହୋଇଛି। ମୌସୁମୀ ଦୁର୍ବଳ ହେତୁ ବର୍ଷାର ପରିମାଣ କମ୍ ରହିଛି। ପାଣି ଅଭାବ ଯୋଗୁଁ ଚାଷୀକୂଳ ହତାଶ ହୋଇପଡ଼ିଛି। ଧାରା ଶ୍ରାବଣରେ ନିଅଣ୍ଟିଆ ବର୍ଷା ଯୋଗୁଁ ଆଗେଇ ପାରୁନି ଚାଷ କାମ। ବର୍ଷାର ଆଗମନ ଦେଖି ଚାଷୀ ଧାନ ବିହନ ସଂଗ୍ରହ କରି ତଳି ପକାଇଥିଲେ। କିନ୍ତୁ ବର୍ଷା ହେଉ ନ ଥିବାରୁ ଏବେ ସେ ସବୁ ତଳି ମରିବାକୁ ବସିଲାଣି। ବୁଣାଯାଇଥିବା ତଳି ବିଲ ମଧ୍ୟ ଫାଟି ଆଁ କଲାଣି। କେଉଁଠି ରୁଆ ସରିଥିବା ଜମିରୁ ପାଣି ନ ଥିବାରୁ ଫାଟିବା ସହ ରୋଇ ଖାଇଗଲାଣି। ତେଣୁ ତଳିକୁ ବଞ୍ଚାଇବା ପାଇଁ ଚାଷୀ ପାଣି ସଂଗ୍ରହ କରି ବିଲରେ ସିଞ୍ଚୁଛି। ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ସମେତ ଆଖପାଖ ପ୍ରତ୍ୟେକ ଅଞ୍ଚଳରେ ଏହି ଦୃଶ୍ୟ ଦେଖିବାକୁ ମିଳିଛି। ଏବେସୁଦ୍ଧା ୫୦ ପ୍ରତିଶତ ଧାନ ଜମି ରୁଆ ସରିବାକୁ ଥିବାବେଳେ ନିଅଣ୍ଟିଆ ବର୍ଷା ଯୋଗୁଁ ଆଦୌ ଧାନ ଚାଷ ଆଗେଇ ପାରୁନାହିଁ। ଫଳରେ ଚିନ୍ତାରେ ପଡ଼ିଛି ଚାଷୀ। ଜମିରେ ଗାଈ ଚରୁଥିବା ମଧ୍ୟ ଦେଖିବାକୁ ମିଳୁଛି। ଯଦି ଆସନ୍ତା ଏକ ସପ୍ତାହ ମଧ୍ୟରେ ଆବଶ୍ୟକ ପରିମାଣରେ ବର୍ଷା ନ ହୁଏ ତେବେ ବୁଣା ଯାଇଥିବା ତଳି ନଷ୍ଟ ହୋଇଯିବ ଆଉ ତଳି ପକାଇବା ପାଇଁ ବିହନ ମୁଠେ ବି ମିଳିବ ନାହିଁ। କିଛିଦିନ ତଳେ ଭଲ ବର୍ଷା ହୋଇଥିଲା। ହେଲେ ହଠାତ୍ ବର୍ଷା ଗାଏବ ହୋଇ ପ୍ରବଳ ଖରା ଓ ଗରମ ହେଉଥିବା କାରଣରୁ ଚାଷ କାର୍ଯ୍ୟ ଆଗେଇପାରୁ ନାହିଁ। ଯାହାକୁ ନେଇ ଧାନ ଚାଷୀ ଆଶା ଓ ଆଶଙ୍କାରେ ଗତି କରୁଥିବାବେଳେ ଏ ଅଞ୍ଚଳରେ ବହୁ ଧାନ ଜମି ପଡ଼ିଆ ପଡ଼ିଛି। ଯାହାଦ୍ୱାରା ଧାନ ଜମି ପାଲଟିଛି ଗୃହପାଳିତ ପଶୁଙ୍କ ଚାରଣ ଭୂମି। ସେପଟେ ଆଖପାଖ ଅଞ୍ଚଳରେ ଜଳସମ୍ପଦ ଉପଖଣ୍ଡ ଅଧୀନରେ ଥିବା କେନାଲଗୁଡ଼ିକରେ ମାଟି ଅତଡ଼ା ଖସି ଏବଂ ଅନାବନା ଗଛ ଉଠି କେନାଲ ସଙ୍କୁଚିତ ହୋଇପଡ଼ିଛି। ବିଭାଗ କେନାଲ ସଫା କରୁଛି ନା କେନାଲ ପାଣି ଯୋଗାଇ ଦେଉଛି। ଏନେଇ ଧାନ ଚାଷୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ରାଜ୍ୟ ଜଳସମ୍ପଦ ବିଭାଗ ତୁରନ୍ତ କେନାଲ ପାଣି ଯୋଗାଇଦେବା ପାଇଁ ଦାବି ହୋଇଛି।



## ଉଠାଜଳସେଚନ ଅକାମୀ; ଚାଷକୁ ମିଳୁନି ପାଣି

ଶରଣକୁଳ, ୩।୮ (ସମିସ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୋତରଙ୍ଗ ନଂ-୧ ଠାରେ ନିର୍ମିତ ଉଠାଜଳସେଚନ ପ୍ରକଳ୍ପଟି ଅକାମୀ ହୋଇପଡ଼ିଛି। ଫଳରେ ସେହି ପ୍ରକଳ୍ପ ଉପରେ ନିର୍ଭରଶୀଳ ଚାଷୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ସେମାନେ ଧାନ ଜମି ନା କାଦୁଅ କରି ପାରୁଛନ୍ତି ନା ଧାନ ରୋଇ ପାରୁଛନ୍ତି। ପାଣି ଅଭାବରୁ ଜମି ସବୁ ଫାଟି ଆଁ କଲାଣି। ଚାଷୀଭାଇ ମାନେ ମୁଣ୍ଡରେ ହାତଦେଇ ବସିଲେଣି। ଘଟଣା ହେଲା କୋତରଙ୍ଗ ନଂ-୧ ଉଠାଜଳସେଚନ ପ୍ରକଳ୍ପଟି ମା' ବ୍ରାହ୍ମଣୀ ଦେବୀ ପାଣି ପଞ୍ଚାୟତ ଅଧୀନରେ ୨୩ ଲକ୍ଷ ଟଙ୍କା ବିନିମୟରେ ଠିକାଦାର ପ୍ରକାଶ ଚନ୍ଦ୍ର ବରାଡ ୨୦୨୪ ମସିହାରୁ ଯେନତେନ କାର୍ଯ୍ୟ ଶେଷକରି ତତ୍‌କାଳୀନ ଜେଇଙ୍କୁ ହାତ କରି ସମସ୍ତ ଅର୍ଥ ଉଠାଣ କରି ନେଇ ସାରିଛନ୍ତି। ହେଲେ ଉଠା ଜଳସେଚନ ପ୍ରକଳ୍ପଟିରୁ ପର୍ଯ୍ୟାପ୍ତ ପରିମାଣର ଜଳ ନିଷ୍କାସନ ହେଉଛି କି ନାହିଁ ତାହାର ତଦାରଖ କରାଗଲା ନାହିଁ। ଫଳରେ ଚାଷୀମାନଙ୍କ ପାଇଁ ଯେଉଁ ଉଦ୍ଦେଶ୍ୟରେ ନିର୍ମିତ ହେଇଥିଲା ତାହାର ସୁଫଳ ପାଇପାରିଲେ ନାହିଁ। ଅଭିଯୋଗ କରିବାପରେ ଠିକାଦାର କହିଲେ କି ମୁଁ କାମ ଶେଷ କରି ମୋର ପ୍ରାପ୍ୟ ପାଇସାରିଛି, ତେଣୁ ମୋର କିଛି କରିବାର ନାହିଁ ବୋଲି ଚାଷୀ ମୁନା ଦୋରା ପ୍ରକାଶ କରିଛନ୍ତି। ତତ୍‌କାଳୀନ ସମ୍ପୃକ୍ତ ଜେଇ ମଧ୍ୟ ବଦଳି ହୋଇ ଅନ୍ୟତ୍ର ପଳାଇ ଗଲେଣି। ଏବେ ସମସ୍ତ ଚାଷୀ ଭାଇମାନେ ମିଳିତ ଉଠାଜଳସେଚନ କାର୍ଯ୍ୟାଳୟରେ ଅଭିଯୋଗ ଦାଖଲ କରିବା ପରେ ବର୍ତ୍ତମାନ କାର୍ଯ୍ୟରତ ଜେଇ ଓ ଆସିଷ୍ଟାଣ୍ଟ ଇଞ୍ଜିନିୟର ଦେଖାଦେଖି କରି ଯାଇଛନ୍ତି। ଯଥାଶୀଘ୍ର ଏହାର ପୁନଃରୁଦ୍ଧାର କରାଯାଇ କାର୍ଯ୍ୟକ୍ଷମ କରାଯିବ। ହେଲେ ଏଠାରେ ପ୍ରଶ୍ନ ଉଠୁଛି ବର୍ତ୍ତମାନ ଚାଷ କାମ ଯୋରଦାର ଚାଲିଛି। ଏହି ସମୟରେ ଜମିରେ ପାଣି ଅଭାବ ହେଲେ ଧାନ ଚାଷ ହୋଇ ପାରିବ ନାହିଁ। ବର୍ଷ ତମାମ ଆମେ ଖାଇବୁ କ'ଣ ବୋଲି ଚାଷୀଭାଇ ମାନେ ଅଭିଯୋଗ କରିଛନ୍ତି।



## ଅନିୟମିତ ବୃଷ୍ଟିପାତ; ମଠେଇଛି ଚାଷ କାର୍ଯ୍ୟ

କଣ୍ଟିଲୋ, ୩।୮ (ସମିସ): ସ୍ୱାଭାବିକ ଠାରୁ କମ ବୃଷ୍ଟିପାତ କାରଣରୁ କଣ୍ଟିଲୋ ଓ ଏହାର ଆଖପାଖ ବଡ଼ବାଣପୁର, ସିଧାମୁଳା, ଧନଚାଙ୍ଗଡ଼ା, ପଥରଚକଡ଼ା ଆଦି ଅଞ୍ଚଳରେ ଧାନ ଚାଷ କାର୍ଯ୍ୟରେ ବିଳମ୍ବ ଦେଖାଯାଇଛି। ଜଳସେଚନ ସୁବିଧା ନଥିବାରୁ ଅଞ୍ଚଳର ଚାଷୀମାନେ ବର୍ଷା ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଶ୍ରାବଣରେ ଅନିୟମିତ ବୃଷ୍ଟିପାତ ଯୋଗୁଁ ଏବେ ଧାନ ଚାଷୀ ଆଶଙ୍କା ମଧ୍ୟରେ ରହିଛନ୍ତି। ଧାନ ଜମିରେ ପାଣି ନଥିବାରୁ ଏ ପର୍ଯ୍ୟନ୍ତ ବେଉଷଣ କାର୍ଯ୍ୟ ହୋଇପାରିନାହିଁ। ଆଉ କିଛି ଦିନ ବର୍ଷା ନହେଲେ ଧାନ ଫସଲ ମରୁଡ଼ି ହେବା ନିଶ୍ଚିତ ବୋଲି ଚାଷୀ ମାନେ କହିଛନ୍ତି। ଶିଳ୍ପ ବିହୀନ ଖଣ୍ଡପଡ଼ା ଅଞ୍ଚଳରେ ଚାଷୀଙ୍କ ଅର୍ଥନୈତିକ ବିକାଶ ମୁଖ୍ୟତଃ ଚାଷ ଉପରେ ନିର୍ଭରଶୀଳ। ମହାନଦୀ ତଟରେ ଅବସ୍ଥିତ ଥାଇ ମଧ୍ୟ ଉପରୋକ୍ତ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ନାହିଁ। ନଦୀ କୁଳିଆ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ଫେଲ ମାରିଛି। ଏଣୁ ଚାଷୀଙ୍କୁ ଏବେ ବର୍ଷା ଭରସା। ବର୍ଷା ନହେଲେ ମରୁଡ଼ି ନିଶ୍ଚିତ ବୋଲି ଚାଷୀ ମାନେ କହିଛନ୍ତି।

## ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା; ଜଣେ ଗିରଫ

ବାଣପୁର,୩।୮ (ସମିସ): ବାଣପୁର ଅଞ୍ଚଳର ସାମ୍ବାଦିକ ଦିଲ୍ଲୀପ କୁମାର ସ୍ୱାଇଁଙ୍କୁ ଗମ୍ଭାରୀମୁଣ୍ଡା ଛକରେ ଶୁକ୍ରବାର ରାତିରେ କେତେକ ଯୁବକ ସଂଘ ବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ ପ୍ରଥମେ ବାଣପୁର ଡାକ୍ତରଖାନା ଓ ପରେ ଭୁବନେଶ୍ୱର ସ୍ଥାନାନ୍ତରିତ ହୋଇଥିଲେ। ଏନେଇ ଦିଲ୍ଲୀପ ଶନିବାର ନାଚୁଣୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଅଭିଯୋଗ ମୁତାବକ, ଜଣେ ଶିଶୁକନ୍ୟାଙ୍କ ଅଶ୍ଳୀଳ ଭିଡିଓ ବିଭିନ୍ନ ୱେବ୍‌ସାଇଟ୍‌ରେ ପ୍ରଘଟ କରିବା ଅଭିଯୋଗରେ ଗତ ମେ' ୯ ତାରିଖରେ ଦିଲ୍ଲୀ ସିବିଆଇର ଏକ ଟିମ୍ ନାଚୁଣୀ ପୁଲିସ ସହାୟତାରେ ହରିଚନ୍ଦନପୁର ଗ୍ରାମର ଦୋଳଗୋବିନ୍ଦ ଜେନାଙ୍କୁ ଗିରଫ କରିଥିଲା। ଏହି ଖବରକୁ ଦିଲ୍ଲୀପ ଖବରକାଗଜରେ ପ୍ରକାଶିତ କରିଥିଲେ। ଉକ୍ତ ଘଟଣାକୁ ନେଇ ଉତ୍‌କ୍ଷିପ୍ତ ହୋଇ ଦୋଳଗୋବିନ୍ଦଙ୍କ ସମ୍ପର୍କୀୟ ସୌମ୍ୟରଞ୍ଜନ ସାମନ୍ତରାୟ ଓରଫ ଟୁଟୁ ନିଜର କେତେକ ସହଯୋଗୀଙ୍କ ସହ ଦିଲ୍ଲୀପଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଦିଲ୍ଲୀପ ନାଚୁଣୀ ଥାନାରେ ଅଭିଯୋଗ କରିଥିଲେ। ତେବେ ସୌମ୍ୟରଞ୍ଜନ ମଧ୍ୟ ଦିଲ୍ଲୀପ ଏବଂ ତାଙ୍କ ସହଯୋଗୀଙ୍କ ବିରୁଦ୍ଧରେ ଏକ ପାଲଟା ଅଭିଯୋଗ କରିଥିଲେ। ନାଚୁଣୀ ପୁଲିସ ଉଭୟ ପକ୍ଷଙ୍କ ଅଭିଯୋଗ କ୍ରମେ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏ ସମ୍ପର୍କରେ ବିଭିନ୍ନ ସାମ୍ବାଦିକ ସଂଘର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧୀକ୍ଷିକା ସାଗରିକା ନାଥଙ୍କୁ ଭେଟି ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ। ଆରକ୍ଷୀ ଅଧୀକ୍ଷିକା ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ ଓ ନାଚୁଣୀ ଥାନାଧିକାରୀ ଚନ୍ଦ୍ରଶେଖର ଜେନାଙ୍କୁ ଯୁଗ୍ମ ଭାବେ ଘଟଣାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ରାତିରେ ନାଚୁଣୀ ପୁଲିସ ଅଭିଯୁକ୍ତ ସୌମ୍ୟରଞ୍ଜନ ସାମନ୍ତରାୟଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛନ୍ତି।

## ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବେଗୁନିଆ,୩।୮ (ସମିସ): ବେଗୁନିଆ ବ୍ଲକ୍ ଡିଙ୍ଗର ପଞ୍ଚାୟତ ଅନ୍ତର୍ଗତ ଚଣ୍ଡିଆପଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୋଲକ ବିହାରୀ ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନଶିକ୍ଷକ ଆଶିଷ କୁମାର ସୁବୁଦ୍ଧିଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ସୁଧାକର ସେଠୀଙ୍କ ସଂଯୋଜନାରେ ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟବକ୍ତା, ଶିକ୍ଷାବିତ୍ ଲଛମନ ପରିଡ଼ା, ବିଷ୍ଣୁ ପ୍ରସାଦ ମିଶ୍ର, ଦିଲ୍ଲୀପ କୁମାର ମହାପାତ୍ର, ରାଜ କିଶୋର ପାଣିଗ୍ରାହୀ, ସମାଜସେବୀ ଭିକାରୀ ଚରଣ ସାହୁ, ଭାରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀ ପ୍ରଭା ଦେବୀ, ପରିଚାଳନା କମିଟି ସଭାପତି ଅଜୟ କୁମାର ପ୍ରଧାନ, ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବୀନ୍ଦ୍ର କୁମାର ମହାପାତ୍ର, ସମ୍ପାଦକ ଦାଶରଥି ବେହେରା, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଉପସଭାପତି ମାନସ ବେହେରା, ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ କର୍ମମୟ ଜୀବନ ଉପରେ ଗୁଣଗାନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଚିନ୍ମୟୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା କର୍ମଶାଳା

ବାଣପୁର,୩।୮ (ସମିସ): ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ବାଣପୁର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ "କର୍ମକ୍ଷେତ୍ରରେ ମହିଳାମାନଙ୍କ ଉପରେ ଯୌନ ନିର୍ଯାତନା' ଓ ତାହାର ନିବାରଣ, ନିଷେଧ, ନିରାକରଣ ଅଧିନିୟମ ୨୦୧୩' ସମ୍ପର୍କିତ ଏକ ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବାଣପୁର କୋର୍ଟ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କର୍ମଶାଳାରେ କର୍ମକ୍ଷେତ୍ରରେ ମହିଳାମାନଙ୍କ



ଉପରେ ହେଉଥିବା ଯୌନ ନିର୍ଯାତନା ଓ ତାହାର ନିବାରଣ, ନିଷେଧ, ନିରାକରଣ ଅଧିନିୟମ-୨୦୧୩ ଅନୁଯାୟୀ ଯୌନ ନିର୍ଯାତନା କାହାକୁ କୁହାଯାଏ, ଆଇନ ଅନୁଯାୟୀ ପୀଡ଼ିତା, ପ୍ରତିପକ୍ଷ, କାର୍ଯ୍ୟସ୍ଥଳୀ, କର୍ମଚାରୀ, ନିଯୁକ୍ତିଦାତା କିଏ ଓ ତାଙ୍କର କାର୍ଯ୍ୟ କ'ଣ ଏବଂ ଆଇସିସି କ'ଣ, ଉକ୍ତ କମିଟିରେ କେତେଜଣ ଓ କିଏ କିଏ ରହିପାରିବେ, ଜିଲ୍ଲା ଅଧିକାରୀ କିଏ, ଉକ୍ତ ଅପରାଧ ପାଇଁ କ'ଣ ସବୁ ଦଣ୍ଡବିଧାନ ରହିଛି ସେ ସମ୍ପର୍କରେ ବିଚାରପତି ଶ୍ରୀ ମହାପାତ୍ର ବିସ୍ତୃତ ଭାବେ ଉପସ୍ଥାପନା କରିଥିଲେ। ଏଥିରେ ବାଣପୁର ବିଇଓ ସନାତନ ଜାଲି, ବାଣପୁର ଓକିଲ ସଂଘ ଉପସଭାପତି ପଦ୍ମଜା ପଟ୍ଟନାୟକ, ପୂର୍ବତନ ସମ୍ପାଦକ ରଞ୍ଜନ କୁମାର ବେଦମତ୍ତା, ଆଇନଜୀବୀ ଦେବୀପ୍ରସାଦ ସାମନ୍ତରାୟଙ୍କ ସମେତ ବହୁ ଆଇନଜୀବୀ ଓ ବାଣପୁର ଏନ୍‌ଏସି ଅନ୍ତର୍ଗତ ୧୩ଟି ବିଦ୍ୟାଳୟର ଆଇସିସି କମିଟିର ସଦସ୍ୟମାନେ ସାମିଲ ହୋଇଥିଲେ।

## ବାଣପୁର ଉପକାରାଗାରରେ ବନ ମହୋତ୍ସବ

ବାଣପୁର,୩।୮ (ସମିସ): ବାଣପୁର ଉପକାରାଗାର ପରିସରରେ ଉପକାରାଗାର ଅଧୀକ୍ଷକ ଦଣ୍ଡପାଣି ପାତ୍ର ଓ ଉପଅଧୀକ୍ଷକ କାହ୍ନୁ ଚରଣ ମଲ୍ଲଙ୍କ ତତ୍ତ୍ୱାବଧାନରେ ଓ ସେଣ୍ଟଜନ୍ ଆମ୍ବୁଲାନ୍ସ ଆସୋସିଏସନର ଆଜୀବନ ସଦସ୍ୟ ତଥା ସମାଜସେବୀ ଅନନ୍ତ ଚରଣ ଖଟେଇଙ୍କ ପ୍ରଚେଷ୍ଟାରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଶିକ୍ଷାବିତ୍ ବାଳମୁକୁନ୍ଦ ଦାସ ଓ ଭିକାରୀ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ଦିନକୁ ଦିନ ପରିବେଶ ଭାରସାମ୍ୟ ସନ୍ତୁଳନ ହରାଇ ତାପମାତ୍ରା ବୃଦ୍ଧି ଘଟୁଥିବାରୁ ଏଭଳି ପରିସ୍ଥିତିରେ ଏକମାତ୍ର ବିକଳ୍ପ ହେଉଛି ବୃକ୍ଷରୋପଣ, ଯାହା ଅପରିହାର୍ଯ୍ୟ ହୋଇ ପଡ଼ିଛି। ତେଣୁ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏଁ ଚାରାରୋପଣ କରି ତା'ର ଉପଯୁକ୍ତ ଯତ୍ନ ନେବା ନିତାନ୍ତ ଆବଶ୍ୟକ ହୋଇପଡ଼ିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଉପକାରାଗାରର କର୍ମଚାରୀ ଓ ସମସ୍ତ ଜେଲ୍ ଅନ୍ତେବାସୀ ସାମିଲ୍ ହୋଇ ବିଭିନ୍ନ ପ୍ରକାର ଚାରାରୋପଣ କରିଥିଲେ।

### ଖରିଫ ଧାନ କ୍ରୟ ପାଇଁ ପଞ୍ଜୀକରଣ

# ଧିମା ନେଟ୍‌ୱର୍କ ବଢ଼ାଉଛି ସମସ୍ୟା

- ଜିଲ୍ଲାରେ ପଞ୍ଜୀକରଣ କଲେଣି ୧୫୭୧୩ ଚାଷୀ
- ସମୟ ଅବଧି ବଢ଼ାଇବାକୁ ଚାଷୀଙ୍କ ଦାବି
- ସକାଳେ ଚାଷ, ସନ୍ଧ୍ୟାରେ ପଞ୍ଜୀକରଣ ପାଇଁ ଲାଇନ୍‌ରେ ଚାଷୀ

ଖୋର୍ଦ୍ଧା,୩।୮ (ସମିସ): ଗତ ୧୯ ତାରିଖରୁ ଆରମ୍ଭ ହୋଇଛି ଖରିଫ୍ ଧାନ କ୍ରୟ ପାଇଁ ପଞ୍ଜୀକରଣ। ମାତ୍ର ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଏବେ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ପଞ୍ଜୀକରଣ ପାଇଁ କିଏ ପରିବାର ସହମତି ଆଣିବାରେ ବିଳମ୍ବ ଘଟୁଛି ତ ଆଉ କିଏ ବିଲ କାମ ଛାଡ଼ି ସୋସାଇଟି ନିକଟରେ ଇ-କେୱାଇସି ପାଇଁ ଘଣ୍ଟା ଘଣ୍ଟା ଧାଡ଼ିରେ ଠିଆ ହେବାକୁ ପଡୁଛି। ସେପଟେ ନେଟ୍‌ୱର୍କ ସମସ୍ୟା ଯୋଗୁଁ ପଞ୍ଜୀକରଣ ହୋଇପାରୁନାହିଁ। ଧାନ ବିକ୍ରିରେ ନକଲି ଚାଷୀ, ଦଲାଲଙ୍କ ପ୍ରାଦୁର୍ଭାବ ରୋକିବା ପାଇଁ ସରକାର ଇ-କେୱାଇସି ଏବଂ ସହମତି ପତ୍ର ବାଧ୍ୟତାମୂଳକ କରିଥିବାବେଳେ ଏହା ଚାଷୀଙ୍କ ପାଇଁ କାଳ ହୋଇଛି। ଚାଷୀ ଏଥିପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଜୀକରଣରେ ଅଡୁଆ ପରିସ୍ଥିତି ନେଇ ଜିଲ୍ଲାରେ ଚାଷୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଉଛି। ଦେବୋତ୍ତର ଚାଷଜମିକୁ ଚଷୁଥିବା ଚାଷୀ ପଞ୍ଜୀକରଣରେ ଅଡୁଆ ଦେଖାଦେଇଛି। ଏନେଇ ଚାଷୀ ସୋସାଇଟି ଅଫିସରୁ ତହସିଲ, ଆର୍‌ଆଇ କାର୍ଯ୍ୟାଳୟକୁ ଦୌଡ଼ୁଛନ୍ତି।



୨୦୨୫-୨୬ ଖରିଫ ଋତୁ ଧାନ ସଂଗ୍ରହ ପାଇଁ ଗତ ୧୯ ତାରିଖରୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ୩୦ରେ ତାଲିକା ପ୍ରକାଶ ପାଇବ। ଖୋର୍ଦ୍ଧା ଜିଲ୍ଲାରେ ୧୩୯ଟି ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ)ରେ ଶନିବାର ରାତି ସୁଦ୍ଧା ୩୧ ପ୍ରତିଶତ ଅର୍ଥାତ୍ ୧୫,୭୧୩ ଚାଷୀଙ୍କ ପଞ୍ଜୀକରଣ ସରିଥିବା ସମବାୟ ସମିତି ସମୂହ ନିବନ୍ଧକ(ଡିଆର୍‌ସିଏସ୍) ଅଳକା ଜେନା ସୂଚନା ଦେଇଛନ୍ତି। ଧାନ ବିକ୍ରି ଲାଗି ଚାଷୀଙ୍କୁ ସରକାରଙ୍କ ଘୋଷଣାନାମା ଅନୁଯାୟୀ ପଞ୍ଜୀକରଣ ସହ ଇ-କେୱାସି ବାଧ୍ୟତାମୂଳକ ରହିଛି। ଏନେଇ ଜମି ମାଲିକଠାରୁ ଭାଗ ଚାଷୀ ପର୍ଯ୍ୟନ୍ତ ପ୍ରଭାବିତ ହୋଇଛନ୍ତି। ପୂର୍ବରୁ ଚାଷୀ ପ୍ୟାକ୍ସ, ଲ୍ୟାମ୍ପ୍ସରେ ଆବଶ୍ୟକୀୟ କାଗଜପତ୍ର ଦେଇ ପଞ୍ଜୀକରଣ କରୁଥିଲେ। ଚାଷୀଙ୍କୁ କୌଣସି ଅସୁବିଧା ହେଉନଥିଲା। ଚଳିତ ବର୍ଷ ନୂତନ ନିୟମ ଅନୁଯାୟୀଙ୍କୁ ଚାଷୀଙ୍କୁ ଆଖି ସ୍କାନ୍ କରିବାକୁ ପଡ଼ିବ। ପଞ୍ଜୀକରଣବେଳେ ଇ-କେୱାଇସି, ଡକ୍ୟୁମେଣ୍ଟ ଅପ୍‌ଲୋଡ୍, ଧିମା ନେଟ୍‌ୱର୍କ ଏବେ ବାଧକ ସାଜିଛି। କହିବାକୁ ଗଲେ ଇ-କେୱାଇସି ପ୍ରକ୍ରିୟା ସବୁଠାରୁ ଜଟିଳ ସମସ୍ୟା ଚାଷୀମାନଙ୍କ ପାଇଁ ହୋଇଛି। ଗ୍ରାମାଞ୍ଚଳରେ ନେଟ୍‌ୱର୍କଜନିତ ସମସ୍ୟା କାରଣରୁ ଚାଷୀଙ୍କୁ ଦୀର୍ଘ ସମୟ ଧରି ଧାଡ଼ିରେ ଅପେକ୍ଷା କରିବାକୁ ପଡୁଛି। ଏପରିକି ଦିନରେ ନେଟ୍‌ୱର୍କ ଧିମା ରହୁଥିବାରୁ ଅଧିକାଂଶ ପ୍ୟାକ୍ସରେ ଅପରାହ୍ଣ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ପଞ୍ଜୀକରଣ ଚାଲିଛି। ମହିଳା ଚାଷୀମାନେ ହଇରାଣ ହେଉଛନ୍ତି।

ଚାଷୀ ଭୀମଚରଣ ମହାପାତ୍ର କୁହନ୍ତି, ଏବେ ଚାଷ କାମ ଚାଲିଛି। ଆମକୁ ସମୟ ନାହିଁ ଏତେ ଲମ୍ବା ଲାଇନ୍‌ରେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ପଞ୍ଜୀକରଣ କରିବା ପାଇଁ। ମୁଁ ଗୋଟେ ଦିନ ଯାଇଥିଲି, ସର୍ଭର ଡାଉନ୍ ଓ ଲୋକ ଭିଡ଼ ଥିଲେ। ବର୍ତ୍ତମାନ ଚାଷ କାମ ସମୟରେ ଲାଇନ୍‌ରେ ରହି ପଞ୍ଜୀକରଣ କରିବା ସମ୍ଭବପର ନ ଥିଲା। ତେଣୁ ସରକାର ପଞ୍ଜୀକରଣର ସମୟ ଅବଧି ବଢ଼ାଇବା ଦରକାର ବୋଲି ଦାବି କରିଛନ୍ତି। ସେହିପରି ଚାଷୀ ଜିତେନ୍ଦ୍ର ସ୍ୱାଇଁଙ୍କ କହିବା କଥା ବହୁ ଲୋକଙ୍କର ଜମି ବର୍ତ୍ତମାନ ବାପା ଓ ଜେଜେବାପା ନାମରେ ଅଛି। ଯଦି ଆର୍‌ଆଇ ପାଖରୁ ପଟ୍ଟା ଆଣିବାକୁ ହେଲେ ଅତି କମ୍‌ରେ ୧୫ ଦିନ ଲାଗିବ। ଆର୍‌ଆଇ ପାଖରେ ଏତେ ସମୟ ନାହିଁ ସେ କେବଳ ଚାଷୀମାନଙ୍କର ପଟ୍ଟା ଦେବେ। ସେହିପରି ହଠାତ୍ ଏକ ଡିବିଟି ଆକାଉଣ୍ଟ କରିଦେଲେ ଆଗରୁ କିଛି ଚାଷୀ ଜିରୋ ଆକାଉଣ୍ଟ ଖୋଲିଥିଲେ। ସେ ଆକାଉଣ୍ଟ ଏବେ ଅଚଳାବସ୍ଥା ଅଛି। ଏହିପରି ବହୁ ଅସୁବିଧା ଅଛି। ସରକାର ଏହି ପ୍ରକ୍ରିୟାକୁ ସରଳୀକରଣ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଡିଆର୍‌ସିଏସ୍ ଅଳକା ଜେନା ଉକ୍ତ ସମସ୍ୟା ଉପରେ କୁହନ୍ତି, ନକଲି ଚାଷୀଙ୍କୁ ରୋକିବା ପାଇଁ ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ। ଚାଷୀ ପଞ୍ଜୀକରଣ ନେଇ ସରକାର ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ଚାଷୀଙ୍କ ଯେଉଁଭଳି କୌଣସି ଅସୁବିଧା ହେବ ନାହିଁ ଏଥିଲାଗି ସମସ୍ତ ପ୍ୟାକ୍ସ, ଲ୍ୟାମ୍ପ୍ସ ସମ୍ପାଦକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ନେଟ୍‌ୱର୍କଜନିତ ସମସ୍ୟା ଏଡ଼ାଇବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉଛି। ରାତି ୯ଟା ପର୍ଯ୍ୟନ୍ତ ପଞ୍ଜୀକରଣ ସୁବିଧା ଦିଆଯାଇଛି। ଚାଷୀ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସିଧାସଳଖ କଥା ହୋଇପାରିବେ ବୋଲି କହିଛନ୍ତି।

## ପୁଣି ୧୧ରୁ ଆନ୍ଦୋଳନକୁ ଓହ୍ଲାଇବ ଅମଲା ସଂଘ

ଖୋର୍ଦ୍ଧା,୩।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ରାଜସ୍ୱ ଅମଲା ସଂଘର କାର୍ଯ୍ୟକାରିଣୀ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ମୃତ୍ୟୁଞ୍ଜୟ ସେନାପତିଙ୍କ ସଭାପତିତ୍ୱରେ ସଂଘର ୧୦ ଦଫା ଦାବି ସମ୍ବନ୍ଧରେ ଆଲୋଚନା ହୋଇଥିଲା। ରାଜସ୍ୱ ଅମଲାମାନେ ଜିଲ୍ଲା କାର୍ଯ୍ୟାଳୟ ସହିତ ଅନ୍ୟାନ୍ୟ କାର୍ଯ୍ୟାଳୟ, ପ୍ରତିଷ୍ଠାନ, ଆପାତ୍‌କାଳୀନ, ନିଜାରତ, ଭୂ-ଅଧିଗ୍ରହଣ, ରାଜସ୍ୱ ବିଭାଗରେ କାର୍ଯ୍ୟରତ ଅଛନ୍ତି। ସରକାରଙ୍କ




ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥା'ନ୍ତି। ସରକାର ରାଜସ୍ୱ ଅମଲାମାନଙ୍କୁ ଅଣଦେଖା କରୁଛନ୍ତି। ଏହାର ପ୍ରତିବାଦରେ ରାଜ୍ୟ ସଂଘ ଆହ୍ୱାନ କ୍ରମେ ଗତ ଜୁଲାଇ ୭ ତାରିଖରେ ରାଜସ୍ୱ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରିଥିଲେ। ୯ରେ ରାଜସ୍ୱ ବିଭାଗ ମନ୍ତ୍ରୀଙ୍କ ସହ ଏକ ପ୍ରତିନିଧି ଆଲୋଚନା କରିଥିଲେ। ସରକାର ଦୁଇ ସପ୍ତାହ ପ୍ରତିଶ୍ରୁତି ଦେଇଥିବାବେଳେ ସଂଘ ୧ ମାସ ଦେଇଥିଲା। ଏହା ସତ୍ତ୍ୱେ ସରକାର ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ, ଆସନ୍ତା ୧୧ ତାରିଖରୁ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ପ୍ରାୟ ୨୪୮ ଜଣ ରାଜସ୍ୱ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନିଆଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ମହାପାତ୍ର, ସାଧାରଣ ସମ୍ପାଦକ ଅରୁଣ କୁମାର ମୁଦୁଲି କହିଲେ ଯେ ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆର୍‌ଏସ୍‌ପି ୨୦୧୭ ମସିହା ନିୟମ ଅନୁଯାୟୀ ଲେବଲ-୯କୁ ବୃଦ୍ଧି କରାଯାଉ, କନିଷ୍ଠ ରାଜସ୍ୱ ଅମଲାମାନଙ୍କ ରେସିଡେନ୍ସ ପିରିୟଡ୍ ୬ ବର୍ଷ ଜାଗାରେ ୪ବର୍ଷ କରାଯାଉ, ବରିଷ୍ଠ ରାଜସ୍ୱ ସହାୟକ ଏବଂ ଏଏସ୍‌ଓ ପଦକୁ ଏକତ୍ରୀକରଣ କରାଯାଇ କେବଳ ଏଏସ୍‌ଓ ରଖାଯାଉ, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀ ଏବଂ ସେମାନଙ୍କ ପରିବାର ବର୍ଗଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ କରାଯାଉ ଆଦି ବିଭିନ୍ନ ଦାବି କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉପଦେଷ୍ଟା ସନ୍ତୋଷ କୁମାର ନିଶଙ୍କ, ସାଂଗଠନିକ ସମ୍ପାଦକ ରଶ୍ମିରଞ୍ଜନ ମହାପାତ୍ର, ଉପସଭାପତି ଅନୁପମା ପାତ୍ରଙ୍କ ସମେତ ବିଭିନ୍ନ ବିଭାଗରେ କାର୍ଯ୍ୟରତ ରାଜସ୍ୱ କର୍ମଚାରୀ ଉପସ୍ଥିତ ଥିଲେ।

## ବିଶ୍ୱରଞ୍ଜନ ସ୍ମାରକ ନିଧି ଟ୍ରଷ୍ଟ ପକ୍ଷରୁ ମ୍ୟାଟ୍ରିକ୍ ମେଧା ସମ୍ବର୍ଦ୍ଧନା ଉତ୍ସବ

ବେଗୁନିଆ,୩।୮ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସମାଜସେବୀ ବିଶ୍ୱରଞ୍ଜନ ସ୍ମାରକ ନିଧି ଟ୍ରଷ୍ଟର ସମ୍ପାଦକ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ଆବାହକତ୍ୱରେ ମ୍ୟାଟ୍ରିକ୍ ମେଧା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା ଓ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସାହୁଙ୍କ ସଂଯୋଜନାରେ



ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟବକ୍ତା, ଅବସରପ୍ରାପ୍ତ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମ ଚରଣ ବେହେରା, ଜିଲ୍ଲା ଓଷ୍ଟା ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଡ. ହରିପ୍ରସାଦ ଦାସ, ବ୍ଲକ୍ ଓଷ୍ଟା ସଭାପତି ଗଣେଶ୍ୱର ମିଶ୍ର, ପରିଚାଳନା କମିଟି ସଭାପତି ଶିବ କୁମାର ମୁନି ଓ ପଞ୍ଚସଖା ଶିକ୍ଷା ସେତୁ ସମ୍ପାଦକ ଦେବାଶିଷ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇ କଠିନ ପରିଶ୍ରମ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ବିଶ୍ୱରଞ୍ଜନଙ୍କ ଆତ୍ମାର ସଦ୍‌ଗତି ନିମିତ୍ତ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ୍ ପରୀକ୍ଷାରେ ବେଗୁନିଆ ବ୍ଲକ୍‌ର ୩୦ଟି ମାଧ୍ୟମିକ ବିଦ୍ୟାଳୟସ୍ତରରେ ସର୍ବାଧିକ ନମ୍ବର ରଖିଥିବା ୩୦ ବିଦ୍ୟାର୍ଥୀ ଓ ଅବଶିଷ୍ଟ ଏ-୧' ଗ୍ରେଡ୍‌ପ୍ରାପ୍ତ ହୋଇଥିବା ୪ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅଜିତ୍ କୁମାର ପୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଗାୟତ୍ରୀ ଶକ୍ତିପୀଠରେ ଜନସମ୍ପର୍କ ଟୋଳି

## 'ଆମେ ବଦଳିଲେ ଯୁଗ ବଦଳିବ'

ଖୋର୍ଦ୍ଧା,୩।୮ (ସମିସ): ଆମେ ବଦଳିଲେ ଯୁଗ ବଦଳିବ, ଆମେ ସୁଧୁରିଲେ ଯୁଗ ସୁଧୁରିବ। ଏହି ବିଚାରଧାରାକୁ ପାଥେୟ କରି ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଶାନ୍ତିକୁଞ୍ଜ ହରିଦ୍ୱାରଙ୍କ ତତ୍ତ୍ୱାବଧାନରେ ଶତବାର୍ଷିକ ସମାରୋହ ଖୋର୍ଦ୍ଧା ବିଡିଏ କଲୋନୀ ଗାୟତ୍ରୀ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଜନସମ୍ପର୍କ ଟୋଲିରେ ଗାୟତ୍ରୀ ସାଧକ ସୌମିତ୍ରୀ ଥାନପତି, ପ୍ରତାପ ସ୍ୱାଇଁ, ବିଘ୍ନେଶ୍ୱର ମହାପାତ୍ର, ରବୀନ୍ଦ୍ର ଗୌଡ଼, ଜୟନ୍ତ ମିଶ୍ର, ରାଜେନ୍ଦ୍ର ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ଯୁଗନିର୍ମାଣ ଯୋଜନା ତଥା ସାଂସ୍କୃତିକ ତଥା ଆଧାତ୍ମିକ



ବିଚାରଧାରା ଉପରେ ନିଜ ନିଜର ମତ ରଖିଥିଲେ। ମନକୁ କୁବିଚାର ଓ ଦୁର୍ଭାବନାରୁ ଦୂରେଇ ରଖିବା ନିମନ୍ତେ ସ୍ୱାଧ୍ୟାୟ ଓ ସତ୍‌ସଙ୍ଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଖୋର୍ଦ୍ଧା ଜିଲ୍ଲାର ୯ଟି ବ୍ଲକ୍‌ର କର୍ମକର୍ତ୍ତା ଏଥିରେ ସାମିଲ୍ ହୋଇଥିଲେ। ଏହି ଅବସରରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ବିଚାରକ୍ରାନ୍ତି ଅଭିଯାନ ପୁସ୍ତିକା ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା। ବିଡିଏ କଲୋନୀ ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ପରିଚାଳନା ନ୍ୟାସୀ ଇଂ ପ୍ରମୋଦ କୁମାର ପୃଷ୍ଟି, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଉଲ୍ଲାସ ପୃଷ୍ଟି, ରବୀନ୍ଦ୍ର ପଟ୍ଟନାୟକ, ବିଦ୍ୟାଧର ରାଉତ, ଶୈଳବାଳା ବଳିଆରସିଂହ, ପ୍ରହ୍ଲାଦ ବାରିକ, ପ୍ରଦ୍ୟୁମ୍ନ ନାଟୁଆ, ସମରେନ୍ଦ୍ର ବଳିଆରସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓଙ୍କୁ ଓଷ୍ଟାର ୬ ଦଫା ଦାବିପତ୍ର

ବାଣପୁର,୩।୮ (ସମିସ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି (ଓଷ୍ଟା) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୬ ଦଫା ଦାବି ସମ୍ବଳିତ ଦାବିପତ୍ର ବାଣପୁର ବିଇଓଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବାଣପୁର ବ୍ଲକ୍ ସଭାପତି କୈଳାସ ଚନ୍ଦ୍ର ଲାଠିଙ୍କ ନେତୃତ୍ୱରେ ସମ୍ପାଦକ ଗତିକୃଷ୍ଣ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ



ଶିଶିର କୁମାର ଦାସ, ପିଏମ୍‌ଶ୍ରୀ ଭେଟିନାଥ ସରକାରୀ ସ୍କୁଲର ଅଧ୍ୟକ୍ଷ ଗଜେନ୍ଦ୍ର ଜେନା, ଜିଲ୍ଲା ସଦସ୍ୟ ତ୍ରିନାଥ ହୋତା, ସୁପ୍ରଭା ମହାନ୍ତି, ସଞ୍ଜୀବ ପାଟଶାଣୀ ଓ ସୁମନ୍ତ ଫତେସିଂହ ପ୍ରମୁଖଙ୍କ ସମେତ ବହୁ ଶିକ୍ଷକ ଓ କର୍ମଚାରୀ ସାମିଲ୍ ହୋଇ ଯୋଗ୍ୟ ଶିକ୍ଷାନୁଷ୍ଠାନକୁ ଅନୁଦାନ ପ୍ରଦାନ, ଅବସର ଗ୍ରହଣ ବୟସ ୬୨କୁ ବୃଦ୍ଧି, ଖାଲି ପଡ଼ିଥିବା ସ୍ଥାନରେ ଶିକ୍ଷକ ନିଯୁକ୍ତି ଆଦି ୬ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଣପୁର ମଣ୍ଡଳ ଶିକ୍ଷା ଅଧିକାରୀ ସନାତନ ଜାଲିଙ୍କୁ ପ୍ରଦାନ କରାଯାଇଛି। ସରକାରଙ୍କ ବିଭିନ୍ନ ମନ୍ତ୍ରୀ, ବିଧାୟକ ଓ ବିଭାଗୀୟ ଅଧିକାରୀଙ୍କ ସହ ବାରମ୍ବାର ଆଲୋଚନା ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବାରୁ ଆସନ୍ତା ୧୬ ତାରିଖରେ ରାଜଧାନୀରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହେବ ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି।

### ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଆଲୋଚନାଚକ୍ର

# ଠିକା ଓ ଚୁକ୍ତିରେ ଶିକ୍ଷକ ନିଯୁକ୍ତି କଲେ ଗୁଣାତ୍ମକ ଶିକ୍ଷା ସମ୍ଭବ ନୁହେଁ

ଖୋର୍ଦ୍ଧା,୩।୮ (ସମିସ)

ସ୍ଥାନୀୟ ଜେଲ୍‌ରୋଡ୍ ସ୍ଥିତ ଶ୍ୟାମା ମାଧବ ବାସନ୍ତୀ ଦେବୀ ମେମୋରିଆଲ ପାଠାଗାର ପରିସରରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷକ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାନନ୍ଦ ମହାରଣାଙ୍କ ସଭାପତିତ୍ୱରେ ସର୍ବଭାରତୀୟ ଶିକ୍ଷକ ସଂଘର କୋଷାଧ୍ୟକ୍ଷ ପ୍ରକାଶ ମହାନ୍ତି ଯୋଗଦେଇ ପ୍ରାଥମିକ ଶିକ୍ଷକ ଠିକା ଓ ଚୁକ୍ତିରେ ଶିକ୍ଷକ ନିଯୁକ୍ତି କଲେ ଗୁଣାତ୍ମକ ଶିକ୍ଷା ହୋଇପାରିବ ନାହିଁ। ବିଦ୍ୟାଳୟର ଭିତ୍ତିଭୂମି ବିକାଶ ନ କରି ଜାତୀୟ ଶିକ୍ଷାନୀତି ଲାଗୁ କରାଯାଇଥିବାରୁ ଏହାର ସଫଳତା ସମ୍ଭବ ନୁହେଁ ବୋଲି ଦର୍ଶାଇଥିଲେ। ତେଣୁ ଶିକ୍ଷାର ବିକାଶ ନିମନ୍ତେ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ଅଛି ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ




ପୂର୍ବତନ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥି ଯୋଗଦେଇ ଛାତ୍ର, ଶିକ୍ଷକ ଓ ଶିକ୍ଷା ବ୍ୟବସ୍ଥାର ବିକାଶ ନିମନ୍ତେ ଏକ ବଡ଼ ପରିବର୍ତ୍ତନର ଆବଶ୍ୟକତା ଅଛି। ଯାହାଦ୍ୱାରା ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଆଗକୁ ଯାଇପାରିବ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଷ୍ଟାର ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ଯୋଗଦେଇଥିଲେ। ସଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ ଭିତିପତ୍ର ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ରାଜ୍ୟ ନିର୍ବାଚନ କରାଯାଇଥିଲା। ଏଥିରେ ବ୍ରହ୍ମାନନ୍ଦ ମହାରଣା ରାଜ୍ୟ ସଭାପତି, କାର୍ଯ୍ୟକାରୀ ସଭାପତି ଭାବେ କୃଷ୍ଣ ଚନ୍ଦ୍ର ବେହେରା, ଧରଣୀଧର ମଲ୍ଲିକ, ଟୁଲୁ ଦେଈ, ସୁଧାଂଶୁ ମଣ୍ଡଳ, ଶ୍ରୀକାନ୍ତ ବାରିକ, ଉପସଭାପତି ଭାବେ ଦାମୋଦର ପଣ୍ଡା, ସନ୍ତୋଷ ଦୁବେ, ଚିନ୍ତାମଣି ପାଢ଼ୀ, ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ, ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ଅଗାଧୁ ସେଠୀ, ଯୁଗ୍ମ ସମ୍ପାଦକ ଭାବେ ବିରୁପାକ୍ଷ ସେଠୀ, ମୁକ୍ତିରାମ ପାଣିଗ୍ରାହୀ, ଗତିକୃଷ୍ଣ ପ୍ରଧାନ, ବିପିନ ବିହାରୀ ପାତ୍ର, ସଂଗଠନ ସମ୍ପାଦକ ଭାବେ ଆଭାଲିନ ପରିଡ଼ା, ଶରତ ସେଠୀ, ଦେବକାନ୍ତ ମେହେର, କୋଷାଧ୍ୟକ୍ଷ ଭାବେ ଗୋପାଳ କିଶୋର ସେନ୍, ଅଡିଟର ଭାବେ ଜନ୍ମେଜୟ ପରିଡ଼ା, ସଞ୍ଜୟ ଦଳେଇ ଓ ପ୍ରଭୋଜିତ୍ ସ୍ୱାଇଁ ନିର୍ବାଚିତ ହୋଇଥିଲେ। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ସଂଘ ଚେତାବନୀ ଦେଇଥିଲା। ଶେଷରେ ଅଭ୍ୟର୍ଥନା କମିଟିର ସମ୍ପାଦକ ଅଗାଧୁ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ 'ମାଆ ପାଇଁ ଗଛଟିଏ'

ଖୋର୍ଦ୍ଧା/ନିରାକାରପୁର,୩।୮ (ସମିସ): ଖୋର୍ଦ୍ଧା ଉପକଣ୍ଠ କାଇପଦରସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରତାପ କିଶୋର ଛୋଟରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସାଧାରଣ ସଭାରେ ପରିବେଶବିତ୍ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ମୁଖ୍ୟ ଅତିଥି, ରାଜ୍ୟସ୍ତରୀୟ ସେବା ଯୋଜନା ଅଧିକାରୀ ତଥା




ଉପସଚିବ ଡ. ରମେଶ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଓ ଇଟିଆଇ ପ୍ରଶିକ୍ଷକ ସଂଯୋଜକ ନିରୋଦ ଚନ୍ଦ୍ର ଖୁଣ୍ଟିଆ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବୃକ୍ଷରୋପଣର ମହତ୍ତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରି 'ମାଆ ପାଇଁ ଗଛଟିଏ' ଯୋଜନାରେ ଛାତ୍ରଛାତ୍ରୀମାନଙ୍କୁ ସାମିଲ୍ କରିବା ପାଇଁ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ଜାତୀୟ ସେବା ଯୋଜନା ଅଧିକାରିଣୀ ଅଧ୍ୟାପିକା ଅନୁପମା ଚମ୍ପତିରାୟ, ଅଧ୍ୟାପକ ମାନସ କୁମାର ଜୟସିଂହ, ଅଧ୍ୟାପକ ଡ. ଜନ୍ମେଜୟ ଚୌଧୁରୀ, +୨ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଡ. ସୁମନ୍ତ ଦେହେରୀ, ଉପାଧ୍ୟକ୍ଷା ସଚଳା ସାମନ୍ତରାୟ, ଡ. ସଂଯୁକ୍ତା ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ସମସ୍ତ ଅତିଥି, ଅଧ୍ୟାପକ, ଅଧ୍ୟାପିକା, ନିକଟସ୍ଥ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟା ଓ ଗ୍ରାମବାସୀ ମିଶି ଏକତ୍ର ଭାବରେ ୫ଶହ କାଜୁଚାରା ରୋପଣ କରିଥିଲେ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୧୫ ● ପାଉଣ୍ଡ ୧୧୫.୨୬
- ୟୁରୋ ୧୦୦.୮ ● ୟେନ୍ ୦.୫୮

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୯୦୦ (ନୂଆଦିଲ୍ଲୀ)
- ରୁପା : ୧,୧୦,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୫୯୯.୦୦
- ନିଫ୍ଟି ୨୪,୫୬୫.୦୦

### ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ବ୍ୟକ୍ତିଗତ ଅଣ-ବାଣିଜ୍ୟିକ ଯାନ ପାଇଁ ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍

ନୂଆଦିଲ୍ଲୀ,୩।୮ (ଏଜେନ୍ସି):କେନ୍ଦ୍ର ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ନୂତନ ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍ ବ୍ୟବସ୍ଥା ଆରମ୍ଭ କରିଛି। ଏହା ଅଗଷ୍ଟ ୧୫ରୁ ଉପଲବ୍ଧ ହେବ। ଏହାଛଡା ପୂର୍ବରୁ ଥିବା ଫାସ୍‌ଟ୍ୟାଗ୍ ବ୍ୟବସ୍ଥା ପୂର୍ବ ପରି ଜାରି

- ଫାସ୍‌ଟ୍ୟାଗ୍‌ରେ କେବଳ ଚେସିସ୍ ନମ୍ବର ଥିଲେ ମିଳିବନି ପାସ୍
- ଅଗଷ୍ଟ ୧୫ରୁ ହେବ ଉପଲବ୍ଧ

ରହିବ। ଯେଉଁମାନେ ବାର୍ଷିକ ପାସ୍ ନେବାକୁ ଚାହୁଁନାହାଁନ୍ତି, ସେମାନେ ପୂର୍ବପରି ସେମାନଙ୍କର ଫାସ୍‌ଟ୍ୟାଗ୍ ସହ ସାଧାରଣ ଟୋଲ୍ ପେମେଣ୍ଟ ଜାରି ରଖିପାରିବେ। ଜଣେ ଏହି ପାସ୍ ପାଇଁ ନୂତନ ଆବେଦନ କରିପାରିବେ କିମ୍ବା ପୂର୍ବରୁ ଥିବା ଫାସ୍‌ଟ୍ୟାଗ୍ ବ୍ୟବହାର କରିପାରିବେ। ଏଥିପାଇଁ ଗାଡ଼ି ବାହାନ ଡାଟାବେସ୍‌ରେ ବୈଧ ଥିବା ଉଚିତ, ଗାଡ଼ିର ୱିଣ୍ଡସିଲ୍ଡରେ ଫାସ୍‌ଟ୍ୟାଗ୍ ଲାଗିବା ଜରୁରୀ। ଏହାବାଦ୍ ଗାଡ଼ିର ପଞ୍ଜିକରଣ ନମ୍ବର କଳା ତାଲିକାରେ ନ ରହିଥିବା ଉଚିତ୍। ଯଦି କେବଳ ଚେସିସ୍ ନମ୍ବର ଫାସ୍‌ଟ୍ୟାଗ୍‌ରେ ପଞ୍ଜିକୃତ ହୋଇଥାଏ, ତେବେ ଏଥିରେ ବାର୍ଷିକ ପାସ୍ ଜାରି କରାଯିବନାହିଁ। ଏଥିପାଇଁ ଗାଡ଼ିର ପଞ୍ଜିକରଣ ନମ୍ବର ଅପଡେଟ୍ କରିବା




ଆବଶ୍ୟକ। ଏହି ପାସ୍ କେବଳ କାର୍, ଜିପ୍ ଏବଂ ଭ୍ୟାନ ଭଳି ବ୍ୟକ୍ତିଗତ ଅଣ-ବାଣିଜ୍ୟିକ ଯାନ ପାଇଁ ବୈଧ ହେବ। ଫାସ୍‌ଟ୍ୟାଗ୍ ସକ୍ରିୟ କରିବା ପୂର୍ବରୁ ଫାସ୍‌ଟ୍ୟାଗ୍ ଡାଟାବେସ୍‌ରୁ ଯାଞ୍ଚ କରାଯିବ। ଯଦି କୌଣସି ବାଣିଜ୍ୟିକ ଯାନ ଏହାକୁ ବ୍ୟବହାର କରେ, ତେବେ ମନ୍ତ୍ରଣାଳୟ ଅନୁଯାୟୀ ସେହି ପାସ୍ କୌଣସି ସୂଚନା ବିନା ତୁରନ୍ତ ବାତିଲ ହୋଇଯିବ। ଏହି ପାସ୍ କେବଳ ଜାତୀୟ ରାଜପଥ (ଏନ୍‌ଏଚ୍) ଏବଂ ଜାତୀୟ ଏକ୍ସପ୍ରେସୱେ (ଏନ୍‌ଇ) ର ଟୋଲ୍ ପ୍ଲାଜାରେ ବୈଧ ହେବ। ଯଦି ଆପଣ ଏହାକୁ ରାଜ୍ୟ ସରକାର କିମ୍ବା ସ୍ଥାନୀୟ ସଂସ୍ଥା ଦ୍ୱାରା ପରିଚାଳିତ ରାଜ୍ୟ ରାଜପଥ (ଏସ୍‌ଏଚ୍) କିମ୍ବା ଏକ୍ସପ୍ରେସୱେ ଟୋଲ୍‌ରେ ବ୍ୟବହାର କରନ୍ତି, ତେବେ ଏଥିପାଇଁ ଏକ ପୃଥକ ଉପଭୋକ୍ତା ଶୁଳ୍କ ଦେବାକୁ ପଡିପାରେ। ବାର୍ଷିକ ପାସ୍ ଥିବା ଫାସ୍‌ଟ୍ୟାଗ୍ କେବଳ ସେହି ଯାନ ପାଇଁ ବୈଧ ହେବ ଯେଉଁଥିରେ ଫାସ୍‌ଟ୍ୟାଗ୍ ଲାଗିଛି ଏବଂ ପଞ୍ଜିକୃତ ହୋଇଛି। ଯଦି ଅନ୍ୟ କୌଣସି ଯାନରେ ବ୍ୟବହାର କରାଯାଏ, ତେବେ ପାସ୍ ତୁରନ୍ତ ବାତିଲ ହୋଇଯିବ। ଦେୟ ନିଶ୍ଚିତ ହେବା ପରେ ୨୦୨୫-୨୬ ବର୍ଷ ପାଇଁ ପାସ୍ ୩,୦୦୦ ଟଙ୍କା ପଡ଼ିବ। ଏହି ପାସ୍ ସାଧାରଣତଃ ୨ ଘଣ୍ଟା ମଧ୍ୟରେ ସକ୍ରିୟ ହୋଇଯିବ। ଏହି ପାସ୍ ନିର୍ଦ୍ଦିଷ୍ଟ ଜାତୀୟ ରାଜପଥ ଏବଂ ଜାତୀୟ ଏକ୍ସପ୍ରେସୱେ ଟୋଲ୍ ପ୍ଲାଜାରେ ଏକ ବର୍ଷ କିମ୍ବା ୨୦୦ ଯାତ୍ରା (ଯେଉଁଟି ପୂର୍ବରୁ ହେବ) ପାଇଁ ବ୍ୟକ୍ତିଗତ କାର, ଜିପ୍ ଏବଂ ଭ୍ୟାନ ନିମନ୍ତେ ମାଗଣା ଯାତ୍ରା ଅନୁମତି ଦେବ। ଥରେ ଏହାର ସୀମା ବା ଲିମିଟ୍‌ରେ ପହଞ୍ଚିବା ପରେ ପାସ୍ ସ୍ୱୟଂଚାଳିତ ଭାବରେ ଏକ ସାଧାରଣ ଫାସ୍‌ଟ୍ୟାଗ୍‌ରେ ପରିବର୍ତ୍ତିତ ହେବ।

## ନିଜ ଜାଲରେ ଫସିବେ ଟ୍ରମ୍ପ

# ଗେମ୍ ବଦଳାଇବ ଭାରତ; ଇୟୁ, ମଧ୍ୟପ୍ରାଚ୍ୟମୁହାଁ ବ୍ୟବସାୟୀ

ନୂଆଦିଲ୍ଲୀ,୩।୮ (ଏଜେନ୍ସି)

ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିକୁ ନେଇ ଆଲୋଚନା ଅଧା ବାଟରେ ଥିବାବେଳେ ଅଚାନକ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଲଦିଛନ୍ତି ୨୫% ଶୁଳ୍କ। ଚୁକ୍ତି ଚୂହାନ୍ତ ହୋଇନି, ହେଲେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଫାଟ। ନୂଆ ଶୁଳ୍କ ଅଗଷ୍ଟ ୭ରୁ ଲାଗୁ ହେବ। ପୂର୍ବ ଅପେକ୍ଷା ୧୦ ଗୁଣା ଶୁଳ୍କ ବୃଦ୍ଧି କରିଛନ୍ତି ଟ୍ରମ୍ପ। କେବଳ ଟାରିଫ ନୁହେଁ, ଭାରତ ଋଷ ସହ ବ୍ୟବସାୟ କରୁଥିବାରୁ ଜରିମାନା ବି ଆଦାୟ କରିବାକୁ ଧମକ ଦେଇଛନ୍ତି। ଟ୍ରମ୍ପଙ୍କର ଏହି ଅଚାନକ ପଦକ୍ଷେପ ପରେ ଭାରତର ପ୍ରାୟ ୮୭ ବିଲିୟନ ଡଲାର ରପ୍ତାନି ଏବେ ବିପଦରେ।

ରୁଷ ସହିତ ବ୍ୟବସାୟିକ ସମ୍ପର୍କ ଯୋଗୁ ଆମେରିକାର ଆକ୍ରୋଶର ଶିକାର ହୋଇଛି ଭାରତ। ଟ୍ରମ୍ପଙ୍କ ଟାରିଫ୍କୁ ବିଭିନ୍ନ ଦୃଷ୍ଟିକୋଣରେ ଦେଖାଯାଉଛି। ଏହା ତାଙ୍କର ବ୍ୟବସାୟିକ ନୀତି ନୁହେଁ, ବଂର ଚାପ ପକାଇବାର ଏକ ଉଦ୍ୟମ ବୋଲି ଅର୍ଥନୀତିଜ୍ଞମାନେ କହିବା ଆରମ୍ଭ କଲେଣି। ବାଣିଜ୍ୟ ଚୁକ୍ତି ଚୂଡାନ୍ତ କରିବା




**ଆମେରିକାର ମୁଦ୍ରାସ୍ଫୀତି ବଢ଼ିବ; ପ୍ରଭାବିତ ହେବେ ଉପଭୋକ୍ତା**

ପାଇଁ ଅଗଷ୍ଟ ୨୫ରେ ଭାରତ ଆସୁଛନ୍ତି ଆମେରିକା ପ୍ରତିନିଧି ଦଳ। ତା' ପୂର୍ବରୁ ଏଭଳି ଆକ୍ରମଣାତ୍ମକ ମନୋଭାବ ପ୍ରୟୋଗ କରି ଟ୍ରମ୍ପ ଭାରତକୁ ଭୟଭୀତ କରାଇବାକୁ ଚାହୁଁଛନ୍ତି। ସେହିପରି ଋଷ ସହ ସମ୍ପର୍କ ବିଗାଡ଼ି ନିଜେ ଫାଇଦା ନେବାକୁ ଚାହୁଁଛି। ରୁଷଠାରୁ ଭାରତର ତୈଳ ଏବଂ ଅସ୍ତ୍ରଶସ୍ତ୍ର କ୍ରୟକୁ ବିରୋଧ କରିଆସୁଛନ୍ତି ଟ୍ରମ୍ପ। ୟୁକ୍ରେନ୍ ଯୁଦ୍ଧ ରୋକିବା ଆଳରେ ଯେମିତି ଭାରତ ଋଷ ଠାରୁ ସାମଗ୍ରୀ ନ କିଣି ଆମେରିକାଠାରୁ ଅଧିକ ସାମଗ୍ରୀ କିଣିବ ତାହା ହିଁ ଟ୍ରମ୍ପଙ୍କର ଟାର୍ଗେଟ୍। କାରଣ ୟୁରୋପୀୟ ସଂଘ ଏବଂ ବ୍ରିଟେନ୍, ଇଣ୍ଡୋନେସିଆ, ଫିଲିପାଇନ୍ସ ଏବଂ ଭିଏତ୍ନାମ ଭଳି ରାଷ୍ଟ୍ରଗୁଡ଼ିକ ଅପେକ୍ଷା ଭାରତ ଉପରେ ଟ୍ରମ୍ପ ଅଧିକ ଶୁଳ୍କ ଲଗାଇଛନ୍ତି। ତେବେ ଚୀନ୍ ଉପରେ ଲାଗିଥିବା ୩୦% ଶୁଳ୍କ ତୁଳନାରେ ଏହା କମ୍ ରହିଛି। ପରୋକ୍ଷରେ କହିବାକୁ ଗଲେ ଆମେରିକାର ଶତ୍ରୁ ଟାର୍ଗେଟ୍ରେ ଚୀନ ପରେ ଏବେ ଦ୍ୱିତୀୟରେ ରହିଛି ଭାରତ।

ଏସ୍‌ବିଆଇ ରିସର୍ଚ୍ଚ ରିପୋର୍ଟରେ ଟ୍ରମ୍ପଙ୍କ ଶୁଳ୍କ ଆମେରିକା ପାଇଁ ବୁମେରାଂ ହେବ ବୋଲି କୁହାଯାଇଛି। ଏସ୍‌ବିଆଇ କହିଛି ଏହା ଆମେରିକାର ସବୁଠାରୁ 'ଖରାପ ବାଣିଜ୍ୟ ନୀତି'। କାରଣ ଏହା ଦ୍ୱାରା ଆମେରିକାର ଘରୋଇ ମୁଦ୍ରାସ୍ଫୀତି ବଢ଼ିବ। ଏଥିରେ ଆମେରିକାର ଉପଭୋକ୍ତା ପ୍ରଭାବିତ ହେବେ। ଟ୍ରମ୍ପଙ୍କ ଶୁଳ୍କ ମାଡ଼ ପରେ ଭାରତ ସରକାର ହଠାତ୍ ପ୍ରତିକ୍ରିୟାଶୀଳ ନ ହୋଇ ନିରବରେ ରାସ୍ତା ଖୋଜୁଛନ୍ତି। ଅନ୍ୟପଟେ ଭାରତର ବ୍ୟବସାୟୀମାନେ ଏବେ ଆମେରିକା ପରିବର୍ତ୍ତେ ବିକଳ୍ପ ବଜାର ସନ୍ଧାନରେ ମୁହାଁଇଛନ୍ତି। ଭାରତୀୟ ରପ୍ତାନିକାରୀମାନେ ୟୁରୋପୀୟ ସଂଘ(ଇୟୁ),ଅନ୍ୟ ଏସୀୟ ଦେଶ ଏବଂ ମଧ୍ୟପ୍ରାଚ୍ୟ ବଜାର ଆଡ଼କୁ ମୁହାଇଁଲେଣି। ବିଶେଷ କରି ଇଞ୍ଜିନିୟରିଂ ସାମଗ୍ରୀ ଏବଂ ଜଳବାୟୁ-ସମୃଦ୍ଧ ଉତ୍ପାଦନ ଭଳି କ୍ଷେତ୍ରଗୁଡ଼ିକ ଟ୍ରାକ୍ ଚେଞ୍ଜ ପାଇଁ ଉଦ୍ୟମ ଆରମ୍ଭ କରିଦେଲେଣି।

# କେ ଜେ ପଟେଲ ଇଫ୍‌କୋର ନୂଆ ଏମ୍‌ଡି

ଭୁବନେଶ୍ୱର,୩।୮ (ସମିସ): କେ ଜେ ପଟେଲ ହୋଇଛନ୍ତି ଇଫ୍‌କୋର ନୂତନ ମ୍ୟାନେଜିଂ ଡାଇରେକ୍ଟର (ଏମ୍‌ଡି)। ଏହି ନୂଆ ପଦ ପାଇଁ ଇଫ୍‌କୋ ଅଧ୍ୟକ୍ଷ ଦିଲୀପ ସଂଘାନି ଶ୍ରୀ ପଟେଲଙ୍କ ନାମ ଘୋଷଣା କରିଛନ୍ତି। ପୂର୍ବରୁ ଶ୍ରୀ ପଟେଲ ଡାଇରେକ୍ଟର (ଟେକ୍ନିକାଲ, ଇଫ୍‌କୋ) ଭାବରେ କାର୍ଯ୍ୟ କରୁଥିଲେ। ସାର ଶିଳ୍ପରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି। ଶ୍ରୀ ପଟେଲ ସୌରାଷ୍ଟ୍ର ୟୁନିଭରସିଟିର ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି ଏବଂ ନାଇଟ୍ରୋଜେନସ୍ ଓ ଫସଫେଟିକ ଫର୍ଟିଲାଇଜର ପ୍ଲାଣ୍ଟଗୁଡିକର ପରିଚାଳନା ଓ ରକ୍ଷଣାବେକ୍ଷଣରେ ତାଙ୍କର ୩୨ ବର୍ଷରୁ ଅଧିକ କାଳ ଅଭିଜ୍ଞତା ରହିଛି। ପରିଚାଳନାଗତ ଉତ୍କର୍ଷତା ଏବଂ ଦୀର୍ଘସ୍ଥାୟୀ ଅଭିବୃଦ୍ଧିକୁ ଆଗେଇନେବାରେ ତାଙ୍କର ମଜଭୁତ ପିଛିଲା ରେକର୍ଡ ନିମନ୍ତେ ସେ ସୁପରିଚିତ। ସେ ଭାରତରେ ସର୍ବବୃହତ କମ୍ପ୍ଲେକ୍ସ ସାର କାରଖାନା



ପାରାଦୀପ ପ୍ଲାଣ୍ଟର ନେତୃତ୍ୱ ନେଉଥିଲେ। ଏହି ନିଯୁକ୍ତି ଉପରେ ଶ୍ରୀ ସଂଘାନି କହିଛନ୍ତି ଯେ, ଶ୍ରୀ ପଟେଲଙ୍କର ଶିଳ୍ପ ସମ୍ପର୍କିତ ଗଭୀର ଜ୍ଞାନ, ପ୍ରମାଣିତ ରଣକୌଶଳାତ୍ମକ ଚିନ୍ତନ ଆଭିମୁଖ୍ୟ ରହିଛି, ଯାହା ଇଫ୍‌କୋର ଲକ୍ଷ୍ୟ ସମୂହ ସହିତ ମେଳ ଖାଉଛି। ଏଥିସହ ସେ କହିଥିଲେ ଯେ, ବୋର୍ଡ ଦୃଢ ନିଶ୍ଚିତ ଯେ ଶ୍ରୀ ପଟେଲ ଇଫ୍‌କୋକୁ ନବସୃଜନ ଏବଂ ମୂଲ୍ୟ ସୃଷ୍ଟି କ୍ଷେତ୍ରରେ ଏକ ନୂତନ ଯୁଗକୁ ଆଗେଇନେବେ ଏବଂ ଇଫ୍‌କୋ ତାହାର ମଜଭୁତ ମୂଳଦୁଆ ଉପରେ ଆଗକୁ ବଢିବା ଜାରି ରଖିବା ସହିତ କୃଷକ ଓ ସମବାୟ ସଂସ୍ଥାଗୁଡିକର କଲ୍ୟାଣ ଦିଗରେ ନିରନ୍ତର କାର୍ଯ୍ୟ କରିବ। ଶ୍ରୀ ସଂଘାନି ମଧ୍ୟ ବିଦାୟୀ ଏମ୍‌ଡି ଡଃ.ୟୁ ଏସ ଅୱସ୍ଥିଙ୍କୁ ଇଫ୍‌କୋ ଓ ସମଗ୍ର ଦେଶରେ କୃଷକ ସମୁଦାୟଙ୍କ ପ୍ରତି ବହୁମୂଲ୍ୟ ଅବଦାନ ଓ ଉତ୍ସର୍ଗୀକୃତ କାର୍ଯ୍ୟ ନିମନ୍ତେ ଧନ୍ୟବାଦ ଜଣାଇଛନ୍ତି।

# ଟାରିଫ୍‌ରୁ ଆୟ ଅର୍ଥକୁ ଆମେରିକା ଲୋକଙ୍କ ମଧ୍ୟରେ ବାଣ୍ଟିବେ ଟ୍ରମ୍ପ

ୱାଶିଂଟନ୍,୩।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଯୋଜନାରେ କାମ କରୁଛନ୍ତି ଯାହା ଶୁଣିବାକୁ ଅଜବ ଲାଗୁଥାଇପାରେ, କିନ୍ତୁ ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ ଏହା ସାଧାରଣ ଆମେରିକୀୟ ନାଗରିକଙ୍କ ପାଇଁ ଏକ ବଡ଼ ଖବର ପ୍ରମାଣିତ ହୋଇପାରେ। ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ କହିଛନ୍ତି ଯେ ସେ ଅନ୍ୟ ଦେଶରୁ ଶୁଳ୍କ ମାଧ୍ୟମରେ ସଂଗ୍ରହ କରୁଥିବା ଟଙ୍କାର ଏକ ଅଂଶକୁ ଲାଭାଂଶ ଭାବରେ ତାଙ୍କ ଦେଶର ଲୋକଙ୍କ ମଧ୍ୟରେ ବଣ୍ଟନ କରିବାକୁ ବିଚାର କରୁଛନ୍ତି। ଅର୍ଥାତ୍, ଭାରତ ସମେତ ଅନେକ ଦେଶରୁ ଆମଦାନୀ ଉପରେ ଲାଗୁ ହୋଇଥିବା ଭାରୀ ଟିକସରୁ ସୃଷ୍ଟି ହେଉଥିବା ଆୟ ସିଧାସଳଖ ଆମେରିକୀୟ ନାଗରିକଙ୍କୁ ଲାଭ ଦେଇପାରିବ।

ଗତ ସପ୍ତାହରେ, ଟ୍ରମ୍ପ ଭାରତରୁ ଆସୁଥିବା ସାମଗ୍ରୀ ଉପରେ ୨୫% ଶୁଳ୍କ ଘୋଷଣା କରିଥିଲେ। ଏହି ଟିକସ ଅଗଷ୍ଟ ୭ରୁ ଲାଗୁ କରାଯିବ। ସେହିଦିନ, ଟ୍ରମ୍ପ ଏହା ମଧ୍ୟ ସୂଚାଇ ଦେଇଥିଲେ ଯେ ଶୁଳ୍କରୁ ଉପାର୍ଜନ ହୋଇଥିବା ଟଙ୍କାର ଏକ ଅଂଶ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇପାରିବ। ଏହି ଯୋଜନା ପଛରେ ଟ୍ରମ୍ପଙ୍କ ଯୁକ୍ତି ହେଉଛି ଯେ ଯେତେବେଳେ ବିଦେଶୀ କମ୍ପାନୀଗୁଡ଼ିକ ଆମେରିକୀୟ ବଜାରରେ ସାମଗ୍ରୀ ବିକ୍ରି କରିବା ପାଇଁ ଭାରୀ ଟିକସ ଦେବେ, ସେତେବେଳେ ସରକାର ଏଥିରୁ ଏକ ବିପୁଳ ପରିମାଣର ରାଜସ୍ୱ ପାଇବେ। ସରକାର ସେହି ଟଙ୍କା ସିଧାସଳଖ ତାଙ୍କ ନାଗରିକଙ୍କୁ ଦେଇପାରିବେ। ଏହା ଏପରି ହେବ, ଯେପରି କମ୍ପାନୀଗୁଡ଼ିକ ସେମାନଙ୍କର ଲାଭରୁ ସେମାନଙ୍କର ଅଂଶୀଦାରମାନଙ୍କୁ ଲାଭାଂଶ ଦେଇଥାନ୍ତି। ଯଦିଓ ଏହି ଯୋଜନାର କୌଣସି ସରକାରୀ ଘୋଷଣା ଏ ପର୍ଯ୍ୟନ୍ତ କରାଯାଇନାହିଁ, କିନ୍ତୁ ଟ୍ରମ୍ପଙ୍କ ଏହି ବକ୍ତବ୍ୟକୁ ନିଜ ଭିତରେ ଏକ ବଡ଼ ରାଜନୈତିକ ସଙ୍କେତ ବୋଲି ବିବେଚନା କରାଯାଉଛି।

# ଟ୍ରମ୍ପ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ପରେ ଆମେରିକାରୁ ଦୁଇ ଗୁଣ ତେଲ ଆମଦାନୀ

ନୂଆଦିଲ୍ଲୀ,୮।୩(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିବା ପରେ ଭାରତ ତା'ର ତୈଳ ଆମଦାନୀ ବୃଦ୍ଧି କରିଛି। ଜାନୁଆରୀ ୨୦୨୫ ପରଠାରୁ ଭାରତ ଆମେରିକାରୁ ଅଧିକ ତେଲ କିଣିବା ଆରମ୍ଭ କରିଛି। ଟ୍ରମ୍ପ ଦ୍ୱିତୀୟ ଥର ପାଇଁ

**ଜାନୁଆରୀଠାରୁ କାରବାର ୫୧% ବଢ଼ିଛି**




ରାଷ୍ଟ୍ରପତି ହେବା ପରେ ଆମେରିକାରୁ ଭାରତର ଅଶୋଧିତ ତୈଳ ଆମଦାନୀ ୫୧ ପ୍ରତିଶତ ବୃଦ୍ଧି ପାଇଛି। କାରଣ ଗତ ବର୍ଷ ତୁଳନାରେ ଆମଦାନୀ ଅଧାରୁ ଅଧିକ ବୃଦ୍ଧି ପାଇଛି।

ରିପୋର୍ଟ ଅନୁଯାୟୀ, ଜାନୁଆରୀ ୨୦୨୫ ପରଠାରୁ ଭାରତ ଆମେରିକାରୁ ତେଲ କିଣିବାର ଗତି ବୃଦ୍ଧି କରିଛି। ଗତ ବର୍ଷ ଏହି ସମୟ ମଧ୍ୟରେ, ଭାରତ ପ୍ରତିଦିନ ୦.୧୮ ନିୟୁତ ବ୍ୟାରେଲ ତେଲ ଆମଦାନୀ କରିଥିଲା। ଯାହା ଚଳିତବର୍ଷ ପ୍ରତିଦିନ ୦.୨୭୧ ନିୟୁତ ବ୍ୟାରେଲକୁ ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି ଏପ୍ରିଲ-ଜୁନ୍ ୨୦୨୫ରେ ଆହୁରି ଦ୍ରୁତ ଗତିରେ ବୃଦ୍ଧି ପାଇଛି, ଯାହା ୨୦୨୪ ତୁଳନାରେ ୧୧୪% ଅଧିକ। ୨୦୨୪-୨୫ର ପ୍ରଥମ ତ୍ରୈମାସିକରେ ଭାରତ ୧.୭୩ ବିଲିୟନ ଡଲାର ମୂଲ୍ୟର ତେଲ ଆମଦାନୀ କରିଥିଲା। ସେହି ସମୟରେ, ୨୦୨୫-୨୬ର ପ୍ରଥମ ତ୍ରୈମାସିକରେ ଏହି ପରିମାଣ ୩.୭ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଜୁଲାଇରେ ଭାରତ ଜୁନ୍ ତୁଳନାରେ ଆମେରିକାରୁ ୨୩% ଅଧିକ ଅଶୋଧିତ ତେଲ ଆମଦାନୀ କରିଥିଲା। ଭାରତର ମୋଟ ଅଶୋଧିତ ଆମଦାନୀରେ ଆମେରିକାର ଅଂଶ ପୂର୍ବରୁ ୩% ଥିଲା, ଯାହା ଜୁଲାଇରେ ୮%କୁ ବୃଦ୍ଧି ପାଇଛି। ଭାରତୀୟ କମ୍ପାନୀଗୁଡ଼ିକ ୨୦୨୫-୨୬ ଆର୍ଥିକ ବର୍ଷରେ ଆମେରିକାରୁ ଅଶୋଧିତ ତୈଳ ଆମଦାନୀ ୧୫୦% ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ। ତେଲ ବ୍ୟତୀତ, ଭାରତ ଆମେରିକାରୁ ପେଟ୍ରୋଲିୟମ ଗ୍ୟାସ (ଏଲପିଜି) ଏବଂ ପ୍ରାକୃତିକ ଗ୍ୟାସ (ଏଲଏନଜି) ଆମଦାନୀ ମଧ୍ୟ ବୃଦ୍ଧି କରିଛି।

## ରାଜ୍ୟ ଖବର

### ପୁଣି ଉଠିଲା ହାଇକୋର୍ଟ ବେଞ୍ଚ ଦାବି

# ବିଜେପି ସରକାର ପ୍ରତିଶ୍ରୁତି ରକ୍ଷା କରୁ: କୋଶଳ ରାଜ୍ୟ ସମନ୍ୱୟ ସମିତି




ବଲାଙ୍ଗିର,୩।୮ (ସମିସ): ପୁଣି ଉଠିଲା ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ବେଞ୍ଚ ସ୍ଥାପନ କରିବା ପାଇଁ ଦାବି ଉପସ୍ଥାପନ କରିଛି କୋଶଳ ରାଜ୍ୟ ସମନ୍ୱୟ ସମିତି। ବଲାଙ୍ଗିର ସାମ୍ବାଦିକ ଭବନଠାରେ ସମିତି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆବାହକ ପ୍ରମୋଦ ମିଶ୍ର କହିଛନ୍ତି ଯେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ସହ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯାଉ। ଇତିମଧ୍ୟରେ, ବମ୍ବେ ହାଇକୋର୍ଟର ଚତୁର୍ଥ ବେଞ୍ଚ କୋହ୍ଲାପୁରଠାରେ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ନାଗପୁର, ଔରଙ୍ଗାବାଦ ଓ ଗୋଆ ନିକଟବର୍ତ୍ତୀ ଅଞ୍ଚଳରେ ତିନୋଟି ବେଞ୍ଚ ଥିବା ବେଳେ ଏବେ ଚତୁର୍ଥ ବେଞ୍ଚକୁ ଅନୁମୋଦନ ମିଳିଛି। ଏହାବ୍ୟତୀତ କର୍ଣ୍ଣାଟକ ହାଇକୋର୍ଟ, ମାଡ୍ରାସ ହାଇକୋର୍ଟ, ଆଲ୍ଲାବାଦ ହାଇକୋର୍ଟ, ଗୌହାଟୀ ହାଇକୋର୍ଟ, ମଧ୍ୟପ୍ରଦେଶ ହାଇକୋର୍ଟ, କେରଳ ହାଇକୋର୍ଟ ଓ ଅନ୍ୟ କିଛି ହାଇକୋର୍ଟର ମଧ୍ୟ ସ୍ଥାୟୀ ହାଇକୋର୍ଟ ବେଞ୍ଚ ରହିଛି। କିନ୍ତୁ ଓଡ଼ିଶାରେ ନାହିଁ। ଓଡ଼ିଶା ହାଇକୋର୍ଟଠାରୁ କୋଶଳାଞ୍ଚଳର ବିଭିନ୍ନ ଜିଲ୍ଲାର ଦୂରତ୍ୱ, ମକଦ୍ଦମା ସଂଖ୍ୟା, ଲୋକଙ୍କ ଅର୍ଥନୈତିକ ଅବସ୍ଥା ଓ ଅନ୍ୟାନ୍ୟ ବିଷୟବସ୍ତୁକୁ ଦୃଷ୍ଟିରେ ରଖି ଯଶୋବନ୍ତ ସିଂ କମିଶନର ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ଦୀର୍ଘ ଚାରିଦଶକ ହେଲା ଦାବି ହୋଇଆସୁଛି। ଗତ ୧୫ବର୍ଷ ଧରି ଆଇନଜୀବୀ ଓ ଜନସାଧାରଣଙ୍କ ତରଫରୁ ସାରା କୋଶଳାଞ୍ଚଳରେ ଲମ୍ବା ଲଢ଼େଇ ମଧ୍ୟ ହୋଇଥିଲା। ବର୍ତ୍ତମାନର ବିଜେପି ସରକାର ବିରୋଧୀ ଦଳରେ ଥିବା ବେଳେ ପ୍ରତିଶ୍ରୁତି ଦେଇଥିଲେ। କ୍ଷମତାକୁ ଆସିଲେ କୋଶଳାଞ୍ଚଳରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରିବେ ବୋଲି କହିଥିଲେ। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। ତେଣୁ ସମୟ ଆସିଛି, ବିଜେପି ସରକାର ତାଙ୍କର ପ୍ରତୁଶ୍ରୁତି ପୂରଣ କରୁ। କୋଶଳାଞ୍ଚଳରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିକୁ ନେଇ ଅଞ୍ଚଳର ନିର୍ବାଚିତ ପ୍ରତିନିଧିମାନେ ତୁରନ୍ତ ସରକାରଙ୍କୁ ପ୍ରଭାବିତ କରନ୍ତୁ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି।

କୋଶଳାଞ୍ଚଳର ଦୁଇଟି ମୁଖ୍ୟ ଦାବି ହେଲା ସମ୍ବିଧାନର ଧାରା ୩ ଅନୁଯାୟୀ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଓ କୋଶଳାଞ୍ଚଳରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ। ଏହି ଉଭୟ ଦାବି ହାସଲ କରିବା ପାଇଁ ଲମ୍ବା ଲଢେଇ କରିବାକୁ ପଡ଼ିବ। ଏଥିପାଇଁ କୋଶଳାଞ୍ଚଳର ଜନସାଧାରଣ ଛୋଟଛୋଟ ଗୋଷ୍ଠୀରେ ବିଭକ୍ତ ନ ହୋଇ ଦଳୀୟ ବିଚାରଧାରା ଓ ଅଞ୍ଚଳଗତ ବିଚାରଧାରାରୁ ଉଚ୍ଚକୁ ଆସି ଏକତ୍ରିତ ଭାବରେ ଲଢ଼ିବାକୁ ସମର୍ପିତ ହୁଅନ୍ତୁ ବୋଲି ଶ୍ରୀ ମିଶ୍ର ଆହ୍ୱାନ ଦେଇଛନ୍ତି। ଏହି ଦାବି ନେଇ ଖୁବ୍‌ଶୀଘ୍ର କୋଶଳ ଆନ୍ଦୋଳନ ତରଫରୁ ଏକ ପ୍ରତିନିଧି ଦଳ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖକୁ ଯିବ ବୋଲି ମିଶ୍ର ସୂଚନା ଦେଇଛନ୍ତି।

**ଅନ୍ତ୍ୟୋଦୟ ହିତାଧିକାରୀ ହନ୍ତସନ୍ତ**

# ମିଳୁନି ଦ୍ୱିତୀୟ କିସ୍ତି; ଆଗଉନି କାମ

ଭୁବନେଶ୍ୱର, ୩।୮ (ସମିସ): ଗତ ମାର୍ଚ୍ଚ ୩୦ରେ ରାଜ୍ୟ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନା ଲାଗୁ କଲେ। ପ୍ରାଥମିକ ପର୍ଯ୍ୟାୟରେ ପୂର୍ବ ଓ ଚଳିତ ଆର୍ଥିକ ବର୍ଷକୁ ମିଶାଇ ୫୦ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦେଲେ। ମାତ୍ର ୫ ମାସ ବିତି ଯାଇଥିଲେ ବି ଲୋକଙ୍କୁ ଦ୍ୱିତୀୟ କିସ୍ତି ଟଙ୍କା ମିଳୁନି। ହିତାଧିକାରୀମାନେ ପ୍ରଥମ କିସ୍ତି ଟଙ୍କା ପାଇବାରେ ପରେ ଧାର୍‌ଉଧାର୍ କରି ଘରର ଅଧାଅଧି କାମ ସାରି ଦେଇଛନ୍ତି। ଏବେ ଦ୍ୱିତୀୟ କିସ୍ତି ଟଙ୍କା ନ ମିଳିବାରୁ କେମିତି ଘର କାମ କରିବେ ଓ ଉଧାର ଶୁଝିବେ ସେହି ଚିନ୍ତା ସମସ୍ତଙ୍କୁ ଘାରୁଛି। ହେଲେ ଅନ୍ତ୍ୟୋଦୟ ଅନ୍‌ଲାଇନ୍ ପୋର୍ଟାଲ୍ ଖୋଲୁ ନ ଥିବାରୁ ତୃଣମୂଳସ୍ତରରେ ପ୍ରଶାସନ ବି କିଛି କରିପାରୁନି। ତେଣୁ ସରକାର ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

ସୂଚନାନୁସାରେ, ପ୍ରଥମ ପର୍ଯ୍ୟାୟରେ ଯେଉଁ ହିତାଧିକାରୀମାନଙ୍କୁ ଚୟନ କରାଯାଇଥିଲା, ସେମାନଙ୍କ ମଧ୍ୟରୁ ଅଧିକାଂଶ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପାଇବାର ମାସକ ପରେ ପ୍ରଥମ କିସ୍ତି ଟଙ୍କା ଦିଆଯାଇଥିଲା। ଏବେ ବି ଅଧିକାଂଶ ଲୋକଙ୍କୁ ପ୍ରଥମ କିସ୍ତି ଟଙ୍କା ମିଳିନି। ଯେଉଁମାନେ ପ୍ରଥମ କିସ୍ତ ପାଇଥିଲେ, ସେମାନଙ୍କୁ ଦ୍ୱିତୀୟ କିସ୍ତି ଟଙ୍କା ଏଯାଏଁ ମିଳିନି। ପ୍ରାୟ ୩ ମାସ ହେବ ସରକାରଙ୍କ ଅନ୍ତ୍ୟୋଦୟ ପୋର୍ଟାଲ ଖୋଲୁନଥିବାରୁ ଏହି ସମସ୍ୟା ହୋଇଥିବା ଜଣାପଡ଼ିଛି। ସାରା ରାଜ୍ୟରେ ଏଭଳି ସମସ୍ୟା ଦେଖାଦେଇଛି। ଖୁବ୍‌ଶୀଘ୍ର ରାଜ୍ୟ ସରକାର ପୋର୍ଟାଲ୍ ଠିକ୍‌କରି ଲୋକଙ୍କୁ ଠିକଣା ସମୟରେ ଟଙ୍କା ଦେବା ବ୍ୟବସ୍ଥା କରିବା ଜରୁରୀ ବୋଲି ଦାବି କରାଯାଉଛି। ପୋର୍ଟାଲ ଖୋଲୁ ନ ଥିବାରୁ ଦ୍ୱିତୀୟ କିସ୍ତି ଟଙ୍କା ହିତାଧିକାରଙ୍କ ପାଖକୁ ଆସିପାରୁ

- ପୂରଣ ହୋଇପାରୁନି କୋଠା ଘର ସ୍ୱପ୍ନ
- ୩ ମାସ ହେଲା ପୋର୍ଟାଲ୍ ଅଚଳ

ନାହିଁ। ଫଳରେ ସରକାରୀ ନିୟମ ଅନୁସାରେ କାର୍ଯ୍ୟାଦେଶ ମିଳିବାର ୪ମାସ ଭିତରେ ଘର ସମ୍ପୂର୍ଣ୍ଣ କଲେ, ମିଳିବାକୁ ଥିବା ପ୍ରୋତ୍ସାହନ ରାଶି ପାଇବାରୁ ହିତାଧିକାରୀ ବଞ୍ଚିତ ହେବା ଆଶଙ୍କା ଦେଖାଦେଇଛି। ପ୍ରଶାସନ ପକ୍ଷରୁ କୁହାଯାଇଛି, ପୂର୍ବରୁ ହିତାଧିକାରୀ ନାମାନୁସାରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦିଆଯାଉଥିଲା। ହିତାଧିକାରୀ ଅବା ସେମାନଙ୍କ ବାପାଙ୍କର ସମାନ ନାଁ ଥିବା କ୍ଷେତ୍ରରେ ଟଙ୍କା ଅନ୍ୟ ଆକାଉଣ୍ଟକୁ ଚାଲିଗଲା। ତେଣୁ ଏବେ ଡିବିଟି ବ୍ୟବସ୍ଥା ଅନୁସାରେ ଟଙ୍କା ଦିଆଯାଉଛି। ଯେଉଁ ବ୍ୟାଙ୍କ୍ ଆକାଉଣ୍ଟ୍ ଆଧାର କାର୍ଡ ସହ ଲିଙ୍କ୍ ଥିବା ସେହି ଆକାଉଣ୍ଟ୍‌କୁ ଟଙ୍କା ସିଧାସଳଖ ଯିବ। ତେଣୁ ଏହି ବ୍ୟବସ୍ଥା ସଜାଡ଼ିବାରେ ସମୟ ଲାଗୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କାର୍ଯ୍ୟାଦେଶ ପାଇ ମଧ୍ୟ ବିଳମ୍ବରେ ଟଙ୍କା ମିଳିବା, ପୋର୍ଟାଲ୍ କାମ ନ କରିବା ଏବଂ ବର୍ଷାଦିନ ଯୋଗୁଁ ଘର ତିଆରି ପାଇଁ ଆବଶ୍ୟକ ଉପକରଣ ସହଜରେ ମିଳୁ ନ ଥିବାରୁ ହିତାଧିକାରୀ ଚିନ୍ତାରେ ପଡ଼ିଛନ୍ତି।

ଉଲ୍ଲେଖଥାଉ କି, ରାଜ୍ୟ ସରକାରଙ୍କ ଏହା ନିଜସ୍ୱ ଯୋଜନା। କ୍ୟାନ୍ସର ରୋଗୀ, ଦିବ୍ୟାଙ୍ଗ, ବିଧବା, ସହିଦ ପରିବାର, ହାତୀ ଉପଦ୍ରବ ଏବଂ ଘରପୋଡ଼ିରେ କ୍ଷତିଗ୍ରସ୍ତ ଆଦି ୧୧ଟି ବର୍ଗର ଲୋକଙ୍କୁ ଅଗ୍ରାଧିକାର ଦିଆଯାଇ ଯୋଜନାରେ ଘର ଯୋଗାଇ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ବଜେଟ୍‌ରେ ୭୫୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମାତ୍ର ଆରମ୍ଭରୁ ଏହି ଯୋଜନାରେ କେଁ ଦେଖିବାକୁ ମିଳିଲାଣି। ପୂର୍ବରୁ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମିଳିଥିଲେ ବି ଟଙ୍କା ମିଳୁ ନ ଥିଲା। ଏବେ ପୁଣି ପୋର୍ଟାଲ୍ ଖୋଲୁ ନ ଥିବାରୁ ଦ୍ୱିତୀୟ କିସ୍ତି ଟଙ୍କା ମିଳୁନି। ସରକାର କେବଳ ଯୋଜନା କରି ନିଜ ଦାୟିତ୍ୱ ସାରିଦେଉଛନ୍ତି। ମାତ୍ର ତୃଣମୂଳସ୍ତରରେ ଏହାର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେଉନାହାନ୍ତି। ତେଣୁ ସାଧାରଣ ଗରିବ ହିତାଧିକାରୀ ଘରଟିଏ ତୋଳିବା ପାଇଁ ଯେଉଁ ସ୍ୱପ୍ନ ଦେଖୁଛି, ତାହା ପୂରଣ ହୋଇପାରୁନି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

# ସ୍କିମାଟିକ୍ ଶିକ୍ଷକ ପଦ ଉଚ୍ଛେଦ ପାଇଁ ପ୍ରସ୍ତାବ

ଭୁବନେଶ୍ୱର,୩।୮ (ସମିସ): ଆଉ ନିଯୁକ୍ତି ହେବେନି କନିଷ୍ଠ ସ୍କିମାଟିକ୍ ଶିକ୍ଷକ। ପ୍ରାଥମିକ ଶିକ୍ଷକ ନିଯୁକ୍ତିରୁ ଏହାକୁ ଉଠାଇ ଦିଆଯିବ। ସ୍କିମାଟିକ୍ ବଦଳରେ ସରକାରୀ ଶିକ୍ଷକ ଭାବେ ନିଯୁକ୍ତି ମିଳବ। ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷକଙ୍କ ପରି ପ୍ରାଥମିକ ଶିକ୍ଷାରେ ମଧ୍ୟ ନିୟମିତ ଶିକ୍ଷକ ନିଯୁକ୍ତି କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ଏପ୍ରିଲ୍ ମାସରେ ହୋଇଥିବା ବୈଠକ ଅନୁଯାୟୀ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସେହିପରି ଠିକା ବା ସ୍କିମାଟିକ୍ ନିଯୁକ୍ତି ସମୟସୀମାକୁ ସେମାନଙ୍କ ମୂଳ ଚାକିରିରେ ଗଣାଯିବ। ଅବସରକାଳୀନ ସହାୟତା ସମୟରେ ଏହା ସହାୟକ ହେବ। ହେଲେ ସେମାନେ ଏରିଅର୍ ଦରମା ପାଇଁ ଦାବି କରିପାରିବେ ନାହିଁ। ନିୟମିତ ତାରିଖ ଅନୁଯାୟୀ ସେମାନଙ୍କୁ ବରିଷ୍ଠ ଭାବେ ଗଣନା କରାଯିବ। ଭବିଷ୍ୟତରେ ସମସ୍ତ ପ୍ରକାର ପ୍ରାଥମିକ ଶିକ୍ଷକ ନିଯୁକ୍ତି ରେଗୁଲାର୍ କରାଯିବ ବୋଲି ପ୍ରସ୍ତାବରେ କୁହାଯାଇଛି।

ଅନୁରୂପ ଭାବେ ପ୍ରଥମରୁ ପଞ୍ଚମ ଶେଣୀ ପର୍ଯ୍ୟନ୍ତ ଛାତ୍ର-ଶିକ୍ଷକ ଅନୁପାତ ଉପରେ ମଧ

- ପ୍ରଥମରୁ ପଞ୍ଚମ ଛାତ୍ର-ଶିକ୍ଷକ ଅନୁପାତ ୪୦:୧
- ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପାଇଁ ସର୍ବନିମ୍ନ ୩ ଶିକ୍ଷକ
- ଡିସେମ୍ବର ସୁଦ୍ଧା ନିଯୁକ୍ତ ହେବେ ଆଉ ୫୦୬୭

ଗୁରୁତ୍ୱ ଦିଆଯାଇଛି। ୬୦ଜଣ ଯାଏଁ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ୨ ଜଣ ଶିକ୍ଷକ ରହିବେ। ସେହିପରି ୬୧ରୁ ୯୦ ଯାଏଁ ଛାତ୍ରଛାତ୍ରୀ ଥିଲେ ୩ ଜଣ, ୯୧ରୁ ୧୨୦ ଛାତ୍ରଛାତ୍ରୀଙ୍କ ପାଇଁ ୪ଜଣ ଏବଂ ୧୨୧ରୁ ୨୦୦ ଛାତ୍ରଛାତ୍ରୀଙ୍କ ପାଇଁ ୫ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ୫ଜଣ ଶିକ୍ଷକଙ୍କ ସହ ଜଣେ ପ୍ରଧାନ ଶିକ୍ଷକ ରହିବେ। ୨ଶହରୁ ଅଧିକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ଛାତ୍ର-ଶିକ୍ଷକ ଅନୁପାତ ୪୦ ରହିବ। ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ପିଛା ଜଣେ ଲେଖାଏଁ ଶିକ୍ଷକ ନିଯୁକ୍ତି ହେବେ। ଅର୍ଥାତ୍ ସର୍ବନିମ୍ନ ୩ଜଣ ଶିକ୍ଷକ ଯଥାକ୍ରମେ ବିଜ୍ଞାନ ଓ ଗଣିତ, ସୋସିଆଲ୍ ଷ୍ଟଡିଜ୍ ଓବଂ ଭାଷା ପାଠ୍ୟକ୍ରମରେ ଶିକ୍ଷାଦାନ କରିପାରିବେ। ପ୍ରତି ୩୫ ଜଣ ପିଲାରେ ସର୍ବନିମ୍ନ ଜଣେ ଶିକ୍ଷକ ରହିବେ। ଶହେରୁ ଅଧିକ ପିଲା ଥିବା ବିଦ୍ୟାଳୟରେ ଜଣେ ପୂର୍ଣ୍ଣକାଳୀନ ପ୍ରଧାନଶିକ୍ଷକ ନିଯୁକ୍ତ କରାଯିବ।

ରାଜ୍ୟରେ ସମୁଦାୟ ୪୫,୨୯୨ ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ଏଥିପାଇଁ ୧ଲକ୍ଷ ୯୯ହଜାର ୬୮୫ ଶିକ୍ଷକ ପଦ ରହିଛି। ୧ଲକ୍ଷ ୬୦ ହଜାର ୩୧୯ ଜଣ ଶିକ୍ଷକ ନିଯୁକ୍ତ ଥିବା ବେଳେ ୩୯ହଜାର ୩୬୬ ଶିକ୍ଷକ ପଦ ଫାଙ୍କା ପଡ଼ିଛି। ଆସନ୍ତା ଡିସେମ୍ବର ସୁଦ୍ଧା ୫୦୬୭ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ପ୍ରସ୍ତାବ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସମଗ୍ର ଶିକ୍ଷକ ପଦ ମଧ୍ୟ ବଢ଼ାଇବାକୁ ପ୍ରସ୍ତାବ ରହିଛି। ଆଉ ଅଧିକ ୪୪ହଜାର ୪୩୩ ଜଣ ଶିକ୍ଷକ ନିଯୁକ୍ତି କରିବାକୁ କମିଟି ପ୍ରସ୍ତାବ ରଖିଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ପରିବାରର ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଘରେ ପୂଜାପାଠର ଆୟୋଜନ ହୋଇପାରେ। ବାହନ ସୁଖ ପ୍ରାପ୍ତ ହେବ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

**ବୃଷ:** ଜମିବାଡ଼ି କିଣିବା ଯୋଗ ଅଛି। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। କୌଣସି ଶୁଭ ସମାଚାର ପ୍ରାପ୍ତ ହେବ। ସେୟାର ବଜାରରେ ନିବେଶ କରିବାକୁ ଭଲ ସମୟ। ଅଯଥା ଖର୍ଚ୍ଚ କରନ୍ତୁନି।

**ମିଥୁନ:** ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ସମାବେଶରେ ଯୋଗ ଦେଇପାରନ୍ତି। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ। ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତା ବୃଦ୍ଧି କରିପାରେ।

**ସିଂହ:** ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ଦିନଟି ହସଖୁସିରେ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆୟ ବ୍ୟୟ ସମାନ ରହିବ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ନିଜ ଲୋକ ଶତ୍ରୁ ସାଜିପାରନ୍ତି। ମାପିଚୁପି କଥା କୁହନ୍ତୁ। ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଷ୍ଟ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି।

**ତୁଳା:** ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ। ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ଯୋଜନା ମୁତାବକ କାମ କରନ୍ତୁ।

**ଧନୁ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଯାନବାହନ ଓ ଜମି କିଣିବାର ଯୋଗ ଅଛି। କୌଣସି ନୂଆ କାମ ମିଳିପାରେ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ମକର:** କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। ଅଯଥା ଯୁକ୍ତିତର୍କ ହୋଇପାରେ।

**କୁମ୍ଭ:** ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାରର ସହଯୋଗ ମିଳିବ। ଚାକରିରେ ପଦୋନ୍ନତି ସମ୍ଭାବନା ରହିଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ବିବାହ ସ୍ଥିର ହେବ। କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା ଯୋଗ ରହିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ପଡ଼ୋଶୀଙ୍କ ସହ ସୁ-ସମ୍ପର୍କ ବଢ଼ିବ।

## ଆଜିର ଇତିହାସ

- ୧୮୭୦-ବ୍ରିଟିଶ ରେଡ୍‌କ୍ରସ୍ ସୋସାଇଟିର ସ୍ଥାପନା।
- ୧୯୨୯- ଅଭିନେତା ତଥା ଗାୟକ କିଶୋର କୁମାରଙ୍କ ଜନ୍ମ।
- ୧୯୪୭- ଜାପାନରେ ସୁପ୍ରିମ୍‌କୋର୍ଟର ସ୍ଥାପନା ହେଲା।
- ୧୯୬୭- ଆମେରିକାର ନେଭାଡ଼ାରେ ପରମାଣୁ ପରୀକ୍ଷା କରାଗଲା।
- ୨୦୦୭- ନାସା ଫୋନିକ୍ସ ମାର୍ସ ଲ୍ୟାଣ୍ଡର ମହାକାଶଯାନ ଲଞ୍ଚ୍ କଲା।



## ଏହି ଜୀବ ଉପରେ ପଡ଼େନି ପରମାଣୁ ବୋମାର ପ୍ରଭାବ

ପରମାଣୁ ବୋମା ସୃଷ୍ଟି ବିନାଶର କାରଣ ବୋଲି ସମସ୍ତେ ଜାଣନ୍ତି। ଏବେ ଦେଶ-ଦେଶ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ପରମାଣୁ ଅସ୍ତ୍ର କଥା ଶୁଣିବାକୁ ମିଳୁଛି। ପରମାଣୁ ବୋମା ବିସ୍ଫୋରଣର କିଛି ମିନିଟ୍ ମଧ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଯାଇପାରେ। ପରମାଣୁ ବୋମାର ଭୟାବହତା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଦେଖିବାକୁ ମିଳିଥିଲା। ହେଲେ ଜାଣନ୍ତିକି ଏମିତି ଏକ ଜୀବ ରହିଛି, ଯାହା ଉପରେ ପରମାଣୁ ବୋମାର ବିକିରଣ ମଧ୍ୟ କିଛି ପ୍ରଭାବ ପକାଇ ପାରେ ନାହିଁ। ପରମାଣୁ ବୋମା ଦ୍ୱାରା ପ୍ରଭାବିତ ହେଉ ନ ଥିବା ଜୀବର ନାଁ ହେଉଛି ଅସରପା। ପରମାଣୁ ବୋମାରେ ସବୁକିଛି ଧ୍ୱଂସ ହୋଇଯାଉଥିବାବେଳେ ଅସରପା ଉପରେ ଏହାର କିଛି ବି ପ୍ରଭାବ ପଡ଼େନାହିଁ। ପରମାଣୁ ବୋମା ବିସ୍ଫୋରଣ ପରେ ଏଥିରୁ ବାହାରୁଥିବା ବିକିରଣକୁ ଅସରପା ସହ୍ୟ କରିପାରୁଥିବାବେଳେ ମଣିଷ, ପ୍ରାଣୀ କିମ୍ବା ଉଦ୍ଭିଦ ଆଦି ଧ୍ୱଂସ ହୋଇଯାଆନ୍ତି। ସାଧାରଣତଃ ଅସରପା ୧୦୦୦୦ ରାଡ୍‌ର ବିକିରଣକୁ ସହ୍ୟ କରିବାରେ ସକ୍ଷମ। ସେଥିପାଇଁ ପରମାଣୁ ବିକରଣ ଅସରପା ଉପରେ ପ୍ରଭାବ ପକାଇ ପାରେ ନାହିଁ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ୮୦୦ ରାଡ୍‌ର ବିକିରଣରେ ମଣିଷର ମୃତ୍ୟୁ ହୋଇପାରେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପରମାଣୁ ବୋମା ବିସ୍ଫୋରଣରେ ପୂରା ସହର ଧ୍ୱଂସବିଧ୍ୱସ୍ତ ହୋଇଯାଇଥିବାବେଳେ କିଛି ଅସରପା ଜୀବିତ ଥିବା ଜଣାପଡ଼ିଥିଲା।


## 'ଟକ୍ସିକ୍' ନିଜେ କରିବେ କଳାକାର ଷ୍ଟଣ୍ଟ ସିନ୍



'କେଜିଏଫ୍' ଷ୍ଟାର୍ ୟଶ୍ ଏବେ ତାଙ୍କ ଆଗାମୀ ଫିଲ୍ମ 'ରାମାୟଣ' ପାଇଁ ଚର୍ଚ୍ଚାରେ ରହିଛନ୍ତି। ଏଥିରେ ସେ ରାବଣ ଭୂମିକାରେ ଅଭିନୟ କରିବା ସହ ଏହାର ପ୍ରଯୋଜନା ଭାର ମଧ୍ୟ ସମ୍ଭାଳିବେ। 'ରାମାୟଣ' ବ୍ୟତୀତ ୟଶ୍ 'ଟକ୍ସିକ୍' ଫିଲ୍ମର ସୁଟିଂ ମଧ୍ୟ କରୁଛନ୍ତି। ଆକ୍ସନ୍‌ରେ ଭରପୂର ଏହି ଫିଲ୍ମଟି ଆସନ୍ତା ବର୍ଷ ଆସିବ। ଆସନ୍ତା ବର୍ଷ ଦୀପାବଳିରେ ମଧ୍ୟ 'ରାମାୟଣ'ର ପ୍ରଥମ ପାର୍ଟ ଆସିବ। ୨୦୨୬ ବର୍ଷ ୟଶ୍‌ଙ୍କ ବର୍ଷ ହେବ ବୋଲି ଏବେଠାରୁ ଚର୍ଚ୍ଚା ହେବାକୁ ଲାଗିଲାଣି। 'ଟକ୍ସିକ୍'ରେ ୟଶ୍‌ଙ୍କ ସହ କିଆରା ଆଡ଼ଭାନୀ, ଅକ୍ଷୟ ଓବରୟ, ତାରା ସୂତାରିୟା, ହ୍ୟୁମା କ୍ୟୁରେସି ନଜର ଆସିବେ। ତେବେ ଏହାର ସବୁ କଳାକାରମାନେ ନିଜେ ହିଁ ଷ୍ଟଣ୍ଟ ସିନ୍‌ଗୁଡ଼ିକ କରିବେ ବୋଲି ଜଣାପଡ଼ିଛି। ସବୁ ଅଭିନେତା ଅଭିନେତ୍ରୀ ବଡି ଡବଲ୍ ବିନା ଆକ୍ସନ୍ ସିନ୍‌ଗୁଡ଼ିକ କରିବେ। ଏବେ ୟଶ୍, ହ୍ୟୁମା, ତାରା ଓ ଅକ୍ଷୟ ମୁମ୍ବାଇରେ ଏହାର ସୁଟିଂ କରୁଛନ୍ତି। ୟଶ୍ ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ମଧ୍ୟ ଅଛନ୍ତି। ଗୀତୁ ମୋହନଦାଶ ଏହାର ନିର୍ଦ୍ଦେଶନା ଦେଇଛନ୍ତି।

## ଏଆଇ ଇଞ୍ଜିନିୟର
### ଖାଇବନି, ଶୋଇବନି, ପଦୋନ୍ନତି ମାଗିବନି

ଆଜିକାଲି ପ୍ରତ୍ୟେକ କ୍ଷେତ୍ରରେ ଏଆଇର ପ୍ରବେଶ ଦେଖିବାକୁ ମିଳିଛି। ଏହି କ୍ରମରେ ବର୍ତ୍ତମାନ ଇଞ୍ଜିନିୟରିଂ କ୍ଷେତ୍ରରେ ପାଦ ରଖିଛି ଏଆଇ ଇଞ୍ଜିନିୟର୍ 'ଦେବିନ'। ଏହାକୁ ଲଣ୍ଡନର ଏକ ଷ୍ଟାର୍ଟଅପ୍ ବିକଶିତ କରିଥିବାବେଳେ ଆମେରିକାର ବହୁରାଷ୍ଟ୍ରୀୟ ନିବେଶ ବ୍ୟାଙ୍କ ଗୋଲ୍ଡମ୍ୟାନ୍ ସାକ୍ସ ଏହାକୁ ପରିଚିତ କରାଇଛି। 'ଦେବିନ' ହେଉଛି ଏକ ସ୍ୱୟଂଚାଳିତ ଏଆଇ ସଫ୍ଟୱେର ଇଞ୍ଜିନିୟର। ଏହି ଏଆଇ ଇଞ୍ଜିନିୟର ନ ଖାଇ, ନ ଶୋଇ ଲଗାତାର



କାମ କରିବ। ଏପରିକି ଏହା ପାରିଶ୍ରମିକ ନେବ ନାହିଁ କିମ୍ବା ପଦୋନ୍ନତି ଦାବି କରିବ ନାହିଁ। ସେହିପରି ଏହା ମଣିଷ ଭଳି ଉନ୍ନତ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବାକୁ ସକ୍ଷମ। ଉକ୍ତ ବ୍ୟାଙ୍କରେ ପ୍ରାୟ ୧୨ ହଜାର ସଫ୍ଟୱେର ଡେଭଲପର କାମ କରୁଥିବାବେଳେ ଏବେ କିନ୍ତୁ ଏଠାରେ ଏଆଇ ଇଞ୍ଜିନିୟରଙ୍କ ସଂଖ୍ୟାକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଅବଶ୍ୟ ଏହା ପଛରେ କାରଣ ବି ଅଛି। ଏଆଇ ଇଞ୍ଜିନିୟରଙ୍କ ମାଧ୍ୟମରେ କାର୍ଯ୍ୟର ଗତି ବୃଦ୍ଧି ହେବା ସହ ଗୁଣବତ୍ତା ଉନ୍ନତମାନର ହେବ। କେବଳ ସେତିକି ନୁହେଁ, ଏଆଇ ଇଞ୍ଜିନିୟରଙ୍କ ଦ୍ୱାରା ସମୟ ଓ ସମ୍ବଳ ସଞ୍ଚୟ ମଧ୍ୟ ହେବ। ଏଆଇ ଇଞ୍ଜିନିୟର୍‌ର କାମ ହେଉଛି, ପୁରୁଣା କୋଡ୍‌କୁ ଅପଡେଟ୍ କରିବା, ବଗ୍ସ ଫିକ୍ସ କରିବା ଏବଂ ଲଗାତାର କାମକୁ ନୂଆ ରୂପ ପ୍ରଦାନ କରିବା। ତେବେ ଏଆଇର ଏହି ବଢୁଥିବା ଚଳଣିର ପ୍ରଭାବ ଏଣ୍ଟ୍ରି-ଲେବଲ ଇଞ୍ଜିନିୟରଙ୍କ ଉପରେ ପଡ଼ିପାରେ। ବିଶେଷକରି କୋଡିଂ, ରିସର୍ଚ୍ଚ ଏବଂ ଡାଟା ଆନାଲିସିସ୍ ପଦବିରେ କାମ କରୁଥିବା ଲୋକଙ୍କ ପାଇଁ ଏଆଇ ଇଞ୍ଜିନିୟର ସମସ୍ୟା ସୃଷ୍ଟି କରିପାରେ। ଅନ୍ୟପଟେ ଏହା ଯୋଗୁଁ ଯୁବପିଢ଼ିଙ୍କ ପାଇଁ ଇଞ୍ଜିନିୟରିଂ କ୍ଷେତ୍ରରେ କମ୍ ଅବସର ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ଟେକ୍‌ନିକ୍ ସହ ସନ୍ତୁଳନ ବନେଇବାର ଆବଶ୍ୟକତା ଅଛି ବୋଲି କୁହାଯାଉଛି।



## ଶ୍ରାବଣ ଶେଷ ସୋମବାର

ଶେଷ ହେଲା ପବିତ୍ର ଶ୍ରାବଣ ସୋମବାର। ଏହି ମାସରେ ପ୍ରତି ସୋମବାର ଭଗବାନ ଶିବଙ୍କ ରୀତିନୀତି ପୂର୍ବକ ପୂଜାର୍ଚ୍ଚନା କରାଯାଏ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସୋମବାର ବ୍ରତ ରଖିବା ଦ୍ୱାରା ଅଖଣ୍ଡ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ତା'ସହ ଜୀବନରେ ସୁଖ ସମୃଦ୍ଧି ବୃଦ୍ଧି ପାଏ। ତେବେ ଏଥର ଶ୍ରାବଣ ଶେଷ ସୋମବାରରେ ଶୁଭ ସଂଯୋଗ ସୃଷ୍ଟି ହୋଇଛି। ଏହା ହେଉଛି ସ୍ୱାର୍ଥ ସିଦ୍ଧି ଯୋଗ। ଏହିଦିନ ଚନ୍ଦ୍ର ଅନୁରାଧା ନକ୍ଷତ୍ର ଏବଂ ଚିତ୍ରା ନକ୍ଷତ୍ରରୁ ବୃଷ ରାଶିକୁ ଗୋଚର କରିବେ। ଏହାସହ ଶ୍ରାବଣ ଶେଷ ସୋମବାରରେ ବ୍ରହ୍ମା ଏବଂ ଇନ୍ଦ୍ର ଯୋଗର ସଂଯୋଗ ବି ରହିବ। ଫଳରେ ଅନ୍ତିମ ସୋମବାରରେ ଶିବଭକ୍ତଙ୍କ ଉପରେ ଶିବଙ୍କ ବିଶେଷ କୃପା ରହିବ।

ଏହିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନ କରି ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ। ମହାଦେବଙ୍କ ପୂଜାର୍ଚ୍ଚନା କରନ୍ତୁ। ତେବେ ଏହିଦିନ ୧୦୮ ବେଲପତ୍ର ଶିବଲିଙ୍ଗ ଉପରେ ଲାଗି କରିବା ଭଲ। ବେଲ ଗଛ ମୂଳେ ଘିଅ ଦୀପ ଜାଳନ୍ତୁ। ଏହାଦ୍ୱାରା ଆର୍ଥିକ ଲାଭ ମିଳିବ। ବିବାହରେ ସମସ୍ୟା ତଥା ବିବାହରେ ବିଳମ୍ବ ହେଉଥିଲେ, ଶ୍ରାବଣ ଶେଷ ସୋମବାରରେ ଶିବଲିଙ୍ଗଙ୍କୁ ପଞ୍ଚାମୃତରେ ଅଭିଷେକ କରନ୍ତୁ। ଏହାସହ ୫ଟି ନଡ଼ିଆ ମଧ୍ୟ ଚଢ଼ାନ୍ତୁ।

## ସ୍ମୃତି

## ରାକ୍ଷୀ ପୂର୍ଣ୍ଣିମା



**ପ୍ରତ୍ୟେକ ବର୍ଷ ଶ୍ରାବଣ ମାସର ପୂର୍ଣ୍ଣିମାକୁ ରାକ୍ଷୀ ପୂର୍ଣ୍ଣିମା ଭାବେ ପାଳନ କରାଯାଏ। ଭାଇ ଭଉଣୀଙ୍କ ଅତୁଟ ପ୍ରେମ ଓ ଅନାବିଳ ସ୍ନେହର ପର୍ବ ହେଉଛି ରକ୍ଷା ବନ୍ଧନ। ଏହାକୁ ଝୁଲଣ ପୂର୍ଣ୍ଣିମା ତଥା ଗହ୍ମା ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହାକୁ ଭଗବାନ ବଳଭଦ୍ରଙ୍କ ଜନ୍ମତିଥି ଭାବେ ଗ୍ରହଣ କରାଯାଏ। ତେଣୁ ଏହିଦିନ ଗୋମାତାଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଏ।**

ରାକ୍ଷୀ ପୂର୍ଣ୍ଣିମାରେ ଗାଈଙ୍କ ଶିଙ୍ଘରେ ରାକ୍ଷୀ ବନ୍ଧାଯିବା ସହ ଖାଇବା ପାଇଁ ପିଠା ଦିଆଯାଏ। ଘରେ ମଧ୍ୟ ପିଠାମିଠା ପ୍ରସ୍ତୁତ କରାଯାଏ। ବିଭିନ୍ନ ବିପଦ ଆପଦରୁ ରକ୍ଷା କରିବା ପାଇଁ ଭାଇ ହାତରେ ଭଉଣୀ ଏହିଦିନ ରକ୍ଷାସୂତ୍ର ବାନ୍ଧିଥାଏ। ଭଉଣୀ ପ୍ରତି ଥିବା ସମସ୍ତ ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବା ନେଇ ଭାଇ ପ୍ରତିଶ୍ରୁତି ଦେଇଥାଏ। ତା'ସହ ଭଉଣୀ ମଧ୍ୟ ଭଗବାନଙ୍କ ପାଖରେ ଭାଇର ଦୀର୍ଘାୟୁ କାମନା କରେ।

ଅନ୍ୟପଟେ ଏହା ପଛରେ ଅନ୍ୟ ଏକ ପୌରାଣିକ କାହାଣୀ ରହିଛି। ଶିଶୁପାଳଙ୍କ ବଧ ପରେ ଶ୍ରୀକୃଷ୍ଣଙ୍କ ହାତରୁ ରକ୍ତ ବାହାରୁଥିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ିରୁ ଖଣ୍ଡେ ଚିରି ଦେଇ ତାଙ୍କ ହାତରେ ବାନ୍ଧି ଦେଇଥିଲେ। ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ଭଉଣୀର ସମ୍ମାନ ଦେଇ ତାଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ କୁରୁସଭାରେ ବସ୍ତ୍ରହରଣ ସମୟରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ବସ୍ତ୍ରଦାନ କରି ତାଙ୍କ କଥା ରଖିଥିଲେ। ଏହି ଆଧାରରେ ରକ୍ଷା ବନ୍ଧନ ପାଳନ କରାଯାଏ।

## ଖୁଦୁରୁକୁଣୀ ଓଷା

**ଓଡ଼ିଶାର ପାରମ୍ପରିକ ଓଷା ମଧ୍ୟରୁ ଖୁଦୁରୁକୁଣୀ ଓଷା ଅନ୍ୟତମ। ଏହା ଭାଲୁକୁଣୀ ଓଷା ଭାବେ ମଧ୍ୟ ପରିଚିତ। ଭାଦ୍ରବ ମାସର ପ୍ରତି ସପ୍ତାହର ଶେଷ ଦିନ ବା ରବିବାର ଦିନ କୁଆଁରୀ ଝିଅମାନେ ଏହି ପୂଜା କରିଥାନ୍ତି। ଭାଇର ଶୁଭ ମନାସି ଭଉଣୀମାନେ ମା' ମଙ୍ଗଳାଙ୍କୁ ପୂଜା କରନ୍ତି। ଗାଁରେ ଏହି ଓଷାକୁ ବେଶ୍ ଜାକଜମକରେ ପାଳନ କରାଯାଇଥାଏ। କେଉଁଠି ଏହାକୁ ପାଞ୍ଚ ପାଳି ପାଳନ କରାଯାଏ ତ ଆଉ କେଉଁଠି ଚାରି ପାଳି ପାଳିତ ହୁଏ।**



କିମ୍ବଦନ୍ତୀ ଅନୁସାରେ, ସାତଜଣ ସାଧବ ବୋଇତରେ ଦୂର ଦେଶକୁ ବଣିଜ କରିବା ପାଇଁ ଯାଇଥିଲେ। ବର୍ଷର ଗୋଟିଏ ଦିନରେ ଘରକୁ ଲେଉଟି ଆସୁଥିଲେ। ସେମାନଙ୍କର ଏକମାତ୍ର ଅଲିଅଳି ଭଉଣୀ ତଅପୋଇ ଭାଇଙ୍କ ସୁରକ୍ଷା ଏବଂ ଶୁଭ ମନାସି ଏହି ବ୍ରତ ପାଳନ କରୁଥିଲେ। ସେବେଠୁ କୁଆଁରୀମାନେ ଏହାକୁ ପାଳନ କରିବା ବିଧି ରହିଛି।

ଖୁଦୁରୁକୁଣୀ ପୂଜା ଦିନ ଝିଅମାନେ ସକାଳୁ ନଦୀରେ ସ୍ନାନ ସାରି ବାଲୁକା ପୂଜା କରନ୍ତି ଏବଂ ସନ୍ଧ୍ୟାରେ ଝୋଟି ଚିତା ପକାଇ ଖୁଦୁରୁକୁଣୀଙ୍କୁ ରଙ୍ଗବେରଙ୍ଗ ଫୁଲରେ ସଜାନ୍ତି। ଏହାସହ ଲିଆ, ଖୁଦ ଆଦି ଭୋଗ ଲଗାଇ ପୂଜା କରିଥାନ୍ତି। ତେବେ ଠାକୁରାଣୀଙ୍କ ପ୍ରିୟ ଖୁଦ ହୋଇଥିବାରୁ ତାଙ୍କ ନାଁ ଖୁଦୁରୁକୁଣୀ। ଅନ୍ୟପକ୍ଷରେ ଏହି ଓଷା ସାଧବ ଝିଅ ତଅପୋଇର ଦୟନୀୟ କାହାଣୀ, ଭାଉଜମାନଙ୍କର ଦୁରାଚାର, ସାନ ଭାଉଜର ଦୟା ଏବଂ ତଅପୋଇର ଉଦ୍ଧାର କଥାକୁ ଦର୍ଶାଇ ଥାଏ।



## ରାକ୍ଷୀ ଉତାରିବାର ନିୟମ

**ରାକ୍ଷୀ ବାନ୍ଧିବାର ଯେଭଳି ନିୟମ ଅଛି, ଠିକ୍ ସେମିତି ରାକ୍ଷୀ ଉତାରିବାର ବି ନିୟମ ରହିଛି। ଏହାକୁ ପାଳନ ନ କରିବା ଦ୍ୱାରା ବାସ୍ତୁ ଦୋଷ ସୃଷ୍ଟି ହୁଏ।**

- ଜ୍ୟୋତିର୍ବିଦଙ୍କ ଅନୁସାରେ, ରାକ୍ଷୀ ବାନ୍ଧିବାର ୨୪ ଘଣ୍ଟା ପରେ ରାକ୍ଷୀ ଉତାରିବା ଉଚିତ। ବର୍ଷ ତମାମ ହାତରେ ରାକ୍ଷୀ ବାନ୍ଧି ରଖିଲେ, ଦୋଷ ଲାଗେ। ରାକ୍ଷୀ ଅଶୁଦ୍ଧ ହୋଇଯାଏ।
- ରାକ୍ଷୀକୁ ଉତାରି ଘରର କୌଣସି ସ୍ଥାନରେ ରଖିବା ଅଶୁଭ। ରାକ୍ଷୀକୁ ଉତାରି ଏହାକୁ ବିସର୍ଜନ କରିବା ଭଲ।
- ସେହିପରି ରାକ୍ଷୀକୁ ବିସର୍ଜନ କରି ନ ପାରିଲେ ଏହାକୁ ଗଛରେ ବାନ୍ଧନ୍ତୁ।
- ତେବେ ସୁନା କି ରୁପା ରାକ୍ଷୀକୁ ବିସର୍ଜନ କରନ୍ତୁ ନାହିଁ। ଏଭଳି ରାକ୍ଷୀକୁ ବର୍ଷଯାକ ପିନ୍ଧିପାରିବେ।
- ଅନେକ ସମୟରେ ହାତରୁ ରାକ୍ଷୀ ଛିଣ୍ଡି ଗଲେ ଏହାକୁ ଉତାରି ଫିଙ୍ଗି ଦିଆଯାଏ। ଏହାକୁ ନ ଫିଙ୍ଗି ଜଳରେ ପ୍ରବାହିତ କରନ୍ତୁ।

## ଜୋ ରୁଟ୍, ହ୍ୟାରି ବ୍ରୁକ୍‌ଙ୍କ ଶତକ: ଆଜି ଫଳାଫଳ

# ଭାରତ-ଇଂଲଣ୍ଡ ରୋମାଞ୍ଚକ ଲଢ଼େଇ


ହ୍ୟାରୀ ବ୍ରୁକ୍


ଜୋ ରୁଟ୍

ଓଭାଲ,୩।୮ (ଏଜେନ୍ସି)

ବରିଷ୍ଠ ଖେଳାଳି ଜୋ ରୁଟ୍ (୧୦୫)ଙ୍କ ଦମ୍‌ଦାର ଓ ଯୁବ ଖେଳାଳି ହ୍ୟାରୀ ବ୍ରୁକ୍ (୧୧୧)ଙ୍କ ଦୃଢ଼ ବ୍ୟାଟିଂ ବଳରେ ଏଠାରେ ଚାଲିଥିବା ଇଂଲଣ୍ଡ-ଭାରତ ୫ମ ଟେଷ୍ଟ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ଏହି ଟେଷ୍ଟର ତୃତୀୟ ଦିନରେ ଭାରତ ଘରୋଇ ଇଂଲଣ୍ଡ ଆଗରେ ୩୭୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ମ୍ୟାଚ୍‌ର ଚତୁର୍ଥ ଦିନ ଆଲୋକ ଅଭାବରୁ ଖେଳ ବନ୍ଦ ରହିଲା ବେଳକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୬ ୱିକେଟ ହରାଇ ୩୩୯ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଜେମି ସ୍ମିଥ୍ ୨ ଓ ଜେମି ଓଭରଟନ ୦ ରନ୍ କରି ସଂଘର୍ଷ ଜାରି ରଖିଛନ୍ତି। ଆସନ୍ତାକାଲି ଇଂଲଣ୍ଡକୁ ମ୍ୟାଚ୍ ଜିତିବା ଲାଗି ଆଉ ୩୫ ରନ୍ ଏବଂ ଭାରତକୁ ଆଉ ୪ କିମ୍ବା କ୍ରିସ୍ ଓକ୍ସ ବ୍ୟାଟିଂ ନ କଲେ ୩ ୱିକେଟ ଆବଶ୍ୟକ କରୁଛି। ଇଂଲଣ୍ଡ ପକ୍ଷରୁ ହ୍ୟାରୀ ବ୍ରୁକ୍ ୧୧୧ ଓ ଜୋ ରୁଟ୍ ୧୦୫ ରନ୍ କରି ଦଳକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ। କିନ୍ତୁ ଟି ପୂର୍ବରୁ ବ୍ରୁକ୍ ଏବଂ ଟି ପରେ ରୁଟ ଓ ବେଥେଲ ଆଉଟ ହେବା ପରେ ଏବେ ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ରହଛି। ଇଂଲଣ୍ଡର ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ବେନ୍ ଡକେଟ ୫୪, କାମଚଳା ଅଧିନାୟକ ଓଲି ପୋପ୍ ୨୭ ଓ ଓପନର କ୍ୟାକ୍ କ୍ରାଲୀ ୧୪ ରନ୍‌ରେ ଆଉଟ ହୋଇଛନ୍ତି। ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୩ଟି, ମହମ୍ମଦ୍ ସିରାଜ ୨ଟି ଓ ଆକାଶ ଦୀପ୍ ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି। ଏହି ମ୍ୟାଚ୍‌ରେ ରୁଟ୍ ୩୯ତମ ଶତକ ହାସଲ କରି ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ପୂର୍ବରୁ ଇଂଲଣ୍ଡ ୨-୧ରେ ସିରିଜ୍ ଆଗୁଆ ରହିଥିଲା। ଏଠାରେ ମ୍ୟାଚ୍ ଜିତି ସିରିଜ୍ ବରାବର କରିବାକୁ ଯୋଜନା କରିଥିବା ଭାରତକୁ ବୋଲରମାନେ ମ୍ୟାଚ୍‌କୁ ଫେରାଇବାରେ ସମର୍ଥ ହୋଇଛନ୍ତି। ଏହା ପରେ ଭାରତ ସେପ୍ଟେମ୍ବର ୯ରୁ ଏସିଆ କପ୍ ଟି-୨୦ରେ ଭାଗନେବ।

ପୂର୍ବରୁ ରବିବାର ଏହି ମ୍ୟାଚ୍‌ର ଚତୁର୍ଥ ଦିନ ସକାଳେ ଇଂଲଣ୍ଡ ୧ ୱିକେଟରେ ୫୦ ରନ୍‌ରୁ ଖେଳ ଆରମ୍ଭ କରିଥିଲା। ଦୁଇ ଅପରାଜିତ ବ୍ୟାଟର ବେନ୍ ଡକେଟ ୫୦ ଓ ଓଲି ପୋପ୍ ୨୭ ରନ୍ କରି ଆଉଟ ହୋଇଥିଲେ। ଇଂଲଣ୍ଡ ଦଳ ୧୦୬ ରନ୍‌ରେ ତୃତୀୟ ୱିକେଟ ହରାଇବା ପରେ ଭାରତୀୟ ଶିବିର ଉତ୍ସାହିତ ହୋଇଥିଲା। କିନ୍ତୁ ବିଶ୍ୱରେ ବର୍ତ୍ତମାନ ସବୁଠାରୁ ଅଭିଜ୍ଞ ଟେଷ୍ଟ ଖେଳାଳି ଜୋ ରୁଟ୍ ଓ ଉଦୀୟମାନ ଯୁବ ଖେଳାଳି ହ୍ୟାରୀ ବ୍ରୁକ୍ ଦମ୍‌ର ସହ ବ୍ୟାଟିଂ କରି ଭାରତକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ରୁଟ୍ ଦୃଢ଼ତାର ସହ ଖେଳିଥିଲାବେଳେ ଅନ୍ୟପଟେ ବ୍ରୁକ୍ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ।

### ସିରିଜ୍‌ରେ ସିରାଜଙ୍କୁ ସର୍ବାଧିକ ୱିକେଟ

ରୁଟ୍ ଓ ବ୍ରୁକ୍‌ଙ୍କ ପାର୍ଟନରସିପ୍ ଯୋଗୁଁ ଏହି ଇନିଂସରେ ଭାରତର ବୋଲର ନିଷ୍ପ୍ରଭ ହୋଇପଡ଼ିଥିଲେ। ଯାହା ଫଳରେ ଏମାନେ ଚତୁର୍ଥ ୱିକେଟରୁ ୧୯୫ ରନ୍‌ର ପାର୍ଟନରସିପ୍ କରିଥିଲେ। ଯାହା ଫଳରେ ଭାରତ ହାତରୁ ଏହି ମ୍ୟାଚ୍ ହାତଛଡ଼ା ହୋଇଯାଇଥିଲା। ଅନ୍ୟପକ୍ଷରେ ଓଲି ପୋପ୍‌ଙ୍କୁ ଆଉଟ କରି ସିରାଜ ଏହି ସିରିଜ୍‌ରେ ତାଙ୍କ ୱିକେଟ ସଂଖ୍ୟା ୨୦ରେ ପହଞ୍ଚାଇଥିଲେ। ଏହା ସିରିଜ୍‌ରେ ସର୍ବାଧିକ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ:** ୨୨୪/୧୦, ୬୯.୪ ଓଭର (କରୁନ-୫୭, ସୁଦର୍ଶନ-୩୮, ଆଟକିସନ- ୫/୩୩, ଟଙ୍ଗ୍- ୩/୫୭)।

**ଇଂଲଣ୍ଡ ପ୍ରଥମ ଇନିଂସ:** ୨୪୭/୧୦ (କ୍ରାଲୀ-୬୪, ବ୍ରୁକ୍- ୫୩, ସିରାଜ- ୪/୮୬, ପ୍ରସିଦ୍ଧ-୪/୬୨)।

**ଭାରତ ଦ୍ୱିତୀୟ ଇନିଂସ:** ୩୯୬/୧୦, ୮୮ ଓଭର (ଜୟସ୍ୱାଲ- ୧୧୮, ଆକାଶଦୀପ୍-୬୬, ଜାଡେଜା- ୫୩, ସୁନ୍ଦର-୫୩, ଟଙ୍ଗ୍- ୫/୧୨୫, ଆଟକିନସନ- ୩/୧୨୭, ଓଭରଟନ-୨/୯୮)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୩୩୯/୬, ୭୬.୨ ଓଭର (ହ୍ୟାରୀ ବ୍ରୁକ୍-୧୧୧, ଜୋ ରୁଟ-୧୦୫, ବେନ୍ ଡକେଟ-୫୪, ପ୍ରସିଦ୍ଧ କ୍ରିଷ୍ଣା-୩/୧୦୯, ମହମ୍ମଦ୍ ସିରାଜ-୨/୯୫, ଆକାଶଦୀପ-୧/୮୫)।

■ ଜାତୀୟ ସନ୍ତରଣ ପ୍ରତିଯୋଗିତା

## ଓଡ଼ିଶାର ସାଇ ସ୍ୱରୂପଙ୍କୁ କାଂସ୍ୟ



ଭୁବନେଶ୍ୱର,୩।୮ (ସମିସ): ଜାତୀୟ ସନ୍ତରଣ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ଏକ ବିରାଟ ସଫଳତା ମିଳିଛି। ଅହମ୍ମଦାବାଦ୍‌ରେ ଚାଲିଥିବା ଏହି ପ୍ରତିଯୋଗିତାର ସବ୍‌ଜୁନିଅର ବାଳକ ଗ୍ରୁପ୍-୨ କାଟାଗୋରୀର ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଓଡ଼ିଶାର ସାଇ ସ୍ୱରୂପ ସ୍ୱାଇଁ କାଂସ୍ୟ ପଦକ ଜିତିଛନ୍ତି। ଏହି ସଫଳତା ପାଇବାରେ ସେ ଦ୍ୱିତୀୟ ପୁରୁଷ/ବାଳକ ପ୍ରତିଯୋଗୀ। ପୂର୍ବରୁ ୧୯୯୧ କୋଲକାତା ଜାତୀୟ ସନ୍ତରଣ ଚାମ୍ପିଅନସିପ୍‌ର ସବ୍‌ଜୁନିଅର କାଟାଗୋରୀରେ ରଙ୍କନିଧି ସେଠ୍ ପ୍ରଥମ ଓଡ଼ିଆ ଭାବେ ପଦକ (କାଂସ୍ୟ) ଜିତିଥିଲେ। ଆଜି ଅନୁଷ୍ଠିତ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସାଇସ୍ୱରୂପ ୩୨.୯୫ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମଣିପୁରର ଏନ୍. ଧନଞ୍ଜୟ ୩୪.୫୫ ସେକେଣ୍ଡ ସମୟ ନେଇ ପ୍ରଥମ ଓ ମହାରାଷ୍ଟ୍ରର ଉତ୍କର୍ଷ ଦର୍ଶନ ମେହେଟା ୩୫.୦୫ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସାଇସ୍ୱରୂପ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ହାଇପରଫର୍ମାନ୍ସ ଆକ୍ୱାଟିକ୍ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି।

■ ୨୦ ବର୍ଷରୁ କମ୍ ଏସିଆନ୍ ରଗ୍‌ବୀ-୭

## ଭାରତୀୟ ଦଳରେ ୪ ଓଡ଼ିଆ

ଭୁବନେଶ୍ୱର,୩।୮ (ସମିସ): ବିହାରର ରାଜଗିରିଠାରେ ଅଗଷ୍ଟ ୯ ଓ ୧୦ ତାରିଖ ଦୁଇଦିନ ଧରି ଆୟୋଜିତ ହେବ ୨୦ ବର୍ଷରୁ କମ୍ ଏସିଆନ୍ ରଗ୍‌ବୀ ଏମିରେଟ୍ସ ସେଭେନ୍ ଏ ସାଇଡ୍ ଟୁର୍ଣ୍ଣାମେଣ୍ଟ। ଏଥିଲାଗି ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଉଭୟ ବିଭାଗରେ ୨ ଜଣ ଲେଖାଏଁ ୪ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଖେଳାଳିମାନେ ହେଲେ ମହିଳା ବିଭାଗରେ ରୀତୁ ମାଝୀ ଓ ମାମାଲି ସିଂ, ପୁରୁଷ ବିଭାଗରେ ଚରଣ ହେମ୍ବ୍ରମ୍ ଓ ଭରତ କିସାନ। ଓଡ଼ିଶାରୁ ଅଧାଡଜନ ଖେଳାଳି ନ୍ୟାସନାଲ କ୍ୟାମ୍ପରେ ପ୍ରଶିକ୍ଷଣ ନେଉଥିଲେ। ଏମାନଙ୍କ ମଧ୍ୟରୁ କେବଳ ୪ଜଣ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇଥିବା ସମସ୍ତ ୪ଜଣଯାକ ପ୍ରତିଯୋଗୀ କିସ୍‌ରେ ଅଧ୍ୟୟନରତ।



ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ପଦକ ବିଜେତାଙ୍କୁ କିଟ୍‌ର ସମ୍ବର୍ଦ୍ଧନା




ଭୁବନେଶ୍ୱର,୩।୮ (ସମିସ): ଜର୍ମାନୀରେ ଶେଷ ହୋଇଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭୁବନେଶ୍ୱରରେ ଅବସ୍ଥିତ କିଟ୍ ଡିମ୍‌ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରି ପଦକ ଜିତିଥିବା କ୍ରୀଡ଼ାବିତ୍ ମାନଙ୍କୁ ଆଜି ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ରୌପ୍ୟ ପଦକ ଜିତିଥିବା କ୍ରୀଡ଼ାବିତ୍‌ଙ୍କୁ ଉପଢ଼ୌକନ ସହ ୩ ଲକ୍ଷ ଓ କାଂସ୍ୟ ପଦକ ବିଜେତାଙ୍କୁ ୧ ଲକ୍ଷ ଲେଖାଏଁ ଟଙ୍କା ପ୍ରଦାନ କରାଯାଇଥିଲା। ଏଥିଲାଗି କିଟ୍ ପରିସରରେ ରବିବାର ଅନୁଷ୍ଠିତ ଉତ୍ସବରେ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ଓ ସମ୍ମାନ ପ୍ରଦାନ କରିଥିଲେ। ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତ ୧୨ଟି ପଦକ ଜିତିଥିଲାବେଳେ ଏହା ମଧ୍ୟରୁ କେବଳ କିଟ୍ ୬ଟି ପଦକ ଜିତି ଦେଶର ସମ୍ମାନ ବୃଦ୍ଧି କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ କୁଳପତି ଶରଣଜିତ ସିଂହ, କୁଳସଚିବ ଜ୍ଞାନରଞ୍ଜନ ମହାନ୍ତି, କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଅଲିମ୍ପିଆନ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଅମିୟ ମଲ୍ଲିକ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ କବାଡ଼ି ରେଫ୍‌ରୀ ପରୀକ୍ଷା

କଟକ,୩।୮ (ସମିସ): କେନ୍ଦୁଝରରେ ରାଜ୍ୟସ୍ତରୀୟ କବାଡି ରେଫରୀ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ରୀଡ଼ା ସଂସଦ ଏବଂ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ପରୀକ୍ଷାରେ ବିଭିନ୍ନ ଜିଲ୍ଲାରୁ ୧୩୦ ପରିକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କବାଡିର ଗୁରୁତ୍ୱ ଏବଂ ରାଜ୍ୟରେ ଏହି ଖେଳର ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ କବାଡି ସଂଘ ଉପାଧ୍ୟକ୍ଷ ପୃଥ୍ୱୀରାଜ ପଟ୍ଟନାୟକ, ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଜନାର୍ଦ୍ଦନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରାଙ୍କ ସଂଯୋଜନା ଏବଂ ଶ୍ରୀକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହୋଇଥିଲା। ସହକାରୀ ଶାରିରୀକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା ମୁଖ୍ୟ ଅତିଥି ଏବଂ ରାଜ୍ୟ କବାଡି ସଂଘ ସମ୍ପାଦକ ଅଜୟ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ସତ୍ୟବ୍ରତ ସ୍ମାରକୀ ଫୁଟବଲ

## ଗାଲାଣ୍ଟକୁ ହରାଇ ଚାନ୍ଦ କ୍ଲବ୍ ଚାମ୍ପିଅନ



କଟକ,୩।୮ (ସମିସ): ବାରବାଟୀ ୟୁନାଇଟେଡ କ୍ଲବ ଦ୍ୱାରା ଆୟୋଜିତ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାନ୍ଦ କ୍ଲବ ଚାମ୍ପିଅନ ହୋଇଛି। ଉପର ବାଲିଯାତ୍ରା ପଡ଼ିଆରେ ଚାନ୍ଦ ଏବଂ ଗାଲାଣ୍ଟ ଭିତରେ ଆଜି ଖେଳାଯାଇଥିବା ଫାଇନାଲର ନିର୍ଦ୍ଧାରିତ ଖେଳ ୧-୧ଗୋଲରେ ସମାନ ସ୍ଥିତିରେ ରହିଥିଲା। ମ୍ୟାଚ୍‌ର ଫଳାଫଳ ଲାଗି ପେନାଲ୍ଟି ସୁଟଆଉଟର ଆବଶ୍ୟକତା ପଡ଼ିଥିଲା। ଏଥିରେ ଚାନ୍ଦ କ୍ଲବ ୭-୬ ଗୋଲରେ ଜିତି ଚାମ୍ପିଅନ ଟାଇଟଲ ବିଜୟୀ ହୋଇଛି। ସେମିଫାଇନାଲ ମ୍ୟାଚ୍‌ରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା କ୍ରିକେଟ ଆସୋସିଏସନ ସମ୍ପାଦକ ସଞ୍ଜୟ ବେହେରା, ଫୁଟବଲ ଆସୋସିଏସନ ଅଫ ଓଡ଼ିଶା କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ ଅତିଥି ଭାବେ ଯୋଗ ଦେଇ ବିଜୟୀ ଏବଂ ରନର୍ସଅପ ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଥିଲେ।

ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଗାଲାଣ୍ଟ କ୍ଲବ ୩-୦ ଗୋଲରେ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ଏବଂ ଦ୍ୱିତୀୟ ସେମିଫାଇନାଲରେ ଚାନ୍ଦ କ୍ଲବ ୩-୦ ଗୋଲରେ ସନରାଇଜ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।

● ୱାର୍ଲ୍ଡ ଚାମ୍ପିଅନ୍‌ସିପ ଅଫ୍ ଲେଜେଣ୍ଡସ

## ଦ.ଆଫ୍ରିକା ଟାଇଟଲ୍ ଜିତିଲା

ବର୍ମିହାମ,୩।୮ (ଏଜେନ୍ସି): ପାକିସ୍ତାନକୁ ୯ ୱିକେଟରେ ହରାଇ ଦକ୍ଷିଣ ଆଫ୍ରିକା ୱାର୍ଲ୍ଡ ଚାମ୍ପିଅନସିପ୍ ଅଫ୍ ଲେଜେଣ୍ଡସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଶନିବାର ରାତିରେ ଖେଳାଯାଇଥିବା ଏହି ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୯୫ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୬.୫ ଓଭରରେ ମାତ୍ର ଗୋଟିଏ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ କିଂବଦନ୍ତୀ ବ୍ୟାଟର ଏବି ଡି ଭିଲର୍ସ ୧୨୦ ଓ ଜେବି ଡୁମିନି ୫୦ ରନ କରି ଅପରାଜିତ ରହିବା ସହ ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଡି ଭିଲର୍ସ ପ୍ଲେୟର ଅଫ୍ ଦି ଫାଇନାଲ ଓ ମୋଟ ୪୨୯ ରନ୍ କରି ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲା। ସେମିଫାଇନାଲରେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ନ ଖେଳି ଭାରତ ଓହରିଯାଇଥିଲା।

### ଦ୍ୱିତୀୟ ଟି-୨୦ରେ ହାରିଲା ପାକିସ୍ତାନ

ଫ୍ଲୋରିଡା,୩।୮ (ଏଜେନ୍ସି): ଜେସନ ହୋଲ୍ଡର ଓ ଗୁଡକେଶ ମୋତିଙ୍କ ଅଲରାଉଣ୍ଡ ସଫଳତା ବଳରେ ଏଠାରେ ଶନିବାର ରାତିରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌ଠାରୁ ୨ ୱିକେଟରେ ହାରିଛି। ପାକିସ୍ତାନ। ଏହା ଫଳରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ହୋଲ୍ଡର ୧୯ ରନ୍‌ରେ ୪ଟି ଓ ଗୁଡକେଶ ମୋତି ୨ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୯ ୱିକେଟରେ ୧୩୩ ରନ୍ କରିଥିଲା। ଜବାବରେ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ମୋତିଙ୍କ ୨୮ ରନ୍ ଓ ହୋଲ୍ଡରଙ୍କ ଅପରାଜିତ ୧୬ ରନ୍ ବଳରେ ଇଣ୍ଡିଜ୍ ଏହି ମ୍ୟାଚ୍‌କୁ ୨ ୱିକେଟରେ ଜିତିନେଇଥିଲା। ହୋଲ୍ଡର ଶେଷ ବଲରେ ଚୌକା ମାରି ଦଳକୁ ଜିତାଇଥିଲେ।

ରାଜ୍ୟ ସ୍କୁଲ ଓପନ ଚେସ୍

## ଟାଇଟଲ୍ ଜିତିଲେ ଦିବ୍ୟାଂଶୁ



ଭୁବନେଶ୍ୱର,୩।୮ (ସମିସ): ପଟିଆ ନାରାୟଣ ଟେକ୍ନୋ ସ୍କୁଲ୍‌ର ଦିବ୍ୟାଂଶୁ କୁମାର ପଶାୟତ ଡିଏଭି କଳିଙ୍ଗ ନଗର ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟ ସ୍କୁଲ ଓପନ ଚେସ୍‌ରେ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ୫ଜଣ ଖେଳାଳି ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସମସ୍ତଙ୍କୁ ପଛରେ ପକାଇ ଦିବ୍ୟାଂଶୁ ବୁକୋଲଜ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ଟାଇଟଲ ଜିତିନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ ନଗର ଡିଏଭିର ଆଦିତ୍ୟ ଜେନା ରନର୍ସଅପ୍, ଲୋୟଲା ସ୍କୁଲ୍‌ର ଶୁଭମ ପ୍ରତୀକ ମିଶ୍ର ତୃତୀୟ, ନୟାପଲୀ ନାରାୟଣ ଟେକ୍ନୋ ସ୍କୁଲ୍‌ର ଆୟାବନ୍ତ ମହାନ୍ତି ଚତୁର୍ଥ ଓ ପାଣ୍ଡରା ହାଇଟେକ୍ ପବ୍ଲିକ୍ ସ୍କୁଲ୍‌ର ସ୍ୱୟମ ସ୍ୱରୂପ ମହାନ୍ତି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ସ୍କୁଲର ପ୍ରିନ୍ସିପାଲ ବଳରାମ ମହାପାତ୍ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗ ମୁଖ୍ୟ ଡଃ ରାଜକୁମାର ଯୋଶି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲାବେଳେ ଡଃ ରାଜଶ୍ରୀ ପ୍ରିୟଦର୍ଶିନୀ ଓ ଖେଳଶିକ୍ଷକ ଏ ରବି ଶଙ୍କର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ।

ସାହାଣୀ କପ୍ ଫାଇନାଲ

## କଟକ ଚାମ୍ପିଅନ, ସମ୍ବଲପୁର ରନର୍ସଅପ୍

କେନ୍ଦୁଝର/କଟକ,୩।୮ (ସମିସ)



ଡବଲ୍ ଲେଗ୍ ଫର୍ମାଟରେ ଖେଳାଯାଉଥିବା ସାହାଣୀ କପ୍ ଫାଇନାଲ ରାଉଣ୍ଡରେ କଟକ ଗୋଟିଏ ବିଜୟ ପଏଣ୍ଟ ସହିତ ଚଳିତ ସଂସ୍କରଣର ଚାମ୍ପିଅନ ହୋଇଛି। କେନ୍ଦୁଝର ଜୋନ୍‌ରେ ଆଜି ସମ୍ବଲପୁର ବିପକ୍ଷ ଦ୍ୱିତୀୟ ତଥା ନିର୍ଣ୍ଣାୟକ ଫାଇନାଲ ମୁକାବିଲା ୧-୧ ଗୋଲରେ ଡ୍ର ରହିଥିଲା। ବୌଦ୍ଧ ଜୋନରେ ପୂର୍ବରୁ ଖେଳାଯାଇଥିବା ପ୍ରଥମ ଫାଇନାଲରେ କଟକ ବିଜୟ ଲାଭ କରିଥିବାରୁ ଟାଇବ୍ରେକର ପଦ୍ଧତିର ଆବଶ୍ୟକତା ପଡ଼ିନଥିଲା। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଲାଖାଇ ମୁର୍ମୁ ୪୦ମିନିଟରେ ଗୋଲ ଦେଇ କଟକକୁ ପ୍ରଥମାର୍ଦ୍ଧରେ ଆଗୁଆ ରଖିଥିଲେ। ସମ୍ବଲପୁରର ପ୍ରଶାନ୍ତ ଓରାମ ୯୦ ମିନିଟରେ ଗୋଲ ସୁଝାଇଥିଲେ। ଅନ୍ତିମ କ୍ଷଣରେ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ସମ୍ବଲପୁର ଇଞ୍ଜୁରୀ ଟାଇମ୍‌ରେ ଗୋଲ ନକରି ପାରି ରନର୍ସଅପରେ ସନ୍ତୁଷ୍ଟ ହୋଇଛି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ ଖେଳାଯାଇଥିଲା। ଖେଳ ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟରେ କ୍ରୀଡ଼ାର ବିକାଶ, କ୍ରୀଡ଼ାବିତ୍‌ଙ୍କ ଉନ୍ନତି ଲାଗି ଆମେ ସମସ୍ତ ପ୍ରକାର ଉଦ୍ୟମ ଜାରି ରଖିବୁ ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅଖିଳଚନ୍ଦ୍ର ନାଏକ, ଡକ୍ଟର ଫକୀର ମୋହନ ନାଏକ୍, ଝାରସୁଗୁଡ଼ା ବିଧାୟକ ତଥା ଓଡ଼ିଶା ଫୁଟବଲ ସଂଘ ସଭାପତି ଟଙ୍କଧର ତ୍ରିପାଠୀ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ, ପୁଲିସ୍ ଏସ୍‌ପି ନୀତୀନ କୁଶାଳ କର, ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ ପାଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS